ଶ୍ରୀ ଜଗନ୍ନାଥ ଲୀଳାମୃତ

ଅଧ୍ୟାପକ ଗୋପାଳଚନ୍ଦ୍ର ତ୍ରିପାଠୀ

ଶ୍ରୀଜଗନ୍ନାଥ ଲୀଳାମୃତ

(ପ୍ରଥମ ଭାଗ)



ଯତ୍ କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।
ଯତ୍ ତପସ୍ୟସି କୌନ୍ତେୟ ତତ୍ କୁରୁଷ୍ୱ ମଦର୍ପଣମ୍ ।।

(ଗୀତା - ୯ ଅଧ୍ୟାୟ - ୨୭)

ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଚରଣାରବିନ୍ଦରେ
ଏ ପୁସ୍ତକକୁ ସମର୍ପଣ କଲି ।

ବିନୀତ

ଗୋପାଳ ଚନ୍ଦ୍ର ତ୍ରିପାଠୀ

ଶ୍ରୀଜଗନ୍ନାଥ ଲୀଳାମୃତ

(ପ୍ରଥମଭାଗ)

ଲେଖକ

ଅଧ୍ୟାପକ ଶ୍ରୀ ଗୋପାଳ ଚନ୍ଦ୍ର ତ୍ରିପାଠୀ
ଦୋଳମଣ୍ଡପ ସାହି
ପୁରୀ - ୭୫୨୦୦୧
ଫୋନ୍ ନଂ. - ୨୪୬୮୨

ପ୍ରକାଶିକା

ଶ୍ରୀମତୀ ଶାନ୍ତିଲତା ତ୍ରିପାଠୀ
ଦୋଳମଣ୍ଡପ ସାହି
ପାତ୍ର ଲେନ୍
ପୁରୀ - ୭୫୨୦୦୧

ପ୍ରଥମ ପ୍ରକାଶନ

ଦଶହରା
୨୦.୧୦.୧୯୯୯

ମୁଦ୍ରଣ

ରମାପ୍ରେସ
ତ୍ରିମାଳୀ ମଠ, ଉତ୍ତର ଦ୍ୱାର, ପୁରୀ
ଫୋନ୍ - ୨୭୯୪୫, ୨୨୧୪୫

ପ୍ରଚ୍ଛଦପଟ ଶିଳ୍ପୀ

ଶ୍ରୀ ହେମନ୍ତ କୁମାର ନାୟକ (କଙ୍କୁ)
ପୁରୀ

ମୂଲ୍ୟ - ୫୦ ଟଙ୍କା

SRI JAGANNATH LILAMRUTA

(First Part)

Writter

Prof. Gopal Ch. Tripathy
Dolamandap Sahi
Puri - 752001
Ph. No. - 24682

Published by

Smt. Santilata Tripathy
Dolamandap Sahi
Patra Lane
Puri - 752001

First Edition

DUSSEHRA
20.10.1999

Printed by

Rama Press
Trimali Math, North Gate, Puri.
Ph. No. - 27945, 22145

Cover Designed by

Sri Hemant Ku. Nayak (Kankoo)
Dolamandap Sahi, Puri.

Price - 50 Rupees

ଅଗ୍ରଲେଖା

ଶ୍ରୀଜଗନ୍ନାଥ ଲୀଳାମୃତ ପୁସ୍ତକ ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କ ପାଇଁ ଉଦିଷ୍ଟ । ଯେଉଁ ବ୍ୟକ୍ତିର ଶ୍ରୀଜଗନ୍ନାଥଙ୍କ ନିକଟରେ ଅତୁଟ ବିଶ୍ୱାସ ତଥା ଅଚଳା ଭକ୍ତି ଥାଏ, ଶ୍ରୀଜୀଉଙ୍କ ଲୀଳାକୁ ସେ ଅମୃତ ତୁଲ୍ୟ ଗ୍ରହଣ କରିବ, ଏଥିରେ ସଂଶୟ ନାହିଁ । ଯେଉଁ ବ୍ୟକ୍ତି ସେ ମହାନ୍ ଶକ୍ତି ନିକଟରେ ମନପ୍ରାଣ ଅର୍ପଣ କରିଦିଏ ଏବଂ ତା'ର କର୍ତ୍ତବ୍ୟ ନିଷ୍ଠାର ସହ ସମ୍ପାଦନ କରୁଥାଏ, ସେ ହିଁ ଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ । ସେ ଭଳି ଭକ୍ତର ଅପ୍ରାପ୍ତ ବସ୍ତୁ ପ୍ରାପ୍ତି ହୁଏ ଏବଂ ପ୍ରାପ୍ତ ବସ୍ତୁର ରକ୍ଷଣାବେକ୍ଷଣ ଦାୟିତ୍ୱ ଭଗବାନ ହିଁ ବହନ କରନ୍ତି । ଭଗବାନଙ୍କର ମୁଖ ନିସୃତ ବାଣୀ ହେଲା, 'ଭକ୍ତିମାନ୍ ଯଃ ସ ମେ ପ୍ରିୟଃ' । ଭଗବାନଙ୍କ ଠାରେ ମନ ପ୍ରାଣ ସମର୍ପିବା, ଚିତ୍ତ ସ୍ଥିର କରିବା କଷ୍ଟକର ବ୍ୟାପାର ହେଲେ ବି ଅଭ୍ୟାସ ବଳରେ ତାହା କରାଯାଇପାରେ ବୋଲି ଭଗବାନ ମତ ବ୍ୟକ୍ତ କରିଅଛନ୍ତି । ଅଭ୍ୟାସ କରିବାରେ ମଧ୍ୟ ଅସମର୍ଥ ହେଲେ, ସେ ସାଂସାରିକ କର୍ମରେ ଲିପ୍ତ ରହୁ, ଈଶ୍ୱରଙ୍କ ଆଦେଶରେ ତାଙ୍କରି କାର୍ଯ୍ୟ କରୁଛି ବୋଲି ମନେ କରୁ ଏବଂ କର୍ମ ଫଳରେ ଆସକ୍ତି ନ ରଖି ସେହି ଫଳ ଈଶ୍ୱରଙ୍କୁ ଅର୍ପଣ କରୁ, ତେବେ ସେ ଏକ ଆଦର୍ଶ ମନୁଷ୍ୟ ଓ ପରମ ଭକ୍ତ ହେବ, ଏହା ନିଶ୍ଚିତ । ଜଣେ ଭଲ ମଣିଷ ନ ହେଲେ କେହି ଭଗବାନଙ୍କର ପ୍ରିୟ ଭକ୍ତ ହୋଇ ପାରେ ନା । ଯେ ସର୍ବ ଭୂତରେ ଦ୍ୱେଷ ରହିତ, ସମସ୍ତଙ୍କ ପ୍ରତି ମିତ୍ରତା ଓ ଦୟାଭାବ ଯାହାଙ୍କର ଥାଏ, ଯେ ଆସକ୍ତି ଓ ଅହଂକାର ଶୂନ୍ୟ, ଯାହଙ୍କ ପାଇଁ ସୁଖ ଦୁଃଖ ସବୁ ସମାନ, ଯେ କ୍ଷମାଶୀଳ ସଦା ସନ୍ତୁଷ୍ଟ, ନିତ୍ୟ ଯୋଗୀ, ସଂଯତ ଓ ଯେ ଆତ୍ମ ତତ୍ତ୍ୱରେ ଦୃଢ଼ ନିଶ୍ଚିତ ଏବଂ ଯେ ଭଗବାନଙ୍କ ନିକଟରେ ମନ ପ୍ରାଣ ସମର୍ପଣ କରିଥାନ୍ତି, ସେ ଭକ୍ତ ଶ୍ରେଷ୍ଠ ଓ ଭଗବାନଙ୍କର ଅତି ପ୍ରିୟ । ସେହିପରି, ଯାହାଙ୍କ ଠାରୁ କେହି ଉଦ୍‌ବେଗ କି ଭୟ ପାଆନ୍ତି ନାହିଁ ଓ ସେ ନିଜେ ମଧ୍ୟ ଅନ୍ୟଠାରୁ ଏ ସବୁ ପାଇ ନଥାନ୍ତି, ଯାହାଙ୍କ ହୃଦୟରେ ବ୍ୟାକୁଳତା ଓ ଭୟଭାବ ସ୍ଥାନ ପାଇ ନଥାଏ, ସେ ହିଁ ଭଗବାନଙ୍କର ପ୍ରିୟ ଭକ୍ତ । ପୁନଶ୍ଚ, ଯେଉଁ ବ୍ୟକ୍ତି ଲବ୍‌ଧାର୍ଥରେ ନିସ୍ପୃହ, ଯାହାର ବାହ୍ୟ ତଥା ଅଭ୍ୟନ୍ତର ସମାନ, ଯେ ନିରଳସ ଜୀବନ ଯାପନ କରନ୍ତି, ଯେ ଦକ୍ଷତାର ସହିତ କର୍ତ୍ତବ୍ୟ ସମ୍ପାଦନ କରନ୍ତି ଏବଂ ଯାହା ପାଇଁ ଶତ୍ରୁ ମିତ୍ରର ପାର୍ଥକ୍ୟ ନଥାଏ, ସେ ଭଗବାନଙ୍କର ପ୍ରିୟ ଭକ୍ତ । ଏତଦ୍‌ବ୍ୟତୀତ, ଯେଉଁ ବ୍ୟକ୍ତି ଇଷ୍ଟ ପାଇଲେ ହୃଷ୍ଟ ହୁଏ ନାହିଁ କି ଅନିଷ୍ଟ ଘଟିଲେ ଅସନ୍ତୁଷ୍ଟ ହୁଏ ନାହିଁ, ଯେ ଶୁଭ ଅଶୁଭ ମାନ ଅପମାନ,

ନିନ୍ଦା ପ୍ରଶଂସା ଓ ସୁଖ ଦୁଃଖରେ ଅବିଚଳ ରହି ପାରନ୍ତି ଏବଂ ଯାହାଙ୍କର ଚିତ୍ତ ସ୍ଥିର, ଯେ ସଂଯତ ବାକ୍ ସେ ହି ଭକ୍ତ ପଦବାଚ୍ୟ ।

ଭକ୍ତିର ବିବିଧ ସୋପାନ ରହିଛି । ଏ କ୍ଷେତ୍ରରେ ନବଧା ଭକ୍ତି କଥା ବିଚାରକୁ ନିଆଯାଉ । ଯଥା,

ଶ୍ରବଣଂ କୀର୍ତ୍ତନଂ ବିଷ୍ଣୋଃ
ସ୍ମରଣଂ ପାଦସେବନମ୍ ।
ଅର୍ଚ୍ଚନଂ ବନ୍ଦନଂ ଦାସ୍ୟଂ
ସଖ୍ୟମ୍ ଆତ୍ମନିବେଦନମ୍ ।।

ଭଗବାନଙ୍କ ନାମ, ଗୁଣ, ମାହାତ୍ମ୍ୟ, ଲୀଳା ଶ୍ରବଣ କରିବା, ନାମ କୀର୍ତ୍ତନ କରିବା, ସ୍ମରଣ କରିବା, ପ୍ରଭୁଙ୍କର ପାଦ ସେବା କରିବା, ଅର୍ଚ୍ଚନ କରିବା, ବନ୍ଦନ କରିବା, ନିଜକୁ ଭଗବାନଙ୍କ ଦାସ, ସେବାକାରୀ ମନେ କରିବା, ଭଗବାନଙ୍କୁ ସଖା ହିସାବରେ ଗ୍ରହଣ କରିବା ଓ ଆତ୍ମ ସମର୍ପଣ କରିବା ଭକ୍ତିର ବିଭିନ୍ନ ସୋପାନ । ଶରଣାଗତ ହେବା ସର୍ବ ଶ୍ରେଷ୍ଠ ସାଧନ । ଭଗବାନଙ୍କର ଉକ୍ତି ହେଲା,

ତମେବ ଶରଣଂ ଗଚ୍ଛ
ସର୍ବଭାବେନ ଭାରତ ।
ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ
ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତମ୍ ।।

ଅର୍ଥାତ୍, ତୁମେ ସର୍ବତୋ ଭାବରେ ସେହିଁ ପରମେଶ୍ୱରଙ୍କ ଠାରେ ଶରଣାପନ୍ନ ହୁଅ । ତାଙ୍କ ଅନୁଗ୍ରହରୁ ତୁମେ ପୂର୍ଣ୍ଣ ଶାନ୍ତି ଓ ଶାଶ୍ୱତ ଧାମ ପ୍ରାପ୍ତ ହେବ ।

ସେହି ପରମେଶ୍ୱର ସଚ୍ଚିଦାନନ୍ଦ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଜଗତର କଲ୍ୟାଣ କରନ୍ତୁ, ଏହା ହିଁ ତାଙ୍କ ନିକଟରେ ବିନୀତ ପ୍ରାର୍ଥନା ।

ଜୟ ଜଗନ୍ନାଥ

ଶ୍ରୀମତୀ ଶାନ୍ତିଲତା ତ୍ରିପାଠୀ

ପ୍ରକାଶିକା

ପ୍ରାକ୍ କଥନ

ଶ୍ରୀଜଗନ୍ନାଥ ମହାପ୍ରଭୁ ତ ଅନନ୍ତ, ତାଙ୍କ ଲୀଳା ବି ଅନନ୍ତ । ସେହି ଅନନ୍ତ ଲୀଳା ସାଗର ମଧ୍ୟରୁ କେତେ ବିନ୍ଦୁ ମାତ୍ର ଶ୍ରୀଜଗନ୍ନାଥ ଲୀଳାମୃତର ପ୍ରଥମ ଭାଗରେ ପରିବେଷିତ ହୋଇଅଛି । ଶ୍ରୀଜଗନ୍ନାଥ ସବୁ ଯୁଗର ଠାକୁର । ତାଙ୍କୁ ସତ୍ୟ, ତ୍ରେତୟା, ଦ୍ୱାପର ଓ କଳିଯୁଗରେ ଭକ୍ତ ସମାଜ ଦର୍ଶନ କରିବାର ସୌଭାଗ୍ୟ ପାଇଥାନ୍ତି । ସେ ଅବତାରୀ ପୁରୁଷ, ତେଣୁ ସବୁ ଅବତାର ତାଙ୍କଠାରୁ ଉଦ୍ଭବ । ସେହି ପରମାରାଧ ମହାପ୍ରଭୁ ଆତ୍ମ ଯୋନି, ସ୍ୱୟଂ ସୃଷ୍ଟ । ସେ କିପରି ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହେଲେ, ନିଜ ରୂପକୁ ନିଜେ ଗଢ଼ିଲେ ଏହାର ସଂକ୍ଷେପ ସୂଚନା ଦିଆଯାଇଅଛି । ଏ ସମସ୍ତ ବିଷୟ ବ୍ୟାସକୃତ ସ୍କନ୍ଦ ପୁରାଣକୁ ଆଧାରକରି ଉପସ୍ଥାପନ କରାଯାଇଅଛି ।

ଶ୍ରୀରାମ ତ୍ରେତୟାରେ ଓ ଶ୍ରୀକୃଷ୍ଣ ଦ୍ୱାପରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ ବୋଲି ଶାସ୍ତ୍ରମାନଙ୍କରୁ ପ୍ରମାଣ ମିଳେ । ମହର୍ଷି ବ୍ୟାସଦେବକୃତ ସ୍କନ୍ଦ ପୁରାଣରେ ବର୍ଣ୍ଣିତ ହୋଇଛି,

ଦ୍ୱାପରାନ୍ତେ ସମାୟାତୌ ଯଦା କୃଷ୍ଣାର୍ଜ୍ଜୁନାବୁଭୌ ।
ତ୍ରିଦିନାନି ସ୍ଥିତାବତ୍ର ବ୍ରତସ୍ଥୌ ମଧୁସୂଦନମ୍ ।।

ଅର୍ଥାତ୍ ଦ୍ୱାପର ଶେଷ ଭାଗରେ ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନ ନୀଳାଚଳ ଧାମରେ ତିନିଦିନ ଅବସ୍ଥାନ କରି ବ୍ରତ ଆଚରଣ ପୂର୍ବକ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ । ମାନବ ଶରୀର ଧାରଣ କରିଥିବାରୁ ଶ୍ରୀକୃଷ୍ଣଙ୍କୁ କେହି ଜାଣି ପାରିଲେ ନାହିଁ । ଅତଏବ, ସେହି ଅନାଦି, ଅନନ୍ତ, ନିର୍ଗୁଣ, ନିରାକାର, ନିର୍ବିକଳ୍ପ ତଥା ନିରଞ୍ଜନ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ଆବହମାନ କାଳରୁ ବିରାଜମାନ କରି ଆସିଛନ୍ତି ବୋଲି ସ୍ୱୟଂ ବ୍ୟାସ ମତବ୍ୟକ୍ତ କରିଥିବାରୁ ଏହାହିଁ ଗ୍ରହଣଯୋଗ୍ୟ । ଏହାଛଡ଼ା, ଶ୍ରୀକ୍ଷେତ୍ର ଧାମ ଓ ଶ୍ରୀମନ୍ଦିର କଦାପି ତ୍ୟାଗ କରିବେ ନାହିଁ ବୋଲି ଭଗବାନ ତ୍ରିବାର ସତ୍ୟ କରିଅଛନ୍ତି । ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି,

ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ, ସତ୍ୟମେତଦ୍ ବ୍ରବୀମି ତେ ।
ପ୍ରାସାଦ ଭଙ୍ଗେ ତଦ୍‌ସ୍ଥାନଂ, ନ ତ୍ୟକ୍ଷ୍ୟାମି କଦାଚନ ।।

ମନ୍ଦିର ଭାଙ୍ଗିଗଲେ ମଧ୍ୟ ସେ ସ୍ଥାନ ପରିତ୍ୟାଗ କରିବେ ନାହିଁ ବୋଲି ତ୍ରିବାର ସତ୍ୟ କରିଅଛନ୍ତି । ମହାପ୍ରଭୁ ତ ସତ୍ୟସନ୍ଧ, ସତ୍ୟପର ଓ ତ୍ରିସତ୍ୟ, ତେଣୁ ଶ୍ରୀଜଗନ୍ନାଥ

ଏ ଧାମ ପରିତ୍ୟାଗ କରିବାର ପ୍ରଶ୍ନ ଉଠୁନାହିଁ । କେତେ ମନ୍ଦିର ଭାଙ୍ଗିଗଲାଣି, କେତେ ନୂଆକରି ଗଢ଼ା ଗଲାଣି ତାହାର କଳନା ନାହିଁ । କିନ୍ତୁ ଶ୍ରୀଜଗନ୍ନାଥ ଏ ମନ୍ଦିରରେ ରହିଛନ୍ତି ଓ ରହିଥିବେ ।

ଉକ୍ତ ପୁସ୍ତକରେ ଅବତାରୀ ପୁରୁଷ ଶ୍ରୀଜଗନ୍ନାଥଙ୍କର ଯୋଗମାୟାଙ୍କ ସହିତ ସମ୍ପର୍କ, ଶ୍ରୀ ମହାପ୍ରସାଦ କ'ଣ ଓ ମାହାତ୍ମ୍ୟ, ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଏକ ତୁଳନାତ୍ମକ ବିଚାର ଆଦି ବିଷୟର ଅବତାରଣା କରାଯାଇଅଛି । ଅବଶ୍ୟ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଯାହା ଲେଖାଯାଏ ତାହା ଅସମ୍ପୂର୍ଣ୍ଣ ହେବା ସ୍ୱାଭାବିକ । ବ୍ରହ୍ମା, ଶିବ ଓ ଦେବଦେବୀଗଣ ଯାହାଙ୍କ ରହସ୍ୟ ଭେଦ କରିପାରନ୍ତି ନାହିଁ, ମନୁଷ୍ୟ ତାଙ୍କ ବିଷୟରେ କ'ଣ ବା ବିଚାର କରିବ ?

ଶ୍ରୀଜଗନ୍ନାଥ ଲୀଳାମୃତର ପ୍ରଥମ ଭାଗ ପାଠକ ପାଠିକାଙ୍କ ଦ୍ୱାରା ଆଦୃତ ହେଲେ, ଶ୍ରମ ସାର୍ଥକ ହେଲା ବୋଲି ବିଚାର କରିବି । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ତ ସମର୍ପଣ କରିଛି, ଯଶ ମିଳିଲେ ତାଙ୍କର, ଅପଯଶ ମିଳିଲେ ମଧ୍ୟ ତାଙ୍କର ।

ଏ ପୁସ୍ତକର ପ୍ରକାଶ ଦାୟିତ୍ୱ ମୋର ଧର୍ମପତ୍ନୀ ଶ୍ରୀମତୀ ଶାନ୍ତିଲତା ତ୍ରିପାଠୀ ବହନ କରିଥିବାରୁ ସେ ଧନ୍ୟବାଦର ପାତ୍ରୀ । ମୋର ଜ୍ୟେଷ୍ଠା କନ୍ୟା ବିଜୟ ଲକ୍ଷ୍ମୀ (ଝୁନୁ), ପୁତ୍ର ଶାଶ୍ୱତ (କୁନୁ) ଓ କନିଷ୍ଠା କନ୍ୟା ଶାଶ୍ୱତୀ (ରୁନୁ) ପାଣ୍ଡୁଲିପି ପ୍ରସ୍ତୁତ କରିବା ଓ ମୁଦ୍ରଣ କାର୍ଯ୍ୟରେ ବିଶେଷ ସାହାଯ୍ୟ କରିଥିବା ହେତୁ ମହାପ୍ରଭୁଙ୍କର ଆଶୀର୍ବାଦ ସେମାନେ ପାଇବେ, ଏହା ନିଃସନ୍ଦେହ । ନୀଳାଦ୍ରି ସତ୍‌ସଙ୍ଗର ଭାଇ ଭଉଣୀମାନେ ଏପରି ପୁସ୍ତକ ପ୍ରକାଶ କରିବା ପାଇଁ ପ୍ରେରଣା ଯୋଗାଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ସେମାନଙ୍କ ଆଗରେ ବହୁବାର ପ୍ରବଚନ ମାଧ୍ୟମରେ ଏସବୁ କଥା ଉତ୍‌ଥାପନ କରି ସେମାନଙ୍କ ଠାରୁ ଉଚିତ ପେରଣା ଲାଭ କରିଅଛି । ଏ ପୁସ୍ତକର ମୁଦ୍ରଣ ଭାର ଶ୍ରୀକ୍ଷେତ୍ରର ମୋଚି ସାହିସ୍ଥିତ ରମାପ୍ରେସ ବହନ କରିଥିବାରୁ, ମୁଁ ପ୍ରେସର ସ୍ୱତ୍ୱାଧିକାରୀ ଶ୍ରୀ ଲଲାଟେନ୍ଦୁ ମହାନ୍ତି ଓ ପ୍ରେସର ସହଯୋଗୀମାନଙ୍କୁ ସାଧୁବାଦ ଜଣାଉଛି ।

ଆଦ୍ୟରେ ଅନ୍ତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷାକରି ପ୍ରାକ୍‌କଥନ ଶେଷ କରୁଅଛି ।

ପୁରୀ
ଦଶହରା, ୧୯୯୯

ଶ୍ରୀଜଗନ୍ନାଥଙ୍କ ଚରଣାଶ୍ରିତ

ଗୋପାଳ ଚନ୍ଦ୍ର ତ୍ରିପାଠୀ

ସୂଚୀପତ୍ର

○ ପ୍ରଥମ ଅଧ୍ୟାୟ -	ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର	-	୧
○ ଦ୍ୱିତୀୟ ଅଧ୍ୟାୟ -	ମହାରାଜା ଇନ୍ଦ୍ରଦ୍ୟୁମ୍ନ	-	୧୧
○ ତୃତୀୟ ଅଧ୍ୟାୟ -	ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଶୁଭ ଅଭିଯାନ	-	୨୦
○ ଚତୁର୍ଥ ଅଧ୍ୟାୟ -	ମୂର୍ତ୍ତିଗଠନ ଓ ପ୍ରତିଷ୍ଠା	-	୩୦
○ ପଞ୍ଚମ ଅଧ୍ୟାୟ -	ପୁରୁଷୋତ୍ତମ ଶ୍ରୀଜଗନ୍ନାଥ	-	୪୨
○ ଷଷ୍ଠ ଅଧ୍ୟାୟ -	ଶ୍ରୀମହାପ୍ରସାଦ	-	୫୯
○ ସପ୍ତମ ଅଧ୍ୟାୟ -	ନାହଂ ପ୍ରକାଶଃ ସର୍ବସ୍ୟ	-	୬୬
○ ଅଷ୍ଟମ ଅଧ୍ୟାୟ -	ଦୁଇ ମୁଖ୍ୟ ମାନବ ଅବତାର : 'ଶ୍ରୀରାମ ଓ ଶ୍ରୀକୃଷ୍ଣ'	-	୭୬
○ ନବମ ଅଧ୍ୟାୟ -	ନାମାମୃତ	-	୯୪

ମନ୍ନାଥଃ ଶ୍ରୀଜଗନ୍ନାଥଃ ମଦ୍‌ଗୁରୁ ଶ୍ରୀଜଗଦ୍‌ଗୁରୁଃ ।
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀଗୁରବେ ନମଃ ॥

ପ୍ରଥମ ଅଧ୍ୟାୟ

ପୁରୁଷୋତ୍ତମ କ୍ଷେତ୍ର

ପରଂବ୍ରହ୍ମ ବିଷ୍ଣୁ ସର୍ବବ୍ୟାପୀ ହୋଇଥିବାରୁ ସର୍ବତ୍ର ବିଦ୍ୟମାନ । ତାଙ୍କର ସର୍ବତୋ ଚକ୍ଷୁ, ସର୍ବତୋ ପାଣି, ସର୍ବତୋ ପାଦ । ମାତ୍ର ପୁରୁଷୋତ୍ତମ କ୍ଷେତ୍ରସ୍ଥ ରତ୍ନସିଂହାସନ ତାଙ୍କର ନିବାସ ସ୍ଥାନ । ଗୀତାରେ ଭଗବାନଙ୍କ ଉକ୍ତି ହେଲା,

ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।
ଭ୍ରାମୟନ୍ ସର୍ବଭୂତାନି ଯନ୍ତ୍ରାରୂଢ଼ାନି ମାୟୟା ।। (୧)

ଅର୍ଥାତ୍ ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ଅଧିଷ୍ଠିତ ରହି ଯନ୍ତ୍ରାରୂଢ଼ ପୁତ୍ତଳିକା ପରି ମାୟା ଦ୍ୱାରା ସମସ୍ତଙ୍କୁ ଭ୍ରମଣ କରାଉଛନ୍ତି । ଏହାର ତାତ୍ପର୍ଯ୍ୟ ହେଲା ଭଗବାନ ସର୍ବତ୍ର ବିଦ୍ୟମାନ ହେଲେ ମଧ୍ୟ ପ୍ରାଣୀଙ୍କ ହୃଦୟରେ ଅବସ୍ଥାନ କରନ୍ତି । ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ଯଦି ଶରୀର ହୁଏ ଶ୍ରୀକ୍ଷେତ୍ର ହେଉଛି ହୃଦୟ । ଭଗବାନ ହୃଦୟ ରୂପକ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ରୂପରେ ବିରାଜିତ । କ୍ଷେତ୍ରର ନାମ ପୁରୁଷୋତ୍ତମ ଓ ଭଗବାନଙ୍କ ନାମ ପୁରୁଷୋତ୍ତମ । ଏହି ପରମ ରମଣୀୟ ଆଶ୍ଚର୍ଯ୍ୟଜନକ କ୍ଷେତ୍ର ଦଶଯୋଜନ ବିସ୍ତୃତ ଓ ଆୟତନ ପାଞ୍ଚ ଯୋଜନ ଥିଲା ବୋଲି ବ୍ରହ୍ମ ପୁରାଣରେ ବର୍ଣ୍ଣନା କରାଯାଇଛି । ଯଥା,

ଦଶଯୋଜନ ବିସ୍ତୀର୍ଣ୍ଣଂ ପଞ୍ଚଯୋଜନମାୟତମ୍ ।
ନାନାଶ୍ଚର୍ଯ୍ୟ ସମାଯୁକ୍ତଂ କ୍ଷେତ୍ରଂ ପରମଦୁର୍ଲ୍ଲଭମ୍ ।।

ସେହିପରି, ପୁରୁଷୋତ୍ତମକ୍ଷେତ୍ର ସର୍ବଶ୍ରେଷ୍ଠ, ବରିଷ୍ଠ ଓ ପୃଥିବୀରେ ଏହା ସଦୃଶ ପବିତ୍ର କ୍ଷେତ୍ର ବା ତୀର୍ଥ ଅନ୍ୟତ୍ର ନାହିଁ ବୋଲି ବ୍ରହ୍ମ ପୁରାଣରେ ମଧ ବର୍ଣ୍ଣନା କରାଯାଇଅଛି । ଦେବତାଙ୍କ ମଧରେ ଯେପରି ଶ୍ରୀହରି, ସବୁଜାତି ବର୍ଣ୍ଣମାନଙ୍କ ମଧ୍ୟରେ ଯେପରି ବ୍ରାହ୍ମଣ ଶ୍ରେଷ୍ଠ, ପକ୍ଷୀମାନଙ୍କ ମଧ୍ୟରେ ଯେପରି ପକ୍ଷୀରାଜ ଗରୁଡ଼ ଶ୍ରେଷ୍ଠ, ସେହିପରି ସମସ୍ତ ତୀର୍ଥମାନଙ୍କ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ଶ୍ରେଷ୍ଠ । ମୁନିମାନଙ୍କ ମଧ୍ୟରେ ଯେପରି ବ୍ୟାସ ସର୍ବଶ୍ରେଷ୍ଠ, ଯକ୍ଷ ରାକ୍ଷସଙ୍କ ମଧ୍ୟରେ

(୧) ଗୀତା - ୧୮ଶ ଅଧ୍ୟାୟ - ୬୧ ଶ୍ଳୋକ

ଯେପରି କୁବେର ସର୍ବୋତ୍ତମ, ସେହିପରି ସମସ୍ତ ତୀର୍ଥମାନଙ୍କ ମଧ୍ୟରେ ପୁରୁଷୋତ୍ତମ କ୍ଷେତ୍ର ବରିଷ୍ଠ । ଯଥା,

ଯଥା ସର୍ବେଶ୍ୱରୋ ବିଷ୍ଣୁଃ ସର୍ବଲୋକୋତ୍ତମୋତ୍ତମଃ
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ।
ବର୍ଣ୍ଣାନାଂ ବ୍ରାହ୍ମଣୋ ଯଦ୍ ବୈନତେୟଶ୍ଚ ପକ୍ଷୀଣାମ୍
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠଂ ପୁରୁଷୋତ୍ତମମ୍ ।
ମୁନୀନାଂ ଚ ଯଥା ବ୍ୟାସଃ କୁବେରୋ ଯକ୍ଷରକ୍ଷସାମ୍
ତଥା ସମସ୍ତ ତୀର୍ଥାନାଂ ବରିଷ୍ଠ ପୁରୁଷୋତ୍ତମମ୍ ।। (୧)

ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ବାମଦେବ ସଂହିତା, କପିଳ ସଂହିତା, ପଦ୍ମ ପୁରାଣ ଓ ନୀଳାଦ୍ରି ମହୋଦୟରେ ବିଶଦ ବର୍ଣ୍ଣନା କରାଯାଇଅଛି । କପିଳ ସଂହିତାରେ କୁହାଯାଇଛି,

ସର୍ବେଷାଂ ଚୈବ ଦେବାନାଂ ରାଜା ଶ୍ରୀ ପୁରୁଷୋତ୍ତମଃ ।
ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜା ଶ୍ରୀପୁରୁଷୋତ୍ତମଃ ।। (୨)

ଅର୍ଥାତ୍, ସବୁ ଦେବତାଙ୍କର ରାଜା ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ଓ ସବୁକ୍ଷେତ୍ରମାନଙ୍କ ମଧ୍ୟରେ ରାଜା ହେଉଛନ୍ତି ଶ୍ରୀପୁରୁଷୋତ୍ତମ କ୍ଷେତ୍ର ବା ଧାମ । ବ୍ୟାସକୃତ ସ୍କନ୍ଦ ପୁରାଣ ବିଷ୍ଣୁ ଖଣ୍ଡରେ ପୁରୁଷୋତ୍ତମ କ୍ଷେତ୍ରର ମାହାତ୍ମ୍ୟ ପ୍ରଣିଧାନଯୋଗ୍ୟ । ସୃଷ୍ଟିକର୍ତ୍ତା ବ୍ରହ୍ମା ପରଂବ୍ରହ୍ମ ବିଷ୍ଣୁଙ୍କୁ ସ୍ତବ କରି ଜନ୍ମମରଣରୁ ଉଦ୍ଧାର ପାଇବାର ଉପାୟ କ'ଣ ବୋଲି ପ୍ରଶ୍ନ କରିଥିଲେ । ଭଗବାନ ଉତ୍ତର ଦେବା ଛଳରେ କହିଲେ ଯେ ସମୁଦ୍ରର ଉତ୍ତର ତୀର ଓ ମହାନଦୀର ଦକ୍ଷିଣ ପ୍ରଦେଶଟି ପୃଥିବୀ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଓ ସକଳ ତୀର୍ଥର ଫଳ ପ୍ରଦାନ କରିଥାଏ । ସେ ସ୍ଥାନର ଅଧିବାସୀଗଣ ପୂର୍ବଜନ୍ମ ଅର୍ଜିତ ପୁଣ୍ୟଫଳକୁ ଭୋଗ କରୁଥାଅନ୍ତି । ଯେଉଁମାନଙ୍କର ପୁଣ୍ୟ ଅଳ୍ପ, ଭଗବାନଙ୍କ ନିକଟରେ ଭାବଭକ୍ତି ନଥାଏ ସେମାନେ ପୁରୁଷୋତ୍ତମ କ୍ଷେତ୍ରରେ ଜନ୍ମଗ୍ରହଣ କରନ୍ତି ନାହିଁ କି ବସବାସ କରିବା, ଜଗନ୍ନାଥଙ୍କୁ ଦର୍ଶନ କରିବା ଓ ଯାନିଯାତ୍ରାରେ ନିଜକୁ ସାମିଲ କରିବାର ସୌଭାଗ୍ୟ ପାଇନଥାନ୍ତି । ପରଂବ୍ରହ୍ମ ବିଷ୍ଣୁ ବ୍ରହ୍ମାଙ୍କୁ ସେହି ପବିତ୍ର ପୁରୁଷୋତ୍ତମ କ୍ଷେତ୍ରକୁ ଯିବାପାଇଁ ଆଦେଶ ଦେଇ ଅନ୍ତର୍ହିତ ହୋଇଯାଇଥିଲେ ।

---

(୧) ବ୍ରହ୍ମ ପୁରାଣ, (୨) କପିଳ ସଂହିତା

ବ୍ରହ୍ମା ସେ ପବିତ୍ରଧାମକୁ ଯାଇ ପରମେଶ୍ୱରଙ୍କୁ ଦର୍ଶନ କରି ସ୍ତବ କରୁଥିବା ସମୟରେ ଦେଖିଲେ ଏକ କାକପକ୍ଷୀ ରୋହିଣୀ କୁଣ୍ଡରେ ପଡ଼ିଯାଇ ଶଙ୍ଖଚକ୍ର ଗଦା ପଦ୍ମ ଧାରଣ କରି ଶ୍ରୀବିଷ୍ଣୁଙ୍କ ସ୍ୱରୂପ ଲାଭ କଲେ । ଏହି ସମୟରେ ମଧ୍ୟ ଯମରାଜା ସେଠାରେ ପ୍ରବେଶ କରି ଶ୍ରୀନୀଳମାଧବଙ୍କୁ ଦର୍ଶନ ଓ ସାଷ୍ଟାଙ୍ଗ ପ୍ରଣିପାତ କରି ସ୍ତବ କରିବା ଆରମ୍ଭ କଲେ । ଯମ କହିଲେ, ହେ ପ୍ରଭୁ ! ଆପଣ ସୃଷ୍ଟି ସ୍ଥିତି ଓ ପ୍ରଳୟର କାରଣ । ସମଗ୍ର ଜଗତ ଆପଣଙ୍କ ଠାରେ ସଂଲଗ୍ନ । ଆପଣ ଚନ୍ଦ୍ରସୂର୍ଯ୍ୟାଦି ରୂପରେ ଆଲୋକ ପ୍ରଦାନ କରନ୍ତି ଏବଂ ଆପଣ ହିଁ ପର, ଅପର ଓ ପରାତୀତ ବିଭୁ । ଦୀନଜନଙ୍କ ଆପଣ ହିଁ ପରମ ବନ୍ଧୁ । ଭଗବାନଙ୍କ ବକ୍ଷସ୍ଥଳରେ ଆଶ୍ରୟ ନେଇଥିବା ଜଗନ୍ମାତା ମହାଲକ୍ଷ୍ମୀଙ୍କୁ ମଧ୍ୟ ଯମରାଜା ପ୍ରଣିପାତ କରିବାରୁ ଭଗବାନଙ୍କ ଦ୍ୱାରା ଆଦିଷ୍ଟ ହୋଇ ମହିମାମୟୀ ମହାଲକ୍ଷ୍ମୀ ଯମଙ୍କୁ କହିଲେ, ହେ ଯମରାଜ ! ଏ ପାବନ କ୍ଷେତ୍ରରେ ତୁମର କୌଣସି କର୍ତ୍ତୃତ୍ୱ ନାହିଁ । ଏହା ଅତ୍ୟନ୍ତ ଦୁର୍ଲ୍ଲଭ କ୍ଷେତ୍ର । ଯେଉଁ ସମସ୍ତ ଏ କ୍ଷେତ୍ରରେ ନିବାସ କରନ୍ତି, ସେମାନେ ତୁମର ଅଧିନ ନୁହଁନ୍ତି । ମୁମୁକ୍ଷୁ ବ୍ୟକ୍ତିଗଣ ଏଠାରେ ଜୀବନ୍ମୁକ୍ତ ହୋଇ ବାସ କରନ୍ତି । ଶ୍ରୀବିଷ୍ଣୁ ଅନ୍ୟସ୍ଥାନରେ ବନ୍ଧନଦାତା ମାତ୍ର ପୁରୁଷୋତ୍ତମ କ୍ଷେତ୍ରରେ ସେ ମୁକ୍ତିଦାତା । ପ୍ରଳୟରେ ମଧ୍ୟ ଏ କ୍ଷେତ୍ରର ବିନାଶ ନାହିଁ । ଏହି କ୍ଷେତ୍ର ମଧ୍ୟରେ ଅବସ୍ଥିତ କଳ୍ପବଟ ବା କଳ୍ପବୃକ୍ଷ ହିଁ ଭଗବାନଙ୍କ ଶରୀର ଓ ମହାପ୍ରଳୟ ବାୟୁରେ ଏହାର ଶାଖା ପ୍ରଶାଖା ମଧ୍ୟ ସଞ୍ଚାଳିତ ହୁଏ ନାହିଁ । ପୁନଶ୍ଚ ମହାଲକ୍ଷ୍ମୀ କହିଲେ,

ପଞ୍ଚକ୍ରୋଶମିଦଂ କ୍ଷେତ୍ରଂ ସମୁଦ୍ରାନ୍ତ ବ୍ୟବସ୍ଥିତମ୍
ଦ୍ୱିକ୍ରୋଶଂ ତୀର୍ଥରାଜସ୍ୟ ତଟଭୂମୌ ସୁନିର୍ମଳମ୍ ।
ସୁବର୍ଣ୍ଣ ବାଲୁକାକୀର୍ଣ୍ଣଂ ନୀଳପର୍ବତ ଶୋଭିତମ୍
ଯୋଽସୌ ବିଶ୍ୱେଶ୍ୱରୋ ଦେବଃ ସାକ୍ଷାନ୍ନାରାୟଣାତ୍ମକଃ ।। (୧)

ଅର୍ଥାତ୍, ଏହି ସମୁଦ୍ରତଟ ଦେଶରେ ଥିବା ତୀର୍ଥ ସମସ୍ତ ତୀର୍ଥମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଏହାର ବିସ୍ତାର ପାଞ୍ଚକୋଶ । ଏହି ପାଞ୍ଚ କୋଶ ମଧ୍ୟରୁ ସମୁଦ୍ରତଟବର୍ତ୍ତୀ ଦୁଇକୋଶ ଅତ୍ୟନ୍ତ ପବିତ୍ର । ଏହା ସୁବର୍ଣ୍ଣ କଣା ପରି ରୂପ ଧାରଣ କରିଥିବା ବାଲିକଣା ଦ୍ୱାରା ପରିବେଷ୍ଟିତ ଓ ନୀଳପର୍ବତ ଦ୍ୱାରା ପରିଶୋଭିତ । ଏ ସ୍ଥାନରେ ସାକ୍ଷାତ୍ ନାରାୟଣ ରୂପୀ ବିଶ୍ୱେଶ୍ୱର ଦେବ ଯମେଶ୍ୱର ବିରାଜମାନ କରିଅଛନ୍ତି ।

(୧) ସ୍କନ୍ଦ ପୁରାଣ - ବିଷ୍ଣୁଖଣ୍ଡ - ଦ୍ୱିତୀୟ ଅଧ୍ୟାୟ - ୫୨ ଓ ୫୩ ଶ୍ଲୋକ

ସେ ଯମଭୟ ନିବାରକ ହୋଇଥିବାରୁ ଯମେଶ୍ୱର ନାମରେ ବିଦିତ । ଏହାଙ୍କ ଦର୍ଶନ ଓ ଉପାସନା ଦ୍ୱାରା କୋଟି ଶିବ ଲିଙ୍ଗ ପୂଜାର ଫଳ ମିଳିଥାଏ ।

ପବିତ୍ର ପୁରୁଷୋତ୍ତମ କ୍ଷେତ୍ର ଆକାରରେ ଶଙ୍ଖ ସଦୃଶ । ଏହି ଶଙ୍ଖାକୃତି କ୍ଷେତ୍ରର ଅଗ୍ରଭାଗରେ ଶ୍ରୀନୀଳକଣ୍ଠେଶ୍ୱର ମହାଦେବ ବିରାଜିତ । ଶଙ୍ଖ କ୍ଷେତ୍ରର ଦ୍ୱିତୀୟ ଆବର୍ତ୍ତ ବେଷ୍ଟନ ସ୍ଥାନରେ କପାଳ ମୋଚନ ନାମକ ଶିବ ବିରାଜମାନ କରୁଅଛନ୍ତି । ଦେବ ଦେବ ମହାଦେବଙ୍କର ପଞ୍ଚମୁଖ । ବ୍ରହ୍ମାଙ୍କର ପଞ୍ଚମୁଖ ଦେଖି ସେ କ୍ରୋଧାନ୍ୱିତ ହୋଇ ଏକ ଶକ୍ତ ଚାବୁଡ଼ା ମାରିବାରୁ ପଞ୍ଚମ ମୁଖ ଛେଦିତ ହେଲା ସତ, କିନ୍ତୁ ଏ ବ୍ରହ୍ମଶିର ଶିବଙ୍କ ହସ୍ତରେ ସଂଲଗ୍ନ ହୋଇ ରହିଲା । ଶିବ, ମସ୍ତକକୁ ଗ୍ରହଣ ପୂର୍ବକ ବ୍ରହ୍ମାଣ୍ଡ ଭ୍ରମଣ କରି ଏହି ପବିତ୍ର ପୁରୁଷୋତ୍ତମ କ୍ଷେତ୍ରରେ କପାଳକୁ ତ୍ୟାଗ କରିଥିଲେ । ସେହି ସ୍ଥାନରେ କପାଳମୋଚନ ନାମକ ଶିବଙ୍କ ମନ୍ଦିର ଦୃଷ୍ଟିଗୋଚର ହୁଏ । ଯେଉଁ ବ୍ୟକ୍ତି ସେହି କପାଳମୋଚନ ଶିବଙ୍କୁ ଦର୍ଶନ ଓ ଉପାସନା କରନ୍ତି ସେ ବ୍ରହ୍ମହତ୍ୟା ଜନିତ ପାପରୁ ମଧ୍ୟରୁ ମୁକ୍ତ ହୋଇଥାନ୍ତି । ଶଙ୍ଖ କ୍ଷେତ୍ରର ତୃତୀୟ ଆବର୍ତ୍ତ ସୀମାରେ ଜଗନ୍ମାତା ଆଦ୍ୟାଶକ୍ତି ବିମଳା ବିରାଜିତା । ଯେଉଁ ବ୍ୟକ୍ତି ଭକ୍ତି ପୂତ ଭାବରେ ମା ବିମଳାଙ୍କୁ ଦର୍ଶନ କରନ୍ତି, ଉପାସନା କରନ୍ତି ଓ ନାମ ଏବଂ ମହିମା କୀର୍ତ୍ତନ କରନ୍ତି, ସେ ସମସ୍ତ ସୁଖ ସୌଭାଗ୍ୟ ଲାଭ କରନ୍ତି ଓ ଅନ୍ତକାଳରେ ମୁକ୍ତିଲାଭ କରିଥାନ୍ତି । ଶଙ୍ଖର ନାଭି ଦେଶରେ ରୋହିଣୀ କୁଣ୍ଡ, ଅକ୍ଷୟ ବଟ ବା କଳ୍ପବଟ ଏବଂ ସ୍ୱୟଂ ଭଗବାନ ଅବସ୍ଥିତ । ଏହି କ୍ଷେତ୍ରରେ ଅର୍ଦ୍ଧାଶନୀ ଶକ୍ତି ମଧ୍ୟ ବିରାଜିତା । ପ୍ରଳୟ ଜଳରୁ ଅର୍ଦ୍ଧଭାଗ ସେ ଶୋଷି ନେଇ ଥିବାରୁ ତାଙ୍କୁ ଅର୍ଦ୍ଧାଶନୀ ବୋଲି କୁହାଯାଏ । ମହାଲକ୍ଷ୍ମୀ ଯମରାଜାଙ୍କୁ କହିଲେ,

ପୃଥିବ୍ୟାଂ ଯାନି ତୀର୍ଥାନି ଗଗନେ ଚ ତ୍ରିପିଷ୍ଟପେ
ସାର୍ଦ୍ଧତ୍ରିକୋଟି ସଂଖ୍ୟାନି ସ୍ୱର୍ଗମୋକ୍ଷପ୍ରଦାନି ବୈ ।

ତେଷା ମୟଂ ତୀର୍ଥରାଜଃ କୀର୍ତ୍ତିତଃ ପୁରୁଷୋତ୍ତମଃ
ସର୍ବେଷାଂ ମୁକ୍ତି କ୍ଷେତ୍ରାଣାମିଦଂ ସାଯୁଜ୍ୟଦଂ ମତମ୍ ।। (୧)

ହେ ଧର୍ମରାଜ ! ପୃଥିବୀ, ଆକାଶ ଓ ସ୍ୱର୍ଗରେ ମୋକ୍ଷ ଦାୟକ ଯେଉଁ ସାର୍ଦ୍ଧ ତ୍ରିକୋଟି ସଂଖ୍ୟକ ତୀର୍ଥ ଅଛନ୍ତି, ସେମାନଙ୍କ ମଧ୍ୟରେ ଏହି ପୁରୁଷୋତ୍ତମ କ୍ଷେତ୍ର ସାଯୁଜ୍ୟ ରୂପକ ମୁକ୍ତି ଦାନ କରିଥାନ୍ତି ।

---

(୧) ସ୍କନ୍ଦ ପୁରାଣ - ବିଷ୍ଣୁଖଣ୍ଡ - ୪ର୍ଥ ଅଧ୍ୟାୟ - ୨୦ ଓ ୨୧ ଶ୍ଳୋକ

ପୁରୁଷୋତ୍ତମ କ୍ଷେତ୍ରରେ ବିରାଜିତ ନୃସିଂହ ଦେବଙ୍କୁ ଦର୍ଶନ କରିବା ପରମ ସୌଭାଗ୍ୟର କଥା । ଏ କ୍ଷେତ୍ରରେ ପ୍ରାଣ ତ୍ୟାଗ କରୁଥିବା ବ୍ୟକ୍ତିଙ୍କର ମୁକ୍ତି ଲାଭ ହୋଇଥାଏ, ଏହା ନିଃସନ୍ଦେହ । ଅଜ୍ଞାନ ମାନଙ୍କର ଏ କ୍ଷେତ୍ର ପ୍ରତି ବିଶ୍ୱାସ ନଥିବା ଜଣାଯାଏ ।

ଅନ୍ତର୍ବେଦି ରକ୍ଷା କରିବା ପାଇଁ ଅଷ୍ଟଶକ୍ତି ଏ କ୍ଷେତ୍ରରେ ବିରାଜିତା । ସ୍କନ୍ଦ ପୁରାଣ ଅନୁଯାୟୀ,

ମଙ୍ଗଳା ବଟମୂଳେ ତୁ ପଶ୍ଚିମେ ବିମଳା ତଥା
ଶଙ୍ଖସ୍ୟ ପୂର୍ବଭାଗେ ତୁ ସଂସ୍ଥିତା ସର୍ବମଙ୍ଗଳା ।

ଅର୍ଦ୍ଧାଶନୀ ତଥା ଲମ୍ବା କୁବେରଦିଶି ସଂସ୍ଥିତା
କାଳରାତ୍ରିର୍ଦକ୍ଷିଣସ୍ୟା ପୂର୍ବସ୍ୟାନ୍ତୁ ମରୀଚିକା ।

କାଳରାତ୍ର୍ୟାସ୍ତଥା ପଶ୍ଚାତ୍ ଚଣ୍ଡରୂପା ବ୍ୟବସ୍ଥିତା
ଏତାଭିରୁଗ୍ରରୂପାଭିଃ ଶକ୍ତିଭିଃ ପରିରକ୍ଷିତମ୍ ।। (୧)

ଅର୍ଥାତ୍, ବଟମୂଳ ଅଗ୍ନିକୋଣରେ ମଙ୍ଗଳା, ପଶ୍ଚିମରେ ବିମଳା, ଶଙ୍ଖର ପୂର୍ବଭାଗ ବାୟୁ କୋଣରେ ସର୍ବମଙ୍ଗଳା, ଉତ୍ତରରେ ଅର୍ଦ୍ଧାଶନୀ, ଐଶାନ କୋଣରେ ଲମ୍ବା, ଦକ୍ଷିଣରେ କାଳରାତ୍ରି, ପୂର୍ବରେ ମରୀଚିକା ଓ ନୈଋତ କୋଣରେ ଚଣ୍ଡରୂପା ପ୍ରଭୃତି ଉଗ୍ରରୂପା ଶକ୍ତିମାନଙ୍କ ଦ୍ୱାରା ଅନ୍ତର୍ବେଦୀ ସୁରକ୍ଷିତା ଅଟେ । ଏତଦ୍-ବ୍ୟତୀତ, ଅଷ୍ଟଶମ୍ଭୁଙ୍କୁ ଶ୍ରୀବିଷ୍ଣୁ ସବୁ ଦିଗରେ ସ୍ଥାପନ କରି ସ୍ୱୟଂ ମଧ୍ୟଭାଗରେ ଅବସ୍ଥାନ କରିଅଛନ୍ତି । ସ୍କନ୍ଦ ପୁରାଣ ଅନୁଯାୟୀ ଅଷ୍ଟଶମ୍ଭୁ ହେଲେ,

କପାଳମୋଚନଂ କାମଂ କ୍ଷେତ୍ରପାଳଂ ଯମେଶ୍ୱରମ୍ ।
ମାର୍କଣ୍ଡେୟଂ ତଥେଶାନଂ ବିଶ୍ୱେଶଂ ନୀଳକଣ୍ଠକମ୍ ।। (୨)

କପାଳମୋଚନ,କାମ, କ୍ଷେତ୍ରପାଳ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ଈଶାନେଶ୍ୱର, ବିଶ୍ୱେଶ୍ୱର ଓ ନୀଳକଣ୍ଠେଶ୍ୱର । ଉପରୋକ୍ତ ଶକ୍ତି ଓ ଶିବଙ୍କୁ ଦର୍ଶନ କରି ଅନୁଗ୍ରହ ଲାଭ କଲେ ପରଂବ୍ରହ୍ମ ବିଷ୍ଣୁଙ୍କ ଦର୍ଶନ ସୁଲଭ ହୋଇଥାଏ ।

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୪ର୍ଥ ଅଧ୍ୟାୟ - ୪୮,୪୯ ଓ ୫୦ ଶ୍ଳୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୪ର୍ଥ ଅଧ୍ୟାୟ - ୫୮ ଶ୍ଳୋକ

ଶ୍ରୀକ୍ଷେତ୍ରର ସୁରକ୍ଷା ପାଇଁ ଅଷ୍ଟଶକ୍ତି, ଅଷ୍ଟଶମ୍ଭୁଙ୍କ ସହିତ ଅଷ୍ଟମହାବୀର ମଧ୍ୟ ବିରାଜମାନ କରୁଅଛନ୍ତି । ଅଷ୍ଟମହାବୀର ହେଉଛନ୍ତି ସିଦ୍ଧ ମହାବୀର, ଦରିଆ ମହାବୀର, କାନପାତା ମହାବୀର, ବର୍ଗୀ ହନୁମାନ, ମଶାଣି ମହାବୀର, ପଞ୍ଚମୁଖୀ ମହାବୀର, ଫତେ ମହାବୀର, ଏବଂ ଶିରୁଳି ମହାବୀର । ଶ୍ରୀ ମନ୍ଦିରର ସୁରକ୍ଷା ପାଇଁ ଚାରିଦ୍ୱାରରେ ବୀର ହନୁମାନଙ୍କ ମୂର୍ତ୍ତି ବିରାଜମାନ । ସିଂହଦ୍ୱାରରେ ଫତେ ହନୁମାନ, ପଶ୍ଚିମ ଦ୍ୱାରରେ ବୀରବିକ୍ରମ ହନୁମାନ, ଉତ୍ତର ଦ୍ୱାରରେ ତପସ୍ୱୀ ହନୁମାନ ଏବଂ ଦକ୍ଷିଣ ଦ୍ୱାରରେ କାନପାତା ହନୁମାନ ଓ ବାରଭାଇ ହନୁମାନଙ୍କ ମୂର୍ତ୍ତି ରହିଥିବା ଦୃଷ୍ଟିଗୋଚର ହୁଏ ।

ବ୍ରହ୍ମାଙ୍କ ଉପସ୍ଥିତିରେ ଯମରାଜ ମହାଲକ୍ଷ୍ମୀଙ୍କ ଠାରୁ ଏ କ୍ଷେତ୍ରରେ ତାଙ୍କର ପ୍ରଭାବ ନାହିଁ ବୋଲି ଶୁଣି ଯୋଡ଼ ହସ୍ତରେ ନିଜ ପୁରକୁ ଗମନ କଲେ ।

ପୁରୁଷୋତ୍ତମ କ୍ଷେତ୍ର ମଧ୍ୟରେ ଥିବା ପଞ୍ଚତୀର୍ଥ ଅତ୍ୟନ୍ତ ପୁଣ୍ୟପ୍ରଦ । ବ୍ରହ୍ମ ପୁରାଣରେ ବର୍ଣ୍ଣନା କରାଯାଇଛି,

ମାର୍କଣ୍ଡେୟାଽବଟକୃଷ୍ଣୋ ରୌହିଣେୟା ମହୋଦଧିଃ ।
ଇନ୍ଦ୍ରଦ୍ୟୁମ୍ନ ସରଶ୍ଚୈବ ପଞ୍ଚତୀର୍ଥ ବିଧି ସ୍ମୃତଃ ।।

ଅର୍ଥାତ୍, (୧) ମାର୍କଣ୍ଡେୟ ପୁଷ୍କରଣୀରେ ସ୍ନାନ, (୨) କୃଷ୍ଣ ଅର୍ଥାତ୍ ଅକ୍ଷୟବଟ ନ୍ୟଗ୍ରୋଧାକୃତି ବିଷ୍ଣୁ ଅର୍ଥାତ୍ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ, (୩) ରୋହିଣେୟ ଅର୍ଥାତ୍ ବଳଭଦ୍ରଙ୍କୁ ଦର୍ଶନ, (୪) ମହୋଦଧିରେ ସ୍ନାନ, (୫) ଇନ୍ଦ୍ରଦ୍ୟୁମ୍ନ ସରୋବରରେ ସ୍ନାନ । ହଳଧର କୃତ ସ୍ମୃତି ଦର୍ପଣରେ ଉଲ୍ଲେଖ ଅଛି,

ମାର୍କଣ୍ଡେୟା ବଟେଽକୃଷ୍ଣେ ରୋହିଣ୍ୟାଂ ଚ଼ ମହୋର୍ଦଧୌ ।
ଇନ୍ଦ୍ରଦ୍ୟୁମ୍ନ ସରେ ସ୍ନାତ୍ୱା ପୁନର୍ଜନ୍ମ ନ ବିଦ୍ୟତେ ।।

ଅର୍ଥାତ୍ (୧) ମାର୍କଣ୍ଡେୟ ପୁଷ୍କରଣୀରେ ସ୍ନାନ, (୨) ଅକୃଷ୍ଣେ ଅର୍ଥାତ୍ ଶ୍ୱେତଗଙ୍ଗାରେ ସ୍ନାନ, (୩) ରୋହିଣୀ କୁଣ୍ଡରେ ସ୍ନାନ, (୪) ମହୋଦଧିରେ ସ୍ନାନ, (୫) ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀରେ ସ୍ନାନ । ଏ ତୀର୍ଥମାନଙ୍କରେ ସ୍ନାନ କରି ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କଲେ ମୁକ୍ତି ମିଳେ ବୋଲି ଶାସ୍ତ୍ରମାନଙ୍କର ଅଭିମତ ।

ପଞ୍ଚତୀର୍ଥରେ ସ୍ନାନ କରିବା ସମୟରେ କିଭଳି ସ୍ତବ କରାଯିବା ଉଚିତ ଏହା ସ୍କନ୍ଦପୁରାଣ ପୁରୁଷୋତ୍ତମ ମାହାତ୍ମ୍ୟରେ ସୂଚୀତ ହୋଇଛି । ମାର୍କଣ୍ଡେୟ ମହାମୁନି ପ୍ରଳୟ ଜଳରେ ଭାସି ଭାସି ଆସି ଶ୍ରୀବିଷ୍ଣୁଙ୍କ ଉଦରସ୍ଥ ହୋଇଥିଲେ । ପରଂବ୍ରହ୍ମଙ୍କ

ଇଚ୍ଛାନୁଯାୟୀ ସେ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀବିଷ୍ଣୁଙ୍କ ଦ୍ୱିତୀୟ ତନୁ ଶିବ ଭାବରେ ବିରାଜିତ ହେଲେ । ତେଣୁ ମାର୍କଣ୍ଡେୟ ପୁଷ୍କରଣୀରେ ସ୍ନାନ କରି ଭଗବାନ ଶଙ୍କରଙ୍କୁ ଦର୍ଶନ କଲେ ରାଜସୂୟ ଓ ଅଶ୍ୱମେଧ ଯଜ୍ଞର ପ୍ରତ୍ୟକ୍ଷ ଫଳ ଲାଭ ହୋଇଥାଏ । ଶିବଙ୍କୁ ଦର୍ଶନ କଲାବେଳେ କୁହାଯାଏ,

ତ୍ରିଲୋଚନ ନମସ୍ତେଽସ୍ତୁ ନମସ୍ତେ ଶଶିଭୂଷଣ ।
ତ୍ରାହିମାଂ ତ୍ୱଂ ବିରୂପାକ୍ଷ ମହାଦେବ ନମୋଽସ୍ତୁତେ ।। (୧)

ଏହାପରେ ଅକ୍ଷୟ ବଟବୃକ୍ଷଙ୍କୁ ଦର୍ଶନ କରିବା ବିଧି । ଦୂରରୁ ସେହି ବୃକ୍ଷଙ୍କୁ ଦର୍ଶନ କରି ତାହାଙ୍କୁ ପୁରୁଷୋତ୍ତମ ବିଷ୍ଣୁ ବୋଲି ଚିନ୍ତା କରି ପ୍ରଣାମ କରାଯାଏ । ଯଥା,

ଅମରସ୍ତ୍ୱଂ ସଦାକଳ୍ପେ ବିଷ୍ଣୋରାୟତନଂ ମହତ୍
ନ୍ୟଗ୍ରୋଧ ହର ମେ ପାପଂ ବିଷ୍ଣୁରୂପ ନମୋଽସ୍ତୁତେ ।
ନମୋଽସ୍ତ୍ୱବ୍ୟକ୍ତ ରୂପାୟ ମହାପ୍ରଳୟଶାୟିନେ
ଏକାଶୟାୟ ଜଗତାଂ କଳ୍ପବୃକ୍ଷାୟ ତେ ନମଃ ।। (୨)

କଳ୍ପବୃକ୍ଷର ଛାୟା ସ୍ପର୍ଶ କଲେ ମାନବ ନିଷ୍ପାପ ହୋଇଥାଏ । ମହୋଦଧିରେ ସ୍ନାନ ଅତ୍ୟନ୍ତ ପୂଣ୍ୟପ୍ରଦ ବୋଲି ଶାସ୍ତ୍ରମାନଙ୍କରେ ସୂଚନା ଦିଆଯାଇଅଛି । ତୀର୍ଥରାଜଙ୍କୁ ପ୍ରଣାମ କଲାବେଳେ କୁହାଯାଏ,

ତୀର୍ଥରାଜ ନମସ୍ତୁଭ୍ୟଂ ଜଳରୂପାୟ ବିଷ୍ଣବେ ।
ଜୀବନାୟ ଚ ଜନ୍ତୂନାଂ ପର ନିର୍ବାଣ ହେତବେ ।। (୩)

ସିନ୍ଧୁସ୍ନାନ କାଳୀନ ଜଳମଧ୍ୟରେ ଜପ କରିବା ନିଷିଦ୍ଧ । ମହୋଦଧିରେ ତ୍ରିବାର ସ୍ନାନ କରିବା ବିଧି । ପୁନଶ୍ଚ ଭଗବାନଙ୍କ ପ୍ରାପ୍ତି ପାଇଁ ତୀର୍ଥରାଜ ମହୋଦଧିଙ୍କୁ ନିମ୍ନମତେ ପ୍ରାର୍ଥନା କରାଯାଏ । ଯଥା,

ଜନ୍ମକୋଟି ସହସ୍ରେଷୁ ଯତ୍ପାପ ପୂର୍ବମର୍ଜିତମ୍ ।
ତଦଶେଷଂ ଲୟଂ ଯାତୁ ଦେହି ମେ ବ୍ରହ୍ମ ଶାଶ୍ୱତମ୍ ।। (୪)

---

(୧) ସ୍କନ୍ଦପୁରାଣ, ବିଷ୍ଣୁଖଣ୍ଡ, ୩୦ ଅଧ୍ୟାୟ, ୧୯ ଶ୍ଳୋକ ।
(୨) ସ୍କନ୍ଦପୁରାଣ, ବିଷ୍ଣୁଖଣ୍ଡ, ୩୦ ଅଧ୍ୟାୟ, ୨୭ ଓ ୨୮ ଶ୍ଳୋକ ।
(୩) ସ୍କନ୍ଦପୁରାଣ, ବିଷ୍ଣୁଖଣ୍ଡ, ୩୦ ଅଧ୍ୟାୟ, ୯୧ ଶ୍ଳୋକ ।
(୪) ସ୍କନ୍ଦପୁରାଣ, ବିଷ୍ଣୁଖଣ୍ଡ, ୩୦ ଅଧ୍ୟାୟ, ୧୦୩ ଶ୍ଳୋକ ।

ଅର୍ଥାତ୍,ହେ ପ୍ରଭୁ ! ମୁଁ ସହସ୍ର ସହସ୍ର କୋଟି ଜନ୍ମାର୍ଜିତ ପାପ ସଞ୍ଚୟ କରିଅଛି । ଆପଣଙ୍କ ଅନୁଗ୍ରହରୁ ସେ ସମସ୍ତ ପାପର ବିଲୟ ଘଟୁ ଓ ମୋର ନିତ୍ୟ ସନାତନ ବ୍ରହ୍ମ ଲାଭ ହେଉ । ଭଗବାନଙ୍କ ନିକଟରେ ସମସ୍ତ ପାପ ସ୍ୱୀକାର କରିବା ଏବଂ ନିଜର ଦୋଷ ଦୁର୍ବଳତା ପ୍ରକାଶ କରିବା ବାଞ୍ଛନୀୟ । ଭଗବାନଙ୍କର ଅନ୍ୟ ନାମ କ୍ଷମିଣାଂବରଃ, ଅର୍ଥାତ୍ କ୍ଷମାଶାଳୀଙ୍କ ମଧ୍ୟରେ ସେ ସର୍ବଶ୍ରେଷ୍ଠ କ୍ଷମାଶାଳୀ । ଯେତେ ଅପରାଧ କରିଥିଲେ ସୁଦ୍ଧା ଯଦି ମନ ପ୍ରାଣ ସହିତ କ୍ଷମା ମାଗିଲେ, ସେ ଅପରାଧ ମାର୍ଜନା କରନ୍ତି । ସେହିପରି କୁହାଯାଇଛି,

ଅନ୍ୟତୀର୍ଥେ କୃତଂ ପାପଂ ସିନ୍ଧୁତୀରେ ବିନଶ୍ୟତି ।
ସିନ୍ଧୁତୀରେ କୃତଂ ପାପଂ ସିନ୍ଧୁ ସ୍ନାନାଦ୍ ବିନଶ୍ୟତି ।। (୧)

ଅର୍ଥାତ୍, ଅନ୍ୟ ତୀର୍ଥରେ ଅନୁଷ୍ଠିତ ପାତକ ମହୋଦଧି ନିକଟକୁ ଆଗମନ ମାତ୍ରେ ବିଲୁପ୍ତ ହୋଇଯାଏ ଏବଂ ମହୋଦଧି ତୀରରେ ଯେଉଁ ପାପ ଅନୁଷ୍ଠିତ ହୁଏ, ତାହା ସିନ୍ଧୁ ସ୍ନାନରେ ହିଁ ବିନିଷ୍ଟ ହୋଇଥାଏ ।

ଇନ୍ଦ୍ରଦ୍ୟୁମ୍ନ ସରୋବର ପରି ତୀର୍ଥ ଅନ୍ୟତ୍ର ବିରଳ । ଏ ସରୋବର ଅଶ୍ୱମେଧ ଯଜ୍ଞ ସମୁତ୍ପନ୍ନ ହୋଇଥିବାରୁ ଅତ୍ୟନ୍ତ ପୁଣ୍ୟପ୍ରଦ । ଏ ସରୋବର ଗୋରୁମାନଙ୍କର ଖୁରାଗ୍ର ଖନନ ଦ୍ୱାରା ଉତ୍ପନ୍ନ ହୋଇଥିଲା ଏବଂ ତାହାହିଁ ଦାନକାଳୀନ ହସ୍ତଚ୍ୟୁତ ଜଳରେ ପରିପୂର୍ଣ୍ଣ ହୋଇ ଏକ ପୁଣ୍ୟପ୍ରଦ ତୀର୍ଥରେ ପରିଣତ ହୋଇଅଛି । ଉକ୍ତ ତୀର୍ଥରେ ସ୍ନାନ, ପିତୃ ଓ ଦେବତାଙ୍କ ତର୍ପଣ ସମ୍ପାଦିତ ହେଲେ, ମାନବଗଣ ସହସ୍ର ଅଶ୍ୱମେଧ ଯଜ୍ଞର ପୁଣ୍ୟଫଳ ଲାଭ କରିଥାନ୍ତି । ଏ ସରୋବର ଇନ୍ଦ୍ରଦ୍ୟୁମ୍ନ ମହାରାଜଙ୍କ ନାମରେ ନାମିତ ହୋଇଅଛି ସେଥିପାଇଁ ଯଥାର୍ଥରେ କୁହାଯାଇଛି,

ନାତଃ ପରତରଂ ତୀର୍ଥଂ ହୟମେଧାଙ୍ଗସମ୍ଭବାତ୍ ।
ଇନ୍ଦ୍ରଦ୍ୟୁମ୍ନସ୍ୟ ସରସଃ ସ୍ୟାଦ୍ ବା ତ୍ରିପଥଗା ସମା ।। (୨)

ଶ୍ରୀମନ୍ଦିରର ଦକ୍ଷିଣଦିଗକୁ ଗଲେ ଶ୍ୱେତଗଙ୍ଗା ତୀର୍ଥ ବିରାଜିତ । ଶ୍ୱେତଗଙ୍ଗାଙ୍କୁ 'ଯା ଗଙ୍ଗା ଲୋକପାବନୀ' ବୋଲି କୁହାଯାଇଥାଏ । ସେଠାରେ ଶ୍ୱେତ ମାଧବ ଓ ତାଙ୍କର ଦକ୍ଷିଣକୁ ଜନାର୍ଦ୍ଦନଙ୍କର ମତ୍ସ୍ୟମାଧବ ତଥା ମତ୍ସ୍ୟ ଓ ଶ୍ୱେତରୂପଧର ଶିବଦ୍ୱୟ ବିରାଜିତ । ସେଥିପାଇଁ କୁହାଯାଇଛି,

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୩୦ ଅଧ୍ୟାୟ - ୧୫୭ ଶ୍ଳୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୦ ଅଧ୍ୟାୟ - ୩୬ ଶ୍ଳୋକ

'ଜନାର୍ଦ୍ଦନୋ ମତ୍ସ୍ୟରୂପ ଶ୍ୱେତରୂପଧରଃ ଶିବଃ'

ଶ୍ୱେତଗଙ୍ଗା ଜଳରେ ସ୍ନାନ କରି ମତ୍ସ୍ୟ ମାଧବ ତଥା ଶ୍ୱେତମାଧବଙ୍କୁ ଦର୍ଶନ କଲେ ସର୍ବପାପ ବିମୋଚନ ହୁଏ ବୋଲି ଶାସ୍ତ୍ରମାନଙ୍କରେ ସୂଚୀତ ହୋଇଛି । ମହାପ୍ରସାଦ ଅଜ୍ଞାନରେ ପଦଦଳିତ ଜନିତ ଅପରାଧ ଶ୍ୱେତଗଙ୍ଗା ଜଳରେ ପ୍ରକ୍ଷାଳନ ପୂର୍ବକ ଶ୍ୱେତମାଧବଙ୍କ ଦର୍ଶନାନ୍ତେ ଖଣ୍ଡିତ ହୋଇଥାଏ । ଶ୍ୱେତଗଙ୍ଗା ଓ ଗଙ୍ଗାନଦୀ ମଧ୍ୟରେ ଅଭେଦ ସମ୍ପର୍କ ରହିଥିବା ଜଣାଯାଏ । ଶ୍ୱେତଗଙ୍ଗାର ଜଳ କେବେ ହେଲେ ଶୁଷ୍କ ହୁଏ ନାହିଁ । ଏ ପବିତ୍ର ତୀର୍ଥ ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ଅନ୍ୟତମ ଆକର୍ଷଣ । ବିଶେଷ କରି ମୃତ୍ୟୁ ପରେ ଦଶାହ ଆଦି ପିତୃ କାର୍ଯ୍ୟ, ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧାଦି କାର୍ଯ୍ୟ, ଅସ୍ଥି ବିସର୍ଜନ ଆଦି କାର୍ଯ୍ୟ ପାଇଁ ଶ୍ୱେତଗଙ୍ଗା ତୀର୍ଥ ବିଶେଷ ଦରକାରୀ । ପୁରୀ ସହରର କେତେକ ବ୍ୟକ୍ତି ପ୍ରତ୍ୟହ ଶ୍ୱେତଗଙ୍ଗା ଜଳରେ ପାଦଧୌତ କରି, ଦକ୍ଷିଣକାଳୀଙ୍କୁ ଦର୍ଶନ ପୂର୍ବକ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ଦର୍ଶନ କରିଥାନ୍ତି ।

ପୁରୁଷୋତ୍ତମ କ୍ଷେତ୍ରରେ ତୀର୍ଥମାନଙ୍କର ତୀର୍ଥ ଓ ଗୁରୁମାନଙ୍କର ଗୁରୁ ହେଉଛନ୍ତି ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ମହାପ୍ରଭୁ । ସେ ବ୍ରହ୍ମା, ଇନ୍ଦ୍ର ଓ ରୁଦ୍ରାଦି ଦେବତାମାନଙ୍କର ନମସ୍ୟ । ତାଙ୍କ ଠାରେ ନିଖିଳ ଜଗତ ଅବସ୍ଥିତ । ସେ ଦୀନହୀନଙ୍କ ଏକମାତ୍ର ଆଶ୍ରୟ ଓ କରୁଣାର ସାଗର । ସ୍କନ୍ଦ ପୁରାଣରେ ବର୍ଣ୍ଣନା କରାଯାଇଛି,

ଦେବ ଦେବ ଜଗନ୍ନାଥ ସର୍ବତୀର୍ଥ ପ୍ରବର୍ତ୍ତକ ।
ସର୍ବତୀର୍ଥମୟଶ୍ଚାସି ସର୍ବଦେବମୟଃ ପ୍ରଭୋ ।। (୧)

ପୁରୁଷୋତ୍ତମ କ୍ଷେତ୍ର ମର୍ତ୍ତ୍ୟ ବୈକୁଣ୍ଠ ଭାବରେ ବିଦିତ । ଏ ସ୍ଥାନରେ ଅତ୍ୟଧିକ ଗ୍ରୀଷ୍ମ, ବର୍ଷା ଓ ଶୀତ ଅନୁଭୂତ ହୁଏ ନାହିଁ । ଏହା ଭୂସ୍ୱର୍ଗ ନାମରେ ପ୍ରଥିତ । ବ୍ରହ୍ମ ପୁରାଣରେ କୁହାଯାଇଛି,

ପୁରୁଷୋତ୍ତମାଦ୍ ଧର୍ମକ୍ଷେତ୍ରଂ ନାସ୍ତ୍ୟେବ ପୃଥିବୀତଳେ ।
ଭୂସ୍ୱର୍ଗମିତି ବିଖ୍ୟାତଂ ଦେବାନାମପି ଦୁର୍ଲଭମ୍ ।।

ଏ କ୍ଷେତ୍ରରେ ସାମ୍ୟ, ମୈତ୍ରୀ ଓ ଭ୍ରାତୃତ୍ୱ ପ୍ରଚାରିତ ହୁଏ । କପିଳ ସଂହିତାରେ ବର୍ଣ୍ଣନା କରାଯାଇଛି,

ସାକ୍ଷାଦ୍ ବୈକୁଣ୍ଠରୂପଂ ତଦ୍ କ୍ଷେତ୍ରଂ ଶ୍ରୀପୁରୁଷୋତ୍ତମଃ ।
କ୍ଷେତ୍ରାଣାମପି କ୍ଷେତ୍ରଂ ଚ ତୀର୍ଥାନାମପି ଯଦ୍‌ବରମ୍ ।।

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୩୦ ଅଧ୍ୟାୟ - ୧୪୯ ଶ୍ଳୋକ

ଷୋଡ଼ଶ ଖ୍ରୀଷ୍ଟାବ୍ଦରେ ଓଡ଼ିଆ କବି ଭକ୍ତ ବଳରାମ ଦାସ ଭାବ ସମୁଦ୍ରରେ ଲେଖିଛନ୍ତି,

କାହୁଁ ଭିଆଇଲୁ କ୍ଷେତ୍ର ତୋହର
ଚଉଦ ଭୁବନ ମଧ୍ୟୁ ବାହାର ।
ନାଥ ତୋ କ୍ଷେତ୍ରେ ସାନବଡ଼ ନାହିଁ
ବ୍ରାହ୍ମଣ ଚାଣ୍ଡାଳ ଯେ ସରି ଦୁଇ ।।

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ମତରେ,

ଜଗତ ସରସେ ଭାରତ କମଳ ।
ତା ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।।

ଜଗତ ରୂପକ ସରସୀରେ ଭାରତ ବର୍ଷ ଯଦି କମଳ ବା ପଦ୍ମଫୁଲ ହୁଏ, ତେବେ ନୀଳାଚଳ ଧାମ ବା ପୁରୁଷୋତ୍ତମ କ୍ଷେତ୍ର ହେଉଛି ପଦ୍ମଫୁଲର କେଶର । ପଞ୍ଚସଖା ସାଧକ କବି ଯଶୋବନ୍ତ ଦାସ ପ୍ରେମ ଭକ୍ତି ବ୍ରହ୍ମଗୀତାରେ ଲେଖିଛନ୍ତି,

ଦେଖ ଏ ନିତ୍ୟ ନୀଳାଚଳ
ସକଳ ତୀର୍ଥଙ୍କର ଆଳ ।
ଗୋପ ମଥୁରା ବୃନ୍ଦାବନ
ଦ୍ୱାରକା ଆଦି ଯେତେସ୍ଥାନ ।
ସକଳ ଏହି ସ୍ଥାନେ ପାଇ
ଆବର କାଶୀ ମଧ୍ୟ ହୋଇ ।
କୋଟିଏ ତୀର୍ଥ ଏ କ୍ଷେତ୍ରରେ
ମହିମା କହିଲେ ନ ସରେ ।।

ଏ ସମସ୍ତ ଆଲୋଚନାରୁ ସୂଚନା ମିଳେ ଯେ ପୁରୁଷୋତ୍ତମ କ୍ଷେତ୍ର ସର୍ବଶ୍ରେଷ୍ଠ ତଥା ସର୍ବୋତ୍ତମ କାରଣ ଏହା କୋଟି ବ୍ରହ୍ମାଣ୍ଡ ଈଶ୍ୱରଙ୍କ ବାସସ୍ଥଳୀ । ଏଥିପାଇଁ ଯଥାର୍ଥରେ କୁହାଯାଇଛି,

ସବୁଥିରେ ବଡ଼ ଶ୍ରୀକ୍ଷେତ୍ର ଧାମ ।
ଯେଣୁ ବିରାଜନ୍ତି ପୁରୁଷୋତ୍ତମ ।।

ସେହି ପବିତ୍ର ପୁରୁଷୋତ୍ତମ ଧାମ ଏବଂ ଶ୍ରୀଜଗନ୍ନାଥ ପୁରୁଷୋତ୍ତମଙ୍କୁ କୋଟି କୋଟି ପ୍ରଣାମ ।

卐

ଦ୍ୱିତୀୟ ଅଧ୍ୟାୟ

ମହାରାଜା ଇନ୍ଦ୍ରଦ୍ୟୁମ୍ନ

ମହର୍ଷି ଜୈମିନି କହିଲେ,

ଆସୀତ୍ କୃତଯୁଗେ ବିପ୍ରା ଇନ୍ଦ୍ରଦ୍ୟୁମ୍ନୋ ମହାନୃପ
ସୂର୍ଯ୍ୟବଂଶେ ସ ଧର୍ମାତ୍ମା ସ୍ରଷ୍ଟୁଃ ପଞ୍ଚମପୁରୁଷଃ ।
ସତ୍ୟବାଦୀ ସଦାଚାରୋଽବଦାତ୍ ସାତ୍ତ୍ୱିକାଗ୍ରଣୀଃ
ନ୍ୟାୟାଦ ସଦା ପାଳୟତି ପ୍ରଜାଃ ସ୍ୱ ଇବ ସ ପ୍ରଜାଃ ।। (୧)

ସତ୍ୟ ଯୁଗରେ ସୂର୍ଯ୍ୟ ବଂଶରେ ଇନ୍ଦ୍ରଦ୍ୟୁମ୍ନ ନାମକ ଏକ ମହାନ୍ ରାଜା ଥିଲେ । ସେ ଧର୍ମାତ୍ମା ମହାରାଜା ବ୍ରହ୍ମାଙ୍କର ପଞ୍ଚମ ପୁରୁଷ ଅଟନ୍ତି । ସେ ଥିଲେ ସତ୍ୟବାଦୀ, ସଦାଚାରୀ, ନିଷ୍ପାପ, ପରମ ସାତ୍ତ୍ୱିକ ଓ ପ୍ରଜାବତ୍ସଳ । ନ୍ୟାୟ ଓ ଧର୍ମ ଅନୁସାରେ ନିଜର ସନ୍ତାନ ସଦୃଶ ସେ ପ୍ରଜାମାନଙ୍କୁ ପାଳନ କରୁଥିଲେ । ସେ ମହାତ୍ମା ଆତ୍ମତତ୍ତ୍ୱ ଜ୍ଞାନ ଚର୍ଚ୍ଚାରେ ସଦା ସର୍ବଦା ସମୟ ଅତିବାହିତ କରୁଥିଲେ । ସେ ଥିଲେ ଉଦ୍‌ଯୋଗୀ, ଦେବତା ଓ ବ୍ରାହ୍ମଣ ପୂଜକ, ପିତୃଭକ୍ତ ଏବଂ ପରମବୀର । ଅଷ୍ଟାଦଶ ବିଦ୍ୟାରେ ସେ ଥିଲେ ଦ୍ୱିତୀୟ ବୃହସ୍ପତି, ଐଶ୍ୱର୍ଯ୍ୟରେ ଦେବରାଜ ଇନ୍ଦ୍ର ଓ ଧନ ସମ୍ପଦରେ କୁବେର ସଦୃଶ । ସେ ମଧ୍ୟ ରୂପବାନ, ସୁଶୀଳ, ଦାନୀ, ପ୍ରିୟଭାଷୀ, ସର୍ବଜନ ପ୍ରିୟ, ଜିତକ୍ରୋଧ, ଜିତେନ୍ଦ୍ରିୟ ଓ ପରମ ବୈଷ୍ଣବ ଭାବରେ ସର୍ବଜନ ବିଦିତ ଥିଲେ । ପରମ ଧାର୍ମିକ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ରାଜସୂୟ ମହାଯଜ୍ଞ ଓ ଅଶ୍ୱମେଧ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହିପରି ଅନେକ ଗୁଣର ଅଧିକାରୀ ହୋଇ ସେ ପୁଣ୍ୟାତ୍ମା ମହାରାଜା ଅବନ୍ତୀ ନଗରରେ ରାଜତ୍ୱ କରୁଥିଲେ । ଏକ ସମୟରେ ଶ୍ରୀବିଷ୍ଣୁଙ୍କ ପୂଜାର୍ଚ୍ଚନା କରୁଥିବା ସମୟରେ ପଣ୍ଡିତ ବ୍ରାହ୍ମଣ ଓ ତୀର୍ଥଯାତ୍ରୀମାନଙ୍କୁ ମହାରାଜା ଜିଜ୍ଞାସା କଲେ ଯେ କେଉଁ ସ୍ଥାନରେ ସାକ୍ଷାତ୍ ଜଗନ୍ନାଥ ଦେବଙ୍କୁ ଏହି ଚର୍ମଚକ୍ଷୁ ଦ୍ୱାରା ଦର୍ଶନ କରିହେବ, ଏକଥା ଆପଣମାନଙ୍କ ମଧ୍ୟରୁ କିଏ ଜାଣନ୍ତି କି ? ଜଣେ ତୀର୍ଥଯାତ୍ରୀ ସବିନୟ ଉତ୍ତର ଦେଲେ ଯେ ଏହି ଭାରତ ବର୍ଷରେ ପ୍ରସିଦ୍ଧ ଓଡ୍ର ଦେଶର

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୭ମ ଅଧ୍ୟାୟ - ୬ ଓ ୭ ଶ୍ଳୋକ

ଦକ୍ଷିଣ ସମୁଦ୍ର ତୀର ଭାଗରେ ଶ୍ରୀପୁରୁଷୋତ୍ତମ ନାମକ ଉତ୍ତମ କ୍ଷେତ୍ର ଅବସ୍ଥିତ । ସେଠାରେ ନୀଳଗିରି ନାମଧେୟ ଏକ ପର୍ବତ ଅଛି । ତାହାର ଚତୁର୍ଦ୍ଦିଗ ନାନା ପ୍ରକାର ବୃକ୍ଷଲତା ଦ୍ୱାରା ସମାବୃତ ଓ ତାହାର ଅଙ୍କ ଭାଗରେ ଚାରି ଦିଗକୁ ବିସ୍ତୃତ ହୋଇଥିବା ଏକ କ୍ରୋଶ ପରିମାଣର ଏକ କଳ୍ପବୃକ୍ଷ ବିରାଜିତ । ଉକ୍ତ ବୃକ୍ଷର ଛାୟା ସ୍ପର୍ଶରେ ବ୍ରହ୍ମହତ୍ୟା ଜନିତ ପାପ ମଧ୍ୟ ନଷ୍ଟ ହୋଇଥାଏ । ବୃକ୍ଷର ପଶ୍ଚିମରେ ରୋହିଣୀ ନାମକ ଏକ କୁଣ୍ଡ ଅଛି, ଯାହା କାରଣ ଜଳରେ ପରିପୂର୍ଣ୍ଣ । ଏହି କୁଣ୍ଡକୁ ଦର୍ଶନ କଲେ ମୁକ୍ତି ଲାଭ ହୁଏ, ଏଥିରେ ସନ୍ଦେହ ନାହିଁ । ରୋହିଣୀ କୁଣ୍ଡର ପୂର୍ବ ଭାଗରେ ନୀଳକାନ୍ତମଣି ନିର୍ମିତ ଭଗବାନ ବାସୁଦେବଙ୍କ ମୂର୍ତ୍ତି ବିରାଜମାନ କରୁଅଛନ୍ତି । ସେ ପ୍ରତ୍ୟକ୍ଷ ମୁକ୍ତିଦାତା । ଯେଉଁ ବ୍ୟକ୍ତି ସେ କୁଣ୍ଡରେ ସ୍ନାନ କରି ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ କରନ୍ତି ସେ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ପ୍ରାପ୍ତ ହୋଇ ପରମପଦ ଲାଭ କରନ୍ତି । ପଶ୍ଚିମ ଦିଗରେ ଏକ ଶବର ପଲ୍ଲୀ ଅବସ୍ଥିତ । ଭଗବାନ ସ୍ୱୟଂ ସେଠାରେ ବିରାଜମାନ କରୁଥିବାରୁ ପ୍ରତ୍ୟେକ ଦିନ ରାତ୍ରିରେ ଦେବତାମାନେ ଦର୍ଶନ ଅଭିପ୍ରାୟରେ ନୀଳଗିରି ପର୍ବତକୁ ଆସନ୍ତି । ମହାପ୍ରଭୁଙ୍କ ନିକଟରେ ଅନେକ ପ୍ରକାର ସ୍ତୁତିବାକ୍ୟ ଉଦ୍‌ଘୋଷିତ ହୁଏ ଓ କଳ୍ପବୃକ୍ଷର ପୁଷ୍ପ ବୃଷ୍ଟି ମଧ୍ୟ ହୋଇଥାଏ । କାକପକ୍ଷୀ କିପରି ଚତୁର୍ଭୁଜ ହେଲେ ଓ ମୁକ୍ତି ଲାଭ କଲେ ସେ ବିଷୟ ମଧ୍ୟ ମହାରାଜାଙ୍କ ନିକଟରେ ତେଜସ୍ୱୀ ତୀର୍ଥଯାତ୍ରୀ ବର୍ଣ୍ଣନା କଲେ । ସେ ନିଜେ ସ୍ୱୀକାର କଲେ ଯେ ପୂର୍ବକାଳରେ ସେ ମୂର୍ଖଥିଲେ ମାତ୍ର ଶ୍ରୀପୁରୁଷୋତ୍ତମଙ୍କ ପ୍ରସାଦରୁ ଆଜି ଅଷ୍ଟାଦଶ ବିଦ୍ୟାରେ ପାରଙ୍ଗମ ହୋଇ ପାରିଛନ୍ତି । ତାଙ୍କର ବୁଦ୍ଧି ନିର୍ମଳ ହୋଇଛି । ସେ ସମସ୍ତଙ୍କୁ ବିଷ୍ଣୁ ତୁଲ୍ୟ ଜ୍ଞାନ କରୁଅଛନ୍ତି । ସେହି ପରମାରାଧ୍ୟ ପୁରୁଷୋତ୍ତମଙ୍କୁ ପୂଜାର୍ଚ୍ଚନା କରନ୍ତୁ, ତାଙ୍କ ନିକଟରେ ଶରଣାପନ୍ନ ହୁଅନ୍ତୁ, ଏପରି କହି ସେହି ଜଟିଳ ତପସ୍ୱୀ ତତ୍‌କ୍ଷଣାତ୍ ଅନ୍ତର୍ହିତ ହୋଇଗଲେ ।

ପୁଣ୍ୟାତ୍ମା ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଉପରେ ତୀର୍ଥଯାତ୍ରୀଙ୍କ କଥାର ପ୍ରଭାବ ଏଭଳି ପଡ଼ିଲା ଯେ ସେ କିପରି ସାକ୍ଷାତ୍ ନାରାୟଣଙ୍କୁ ଦର୍ଶନ କରିବେ ସେଥିପାଇଁ ସଦା ଚିନ୍ତିତ ରହିଲେ । ମହାରାଜାଙ୍କ ସୁଯୋଗ୍ୟ ପୁରୋହିତ ତାଙ୍କର କନିଷ୍ଠ ଭ୍ରାତା ବିଦ୍ୟାପତି ସେ ପବିତ୍ର ସ୍ଥାନକୁ ଯାଇ ସମସ୍ତ ବିଷୟ ଅବଗତ ହୋଇ ପ୍ରତ୍ୟାବର୍ତ୍ତନ କଲେ ମହାରାଜା ସ୍ୱୟଂ ସେ ସ୍ଥାନକୁ ଯିବେ ଓ ଭଗବାନଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରିବେ ବୋଲି ଏ ଆଶ୍ୱାସନା ବାଣୀ ଶୁଣିବା ପରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ସାମାନ୍ୟ ଆଶ୍ୱସ୍ତ ହେଲେ । ଶ୍ରୀ ବିଦ୍ୟାପତି ଅତ୍ୟନ୍ତ ଉଲ୍ଲସିତ ହୋଇ ଭଗବାନଙ୍କୁ କିପରି ଶୀଘ୍ର ଦର୍ଶନ

କରିବେ ସେଥିପାଇଁ ମହାପ୍ରଭୁଙ୍କର ଅଚିନ୍ତ୍ୟ ଶକ୍ତିକୁ ବାରମ୍ବାର ସ୍ମରଣ କଲେ । ସେ ଚିନ୍ତା କଲେ,

> ବ୍ରହ୍ମାଣ୍ଡମାଳାକଳ୍ପିତାନୁ ଲୋମଂ
> ସହସ୍ର ମୂର୍ଦ୍ଧାଙ୍ଘ୍ରିଂ ଦୃଶଂ ପୁରାଣମ୍ ।
> ନିଶ୍ୱାସବାତୋଦ୍‌ଥିତ ବେଦରାଶିଂ
> ସର୍ବପ୍ରପଞ୍ଚେଶମହଂ ପ୍ରପଦ୍ୟେ ।। (୧)

ଅର୍ଥାତ୍, ଯାହାଙ୍କ ପ୍ରତ୍ୟେକ ଲୋମରେ ବ୍ରହ୍ମାଣ୍ଡ ମାଳ ମାଳ ହୋଇ ରହିଅଛି, ଯାହାଙ୍କର ନିଃଶ୍ୱାସରୁ ବେଦମାନଙ୍କର ସୃଷ୍ଟି, ଯାହାଙ୍କର ସହସ୍ର ଶୀର, ସହସ୍ର ପାଦ, ଓ ସହସ୍ର ଚ଼କ୍ଷୁ ସେହି ସର୍ବ ପ୍ରପଞ୍ଚର ଅଧୀଶ୍ୱର ଦେବ ଜଗନ୍ନାଥଙ୍କୁ ମୁଁ ଆଶ୍ରୟ କରିବି । ସେ ଚିନ୍ତା କରିବାକୁ ଲାଗିଲେ ଯେ ଶ୍ରୁତି, ସ୍ମୃତି, ଇତିହାସ ଓ ପୁରାଣ ବାକ୍ୟରେ ଯାହାଙ୍କର ରୂପର ବର୍ଣ୍ଣନା କରାଯାଇପାରେ ନାହିଁ, ଯାହାଙ୍କର ନାମ କୀର୍ତ୍ତନ ଯୋଗୁ ତ୍ରିବିଧ ପାପ ବିନାଶ ହୁଏ, ସେହି ପରମାରାଧ ଜଗତ ନିୟନ୍ତାଙ୍କୁ ସେ ଚର୍ମ ଚ଼କ୍ଷୁରେ ଦର୍ଶନ କରିବେ ବୋଲି ଚିନ୍ତା କରୁ କରୁ ତାଙ୍କର ରଥ ଅନେକ ଦୂର ଗତି କରିଥିବା ବିଷୟ ସେ ଅବଗତ ହୋଇ ପାରିନଥିଲେ ।

ବହୁ ଦିନ, ବହୁ ରାତ୍ରି ଗତ ହେବା ପରେ ଶ୍ରୀବିଦ୍ୟାପତି ଓଡ୍ର ନାମକ ଦେଶ ନିକଟରେ ଉପସ୍ଥିତ ହେଲେ । ସୂର୍ଯ୍ୟାସ୍ତ ସମୟରେ ମହାନଦୀ ତଟରେ ଉପସ୍ଥିତ ହେବାପରେ ଶ୍ରୀବିଦ୍ୟାପତି ରଥରୁ ଅବତରଣ କରି ଦୈନିକ କ୍ରିୟା ସମାପନ କରିବା, ସାୟଂକାଳୀନ ସନ୍ଧ୍ୟା ଉପାସନାଦି ଶେଷ କରି ଶ୍ରୀ ଜଗନ୍ନାଥଙ୍କୁ ବାରମ୍ବାର ଚିନ୍ତା କରିବାରେ ଲାଗିଲେ । ରଥରେ ରାତ୍ରିଯାପନ କରି ପ୍ରାତଃ କାଳରୁ ପୁନର୍ବାର ଯାତ୍ରା ଆରମ୍ଭ କଲେ ଓ ଏକାମ୍ର କାନନ ନିକଟରେ ଉପସ୍ଥିତ ହେଲେ । ସେଠାରେ ଶ୍ରୋତ୍ରିୟ ଯାଜ୍ଞିକ ଓ ବ୍ରହ୍ମ ତେଜସ୍ୱୀମାନଙ୍କୁ ଦର୍ଶନ କରି ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଶ୍ରୀହରିଙ୍କ ଗୁଣ, ମହିମା, ଲୀଳା ଚିନ୍ତା କରୁ କରୁ କିଛି ପଥ ଅତିକ୍ରମ କଲାପରେ ନୀଳାଚଳ ପର୍ବତ ତାଙ୍କର ଦୃଷ୍ଟି ଗୋଚର ହେଲା । ଏହି ପାପ ତାପ ବିନାଶକାରୀ ପର୍ବତ ଉଚ୍ଚତା ଦୃଷ୍ଟିରୁ ଗଗନଚୁମ୍ବୀ, ମଧ୍ୟଭାଗରେ କଳ୍ପବଟ ଶୋଭିତ ଓ ଚତୁର୍ଦ୍ଦିଗରେ ରମଣୀୟ କାନନଶ୍ରେଣୀ ପରିବେଷ୍ଟିତ । ଏହା ସାକ୍ଷାତ୍ ମୂର୍ତ୍ତିମାନ ଶ୍ରୀବିଷ୍ଣୁଙ୍କର ବାସସ୍ଥଳ । ରଥରୁ ଅବତରଣ କରି ସେ ଭୂମିରେ କୁଶ ବିସ୍ତାର କଲେ ଓ ତା ଉପରେ ଭଗବାନଙ୍କ ଦର୍ଶନ କିପରି ମିଳିବ, ସେଥିପାଇଁ ତାଙ୍କ ନିକଟରେ ଆତ୍ମ ନିବେଦନ

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୭ମ ଅଧ୍ୟାୟ - ୬୪ ଶ୍ଲୋକ

କଲେ ଓ ଶରଣାପନ୍ନ ହେଲେ । କିଛି ସମୟ ପରେ ଭଗବଦ୍ ଭକ୍ତି ବିଷୟକ ଆଳାପ ଶ୍ରବଣ କରି ସେହି ଦିଗ ଆଡ଼କୁ ଯାଇ ଦେଖିଲେ ଶବର ଜାତିଙ୍କ ବାସଗୃହ ଦ୍ୱାରା ବେଷ୍ଟିତ ଏକ ଶବର ପଲ୍ଲୀ । କିଛି ସମୟ ପରେ ବିଶ୍ୱାବସୁ ନାମକ ଏକ ବୃଦ୍ଧ ଶବର ଭଗବାନଙ୍କ ପୂଜା ସମାପନ କରି ଚନ୍ଦନ ଚର୍ଚ୍ଚିତ ହୋଇ ଆସୁଥିବା ବିଦ୍ୟାପତିଙ୍କ ଦୃଷ୍ଟି ଗୋଚର ହେଲା । ଶବର ରାଜା ତେଜସ୍ୱୀ ବ୍ରାହ୍ମଣଙ୍କୁ ଦେଖି ତାଙ୍କର ସତ୍କାର ପୂର୍ବକ ତାଙ୍କୁ ବିଶ୍ରାମ ନେବାକୁ ସବିନୟ ଅନୁରୋଧ କଲେ । ବିଦ୍ୟାପତି ତାଙ୍କ ଆସିବାର ସମସ୍ତ ଅଭିପ୍ରାୟ ଶବର ରାଜାଙ୍କୁ ଜଣାଇଲେ ଏବଂ ଭଗବାନ ନୀଳମାଧବଙ୍କୁ ଦର୍ଶନ ନ କରିବା ପର୍ଯ୍ୟନ୍ତ ସେ ଭୋଜନ କରିବେ ନାହିଁ ବୋଲି ପ୍ରସଙ୍ଗ କ୍ରମେ ଶବର ରାଜା ବିଶ୍ୱାବସୁଙ୍କୁ ଜଣାଇଲେ । ଶବର ରାଜା ବିଶ୍ୱାବସୁଙ୍କ ମନରେ ଏକ ଦ୍ୱନ୍ଦ୍ୱ ଜାତ ହେଲା । ଯଦି ବ୍ରାହ୍ମଣଙ୍କୁ ନୀଳମାଧବଙ୍କ ଦର୍ଶନ କରାଇଦେବେ ତେବେ କାଳକ୍ରମେ ନୀଳମାଧବ ଲୋକ ଲୋଚନକୁ ଆସିଯିବେ ଏବଂ ଯାହାଙ୍କୁ ସେ ଗୁପ୍ତରେ ପୂଜା କରି ଆସୁଅଛନ୍ତି, ସେ ସୌଭାଗ୍ୟରୁ ସେ କାଳକ୍ରମେ ବଞ୍ଚିତ ହେବେ । ଅନ୍ୟପକ୍ଷରେ ଯଦି ବ୍ରାହ୍ମଣଙ୍କୁ ଦର୍ଶନ ନ କରାଇବେ ତେବେ ବ୍ରାହ୍ମଣ କ୍ରୋଧବଶତଃ ଅଭିଶାପ ନିଶ୍ଚିତ ଦେବେ । ଏ ପ୍ରକାର ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ରହିଥିବା ବେଳେ ହଠାତ୍ ତାଙ୍କର ପ୍ରାଚୀନ ଜନ ପ୍ରବାଦ କଥା ସ୍ମରଣକୁ ଆସିଲା । ତାହା ହେଲା ନୀଳମାଧବ ଏ ସ୍ଥାନରୁ ଅନ୍ତର୍ହିତ ହେବେ ଓ ଇନ୍ଦ୍ରଦ୍ୟୁମ୍ନ ନାମକ ଏକ ପରମ ଧାର୍ମିକ ରାଜା ପ୍ରଜାକୁଳ ସହ ଏ ସ୍ଥାନକୁ ଆସି ଅଶ୍ୱମେଧ ଯଜ୍ଞାନୁଷ୍ଠାନ ପୂର୍ବକ ଶ୍ରୀବିଷ୍ଣୁଙ୍କୁ ଦାରୁମୟ ସ୍ୱରୂପରେ ଚାରିଗୋଟି ମୂର୍ତ୍ତିରେ ସ୍ଥାପନ କରିବେ । ଏ ଜନ ପ୍ରବାଦକୁ ଗଭୀର ଭାବରେ ଚିନ୍ତାକରି ବ୍ରାହ୍ମଣଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଦେବା ପାଇଁ ଶବର ରାଜା ବିଶ୍ୱାବସୁ ସମ୍ମତି ପ୍ରଦାନ କଲେ । ଶବର ରାଜା ବିଦ୍ୟାପତିଙ୍କୁ ସଙ୍ଗରେ ନେଇ ଅତ୍ୟନ୍ତ ସଂକୀର୍ଣ୍ଣ, ପ୍ରସ୍ତର, କଣ୍ଟକାବୃତ, ଦୁର୍ଗମ ଓ ଅନ୍ଧକାରମୟ ମାର୍ଗରେ ଗମନ କଲେ । କିଛି ସମୟ ପରେ ସେମାନେ ରୋହିଣୀ କୁଣ୍ଡ ନିକଟରେ ଉପସ୍ଥିତ ହେଲେ । ଏ କୁଣ୍ଡର ମାହାତ୍ମ୍ୟ ବିଦ୍ୟାପତି ବିଶ୍ୱାବସୁଙ୍କ ଠାରୁ ମନଧ୍ୟାନ ଦେଇ ଶୁଣିଲେ । ଏହାପରେ, ଏହାର ପୂର୍ବରେ ଥିବା ଅକ୍ଷୟବଟ ବା କଳ୍ପବଟ ଦର୍ଶନ କରିବାର ସୌଭାଗ୍ୟ ବିଦ୍ୟାପତିଙ୍କୁ ମିଳିଲା । ଏହି ଦୁଇଟି ଅନୁଷ୍ଠାନ ମଧ୍ୟରେ ବେଦ ପ୍ରସିଦ୍ଧ ସାକ୍ଷାତ୍ ପରଂବ୍ରହ୍ମ ବିଷ୍ଣୁ ବିରାଜମାନ କରୁଅଛନ୍ତି ବୋଲି ଶ୍ରବଣ କରି ବିଦ୍ୟାପତିଙ୍କର ରୋମାଞ୍ଚ ଜାତ ହେଲା । ନୀଳମାଧବଙ୍କୁ ଦର୍ଶନ କଲେ ସମସ୍ତ ପାପ, ତାପ, ଦୁଃଖ, କ୍ଲେଶ ମୋଚନ ହୁଏ ଏବଂ ମୁକ୍ତି ଲାଭ ହୋଇଥାଏ ବୋଲି ଶବର ରାଜା ବିଶ୍ୱାବସୁ ଭକ୍ତି ଗଦ୍ ଗଦ୍ କଣ୍ଠରେ କହିବାକୁ

ଲାଗିଲେ । ପରିଶେଷରେ ବ୍ରାହ୍ମଣ ବିଦ୍ୟାପତି ସାକ୍ଷାତ୍ ନାରାୟଣଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲେ । ସେ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ଭଗବାନଙ୍କୁ ସ୍ତବ କରିବାକୁ ଲାଗିଲେ । ଯଥା,

ନମସ୍ତେ ଦେବଦେବାୟ ତ୍ରୟୀରୂପାୟ ତେ ନମଃ ।
ଚନ୍ଦ୍ରସୂର୍ଯ୍ୟାଦିରୂପେଣ ଜଗତ୍ ଭାସୟତେ ସଦା ।। (୧)

ଅର୍ଥାତ୍, ହେ ପ୍ରଭୁ ! ଆପଣ ଦେବତାମାନଙ୍କର ଦେବତା, ବେଦତ୍ରୟ ଆପଣଙ୍କ ରୂପ ଓ ଆପଣ ଚନ୍ଦ୍ର ସୂର୍ଯ୍ୟାଦି ଜ୍ୟୋତିଷ୍କ ରୂପରେ ସର୍ବଦା ଜଗତ ଆଲୋକିତ କରନ୍ତି । ଆପଣଙ୍କୁ ନମସ୍କାର । ପୁନଶ୍ଚ,

ନମସ୍ତେ କମଳାକାନ୍ତ ନମସ୍ତେ କମଳାନନ ।
ନମଃ କମଳ ପତ୍ରାକ୍ଷ ତ୍ରାହିମାଂ ପୁରୁଷୋତ୍ତମ ।। (୨)

ଅର୍ଥାତ୍, ହେ କମଳାକାନ୍ତ ! ହେ କମଳଲୋଚନ ! ହେ ପଦ୍ମପଲାଶଲୋଚନ ! ହେ ପୁରୁଷୋତ୍ତମ ! ଆପଣଙ୍କୁ ପୁନଃ ପୁନଃ ପ୍ରଣାମ କରୁଅଛି । ମୋତେ ତ୍ରାହି କରନ୍ତୁ । ଭାବ ବିହ୍ୱଳ ହୋଇ ବିଦ୍ୟାପତି କହିବାକୁ ଲାଗିଲେ ଯେ ସେ ଅସାର ସଂସାରରେ ପରିଭ୍ରମଣ କରି କରି ରୋଗ ଶୋକ ଦ୍ୱାରା ଅତିଶୟ ପୀଡ଼ିତ ହୋଇଅଛନ୍ତି । ବର୍ତ୍ତମାନ ଶ୍ରୀ ଚରଣାରବିନ୍ଦରେ ସେ ଶରଣାପନ୍ନ । କୃପାପୂର୍ବକ ତାଙ୍କୁ ସଂସାରରୂପ କ୍ଳେଶରୁ ଉଦ୍ଧାର କରନ୍ତୁ । ଏପରି ସ୍ତବ କରି ବିଦ୍ୟାପତି ପ୍ରଣବମନ୍ତ୍ର ଜପ କରିବାରେ ଲାଗିଲେ । ସେ କୃତାର୍ଥ ହୋଇ ପରମଶାନ୍ତି ଲାଭ କଲେ ବୋଲି ଉପଲବ୍ଧି କରିବା ପରେ ଶବରରାଜା ପ୍ରତ୍ୟାବର୍ତ୍ତନ କରିବାକୁ ବିଦ୍ୟାପତିଙ୍କୁ ଅନୁରୋଧ କଲେ । ସେମାନେ ସେ ଦୁର୍ଗମ ପଥ ଅତିକ୍ରମ କରିବାକୁ ଲାଗିଲେ ସୁଦ୍ଧା ବିଦ୍ୟାପତି ଭଗବାନଙ୍କୁ ଧ୍ୟାନ କରିବାରେ ଏତେ ମଗ୍ନ ହୋଇଯାଇଥିଲେ ଯେ ସେ କ୍ଷୁଧା, ତୃଷା ଓ ଶ୍ରମ ଜନିତ କଷ୍ଟ ଅନୁଭବ କରି ପାରିଲେ ନାହିଁ ।

ଶବର ରାଜା ନିଜ ବାସ ଗୃହରେ ବିଦ୍ୟାପତିଙ୍କୁ ଯେଉଁ ଖାଦ୍ୟ ପଦାର୍ଥ ଭୋଜନ ପାଇଁ ପ୍ରଦାନ କଲେ, ସେ ସବୁ ଦେଖି ବ୍ରାହ୍ମଣ ବିସ୍ମିତ ହୋଇ ପ୍ରଶ୍ନ କଲେ ଏ ରାଜଯୋଗ୍ୟ ଖାଦ୍ୟ କେଉଁଠାରୁ ଆସିଲା । ବିଶ୍ୱାବସୁ ଉତ୍ତର ଦେଲେ ଯେ

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୮ମ ଅଧ୍ୟାୟ - ୨୫ ଶ୍ଳୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୮ମ ଅଧ୍ୟାୟ - ୩୦ ଶ୍ଳୋକ

ଜଗତ୍‌ପତିଙ୍କ ପୂଜା ପାଇଁ ପ୍ରତ୍ୟହ ଇନ୍ଦ୍ରାଦି ଦେବଗଣ ଦିବ୍ୟବସ୍ତୁ ସହ ଏ ସ୍ଥାନକୁ ଆଗମନ କରନ୍ତି । ସେମାନେ ପୂଜାର୍ଚ୍ଚନା କରି ପ୍ରତ୍ୟାବର୍ତ୍ତନ କରନ୍ତି । ମହାପ୍ରଭୁଙ୍କ ସେହି ଦିବ୍ୟ ନିର୍ମାଲ୍ୟ ବସ୍ତୁ ଆପଣଙ୍କୁ ପ୍ରଦାନ କରାଯାଇଅଛି । ବିଶ୍ୱାବସୁ ପୁନଶ୍ଚ କହିବାକୁ ଲାଗିଲେ ଯେ ସେ ନିଜେ ଏ ନିର୍ମାଲ୍ୟ ସେବନ କରି ରୋଗ ଓ ବୃଦ୍ଧାବସ୍ଥା ଦୂରୀକରଣ ପୂର୍ବକ ପରିବାର ସହ ଦଶ ସହସ୍ର ବର୍ଷ ହେଲା ସୁଖରେ କାଳାତିପାତ କରି ଆସୁଅଛନ୍ତି । ଶ୍ରୀ ବିଦ୍ୟାପତି ଚିନ୍ତା କରିବାକୁ ଲାଗିଲେ ଯେ ଏହି ନୀଳ ପର୍ବତବାସୀ ଶବର ରାଜା ବିଶ୍ୱାବସୁ ଯେପରି ପରମ ବିଷ୍ଣୁ ଭକ୍ତ ତାଙ୍କ ତୁଲ୍ୟ ପୁଣ୍ୟାତ୍ମା ଜଗତରେ ବିରଳ । ବିଶ୍ୱାବସୁଙ୍କ ଉଦ୍ଦେଶ୍ୟରେ ତାଙ୍କ ଶିର ନତ ହେବାକୁ ଲାଗିଲା । ଶବରରାଜାଙ୍କ ସହିତ ସେ ମିତ୍ର ହେବା ପାଇଁ ଇଚ୍ଛା ପ୍ରକାଶ କଲେ । ଗୃହ ତ୍ୟାଗ କରି ବିଶ୍ୱାବସୁଙ୍କ ସହିତ ଏଠାରେ ନିବାସ କଲେ ପ୍ରତ୍ୟହ ମଧୁସୂଦନଙ୍କ ଦର୍ଶନ ଲାଭ କରିବେ ଏବଂ ନିର୍ମାଲ୍ୟ ସେବନ କରି ସଂସାର ସାଗରରୁ ନିଶ୍ଚିତ ଉଦ୍ଧାର ପାଇବେ । ମାତ୍ର ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା ତାଙ୍କର ମନେ ପଡ଼ିବାରୁ ତାଙ୍କର ମନରେ ପରିବର୍ତ୍ତନ ଆସିଲା । ସେ ଭଗବାନଙ୍କ ସମ୍ପର୍କରେ ସମ୍ବାଦ ଦେବା ପାଇଁ ରାଜାଙ୍କ ନିକଟରେ ପ୍ରତିଜ୍ଞାବଦ୍ଧ । ତେଣୁ ତାଙ୍କୁ ପ୍ରତ୍ୟାଗମନ କରିବାକୁ ହିଁ ପଡ଼ିବ, ଏହା ନିଶ୍ଚିତ । ତେଣୁ ଶବର ରାଜାଙ୍କ ଠାରୁ ଅନୁମତି ନେଇ ବ୍ରାହ୍ମଣ ବିଦ୍ୟାପତି ଅବନ୍ତୀ ଅଭିମୁଖେ ପ୍ରସ୍ଥାନ କଲେ । ପ୍ରସ୍ଥାନ ପୂର୍ବରୁ ଶ୍ରୀପୁରୁଷୋତ୍ତମ ଧାମରେ ପରିଭ୍ରମଣ କରି, ନୀଳମାଧବଙ୍କ ଉଦ୍ଦେଶ୍ୟରେ ବାରମ୍ବାର ପ୍ରଣାମ କରି ସେ ରଥରେ ଉପବେଶନ କଲେ । ସଙ୍ଗରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଇଁ ସେ ନେଇ ଯାଇଥିଲେ ଭଗବାନଙ୍କ ଶ୍ରୀଅଙ୍ଗ ଶୋଭିତ ମାଳ ।

ଶ୍ରୀ ବିଦ୍ୟାପତି ଅବନ୍ତୀରେ ପହଞ୍ଚିବା ଖବର ମିଳିଲା ପରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କୁ ସାଦର ଅଭ୍ୟର୍ଥନା କଲେ ଓ ଭଗବାନଙ୍କ ଶ୍ରୀଅଙ୍ଗ ଲାଗିମାଳକୁ ବାରମ୍ବାର ପ୍ରଣାମ କଲେ । ସେ ଉପଲବ୍ଧି କଲେ ଯେ ଏ ମାଳାର ଅନିର୍ବଚନୀୟ ଅନୁପମ ସୌରଭ, ସତେଜତା ନିକଟରେ କଳ୍ପ ପାଦପର କୁସୁମ ଅତି ତୁଚ୍ଛ । ବିଦ୍ୟାପତି ସେ ଦୁର୍ଲଭ ମାଳାକୁ ମହାରାଜାଙ୍କ ଗଳାରେ ପିନ୍ଧାଇ ଦେବାରୁ ସେ ନିଜକୁ ଧନ୍ୟ ମନେ କଲେ । ବିଦ୍ୟାପତି ମହାପ୍ରଭୁ ନୀଳମାଧବଙ୍କୁ ଦର୍ଶନ କରିବା ପୂର୍ବରୁ ଯାହା ଯାହା ଦେଖିଥିଲେ ବିଶଦ ଭାବରେ ସେ ସବୁ ବର୍ଣ୍ଣନା କଲେ । ନୀଳମାଧବଙ୍କ ଦର୍ଶନ ସେ କିପରି ଲାଭ କଲେ ଏବଂ ମହାପ୍ରଭୁଙ୍କ ସ୍ୱରୂପ କ'ଣ, ଏ ସମସ୍ତ ବିଷୟ ପରମ ଆନନ୍ଦରେ ଜଣାଇଲେ । ଜଗଦ୍‌ପତିଙ୍କର ଅତ୍ୟାଶ୍ଚର୍ଯ୍ୟ ଦିବ୍ୟ ମୂର୍ତ୍ତି ଦର୍ଶନରେ ମୁକ୍ତି ମିଳିଥାଏ, ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଭାବ ବିହ୍ୱଳ ଭାବରେ

ସେ କହିବାକୁ ଲାଗିଲେ । ଏ ଦିବ୍ୟ ମୂର୍ତ୍ତି ନୀଳେନ୍ଦ୍ର ମଣି ଦ୍ୱାରା ନିର୍ମିତ ଓ ବ୍ରହ୍ମା, ରୁଦ୍ର ଏବଂ ଇନ୍ଦ୍ରାଦି ଦେବଙ୍କ ଦ୍ୱାରା ପୂଜିତ । ଏ ସ୍ୱର୍ଗୀୟ ଶ୍ରୀଅଙ୍ଗଲାଗି ମାଳା ଦେବଗଣଙ୍କ ଦ୍ୱାରା ଭଗବାନଙ୍କୁ ପ୍ରଦତ୍ତ କରାଯାଇଥିଲା । ଏତେ ଦିନ ବିତିଯାଇଥିଲେ ସୁଦ୍ଧା ଏହା ମ୍ଳାନ ହୋଇନାହିଁ କି ଏହାର ସୌରଭ ନଷ୍ଟ ହୋଇନାହିଁ । ବିଦ୍ୟାପତି ନିଜେ ନିର୍ମାଲ୍ୟ ସେବନ କରିବାର ସୌଭାଗ୍ୟ ଲାଭ କରିଥିବାରୁ ତାଙ୍କର ଶକ୍ତିକ୍ଷୟ ହୋଇନାହିଁ କି କ୍ଷୁଧା ପିପାସା ଦ୍ୱାରା ସେ ଆକ୍ରାନ୍ତ ହୋଇ ନାହାନ୍ତି । ଏ ନିର୍ମାଲ୍ୟ ଦୁଃଖ, କ୍ଲେଶ ବିନାଶକ, ସୌଭାଗ୍ୟ ଦାୟକ ତଥା ମୋକ୍ଷ ପ୍ରଦାନକାରୀ । ଶ୍ରୀ ନୀଳମାଧବ ମହାପ୍ରଭୁଙ୍କ ରୂପସୌନ୍ଦର୍ଯ୍ୟ, ଗୁଣ, ମହିମା ଆଦି ବିଶଦ ଭାବରେ ବର୍ଣ୍ଣନା କରୁଥିବା ସମୟରେ ଦେବର୍ଷି ନାରଦ ସେ ସ୍ଥାନରେ ଆସି ପହଞ୍ଚିଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ନାରଦ ମହାମୁନିଙ୍କୁ ପାଦ୍ୟ, ଅର୍ଘ୍ୟ ଦେଇ ସତ୍କାର କରିବାକୁ ଲାଗିଲେ । ଦେବର୍ଷି ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ତାଙ୍କର ଅତୁଳନୀୟ ବିଷ୍ଣୁ ଭକ୍ତି ପାଇଁ ତାଙ୍କୁ ଭୂରି ଭୂରି ପ୍ରଶଂସା କଲେ ଏବଂ ବିଷ୍ଣୁ ଭକ୍ତିର ମହିମାଗାନ କରିବାକୁ ଲାଗିଲେ । ଅବିଦ୍ୟା, ଅଜ୍ଞାନର ଉଚ୍ଛେଦ ପାଇଁ ବିଷ୍ଣୁଭକ୍ତି ଉଦ୍ଦିଷ୍ଟ । ବିଷ୍ଣୁ ଭକ୍ତିର ମହିମା ଅନିର୍ବଚନୀୟ ତଥା ଅତୁଳନୀୟ । ଇନ୍ଦ୍ରଦ୍ୟୁମ୍ନଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦେବର୍ଷି ନାରଦ ବିଷ୍ଣୁ ଭକ୍ତିର ଲକ୍ଷଣ ପ୍ରକାଶ କଲେ । ଭକ୍ତିକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମତଃ ଯେଉଁମାନେ କାମ ଓ କ୍ରୋଧାଦିର ବଶୀଭୂତ, ଦୋଷଯୁକ୍ତ ପଦାର୍ଥକୁ ଗ୍ରହଣ କରନ୍ତି ଓ ଲାଭ ଉଦ୍ଦେଶ୍ୟରେ ଭକ୍ତି କରିଥାନ୍ତି, ଏ ପ୍ରକାର ଭକ୍ତିକୁ ତାମସ ଭକ୍ତି କୁହାଯାଏ । ଦ୍ୱିତୀୟତଃ, ଯଶ ଲାଭ ପାଇଁ ବା ପରଲୋକ ମଙ୍ଗଳ ପାଇଁ ଯେଉଁ ଭକ୍ତି କରାଯାଏ, ତାହାକୁ ରାଜସ ଭକ୍ତି କୁହାଯାଏ । ତୃତୀୟତଃ, ବ୍ରହ୍ମ ହିଁ ଅକ୍ଷର ଓ ସମସ୍ତ ଜଗତ କ୍ଷର ବୋଲି ବିବେଚନା କରି ଯେଉଁମାନେ ଆତ୍ମଜ୍ଞାନ ନିମିତ୍ତ ଭକ୍ତି କରନ୍ତି, ତାହାକୁ ସାତ୍ତ୍ୱିକ ଭକ୍ତି କୁହାଯାଏ । ଚତୁର୍ଥରେ, ଏହି ଜଗତ ହିଁ ଜଗନ୍ନାଥ, ମୁଁ ତାଙ୍କ ଠାରୁ ଭିନ୍ନ ନୁହେଁ, ସେ ମଧ୍ୟ ମୋ ଠାରୁ ଭିନ୍ନ ନୁହଁନ୍ତି ଏବଂ ଅନାବିଳ ପ୍ରେମ ପାଇଁ ଯେଉଁ ଭକ୍ତି କରାଯାଏ, ତାକୁ ଦୁର୍ଲଭ ଭକ୍ତି କୁହାଯାଏ । ସାତ୍ତ୍ୱିକୀ ଭକ୍ତିରେ ବ୍ରହ୍ମ ଲୋକ, ରାଜସୀ ଭକ୍ତିରେ ଇନ୍ଦ୍ରଲୋକ, ଓ ତାମସୀ ଭକ୍ତିରେ ପିତୃଲୋକ ପ୍ରାପ୍ତି ହୋଇଥାଏ । ଦୁର୍ଲଭ ଭକ୍ତି ଯୋଗୁ ପରମ ଧାମ ପ୍ରାପ୍ତି ହୋଇଥାଏ । ପରମ ଧାମ ପ୍ରାପ୍ତି ହେଲେ ପୁନର୍ଜନ୍ମର ଅବକାଶ ରହେ ନାହିଁ । ଭକ୍ତିହୀନ ବ୍ୟକ୍ତି ଶାସ୍ତ୍ର ବିଶାରଦ, ଉଚ୍ଚଜାତି ସମ୍ପନ୍ନ ଓ ଧାର୍ମିକ ହୋଇଥିଲେ ମଧ୍ୟ ପ୍ରଶଂସନୀୟ ହୋଇ ନଥାଏ । ଭଗବାନଙ୍କ ଉପାସନା କରିବା ଓ ତାଙ୍କ ନିକଟରେ ଅଚଳା, ତଥା ଅବ୍ୟଭିଚାରିଣୀ ଭକ୍ତି ଓ ଅତୁଟ ବିଶ୍ୱାସ ରଖିପାରିଲେ,

ଜଣେ ଶ୍ରେଷ୍ଠ ଭକ୍ତ ବୋଲି ବିବେଚିତ ହୋଇଥାଏ । ବିଷ୍ଣୁ ଭକ୍ତଙ୍କୁ ସେବା କଲେ ବିଷ୍ଣୁଙ୍କୁ ସେବା କରିବା ସଙ୍ଗେ ସମାନ ବୋଲି ବିବେଚନା କରାଯାଏ । ବିଷ୍ଣୁ ଭକ୍ତଙ୍କ ଲକ୍ଷଣମାନ ମଧ୍ୟ ପ୍ରଣିଧାନଯୋଗ୍ୟ । ବିଷ୍ଣୁ ଭକ୍ତଙ୍କ ଚିତ୍ତ ପ୍ରଶାନ୍ତ ଓ ଇନ୍ଦ୍ରିୟଗଣ ବଶୀଭୂତ । ସେମାନେ ଅନ୍ୟର ଅନିଷ୍ଟ ସାଧନ କରନ୍ତି ନାହିଁ ଓ ସେମାନଙ୍କ ଅନ୍ତଃକରଣ କରୁଣା ରସରେ ଆର୍ଦ୍ର ହୋଇଥାଏ । କୌଣସି ହିଂସା କାର୍ଯ୍ୟରେ ସେମାନେ ଲିପ୍ତ ନୁହଁନ୍ତି । ସେମାନେ ସଦାଚାରୀ ଓ ନିର୍ମଳ । ଅନ୍ୟର ଉନ୍ନତିରେ ସେମାନେ ଉଲ୍ଲସିତ । ସେମାନେ ମାତ୍ସର୍ଯ୍ୟଶୂନ୍ୟ ହୋଇ ଭୂତ ପଦାର୍ଥରେ ବାସୁଦେବଙ୍କ ସ୍ୱରୂପ ଦର୍ଶନ କରନ୍ତି । ଦୀନଜନଙ୍କ ପ୍ରତି ସେମାନେ ସଦୟ ଓ ଅନ୍ୟର ହିତାକାଂକ୍ଷୀ, ଦେବତା ଆରାଧନା, ଯଥା ଶକ୍ତି ଦାନ, ଶୁଦ୍ଧି, ଶୁଚି ଇତ୍ୟାଦି ସେମାନଙ୍କ ନିକଟରେ ପରିଲକ୍ଷିତ ହୁଏ । ସମଗ୍ର ଜଗତକୁ ବିଷ୍ଣୁ ସ୍ୱରୂପରେ ସେମାନେ ଦର୍ଶନ କରନ୍ତି । ସେମାନଙ୍କ ମତରେ ଭଗବାନ ହେଉଛନ୍ତି ସେବ୍ୟ, ଅନ୍ୟମାନେ ସେବକ । ଯେଉଁମାନେ ଏକାଗ୍ରମନା ହୋଇ ଭଗବାନଙ୍କ ଠାରେ ଚିତ୍ତ ସମର୍ପଣ କରିଥାନ୍ତି, ଶରଣାପନ୍ନ ହୋଇଥାନ୍ତି ବା ଆତ୍ମ ନିବେଦନ କରିଥାନ୍ତି, ଗୁଣଜ୍ଞ ବ୍ୟକ୍ତିଙ୍କୁ ସମାଦର କରନ୍ତି, ଅନ୍ୟର ମର୍ମ କଥାକୁ ଗୋପନ ରଖନ୍ତି, ସମସ୍ତଙ୍କୁ ପ୍ରିୟ କଥା କହନ୍ତି, ସେମାନଙ୍କୁ ବୈଷ୍ଣବ ବୋଲି କୁହାଯାଏ । ସେମାନଙ୍କ ନିକଟରେ ଶତ୍ରୁ ମିତ୍ର, ସୁଖ ଦୁଃଖ, ହାନିଲାଭ, ନିନ୍ଦାସ୍ତବ ରୂପକ ଦ୍ୱନ୍ଦ୍ୱ ରହିନଥାଏ । ପରଶ୍ରୀ କାତରତା ସେମାନଙ୍କୁ ସ୍ପର୍ଶ କରିନଥାଏ । ଯେଉଁମାନେ ଭଗବାନଙ୍କ ଶରଣାଗତ, ସେମାନେ କେବେ ହେଲେ ଧନଲାଭ ପାଇଁ ପ୍ରାର୍ଥନା କରନ୍ତି ନାହିଁ । ସେମାନେ ଅକ୍ରୋଧ, ବୈରାଗ୍ୟଭାବ ସମ୍ପନ୍ନ, ଜିତେନ୍ଦ୍ରିୟ, କ୍ଷମାଗୁଣ- ସମ୍ପନ୍ନ, ଦୟାଗୁଣସମ୍ପନ୍ନ, ସର୍ବଜନ ପ୍ରିୟ, ଦାନୀ, ନିର୍ଲୋଭ, ଭୟହୀନ ତଥା ଶୋକହୀନ । ଏ ସମସ୍ତ ଗୁଣର ଅଧିକାରୀ ହେଲେ ଜଣଙ୍କୁ ବୈଷ୍ଣବ ବୋଲି କୁହାଯାଏ । ଯେଉଁମାନେ ଅବୈଷ୍ଣବ, ସେମାନେ ଅନ୍ୟ ବ୍ୟକ୍ତିର ଉତ୍ତମ ଚରିତ୍ରରେ ଦୋଷାରୋପଣ କରିଥାନ୍ତି, କିନ୍ତୁ ନିଜେ ଚରିତ୍ରହୀନ ଭାବରେ ଜୀବନ ଯାପନ କରୁଥାନ୍ତି ।

ଏହି ପରିପ୍ରେକ୍ଷୀରେ ପାପ କ'ଣ, ପୁଣ୍ୟ କ'ଣ ଏହାର ସମାନ୍ୟ ସୂଚନା ଦିଆଯାଉ । ମହର୍ଷି ବ୍ୟାସଦେବ ଅଷ୍ଟାଦଶ ମହାପୁରାଣର ରଚୟିତା । ଏହି ଅଷ୍ଟାଦଶ ମହାପୁରାଣର ସାର ହେଲା ଦୁଇଟି କଥା । ଯଥା,

ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନଂ ଦ୍ୱୟମ୍ ।
ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍ ।।

ପରୋପକାର ହେଉଛି ପୁଣ୍ୟ ଏବଂ ପରପୀଡ଼ନ ହେଉଛି ପାପ । ଅନ୍ୟ ମନରେ କି ଶରୀରରେ ପୀଡ଼ା ଦେବା ହେଉଛି ପାପକାର୍ଯ୍ୟ । ଅନ୍ୟର ଉପକାର କରିବା ବୈଷ୍ଣବ ଧର୍ମ । ଯଦି ଜଣେ ଅନ୍ୟର ଉପକାର କରି ପାରୁ ନାହିଁ ତେବେ କାହାର ଅପକାର କରିବା ଠିକ୍ ନୁହେଁ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ସମସ୍ତ ବୈଷ୍ଣବ ଲକ୍ଷଣର ଅଧିକାରୀ । ତାଙ୍କ ପରି ବିଷ୍ଣୁଭକ୍ତ ସଂସାରରେ ଦୁର୍ଲଭ ।

卐

ତୃତୀୟ ଅଧ୍ୟାୟ

ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଶୁଭ ଅଭିଯାନ

ଜ୍ୟେଷ୍ଠମାସ ଶୁକ୍ଳ ପଞ୍ଚମୀ ତିଥି ଶୁକ୍ରବାର ପୁଷ୍ୟା ନକ୍ଷତ୍ର ଶୁଭଲଗ୍ନ ଯୋଗରେ ପୁଣ୍ୟାତ୍ମା ଇନ୍ଦ୍ରଦ୍ୟୁମ୍ନ ମହାରାଜା ଓ ଦେବର୍ଷି ନାରଦ ଏକତ୍ର ଶୟନ ପୂର୍ବକ ରାତ୍ରିଯାପନ କଲେ । ପରଦିନ ପ୍ରାତଃ କାଳରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଦେବର୍ଷି ନାରଦଙ୍କୁ ଅଗ୍ରଭାଗରେ ରଖି ପାତ୍ର, ମନ୍ତ୍ରୀ, ପଣ୍ଡିତ ଓ ପ୍ରଜାକୁଳଙ୍କ ସହ ଶୁଭ ଯାତ୍ରା ଆରମ୍ଭ କଲେ । ଯାତ୍ରାକାଳରେ ମହାରାଜା ବ୍ରାହ୍ମଣମାନଙ୍କୁ ସାକ୍ଷାତ ଈଶ୍ୱରଙ୍କ ଜ୍ଞାନରେ ପୂଜାର୍ଚ୍ଚନା କରି ବସ୍ତ୍ର ଅଳଙ୍କାର ମାନ ଦାନ କଲେ । ବହୁବିଧ ମାଙ୍ଗଳିକ ଦ୍ରବ୍ୟ ଦର୍ଶନ କରି ମଙ୍ଗଳ ଗୀତ ଓ ଜୟକାର ଶବ୍ଦ ଶ୍ରବଣ ପୂର୍ବକ ଶ୍ରୀ ନୃସିଂହ ଦେବ ଓ ଦେବୀ ଦୁର୍ଗାଙ୍କୁ ଦର୍ଶନ କରିଥିଲେ । ଉକ୍ତ ଦେବଦେବୀଙ୍କୁ ଶିବିକାରେ ଆରୋହଣ କରାଇ ସେମାନଙ୍କୁ ଅଗ୍ରଭାଗରେ ରଖି ମହାରାଜା ଦେବର୍ଷିଙ୍କ ସହ ରଥରେ ଯାତ୍ରା କରିବାକୁ ଲାଗିଲେ । ବହୁ ଦୁର୍ଗମ ପଥ ଘଞ୍ଚ ଜଙ୍ଗଲ ଅତିକ୍ରମ କରି ସେମାନେ ଉଡ୍ରଦେଶ (ଉତ୍କଳ) ସୀମାରେ ଉପସ୍ଥିତ ହେଲେ । ଉତ୍କଳ ଦେଶାଧିପତି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଦର ଅଭ୍ୟର୍ଥନା କଲେ ଏବଂ ତା ପରଦିନ ସେ ନିଜେ ଆଗେ ଆଗେ ପଥ ପ୍ରଦର୍ଶନ କରାଇ ଯାତ୍ରା କରିବାକୁ ଲାଗିଲେ । ସେମାନେ ଏକାମ୍ର କାନନ (ଭୁବନେଶ୍ୱର) କ୍ଷେତ୍ର ମଧ୍ୟରେ ପ୍ରବେଶ କଲେ । ଦେବର୍ଷି ନାରଦ ପବିତ୍ର ଏକାମ୍ର କାନନ ସମ୍ବନ୍ଧରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ବିଶଦ ବିବରଣୀ ଦେଲେ । ପୂର୍ବକାଳରେ ଭଗବାନ ଶିବ ଦେବୀ ଗୌରୀଙ୍କ ସହ ହିମଗିରି ଶିଖରରେ ଅବସ୍ଥାନ କରୁଥାନ୍ତି । ହିମାଳୟ ପତ୍ନୀ ତାଙ୍କ କନ୍ୟାଙ୍କୁ କହିଲେ ଯେ ସେ ଉତ୍ତମ ପତି ଲାଭ କରିବା ଉଦ୍ଦେଶ୍ୟରେ ଘୋର ତପସ୍ୟା କରି ଏକ ଧନହୀନ, କୁଳହୀନ ତଥା ବୃଦ୍ଧଙ୍କୁ ସ୍ୱାମୀ ହିସାବରେ ପାଇଲେ । ଜାମାତା ଶିବ ଚିରକାଳ ଶ୍ୱଶୁର ଗୃହରେ ବାସ କରିବା ବିଷୟ ଶୋଭନୀୟ ନୁହେଁ । କନ୍ୟାର ବିବାହ ପରେ ସେ ପିତାଙ୍କ ଗୃହରୁ ଭର୍ତ୍ତାଙ୍କ ଭବନକୁ ଯିବା ବିଧି । ମାତାଙ୍କର ଏକଥା ଶ୍ରବଣ କରି ସ୍ୱାମୀଙ୍କ ନିନ୍ଦାରେ ଦୁଃଖିତା ଓ କୋପ କମ୍ପିତା ହୋଇ ଦେବୀ ଶିବଙ୍କ ନିକଟକୁ ଯାଇ ସେ କାହିଁକି ଶ୍ୱଶୁରାଳୟରେ ଅବସ୍ଥାନ କରୁଛନ୍ତି ବୋଲି ପ୍ରଶ୍ନ କଲେ ? ଦେବ ଦେବ ମହାଦେବଙ୍କ ପାଇଁ ବାସ ଯୋଗ୍ୟ ଭୂମିର କ'ଣ ଅଭାବ ଅଛି ବୋଲି ଦେବୀ ନିଃସଙ୍କୋଚରେ ପ୍ରକାଶ କଲେ । ଏକଥା

ଶୁଣି ଭଗବାନ ବୃଷଧ୍ୱଜ ଦେବୀଙ୍କୁ ସଙ୍ଗରେ ନେଇ ବୃଷାରୁଢ଼ ହୋଇ ଗଙ୍ଗାନଦୀର ଉତ୍ତର ତଟରେ ବାରାଣସୀ ନାମକ ଏକ ପୁରୀ ନିର୍ମାଣ କରାଇ ଦେବୀଙ୍କ ସହ ବସବାସ କରିବାକୁ ଲାଗିଲେ । ଏହି ପୁରୀଟି ପଞ୍ଚକ୍ରୋଶ ପରିମିତ ଏବଂ ଅତ୍ୟନ୍ତ ରମଣୀୟ । ଉତ୍ତମ ପ୍ରାସାଦ, ଅଟ୍ଟାଳିକା, ଅସଂଖ୍ୟ ଉପବନ, ବହୁ ତୀର୍ଥ ତଥା ମାନବ ସମାଜ ଦ୍ୱାରା ପରିପୂର୍ଣ୍ଣ ହୋଇ ଏହାର ଶୋଭା ବୃଦ୍ଧି ପାଇବାରେ ଲାଗିଲା । ଏ ଧାମ ବିଶ୍ୱକର୍ମାଙ୍କ ଦ୍ୱାରା ରଚିତ ଓ ଏହାକୁ ଗଙ୍ଗାଜଳ ଧୌତ କରେ । ମହାଦେବଙ୍କର ଏହା ହେଲା ପ୍ରିୟ ଧାମ । ଏହା ପୂର୍ବରୁ କାଶୀରାଜ ନାମକ ଏକ ରାଜା ସେଠାରେ ବାସ କରୁଥିଲେ । ସେ ଘୋର ତପସ୍ୟା କରି ଆଶୁତୋଷ ଶିବଙ୍କୁ ସନ୍ତୁଷ୍ଟ କଲେ ଏବଂ ଜରାସନ୍ଧ ପ୍ରଭୃତିଙ୍କୁ ପରାଭବ ଦେଇଥିବା ନାରାୟଣଙ୍କୁ ଯେପରି ଜୟ କରିପାରିବେ ଏହି ପ୍ରକାର ବର ପ୍ରାର୍ଥନା କରିଥିଲେ । ଭଗବାନ ଶିବ ତଥାସ୍ତୁ କହିବା ସହିତ ସେ ନିଜେ ମଧ ବୃଷାରୁଢ଼ ହୋଇ ପ୍ରମଥଗଣଙ୍କ ସହ ନାରାୟଣଙ୍କ ବିପକ୍ଷରେ ଯୁଦ୍ଧ କରିବେ ବୋଲି ପ୍ରତିଶ୍ରୁତି ଦେଲେ । ଏପରି ବର ଲାଭ କରି ଅତ୍ୟନ୍ତ ପ୍ରମତ୍ତ ହୋଇ କାଶୀରାଜ ଶ୍ରୀହରିଙ୍କୁ ଯୁଦ୍ଧ ପାଇଁ ଆହ୍ୱାନ କଲେ । ପରମବ୍ରହ୍ମ ବିଷ୍ଣୁ ସହସ୍ର ସୂର୍ଯ୍ୟ ସଦୃଶ ତେଜ ପୁଞ୍ଜ ସୁଦର୍ଶନଙ୍କୁ ପ୍ରେରଣ କରି କାଶୀରାଜାଙ୍କ ମସ୍ତକ ଛେଦନ କଲେ ଏବଂ ତାଙ୍କର ପୁରୀକୁ ଦଗ୍ଧ କରିଦେଲେ । ସତ୍ୟସନ୍ଧ ଭଗବାନ ଶିବ ପ୍ରମଥମାନଙ୍କ ସହ ଧନୁର୍ବାଣ ଧରି ଯୁଦ୍ଧ କ୍ଷେତ୍ରକୁ ଗମନ କଲେ ଏବଂ ଘୋର ଯୁଦ୍ଧ ଆରମ୍ଭ କରିଦେଲେ । ମାତ୍ର ସୁଦର୍ଶନ ଚକ୍ର ଦ୍ୱାରା ପ୍ରମଥଗଣ ଦଗ୍ଧିଭୂତ ହେଲେ ଓ ଶିବଙ୍କ ପାଶୁପତ ଅସ୍ତ୍ର ମଧ୍ୟ ଦଗ୍ଧିଭୂତ ହୋଇ ଅଙ୍ଗାର ସଦୃଶ ହୋଇଗଲା । ଶିବାସ୍ତ୍ର ଦଗ୍ଧିଭୂତ ହେବାର କାରଣ କ'ଣ, ଏ ପ୍ରଶ୍ନର ଉତ୍ତରରେ କୁହାଯାଇପାରେ ଯେ ପୂର୍ବେ ପରଂବ୍ରହ୍ମ ବିଷ୍ଣୁଙ୍କୁ ଭକ୍ତି କରି ଦେବ ଦେବ ମହାଦେବ ଏକ ବର ଲାଭ କରିଥିଲେ । ବିଷ୍ଣୁଙ୍କୁ ସ୍ମରଣ କଲେ ପାଶୁପତ ଅସ୍ତ୍ର ଉଚ୍ଚ ଶକ୍ତିରେ ପରିପୂର୍ଣ୍ଣ ହେବ ମାତ୍ର ଯଦି ମହାଦେବ ବିଷ୍ଣୁଙ୍କୁ ପ୍ରତିକୂଳ ଆଚରଣ ଦେଖାନ୍ତି ତେବେ ତାଙ୍କ ଅସ୍ତ୍ରର ତେଜ ରହିବ ନାହିଁ । ସେହି ଦୃଷ୍ଟିରୁ ଶିବାସ୍ତ୍ର ଅକାମୀ ହୋଇଗଲା । ଏହା ମହାଦେବଙ୍କୁ ଭୀତତ୍ରସ୍ତ କଲା । ସେ ପୁରୁଷୋତ୍ତମଙ୍କୁ ସ୍ତବ କରିବାକୁ ଲାଗିଲେ । ମହାଦେବ କହିଲେ,

ନାରାୟଣ ପରଂଧାମ ପରମାତ୍ମନ ପରାତ୍ପର ।
ସଚ୍ଚିଦାନନ୍ଦ ବିଭବ ନିରଞ୍ଜନ ନମୋଽସ୍ତୁତେ ।। (୧)

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୧୨ଶ ଅଧ୍ୟାୟ - ୫୩ ଶ୍ଲୋକ

ଅର୍ଥାତ୍, ହେ ନାରାୟଣ ! ଆପଣ ପରମ ଆଶ୍ରୟ, ପରମାତ୍ମା, ପରାତ୍ପର, ନିତ୍ୟ, ଜ୍ଞାନ ତଥା ଆନନ୍ଦ ସ୍ୱରୂପ ଏବଂ ନିରଞ୍ଜନ । ଆପଣଙ୍କୁ ନମସ୍କାର । ପରମାତ୍ମା ମଧ୍ୟ ଜଗତର କାରଣ ଓ ସୃଷ୍ଟି ସ୍ଥିତି ଓ ପ୍ରଳୟର ଆଦିକର୍ତ୍ତା । ସେ ଗୁରୁ ଓ ଲଘୁ ଅତ୍ୟନ୍ତ ସୂକ୍ଷ୍ମ ଓ ସ୍ଥୂଳ ହୋଇ ସୁଦ୍ଧା ସଦା ସର୍ବଦା ନିଶ୍ଚଳ । ମହାଦେବ ଏହିପରି ଭାବରେ ଶରଣାଗତ ହୋଇ ଅପରାଧ କ୍ଷମା ପାଇଁ ବିନୀତ ପ୍ରାର୍ଥନା କରିବାକୁ ଲାଗିଲେ । ଏ ପ୍ରକାର ସ୍ତବରେ ପ୍ରୀତ ହୋଇ ପରଂବ୍ରହ୍ମ ବିଷ୍ଣୁ ଆବିର୍ଭୂତ ହେଲେ ଓ ଭୟାତୁର ମହାଦେବଙ୍କୁ କହିଲେ ଯେ ସେ ଏ ପ୍ରକାର କାର୍ଯ୍ୟରେ ଲିପ୍ତ ହେବା ଠିକ୍ ହେଲା ନାହିଁ । ଯଦି ବାରାଣସୀକୁ ରକ୍ଷା କରିବା ତାଙ୍କର ଉଦ୍ଦେଶ୍ୟ ତେବେ ସେ ଗୌରୀ ଦେବୀଙ୍କ ସହିତ ପୁରୁଷୋତ୍ତମ କ୍ଷେତ୍ରକୁ ଯାତ୍ରା କରନ୍ତୁ । ଏ କ୍ଷେତ୍ର ସର୍ବଶ୍ରେଷ୍ଠ ଓ ମୁକ୍ତିପ୍ରଦ । ସେଠାରେ ସେମାନେ ଅବସ୍ଥାନ କରିବା ନିତାନ୍ତ ଆବଶ୍ୟକ । ମହାଦେବ ଶ୍ରୀବିଷ୍ଣୁଙ୍କ ଆଦେଶ ପରିପାଳନ କରିବାକୁ ତତ୍ପର ହେଲେ । ଏକାମ୍ରକାନନ ସ୍ଥିତ ବିନ୍ଦୁ ତୀର୍ଥରେ ସ୍ନାନ କରି କୋଟି ଲିଙ୍ଗେଶ୍ୱର ଶିବ ଓ ବିଷ୍ଣୁଙ୍କ ଅଭେଦ ଦର୍ଶନରେ ପରମ ପ୍ରୀତି ଲାଭ କଲେ । ଏହି ଏକାମ୍ର କାନନରେ ଦେବ ଦେବ ମହାଦେବ ଦର୍ଶନ ଦେଇ ରାଜାଙ୍କୁ ପୁରୁଷୋତ୍ତମ କ୍ଷେତ୍ରକୁ ଯିବାକୁ ପରାମର୍ଶ ଦେଲେ ଏବଂ ତାଙ୍କର ଅଭିଳାଷ ପୂର୍ଣ୍ଣ ହେବ ବୋଲି କହି ଅନ୍ତର୍ଦ୍ଧାନ ହେଲେ । ତତ୍ପରେ ଦେବର୍ଷି ନାରଦ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନ ରଥାରୂଢ଼ ହୋଇ ଯାତ୍ରା ଆରମ୍ଭ କଲେ ଓ ତା ପରଦିନ କପୋତେଶ୍ୱର ଶିବଙ୍କ ମନ୍ଦିର ନିକଟରେ ଉପସ୍ଥିତ ହେଲେ । ଏହା ଏକ ମନୋରମ ସ୍ଥାନ । ଏହାର ପୂର୍ବସୀମା ସମୁଦ୍ର ତଟରେ ବିଲ୍ୱେଶ୍ୱର ନାମକ ଶିବ ବିରାଜମାନ କରୁଥାନ୍ତି । ରାଜା ଇନ୍ଦ୍ରଦ୍ୟୁମ୍ନ କପୋତେଶ୍ୱର ଓ ବିଲ୍ୱେଶ୍ୱର ଶିବଙ୍କୁ ପୂଜାର୍ଚ୍ଚନା କରି ପରମ ସନ୍ତୋଷ ଲାଭ କଲେ । କପୋତେଶ୍ୱର ଓ ବିଲ୍ୱେଶ୍ୱରଙ୍କ ସମ୍ବନ୍ଧରେ ମହାମୁନି ଜୈମିନି ମୁନି ଋଷିମାନଙ୍କୁ ପୂର୍ବରୁ କହିଥିଲେ ଯେ ପୂର୍ବକାଳରେ ଏକ ସୁପ୍ରସିଦ୍ଧ କୁଶସ୍ଥଳୀ ଥିଲା । ଏହାର ଚତୁର୍ଦ୍ଦିଗ ଅତ୍ୟନ୍ତ ତୀକ୍ଷ୍ଣଧାର କୁଶାଗ୍ର ଓ କଣ୍ଟକ ଦ୍ୱାରା ପରିବେଷ୍ଟିତ ହୋଇଥିଲା । ଏଥିରେ ଜୀବଜନ୍ତୁ ବାସ କରୁନଥିଲେ । କୌଣସି ବୃକ୍ଷ କି ଜଳାଶ୍ରୟ ଏ କୁଶ ସ୍ଥଳୀରେ ଦୃଷ୍ଟି ଗୋଚର ହେଉନଥିଲା । ପିଶାଚଗଣ ଏହି ସ୍ଥଳୀରେ ପରିଭ୍ରମଣ କରୁଥିଲେ ।

ଏକ ସମୟରେ ଦେବ ଦେବ ମହାଦେବ ଏକାଗ୍ର ଚିତ୍ତରେ ଶ୍ରୀହରିଙ୍କ ସନ୍ତୋଷ ପାଇଁ ତପସ୍ୟା କରିବାକୁ ମନସ୍ଥ କଲେ ଓ ଏକ ନିର୍ଜନ ସ୍ଥାନର ଅନ୍ୱେଷଣରେ ଥିଲେ । ମହାଦେବ ଚିନ୍ତା କଲେ,

କିଂ ବା ଦେୟଂ ରମେଶାୟ
ସ୍ତୁତିଃ କା ଶାରଦାପତେଃ ।
ସର୍ବ ବ୍ରହ୍ମାଣ୍ଡନାଥସ୍ୟ
କିମନ୍ୟତ୍ତୁଷ୍ଟିକାରଣମ୍ ।। (୧)

ଅର୍ଥାତ୍, ଲକ୍ଷ୍ମୀକାନ୍ତ ଶ୍ରୀହରିଙ୍କୁ ଦେବା ପାଇଁ ବା କ'ଣ ଅଛି ? ସେ ସ୍ୱୟଂ ବାକ୍‌ପତି, ତାଙ୍କୁ କି ସ୍ତୁତି କରାଯିବ ? ସେ ସମଗ୍ର ବ୍ରହ୍ମାଣ୍ଡର ଈଶ୍ୱର, ତାଙ୍କ ସନ୍ତୋଷର କାରଣ ଅନ୍ୟ ବା କ'ଣ ହୋଇପାରେ ? ସେ କରୁଣା କଲେ ସେ ନିଜେ ତାଙ୍କ ପରି ସର୍ବପୂଜ୍ୟ ହୋଇପାରିବେ । ଶ୍ରୀହରିଙ୍କ ନିକଟରେ ଶରଣାପନ୍ନ ହୋଇ ଆତ୍ମ ସମର୍ପଣ କଲେ ଭକ୍ତବତ୍ସଳ ଜଗଦ୍‌ଗୁରୁ ଶ୍ରୀବିଷ୍ଣୁ ଭକ୍ତର ଅଭିଳାଷ ପୂରଣ କରିବେ, ଏହା ନିଃସନ୍ଦେହ । ଉକ୍ତ କୁଶ ସ୍ଥଳରେ କେବଳ ପବନ ଆହାର କରି ତ୍ରିଲୋକ ନାଥ ଶିବ ଘୋର ତପସ୍ୟା କଲେ । ସେ ସ୍ଥୂଳ ହୋଇଥିଲେ ସୁଦ୍ଧା ଘୋର ତପସ୍ୟା ଯୋଗୁ କପୋତ ସଦୃଶ ସୂକ୍ଷ୍ମ ହୋଇ ଯାଇଥିଲେ । ଶ୍ରୀହରି ଦେବ ଦେବ ମହାଦେବଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ବରଦାନ କଲେ ଯେ ସେ ବିଷ୍ଣୁଙ୍କ ତୁଲ୍ୟ ସର୍ବପୂଜ୍ୟ ହେବେ । ମହାଦେବଙ୍କ ତପସ୍ୟା ପ୍ରଭାବରୁ ସେ କୁଶସ୍ଥଳୀ ବୃନ୍ଦାବନ ସଦୃଶ ମନୋରମ ହେଲା, ନଦନଦୀ ସରୋବରରେ ପରିପୂର୍ଣ୍ଣ ହୋଇଗଲା ଏବଂ ନାନା ତରୁଲତା ଦ୍ୱାରା ପରିଶୋଭିତ ହେଲା । ମଧୁମତ୍ତ ଭ୍ରମରଙ୍କ ଝଙ୍କାର ଓ ନାନା ପ୍ରକାର ପକ୍ଷୀମାନଙ୍କ କଳରାବ ଯୋଗୁ ସେ ସ୍ଥାନ ସୁଖପ୍ରଦ ହୋଇ ଉଠିଲା । ଶିବ ତପସ୍ୟା କରି କପୋତ ପରି ସୂକ୍ଷ୍ମ ଶରୀର ଧାରଣ କରିଥିବାରୁ ଶ୍ରୀହରିଙ୍କ ଦ୍ୱାରା ଦେବ ଦେବ ମହାଦେବ କପୋତେଶ୍ୱର ନାମରେ ବିଦିତ ହେଲେ । ଦେବୀ ମୃଡାନୀଙ୍କ ସହିତ ଏ କୁଶ ସ୍ଥଳୀରେ ଶିବ ଅବସ୍ଥାନ କରି ଅଛନ୍ତି । କପୋତେଶ୍ୱର ଶିବଙ୍କୁ ଅର୍ଚ୍ଚନା କରି ନିଷ୍ପାପ ହୋଇ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଗମନ କରିବା ବିଧି ।

ଜୈମିନି ମହାମୁନି ବିଲ୍ୱେଶ୍ୱର ମହାଦେବଙ୍କ ମହିମା ମୁନିଋଷିଗଣଙ୍କ ଆଗରେ ମଧ୍ୟ ପ୍ରକାଶ କରିଥିଲେ । ପୂର୍ବେ ପାତାଳବାସୀ ଦୈତ୍ୟଗଣ ମହୀତଳ ଭେଦ କରି ଦ୍ୱାର ନିର୍ମାଣ ପୂର୍ବକ ଭୂଲୋକକୁ ଯିବା ଆସିବା କରୁଥିଲେ ଏବଂ ନାନା ପ୍ରକାର ଉତ୍ପାତ କରିବା ଜନଜୀବନ ବିପନ୍ନ କରିବା ଓ ଜୀବମାନଙ୍କୁ ଭକ୍ଷଣ କରିବା ଆଦି ନାନା ପ୍ରକାର କୁକାର୍ଯ୍ୟରେ ଲିପ୍ତ ରହୁଥିଲେ । ଏହା ଦ୍ୱାପର ଯୁଗର କଥା । ଶ୍ରୀବିଷ୍ଣୁ

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୧୩ଶ ଅଧ୍ୟାୟ - ୬୫ ଶ୍ଳୋକ

ଦେବକୀଙ୍କ ପୁତ୍ର ହିସାବରେ ଜନ୍ମ ଗ୍ରହଣ କରି ସାଧୁସନ୍ଥଙ୍କ ରକ୍ଷଣାବେକ୍ଷଣ, ଅସାଧୁଙ୍କ ନିଧନ ତଥା ଧର୍ମ ସଂସ୍ଥାପନ ଏବଂ ଭକ୍ତଙ୍କୁ ଆନନ୍ଦ ପ୍ରଦାନ କରିବା ଆଦି ଲୀଳା ସମ୍ପାଦନ କରୁଥାନ୍ତି । ଏକ ସମୟରେ ଯଦୁଶେଖର ଶ୍ରୀକୃଷ୍ଣ ଯାଦବ ଓ ପାଣ୍ଡବମାନଙ୍କ ସହିତ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଆଗମନ କରି, ତୀର୍ଥରାଜ ସାଗରରେ ସ୍ନାନ କରି, ଶ୍ରୀ ନୀଳମାଧବଙ୍କୁ ମନେ ମନେ ପ୍ରଣାମ କରି ଦୈତ୍ୟ ଦ୍ୱାରରେ ଉପସ୍ଥିତ ହେଲେ । ସ୍କନ୍ଦ ପୁରାଣରେ କୁହାଯାଇଛି,

ଯାଦବୈଃ ପାଣ୍ଡବୈଃ ସାର୍ଦ୍ଧଂ
ତଦା ତତ୍‌ସ୍ଥଳମାଗତଃ ।
ତୀର୍ଥରାଜସ୍ୟ ସଲ୍ଲିଲେ
ସ୍ନାତ୍ୱା ତଂ ନୀଳମାଧବମ୍ ।
ଦୂରାତ୍ ପ୍ରଣମ୍ୟ ମନସା
ଦୈତ୍ୟଦ୍ୱାରମୁପାଗତଃ ।। (୧)

ଶ୍ରୀକୃଷ୍ଣ ସମସ୍ତ ବିଷୟ ଅବଗତ ହୋଇ, ସେହି ଦୈତ୍ୟ ଦ୍ୱାରକୁ ବନ୍ଦ କରିବାର ଏକମାତ୍ର ଉପାୟ ହେଉଛି ତ୍ରିପୁର ଓ ଅନ୍ଧକ ଦୈତ୍ୟନାଶୀ ଦେବ ତ୍ରିଲୋଚନଙ୍କୁ ସେହି ସ୍ଥାନରେ ପୂଜା କରିବା ବୋଲି ମନସ୍ଥ କଲେ । ଗୋଟିଏ ବିଲ୍ୱଫଳ (ବେଲ) ଆଣି ମହାଦେବଙ୍କୁ ଯଥାବିଧି ଆବାହନ ଓ ପୂଜାର୍ଚ୍ଚନା କରି ଶ୍ରୀକୃଷ୍ଣ ସ୍ତବ କରିବାକୁ ଲାଗିଲେ । ଯଥା,

ନମସ୍ତେ ତ୍ରିଗୁଣାତୀତ ଗୁଣତ୍ରୟବିଭାଗକୃତ୍
ତ୍ରୟୀମୟ ତ୍ରୟାତୀତ ତ୍ରିକାଳଜ୍ଞାନିନେ ନମଃ ।
ଶଶିସୂର୍ଯ୍ୟାଗ୍ନିନେତ୍ରାୟ ବ୍ରହ୍ମଣ୍ୟାୟ ବରାତ୍ମନେ
ଅଷ୍ଟୈଶ୍ୱର୍ଯ୍ୟନିଧାନାୟ ତୁଭ୍ୟମଷ୍ଟାତ୍ମନେ ନମଃ ।
ଯସ୍ୟ ରୂପଂ ତମଃ ପାରେ ତମୋନାଶନମବ୍ୟୟମ୍ ।। (୨)

ଅର୍ଥାତ୍, ହେ ଶିବ ! ଆପଣ ତ୍ରିଗୁଣାତୀତ ହୋଇମଧ୍ୟ ତିନି ଗୁଣକୁ ପୃଥକ୍ କରିଅଛନ୍ତି । ଆପଣ ବେଦତ୍ରୟୀ ରୂପୀ ଅଥଚ ବେଦବାହ୍ୟ ଅଟନ୍ତି । ହେ ତ୍ରିକାଳଜ୍ଞାତା ! ଆପଣଙ୍କୁ ନମସ୍କାର କରୁଅଛି । ସୂର୍ଯ୍ୟ, ଚନ୍ଦ୍ର ଓ ବହ୍ନି ହେଉଛନ୍ତି

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୧୩ଶ ଅଧ୍ୟାୟ - ୧୮ ଶ୍ଳୋକ

(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୧୩ଶ ଅଧ୍ୟାୟ - ୨୧ ଓ ୨୨ ଶ୍ଳୋକ

ଆପଣଙ୍କର ତ୍ରିନୟନ । ଆପଣ ବ୍ରହ୍ମ ସ୍ୱରୂପ ଓ ପରମାତ୍ମା ଏବଂ ଅଣିମାଦି ଅଷ୍ଟ ଐଶ୍ୱର୍ଯ୍ୟର ଆପଣ ନିଧାନ ଅଟନ୍ତି । ଆପଣ ମଧ୍ୟ ପୃଥିବୀ ଆଦି ଅଷ୍ଟମୂର୍ତ୍ତିକୁ ଧାରଣ କରି ଅଛନ୍ତି । ଆପଣ ଅବ୍ୟୟ, ତମଗୁଣାତୀତ ଓ ତମଗୁଣ ନାଶକ ତଥା ଅଜ୍ଞାନ ନାଶକାରୀ । ହେ ତମବିରହିତ ଶିବ ! ଆପଣଙ୍କୁ ନମସ୍କାର । ଏହିପରି ଦେବ ଦେବ ମହାଦେବଙ୍କର ଅଶେଷ ଗୁଣରୁ କିଛିଗାନ କରି ସେହି ବିବର ମଧ୍ୟ ଦେଇ ସୈନ୍ୟମାନଙ୍କ ସହ ଭଗବାନ ଶ୍ରୀକୃଷ୍ଣ ପାତାଳରେ ପ୍ରବେଶ କଲେ । ସେଠାରେ ବହୁ ଅସୁର ନିପାତ କରି ଭୂପୃଷ୍ଠକୁ ପ୍ରତ୍ୟାଗମନ କଲେ । ବୃଷଧ୍ୱଜଙ୍କୁ ପୁନର୍ବାର ପୂଜାର୍ଚ୍ଚନା କରି ସେହି ବିବର ଦ୍ୱାର ଅବରୋଧ କରିବା ଉଦ୍ଦେଶ୍ୟରେ ମନ୍ଦିର ନିର୍ମାଣ କରାଇ ଦେବ ଦେବ ମହାଦେବଙ୍କୁ ସେଠାରେ ସ୍ଥାପନ କଲେ । ସେହି କାଳରୁ ସେ ମହାଦେବ ବିଲ୍ୱେଶ୍ୱର (ବେଲେଶ୍ୱର) ନାମରେ ବିଦିତ ହେଲେ । ଶ୍ରୀପୁରୁଷୋତ୍ତମ କ୍ଷେତ୍ରର ପୂର୍ବ ସୀମାରେ ଅବସ୍ଥାପିତ ହୋଇ ବିଲ୍ୱେଶ୍ୱର ମହାଦେବ ଭକ୍ତମାନଙ୍କ ପାପ ତାପ ଦୂର କରିବା ସଙ୍ଗେ ସଙ୍ଗେ ଶ୍ରୀପୁରୁଷୋତ୍ତମଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତମାନଙ୍କର ପଥ ସୁଗମ କରି ଆସୁଅଛନ୍ତି ।

ବିଲ୍ୱେଶ୍ୱରଙ୍କ ନିକଟରୁ ଦେବର୍ଷି ନାରଦ, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ବ୍ରାହ୍ମଣ ବିଦ୍ୟାପତି ଯାତ୍ରା ଆରମ୍ଭ କରି ଶ୍ରୀକ୍ଷେତ୍ର ଧାମ ସୀମାରେ ଥିବା ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ନିକଟବର୍ତ୍ତୀ ସ୍ଥଳରେ ଆସି ଉପସ୍ଥିତ ହେଲେ । ଏହି ସମୟରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ବାମ ଚକ୍ଷୁ ଓ ବାମ ଭୁଜ ସ୍ଫୁରିବାରୁ ସେ ବ୍ୟଥିତ ହୋଇ ଦେବର୍ଷି ନାରଦଙ୍କୁ ଏକଥା କହିବାରୁ ମହାମୁନି ତାଙ୍କୁ ସାନ୍ତ୍ୱନା ଦେଲେ ଓ କହିଲେ ଯେ ଶୁଭ କାର୍ଯ୍ୟ ପୂର୍ବରୁ ନାନା ବାଧା ବିଘ୍ନ ଆସିଥାଏ । ମାତ୍ର ସେ ସମସ୍ତ ଅଚିରେ ଦୂରୀଭୂତ ହୁଏ । ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବ ଅନ୍ତର୍ହିତ ହୋଇ ଯାଇଥିବା ଘଟଣା ଦେବର୍ଷି ମଧ୍ୟ ଜଣାଇଦେଲେ । ବିଦ୍ୟାପତି ଦର୍ଶନ କରିଥିବା ପରଦିନ ସାୟଂ କାଳରେ ନୀଳମାଧବ ସ୍ୱର୍ଣ୍ଣ ବାଲୁକା ଦ୍ୱାରା ଆବୃତ ହୋଇ ଅନ୍ତର୍ହିତ ହେଲେ ବୋଲି ଶୁଣି ମହାରାଜା ଚେତନା ଶୂନ୍ୟ ହୋଇ ଭୂପୃଷ୍ଠରେ ପତିତ ହେଲେ । ବହୁ ପ୍ରକାର ସେବା ଯୋଗୁ ମହାରାଜା ଚେତନା ପାଇଲେ ସତ ମାତ୍ର ନାରଦଙ୍କ ପାଦତଳେ ପଡ଼ି ସେ ବିଳାପ କରିବାକୁ ଲାଗିଲେ । ସେ ତାଙ୍କ ଜ୍ଞାତ ସାରରେ କୌଣସି ପ୍ରକାର ଅପରାଧ କରି ନାହାଁନ୍ତି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କଲେ । ଦେବର୍ଷି ନାରଦ ସାନ୍ତ୍ୱନା ଦେଇ କହିଲେ ଯେ ଭଗବାନ ଦିବ୍ୟ ଦାରୁମୟ ଚାରୋଟି ମୂର୍ତ୍ତିରେ ଅବତୀର୍ଣ୍ଣ ହେବେ । ଶଙ୍ଖକ୍ଷେତ୍ରର ଅଗ୍ରଭାଗରେ ବିରାଜିତ ହୋଇଥିବା ଶ୍ରୀନୀଳକଣ୍ଠେଶ୍ୱରଙ୍କ ଆସ୍ଥାନ ନିକଟବର୍ତ୍ତୀ ସ୍ଥାନରେ ଅଶ୍ୱମେଧ ଯଜ୍ଞ ପାଇଁ ନୃସିଂହ ମୂର୍ତ୍ତି ପ୍ରତିଷ୍ଠା କରି

ତାଙ୍କ ପୂଜାର୍ଚ୍ଚନା ପୂର୍ବକ ଅଶ୍ୱମେଧ ଯଜ୍ଞର ଶୁଭାରମ୍ଭ କରିବା ଆମ୍ଭମାନଙ୍କର ବର୍ତ୍ତମାନ ପରମ କର୍ତ୍ତବ୍ୟ । ତତ୍ପରେ ସମସ୍ତେ ଶ୍ରୀନୀଳକଣ୍ଠେଶ୍ୱରଙ୍କୁ ଓ ଜଗନ୍ମାତା ଦେବୀ ଦୁର୍ଗାଙ୍କୁ ଦର୍ଶନ କରି ସେ ସ୍ଥାନରୁ ପଦ ଯାତ୍ରା ଆରମ୍ଭ କଲେ ।

ଦେବର୍ଷି ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳକନ୍ଦର ପର୍ବତ ଦୂରରୁ ଦେଖାଇ ଦେଲେ । ସେମାନେ ନୀଳପର୍ବତ ଆରୋହଣ କରିବା ଉଦ୍ଦେଶ୍ୟରେ ଯିବା ସମୟରେ ପର୍ବତର ଶୋଭା ଦେଖି ପରମ ପ୍ରୀତ ହେଲେ । ପର୍ବତଟି ନାନା ପ୍ରକାର ଲତା, ଦ୍ରୁମ ଓ ପକ୍ଷୀ ଦ୍ୱାରା ପରିପୂର୍ଣ୍ଣ । ଗମନ ପଥ ଅତ୍ୟନ୍ତ ଦୁର୍ଗମ ଓ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତରମାନ ଇତସ୍ତତଃ ବିକ୍ଷିପ୍ତ । ଦକ୍ଷିଣ ଦିଗରେ ଥିବା ସାଗରର ତରଙ୍ଗମାଳାରେ ଏହା ପ୍ଲାବିତ ହେଉଛି । ଭୟଙ୍କର ସର୍ପ ପର୍ବତ ସାରା ବିଚରଣ କରୁଥିବାରୁ ଏହା ଭୟ ସଞ୍ଚାର କରୁଥାଏ । ମୃଗମାନେ ନିର୍ଭୟରେ ନୀଳପର୍ବତର ଚତୁର୍ଦ୍ଦିଗରେ ପରିଭ୍ରମଣ କରୁଥାନ୍ତି । ଦୁର୍ଗମ ପଥ ଅତିକ୍ରମ କରିବା ସମ୍ଭବପର ନ ହେବାରୁ ଦେବର୍ଷି ନାରଦ ଦିବ୍ୟଗତି ଦ୍ୱାରା ସେମାନଙ୍କୁ ସଙ୍ଗରେ ନେଇ ନୀଳ ପର୍ବତର ଶିଖର ଦେଶରେ ପ୍ରବେଶ କରାଇଥିଲେ । ସେମାନେ ଦେଖିଲେ ଏକ ବୃକ୍ଷର ଅଧୋଭାଗରେ ଏକ ଭୟଙ୍କର ନରସିଂହ ମୂର୍ତ୍ତି । ସମସ୍ତେ ଦର୍ଶନ ଓ ପ୍ରଣାମ କରି କୃତାର୍ଥ ହେଲେ ବୋଲି ଉପଲବ୍ଧି କଲେ । ନାରଦ ତତ୍ପରେ ସ୍ୱର୍ଣ୍ଣବାଲୁକା ଦ୍ୱାରା ଆବୃତ ଏକ ସ୍ଥାନକୁ ଦେଖାଇ ଦେଲେ ଏବଂ କହିଲେ ଏହି ସ୍ଥାନରେ ମହାପ୍ରଭୁ ବିରାଜମାନ କରୁଥିଲେ । ଏକ ଯୋଜନ ବିସ୍ତୃତ ଓ ଦୁଇ ଯୋଜନ ଉନ୍ନତ ଏକ ବଟ ବୃକ୍ଷକୁ ନାରଦ ଦେଖାଇ ଦେଲେ ଏବଂ କହିଲେ ଏହା ଅକ୍ଷୟ ବଟ ଯାହା କଳ୍ପାନ୍ତସ୍ଥାୟୀ ତଥା ମୁକ୍ତିଦାୟକ । ଉକ୍ତ ବଟବୃକ୍ଷ ରୂପୀ ନାରାୟଣଙ୍କୁ ସ୍ତବ ପୂଜା କଲେ ମାନବଗଣ ନିଷ୍ପାପ ହୁଅନ୍ତି ଏବଂ ସେମାନଙ୍କର ସମସ୍ତ ଅଭିଳାଷ ପୂର୍ଣ୍ଣ ହୋଇଥାଏ । ପରଂବ୍ରହ୍ମ ବିଷ୍ଣୁ ଏ କ୍ଷେତ୍ରରେ ବାସ କରୁଥିବାରୁ ଏହା ସମସ୍ତ ତୀର୍ଥମାନଙ୍କର ରାଜା ବୋଲି ବିଦିତ । କ୍ଷଣକ ପାଇଁ ମଧ୍ୟ ନିଜର କଳେବର ସ୍ୱରୂପ ଏ କ୍ଷେତ୍ରକୁ ପରମାତ୍ମା ପରିତ୍ୟାଗ କରନ୍ତି ନାହିଁ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ସାଷ୍ଟାଙ୍ଗ ପ୍ରଣିପାତ କରି ଦେବ ଦେବ ଜଗନ୍ନାଥଙ୍କୁ ସ୍ତବ କରିବାରେ ନିମଗ୍ନ ହେଲେ । ଯଥା,

ଦେବ ଦେବ ଜଗନ୍ନାଥ ପ୍ରପନାର୍ତ୍ତିବିନାଶନ
ତ୍ରାହି ମାଂ ପୁଣ୍ଡରୀକାକ୍ଷ ପତିତଂ ଭବସାଗରେ ।
ତ୍ୱମେକ ଏବ ଦୁଃଖୌଘଧ୍ୱଂସକଃ ପରମେଶ୍ୱର ।। (୧)

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୧୫ଶ ଅଧ୍ୟାୟ - ୩୬ ଓ ୩୭ ଶ୍ଳୋକ

ଅର୍ଥାତ୍, ହେ ଦେବ ଦେବ ଜଗନ୍ନାଥ ! ହେ ବିପନ୍ନଜନ ଦୁଃଖ ନାଶକ ! ହେ ପୁଣ୍ଡରୀକାକ୍ଷ ! ମୁଁ ଭବ ସାଗରରେ ନିମଗ୍ନ ହୋଇଛି, ମୋତେ ତ୍ରାହି କରନ୍ତୁ । ଏକମାତ୍ର ଆପଣ ହିଁ ଦୁଃଖ ବିନାଶ କରିଥାନ୍ତି । ଏହିପରି ଭାବରେ ପୁରୁଷୋତ୍ତମଙ୍କୁ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବହୁବିଧ ସ୍ତବ କରି ସାଷ୍ଟାଙ୍ଗ ପ୍ରଣିପାତ କରିବାକୁ ଲାଗିଲେ । ଏହି ସମୟରେ ଇନ୍ଦ୍ରଦ୍ୟୁମ୍ନଙ୍କ ଉଦ୍ଦେଶ୍ୟରେ ଏକ ଆକାଶବାଣୀ ହେଲା ଯେ ପୁରୁଷୋତ୍ତମ ପୁନର୍ବାର ଆବିର୍ଭୂତ ହୋଇ ମହାରାଜାଙ୍କର ନୟନ ପଥଗାମୀ ହେବେ । ଏ ଆକାଶବାଣୀ ଶୁଣିଲା ପରେ ନାରଦଙ୍କ କଥା ଉପରେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ବିଶ୍ୱାସ ଜନ୍ମିଲା ଏବଂ ସେ ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରିବାକୁ ଶ୍ରଦ୍ଧାନ୍ୱିତ ହେଲେ ।

ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଅଶ୍ୱମେଧ ଯଜ୍ଞାନୁଷ୍ଠାନ ପାଇଁ ଆଗ୍ରହ ଦେଖି ନାରଦ ପରମ ସନ୍ତୋଷ ଲାଭ କଲେ ଏବଂ ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବଙ୍କ ଆସ୍ଥାନ ନିକଟକୁ ଯିବା ପାଇଁ ପରାମର୍ଶ ଦେଲେ । ଶ୍ରୀ ଶ୍ରୀ ନୃସିଂହ ମହାପ୍ରଭୁଙ୍କୁ ଉକ୍ତ ମହାଦେବଙ୍କ ଅଗ୍ରଭାଗରେ ପଶ୍ଚିମାଭିମୁଖୀ କରି ସ୍ଥାପନ କରିବା ପାଇଁ ମଧ୍ୟ ସୂଚନା ଦେଲେ । ତଦନୁଯାୟୀ ମହାରାଜା ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଦେଖିଲେ ବିଶ୍ୱକର୍ମାଙ୍କ ପୁତ୍ର ଶ୍ରୀନୃସିଂହଙ୍କ ମନ୍ଦିର ନିର୍ମାଣ କରିବା ପାଇଁ ସେଠାରେ ଉପସ୍ଥିତ । ସେହି ଦିବ୍ୟ ଶିଳ୍ପୀଙ୍କ ଦ୍ୱାରା ମାତ୍ର ଚାରିଦିନରେ ଏକ ସୁନ୍ଦର ମନ୍ଦିର ପ୍ରସ୍ତୁତ ହୋଇଗଲା । ପଞ୍ଚମ ଦିବସରେ ବ୍ରହ୍ମପୁତ୍ର ନାରଦ ନୃସିଂହଙ୍କର ରମଣୀୟ ପ୍ରତିମାକୁ ଏକ ମନୋରମ ରଥରେ ଆରୂଢ଼ କରାଇ ମନ୍ଦିର ନିକଟରେ ଉପସ୍ଥିତ ହେଲେ । ମହାରାଜା ଏ ଦିବ୍ୟମୂର୍ତ୍ତି ଦର୍ଶନ କରି ପ୍ରଦକ୍ଷିଣ ପୂର୍ବକ ସାଷ୍ଟାଙ୍ଗ ପ୍ରଣିପାତ କଲେ । ମନ୍ଦିର ମଧ୍ୟରେ ଦେବ ଦେବଙ୍କ ପ୍ରତିମାକୁ ଶୁଭ ମୂହୂର୍ତ୍ତରେ ପ୍ରତିଷ୍ଠା ତଥା ସ୍ଥାପନ କରାଗଲା ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀହରିଙ୍କ ଅଶେଷ ଗୁଣଗାନ କରି ଭାବ ବିହ୍ୱଳ ହୋଇ ସ୍ତବ କରି ଲାଗିଲେ । ଏ ଯେଉଁ ନୃସିଂହ ଦେବ ମହର୍ଷି ନାରଦଙ୍କ ଦ୍ୱାରା ପ୍ରତିଷ୍ଠିତ ହେଲେ, ସେ ଦିନ ଥିଲା ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀରେ ସ୍ୱାତୀ ନକ୍ଷତ୍ର ଯୋଗ । ଏ ନୃସିଂହଙ୍କୁ ଦର୍ଶନ କଲେ ସହସ୍ର ଅଶ୍ୱମେଧ ଯଜ୍ଞର ସମ୍ପୂର୍ଣ୍ଣ ଫଳ ଲାଭ କରାଯାଏ ବୋଲି ଶାସ୍ତ୍ରମାନଙ୍କରେ ବର୍ଣ୍ଣନା କରାଯାଇଛି ।

ପୁଣ୍ୟାତ୍ମା ଇନ୍ଦ୍ରଦ୍ୟୁମ୍ନ ଅଶ୍ୱମେଧ ଯଜ୍ଞ ପାଇଁ ଇନ୍ଦ୍ରାଦି ଦେବଗଣଙ୍କୁ, ସମସ୍ତ ବ୍ରାହ୍ମଣ, ପଣ୍ଡିତ, ବେଦାଧାୟୀମାନଙ୍କୁ, ସମସ୍ତ ମୁନି ଋଷିଙ୍କୁ, ଏବଂ ବୈଷ୍ଣବମାନଙ୍କୁ ସାଦର ନିମନ୍ତ୍ରଣ କଲେ । ସମସ୍ତ ରାଜା-ମହାରାଜା ମଧ୍ୟ ସାଦରରେ ନିମନ୍ତ୍ରିତ

ହେଲେ । ସେମାନଙ୍କର ସତ୍କାର ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ଦୀନମାନଙ୍କୁ ଯଥାବିଧି ଦାନ ଅକାତରରେ ଦିଆଯାଉଥିଲା । ଦେବରାଜ ଇନ୍ଦ୍ରଙ୍କର ଅନୁମତି ଭିକ୍ଷା କରି ମହାଆଡ଼ମ୍ବର ତଥା ଶାସ୍ତ୍ରୀୟ ମତରେ ଯଜ୍ଞାନୁଷ୍ଠାନ କରାଗଲା । ରାତ୍ରିର ଶେଷ ପ୍ରହରରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ଧ୍ୟାନ ଯୋଗରେ ପରଂବ୍ରହ୍ମ ବିଷ୍ଣୁଙ୍କୁ ପ୍ରତ୍ୟକ୍ଷ ଦର୍ଶନ କଲେ । ସ୍ଫଟିକ ନିର୍ମିତ ଶ୍ୱେତଦ୍ୱୀପ ଓ ଏହାର ଚତୁର୍ଦ୍ଦିଗ ବ୍ୟାପୀ କ୍ଷୀର ସମୁଦ୍ର ମହାରାଜାଙ୍କର ଦୃଷ୍ଟି ଗୋଚର ହେଲା । ଶଙ୍ଖଚକ୍ର ଚିହ୍ନ ବିଶିଷ୍ଟ ଓ ସମସ୍ତ ଅଳଙ୍କାରରେ ବିଭୂଷିତ ଶ୍ରୀବିଷ୍ଣୁଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲେ । ଧରଣୀଧର ଅନନ୍ତ ଦେବ ତାଙ୍କର ଦକ୍ଷିଣ ପାର୍ଶ୍ୱରେ, ଶୁଭ ଲକ୍ଷଣା ମହିମାମୟୀ ମହାଲକ୍ଷ୍ମୀ ବାମ ପାର୍ଶ୍ୱରେ ଅବସ୍ଥିତ ହୋଇଥିବାର ସେ ଦର୍ଶନ କଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ପରମ ପ୍ରୀତ ହୋଇ ସ୍ତବ କଲେ । ଯଥା,

ନମସ୍ତେ ଜଗଦାଧାର ଜଗଦାତ୍ମନ୍ନମୋଽସ୍ତୁତେ ।
କୈବଲ୍ୟ ତ୍ରିଗୁଣାତୀତଗୁଣାଞ୍ଜନ ନମୋଽସ୍ତୁତେ ।। (୧)

ଅର୍ଥାତ୍, ହେ ଜଗତର ଆଧାର ! ଆପଣ ଗୁଣମୟ ହୋଇ ମଧ୍ୟ ଗୁଣାତୀତ । ଆପଣ କୈବଲ୍ୟରୂପୀ । ଆପଣଙ୍କୁ ନମସ୍କାର । ଏହିପରି ବହୁବିଧ ଭାବରେ ଶ୍ରୀହରିଙ୍କ ଗୁଣଗାନ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନ ସ୍ତବ କରିବାରେ ଲାଗିଲେ । ଏ ସ୍ୱପ୍ନ ବୃତ୍ତାନ୍ତ ସେ ଦେବର୍ଷି ନାରଦଙ୍କ ଆଗରେ ପ୍ରକାଶ କରିବାରୁ ଦେବର୍ଷି ମହାରାଜାଙ୍କର କାର୍ଯ୍ୟ ସିଦ୍ଧି ହୋଇଛି ବୋଲି ସୂଚନା ଦେଲେ । ସ୍ୱପ୍ନ ଦେଖିବାର ଦଶଦିନ ମଧ୍ୟରେ ଫଳ ଲାଭ ହେବ ବୋଲି ଦେବର୍ଷି ନାରଦ ନିର୍ଭର ପ୍ରତିଶ୍ରୁତି ଦେଲେ ।

ପୂର୍ଣ୍ଣାହୂତି କର୍ମ ଚାଲିଥାଏ, ହଠାତ୍ ବିଲ୍ୱେଶ୍ୱର ମହାଦେବଙ୍କ ନିକଟରେ ନିଯୁକ୍ତ ସେବକଗଣ ମହାରାଜଙ୍କ ନିକଟରେ ଉପସ୍ଥିତ ହୋଇ ଏକ ଚାଞ୍ଚଲ୍ୟକର ଖବର ଜଣାଇଲେ । ସାଗରର ତଟ ଭୂମିରେ ଏକ ମହାବୃକ୍ଷ ଦୃଷ୍ଟିଗୋଚର ହେଉଛି ଯାହାର ଅଗ୍ରଭାଗ ସାଗର ମଧ୍ୟରେ ପ୍ରବେଶ କରିଛି ଓ ମୂଳଭାଗ ତରଙ୍ଗରେ ଭାସି ଭାସି ସେମାନଙ୍କର ସ୍ନାନଗୃହ ନିକଟରେ ଉପସ୍ଥିତ ହୋଇଅଛି । ଏ ମହାବୃକ୍ଷ ରକ୍ତବର୍ଣ୍ଣ ବିଶିଷ୍ଟ ଏବଂ ଏହା ଶଙ୍ଖ ଚକ୍ର ଚିହ୍ନରେ ଚିହ୍ନିତ । ସୂର୍ଯ୍ୟ ସଦୃଶ ତେଜସ୍ୱୀ ହୋଇ ସମସ୍ତ ଅଞ୍ଚଳକୁ ଏହା ଆଲୋକିତ କରୁଛି ଏବଂ ସୁଗନ୍ଧ ଦ୍ୱାରା ସମସ୍ତଙ୍କୁ ଆମୋଦିତ କରୁଅଛି । ଏହା ଏକ ଦେବବୃକ୍ଷ ପରି ମନେ ହେଉଛି । ଅଥବା କୌଣସି ଦେବତା

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୧୭ଶ ଅଧ୍ୟାୟ - ୬୬ ଶ୍ଲୋକ

ବୃକ୍ଷ ରୂପ ଧାରଣ କରି ଏ ସାଗର ତଟରେ ସମାଗତ ହୋଇଅଛନ୍ତି । ଏ ଖବରର ସମସ୍ତ ତତ୍ତ୍ୱ ଉପଲବ୍ଧି କରି ଦେବର୍ଷି ମହାରାଜାଙ୍କୁ ପୂର୍ଣ୍ଣାହୂତି କର୍ମ ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଲେ ଏବଂ ଏହାପରେ ଯଜ୍ଞ ସଫଳ ହେବ ବୋଲି ନିଶ୍ଚିତ ବାଣୀ ଶୁଣାଇଲେ । ଏ ଅପୌରୁଷେୟ ମହାବୃକ୍ଷକୁ ଦର୍ଶନ କରି ସମୁଦ୍ର ତଟରେ ମହାବେଦୀ ନିର୍ମାଣ ପୂର୍ବକ ଏ ତରୁରୂପୀ ଯଜ୍ଞେଶ୍ୱରଙ୍କୁ ସମସ୍ତ ବୈଦିକ କର୍ମାନୁଯାୟୀ ସ୍ଥାପନ କରିବାକୁ ନାରଦ ପରାମର୍ଶ ଦେଲେ । ମହାରାଜା ଦେବର୍ଷିଙ୍କ କଥାନୁଯାୟୀ କାର୍ଯ୍ୟାନୁଷ୍ଠାନ କଲେ ଏବଂ ସାକ୍ଷାତ୍ ଦ୍ରୁମରୂପୀ ବ୍ରହ୍ମଦର୍ଶନ କରି ନିଜ ଜୀବନ ସାର୍ଥକ ହେଲା ବୋଲି ଉପଲବ୍ଧି କଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ଆନନ୍ଦ ସାଗରରେ ନିମଗ୍ନ ହୋଇ ଏହି ଚତୁଃଶାଖା ବିଶିଷ୍ଟ ବୃକ୍ଷରାଜଙ୍କୁ ବାରମ୍ବାର ଦର୍ଶନ କରିବାରେ ଲାଗିଲେ । ଉକ୍ତ ମହାବୃକ୍ଷଙ୍କୁ ଦ୍ୱିଜମାନଙ୍କ ଦ୍ୱାରା ଆବାହନ କରି ସୁଗନ୍ଧାଦି ଦ୍ୱାରା ଅଳଙ୍କୃତ କରାଇ ମହାବେଦୀରେ ସ୍ଥାପନ କରାଗଲା । ମହାରାଜା ଇନ୍ଦ୍ରଦ୍ୟୁମ୍ନ ପୂଜାର୍ଚ୍ଚନା କରି ମୂର୍ତ୍ତିଗଠନ ସମ୍ବନ୍ଧୀୟ ପ୍ରଶ୍ନ ନାରଦଙ୍କୁ ପଚାରିଲେ । ଦେବର୍ଷି ନାରଦ ନିଜର ଅକ୍ଷମତା ପ୍ରକାଶ କଲାବେଳେ ଏକ ଆକାଶବାଣୀ ସେମାନେ ଶୁଣିବାକୁ ପାଇଲେ । ଆକାଶବାଣୀ ହେଲା ଯେ ଭଗବାନ ସ୍ୱୟଂ ତାଙ୍କ ନିଜ ମୂର୍ତ୍ତିର ଗଠନ ଭାର ବହନ କରିଅଛନ୍ତି । ଏ ମହାବୃକ୍ଷକୁ ଉତ୍ତମ ଭାବରେ ପାଟବସ୍ତ୍ରାଦି ଦ୍ୱାରା ଆଚ୍ଛାଦିତ କରି ପଞ୍ଚଦଶ ଦିବସ ପର୍ଯ୍ୟନ୍ତ ମହାବେଦୀଗୃହ ମଧ୍ୟରେ ରଖାଯାଉ । ଏକ ବୃଦ୍ଧ ହାତ ହତିଆର ଧରି ଉପସ୍ଥିତ ହେବେ ଏବଂ ତାଙ୍କୁ ସେ ଗୃହ ମଧ୍ୟରେ ପ୍ରବେଶ କରାଇ ଦ୍ୱାର ବନ୍ଦ କରାଯାଉ । ମୂର୍ତ୍ତିଗଠନ ଚାଲିଥିବା ସମୟରେ ଏ ଗୃହର ବହିର୍ଭାଗରେ ନାନା ବିଧ ବାଦ୍ୟ ବାଦନ କରାଯାଉ, ଯାହା ଫଳରେ ମୂର୍ତ୍ତି ଗଠନ ଶବ୍ଦ କାହାକୁ ଯେପରି ଶୁଣାନଯାଏ । ମୂର୍ତ୍ତି ଗଠନ ଶବ୍ଦ ଶୁଣିଲେ ବଧିରତା, ଅନ୍ଧତ୍ୱ, ଅପତ୍ୟନାଶ ତଥା ନର୍କବାସ ମଧ୍ୟ ହୋଇଥାଏ । ଏ କାର୍ଯ୍ୟରେ ନିଯୁକ୍ତ ବ୍ୟକ୍ତିଙ୍କ ବ୍ୟତୀତ ଯଦି ଅନ୍ୟକେହି ଗୃହ ମଧ୍ୟରେ ପ୍ରବେଶ କରିବେ ଓ ମୂର୍ତ୍ତି ଗଠନ କାର୍ଯ୍ୟ ଦର୍ଶନ କରିବେ, ତାହାହେଲେ ସେ ଯୁଗଯୁଗ ଧରି ଅନ୍ଧତ୍ୱ ପ୍ରାପ୍ତ ହେବେ । ଏ ସମସ୍ତ ବିଷୟ ଅବଗତ ହୋଇ ଆକାଶବାଣୀ ମାଧ୍ୟମରେ ସ୍ୱୟଂ ବିଷ୍ଣୁଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଜଣେ ବୃଦ୍ଧ ବିଶ୍ୱକର୍ମା ହାତହତିଆର ଧରି ସେଠାରେ ଉପସ୍ଥିତ ହେଲେ ଏବଂ ସେ ମୂର୍ତ୍ତିଗଠନ କରିବେ ବୋଲି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସବିନୟ ଜଣାଇଲେ ।

卐

ଚତୁର୍ଥ ଅଧ୍ୟାୟ

ମୂର୍ତ୍ତି ଗଠନ ଓ ପ୍ରତିଷ୍ଠା

ମହାରାଜା ଇନ୍ଦ୍ରଦ୍ୟୁମ୍ନ ଆକାଶବାଣୀ ଦ୍ୱାରା ସୂଚନା ଦିଆଯାଇଥିବା ଉପଦେଶ ଅନୁଯାୟୀ ପ୍ରତିମା ନିର୍ମାଣ ଗୃହ ମଧ୍ୟରେ ସେ ବୃଦ୍ଧ ବିଶ୍ୱକର୍ମାଙ୍କୁ ପ୍ରବେଶ କରାଇ ବାହାରୁ ଦ୍ୱାର ବନ୍ଦ କରିଦେଲେ । କିଛି ଦିନପରେ ଏକ ଅପୂର୍ବ ଦିବ୍ୟଗନ୍ଧ ଅନୁଭୂତ ହେଲା । ପାରିଜାତ ପୁଷ୍ପ ବୃଷ୍ଟି ହେଲା ଏବଂ ମନୋହର ସଂଗୀତ ଶୁଣିବାକୁ ମିଳିଲା । ପଞ୍ଚଦଶ ଦିବସ ଦିନ ଶ୍ରୀଜଗନ୍ନାଥ ସ୍ୱୟଂ ବିଶ୍ୱକର୍ମା ରୂପରେ ନିଜର ମୂର୍ତ୍ତିକୁ ଯେପରି ନିର୍ମାଣ କରିଥିଲେ ସେହି ମୂର୍ତ୍ତି ଚତୁଷ୍ଟୟ ଯଥା ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ଚକ୍ରରାଜ ସୁଦର୍ଶନ ଦିବ୍ୟ ସିଂହାସନରେ ଆବିର୍ଭୂତ ହୋଇ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦୃଷ୍ଟିଗୋଚର ହେଲେ । ଜନାର୍ଦ୍ଦନଙ୍କର ହସ୍ତରେ ଶଙ୍ଖଚକ୍ର ଗଦା ପଦ୍ମ ଚିହ୍ନ ଓ ଅନନ୍ତ ଦେବଙ୍କ ହସ୍ତରେ ଗଦା, ମୂଷଳ, ଚକ୍ର ଓ ବଜ୍ରର ଚିହ୍ନ ଶୋଭାପାଉଥିଲେ । ବଳଭଦ୍ରଙ୍କ ଶିରଦେଶରେ ସପ୍ତଫଣା ଛତ୍ରାକୃତି ଭାବରେ ବିରାଜମାନ କରୁଥିଲେ । ଚାରୁବଦନା ସୁଭଦ୍ରା ଏକହସ୍ତରେ ବରପଦ୍ମ ଓ ଅନ୍ୟ ହସ୍ତରେ ଅଭୟ ଧାରଣ କରିଥିଲେ । ଏ ହେଉଛନ୍ତି ମହାଲକ୍ଷ୍ମୀ ଯାହାଙ୍କୁ ପରଂବ୍ରହ୍ମ ବିଷ୍ଣୁଙ୍କର ଗୃହିଣୀ ହିସାବରେ ପୂଜାର୍ଚ୍ଚନା କରାଯାଏ । ସୁଭଦ୍ରା ଶକ୍ତିସ୍ୱରୂପିଣୀ ଏବଂ ଶ୍ରୀ ପ୍ରଦାୟିନୀ । ଚକ୍ରରାଜ ସୁଦର୍ଶନ ଏମାନଙ୍କ ସହିତ ବିରାଜମାନ କରୁଥିବା ମଧ୍ୟ ଦୃଷ୍ଟିଗୋଚର ହେଲା । ମହାରାଜ ଇନ୍ଦ୍ରଦ୍ୟୁମ୍ନ ଅନ୍ୟମାନଙ୍କ ସହିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରୁଥିବା ସମୟରେ ପୁନରାୟ ଏକ ଆକାଶବାଣୀ ଶୁଣିବାକୁ ପାଇଲେ । ମହାରାଜାଙ୍କ ଉଦ୍ଦେଶ୍ୟରେ କୁହାଗଲା ମୂର୍ତ୍ତିଗୁଡିକୁ ପଟ୍ଟବସ୍ତ୍ର ଦ୍ୱାରା ଆବୃତ୍ତ କରି ରଖାଯାଉ ଏବଂ ଚିତ୍ରକାରଙ୍କ ଦ୍ୱାରା ରଞ୍ଜିତ କରାଯାଉ । ବିଷ୍ଣୁଙ୍କୁ ନୀଳମେଘ ସଦୃଶ ଶ୍ୟାମଳ ବା କୃଷ୍ଣ, ବଳଭଦ୍ରଙ୍କୁ ଶୁଭ୍ରାଂଶୁ ପରି ଧବଳ, ସୁଭଦ୍ରାଙ୍କୁ କୁଙ୍କୁମ ପରି ଅରୁଣାବର୍ଣ୍ଣା ଏବଂ ଚକ୍ରରାଜ ସୁଦର୍ଶନଙ୍କୁ ରକ୍ତ ବର୍ଣ୍ଣରେ ରଞ୍ଜିତ କରି ବିବିଧ ଅଳଙ୍କାର ଓ ପାଟବସ୍ତ୍ରାଦି ଦ୍ୱାରା ପରିଶୋଭିତ କରାଯାଉ । ଏମାନଙ୍କ ଗାତ୍ର ଆଚ୍ଛାଦନ ନ କଲେ ଏବଂ ଦାରୁ ରୂପରେ ଏମାନଙ୍କୁ ଦର୍ଶନ କଲେ ସମସ୍ତ ପାପ ଭୋଗ କରିବାକୁ ପଡ଼ିଥାଏ । ପ୍ରତ୍ୟେକ ବର୍ଷ ସେମାନଙ୍କ ନୂତନ ଅଙ୍ଗ ସଂସ୍କରଣ କରିବା କର୍ତ୍ତବ୍ୟ । ଯଦି କୌଣସି ବ୍ୟକ୍ତି ମୂର୍ତ୍ତିମାନଙ୍କର

ଗାତ୍ରଲେପକୁ ବାହାର କରିଦିଏ ଓ ସେହି ଅବସ୍ଥାରେ ଦର୍ଶନ କରେ ତାହାର ଚିରକାଳ ନରକବାସ ସୁନିଶ୍ଚିତ ଏବଂ ତାର ସନ୍ତାନ ସନ୍ତତି ବିନିଷ୍ଟ ହୁଅନ୍ତି । ରାଜ୍ୟରେ ମଧ୍ୟ ଦୁର୍ଭିକ୍ଷ ଓ ମହାମାରୀ ପୀଡା ଉପସ୍ଥିତ ହୁଏ । ନୀଳପର୍ବତ ଉପରିଭାଗରେ ଥିବା କଳ୍ପବୃକ୍ଷ ତାହାର ବାୟୁକୋଣରେ ପ୍ରତିଷ୍ଠିତ ନୃସିଂହଦେବଙ୍କ ଉତ୍ତରଭାଗରେ ରହିଥିବା ପ୍ରଶସ୍ତ ସ୍ଥାନରେ ଏକ ମନ୍ଦିର ନିର୍ମାଣ କରାଇ ଉକ୍ତ ଚତୁର୍ଦ୍ଧା ମୂର୍ତ୍ତିକୁ ସେଠାରେ ସ୍ଥାପନ କରାଯାଉ । ପୁନର୍ବାର ମହାରାଜା ଆକାଶବାଣୀରୁ ଶୁଣିବାକୁ ପାଇଲେ ଶବରରାଜା ବିଶ୍ୱାବସୁ ଓ ପୁରୋହିତ ବିଦ୍ୟାପତିଙ୍କ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ମୂର୍ତ୍ତିମାନଙ୍କ ଲେପସଂସ୍କାର କାର୍ଯ୍ୟରେ ନିଯୁକ୍ତ କରାଯାଉ । ଇନ୍ଦ୍ରଦ୍ୟୁମ୍ନ ମହାରାଜା ଦିବ୍ୟବାଣୀର ଉପଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟାନୁଷ୍ଠାନ କଲେ । ଦେବର୍ଷି ନାରଦ ଭାଗ୍ୟବାନ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ପ୍ରଶଂସା କରି ଦୟାର ସାଗର ଜ୍ଞାନର ମୂର୍ତ୍ତିମନ୍ତ ସ୍ୱରୂପ ଏବଂ ଶ୍ୱେତପଦ୍ମ ସଦୃଶ ଚକାନୟନଙ୍କୁ ସ୍ତବ କରିବାକୁ ପରାମର୍ଶ ଦେଲେ । ପୁଣ୍ୟାତ୍ମା ଇନ୍ଦ୍ରଦ୍ୟୁମ୍ନ ମହାରାଜା ଚତୁର୍ଦ୍ଧାମୂର୍ତ୍ତିଙ୍କ ମହିମାଗାନ ପୂର୍ବକ ସାଷ୍ଟାଙ୍ଗ ପ୍ରଣିପାତ କଲେ । ସେଠାରେ ଉପସ୍ଥିତ ଥିବା ଦେବଗଣ, ଋଷିଗଣ, ବ୍ରାହ୍ମଣଗଣ ଏବଂ ରାଜା ପ୍ରଜା ସମସ୍ତେ ବଳଭଦ୍ର, ସୁଭଦ୍ରା ଜଗନ୍ନାଥ ଓ ସୁଦର୍ଶନଙ୍କୁ ସ୍ତବ କରିବାକୁ ଲାଗିଲେ । ତତ୍‌ପରେ ନାରଦ ମହାମୁନିଙ୍କର ଉପଦେଶ ଅନୁଯାୟୀ ମହାରାଜା ଯଥାବିଧି ପୂଜାର୍ଚ୍ଚନା କଲେ । ଶ୍ରୀ ବଳଭଦ୍ରଙ୍କୁ 'ଓଁ ନମଃ ଭଗବତେ ବାସୁଦେବାୟ' ମନ୍ତ୍ରରେ, ସୁଭଦ୍ରାଙ୍କୁ ଦେବୀସୂକ୍ତ ମନ୍ତ୍ରରେ, ଶ୍ରୀଜଗନ୍ନାଥଙ୍କୁ ପୁରୁଷସୂକ୍ତ ମନ୍ତ୍ରରେ ଏବଂ ସୁଦର୍ଶନ ଚକ୍ରଙ୍କୁ ସୌଦର୍ଶନୀ ସୂକ୍ତୀ ଦ୍ୱାରା ଉପାସନା କଲେ । ପୂଜାର୍ଚ୍ଚନା ପରେ ବ୍ରାହ୍ମଣମାନଙ୍କୁ ଭୂରି ଭୂରି ଦକ୍ଷିଣା ଦାନ କରିବାକୁ ଲାଗିଲେ । କୋଟି କୋଟି ଗୋସମୂହଙ୍କୁ ଅଳଙ୍କୃତ କରି ଦକ୍ଷିଣା ସହ ଗୋଦାନ ମଧ୍ୟ କରାଯାଇଥିଲା । ଏହି ଗୋରୁମାନଙ୍କ ଖୁରାରେ ଖନନ ହୋଇ ଏକ ଗର୍ତ୍ତ ଉତ୍ପନ୍ନ ହେଲା ଏବଂ ଦାନକାଳୀନ ହସ୍ତଚ୍ୟୁତ ଜଳରେ ପରିପୂର୍ଣ୍ଣ ହୋଇ ଏକ ବିରାଟ ସରୋବର ଉତ୍ପନ୍ନ ହେଲା, ଯାହା ଇନ୍ଦ୍ରଦ୍ୟୁମ୍ନ ସରୋବର ନାମରେ ନାମିତ । ଏହା ଏକ ମହାନ ତୀର୍ଥ ଏବଂ ଏହି ତୀର୍ଥରେ ସ୍ନାନ ଦେବତା ଓ ପିତୃଲୋକଙ୍କ ଉଦ୍ଦେଶ୍ୟରେ ତର୍ପଣ ଆଦି ସମ୍ପାଦିତ ହେଲେ ସମସ୍ତ ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ । ଏହି ତୀର୍ଥର ମାହାତ୍ମ୍ୟ ସମ୍ବନ୍ଧରେ କୁହାଯାଇଛି,

ନାତଃ ପରତରଂ ତୀର୍ଥଂ ହୟମେଧାଙ୍ଗ ସମ୍ଭବାତ୍ ।
ଇନ୍ଦ୍ରଦ୍ୟୁମ୍ନସ୍ୟ ସରସଃ ସ୍ୟାଦ୍ ବା ତ୍ରିପଥଗାସମା ।। (୧)

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ବିଂଶ ଅଧ୍ୟାୟ ୩୬ ଶ୍ଳୋକ

ଅର୍ଥାତ୍ ଏହି ଅଶ୍ୱମେଧ ଯଜ୍ଞ ସମ୍ଭୂତପ୍ରସୂନ ଇନ୍ଦ୍ରଦ୍ୟୁମ୍ନ ସରୋବର ଠାରୁ ଅଧିକ ଫଳପ୍ରଦ ତୀର୍ଥ ଅନ୍ୟ କୌଣସି ଠାରେ ନାହିଁ । ଏକମାତ୍ର ତ୍ରିପଥଗାମିନୀ ଗଙ୍ଗା ଏହା ସହିତ ତୁଳନା କରାଯାଇପାରେ ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରାଇବା ପାଇଁ କୋଟି କୋଟି ମୁଦ୍ରା ବ୍ୟୟ କରିବାକୁ ଲାଗିଲେ । ଶ୍ରୀଜଗନ୍ନାଥଙ୍କ ଗୃହିଣୀ ମହିମାମୟୀ ମହାଲକ୍ଷ୍ମୀଙ୍କ ଅନୁଗ୍ରହରୁ ସେ ପ୍ରାପ୍ତ ହୋଇଥିବା ସମସ୍ତ ଉପାର୍ଜିତ ବିତ୍ତ ବିନିଯୋଗ କରି ଚରାଚର ଗୁରୁ ଶ୍ରୀହରିଙ୍କୁ ପ୍ରସନ୍ନ କରିବା ପାଇଁ ମନ୍ଦିର ନିର୍ମାଣ କାର୍ଯ୍ୟରେ ତତ୍ପର ହେଲେ । ଏଥିପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ହିଁ ଏକମାତ୍ର ପାଥେୟ । ଶ୍ରୀଜଗନ୍ନାଥଙ୍କୁ ଆରାଧନା କରି ବ୍ରହ୍ମା ବ୍ରହ୍ମତ୍ୱ, ରୁଦ୍ର ରୁଦ୍ରତ୍ୱ, ଇନ୍ଦ୍ର ଦେବରାଜତ୍ୱ ପ୍ରାପ୍ତ ହୋଇ ଅଛନ୍ତି । ପୁରୁଷୋତ୍ତମଙ୍କର ପ୍ରାସାଦ ପୁରୁଷୋତ୍ତମ କ୍ଷେତ୍ରରେ ନିର୍ମିତ ହେବ, ଏହା ମହାପ୍ରଭୁଙ୍କ କୃପାବିନା ସମ୍ଭବ ନୁହେଁ ବୋଲି ମହାରାଜା ଇନ୍ଦ୍ରଦ୍ୟୁମ୍ନ ଚିନ୍ତା କରିବାକୁ ଲାଗିଲେ । ପୁରୁଷୋତ୍ତମ କ୍ଷେତ୍ର ପୁରୁଷୋତ୍ତମଙ୍କର କଳେବର ସ୍ୱରୂପ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

କଳେବରମିଦଂ କ୍ଷେତ୍ରଂ ଯତ୍ରାହଙ୍କାରବାନ୍ ବିଭୁଃ ।
ଆବିର୍ଭାବ ତିରୋଭାବୌ ସ୍ଥିତିର୍ନିତ୍ୟା ହି ଯତ୍ ପ୍ରଭୋ ।। (୧)

ଅତଏବ, ସେହି ଧାମରେ ମହାପ୍ରଭୁଙ୍କ ପ୍ରାସାଦ ନିର୍ମାଣ କିପରି ସମ୍ପୂର୍ଣ୍ଣ ହେବ, ଏ ଚିନ୍ତାରେ ନିମଗ୍ନ ରହିଲେ । ଏହି ସମୟରେ ଏକ ଋକ୍‌ବେଦ ବିଶାରଦ ଜ୍ଞାନଶୀଳ ବ୍ରାହ୍ମଣ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ କହିଲେ, 'ହେ ମହାରାଜା ! ଆପଣଙ୍କର ଭାଗ୍ୟରାଶି ଅତି ବିପୁଳ କାରଣ ଭଗବାନ ସ୍ୱୟଂ ଧରାଧାମରେ ଦାରୁମୂର୍ତ୍ତି ହୋଇ ବିରାଜମାନ କରି ଅଛନ୍ତି' । ବେଦରେ କୁହାଯାଇଛି,

ଯ ଏଷ ପ୍ଲବତେ ଦାରୁଃ ସିନ୍ଧୁପାରେହ୍ୟପୌରୁଷଃ ।
ତମୁପାସ୍ୟ ଦୁରାରାଧ୍ୟଂ ମୁକ୍ତିଂ ଯାତି ସଦୁର୍ଲଭମ୍ ।। (୨)

ସେହି ଅପୌରୁଷେୟ ଦାରୁ ସମୁଦ୍ରରେ ଭାସମାନ ଅବସ୍ଥାରେ ଅଛନ୍ତି । ଦୁରାରାଧ୍ୟ ଏହାଙ୍କୁ ଉପାସନା କଲେ ଅତ୍ୟନ୍ତ ଦୁର୍ଲଭ ମୋକ୍ଷପଦ ପ୍ରାପ୍ତି ହୋଇଥାଏ । ଦେବର୍ଷି ନାରଦ ମଧ୍ୟ ଅନୁରୂପ ମତ ପ୍ରଦାନ କରି କହିଲେ ଯେ ଶ୍ରୀଜଗନ୍ନାଥ ବେଦ

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ବିଂଶ ଅଧ୍ୟାୟ - ୪୮ ଶ୍ଳୋକ

(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ଏକବିଂଶ ଅଧ୍ୟାୟ - ୩ ଶ୍ଳୋକ

ବେଦାନ୍ତରେ ଜ୍ଞାତ ବା ବେଦ ପ୍ରସିଦ୍ଧ ଏବଂ ଏହାଙ୍କ ଦର୍ଶନ ମାତ୍ରେ ସମସ୍ତ ତମୋଗୁଣ ବିନଷ୍ଟ ହୁଏ, ଏହା ନିଃସନ୍ଦେହ । ଭାରତ ବର୍ଷର ଲୋକମାନେ କେଡେ ପୁଣ୍ୟାତ୍ମା ତାହା ମଧ୍ୟ ପ୍ରକାଶ କଲେ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

ଅହୋ ଭାରତବର୍ଷସ୍ୟ ମନୁଷ୍ୟାଃ କ୍ଷୀଣକଲ୍ମଷାଃ ।
ଅପବର୍ଗପ୍ରଦୋ ଯେଷାମାବିରାସୀ ଜ୍ଜନାର୍ଦ୍ଦନଃ ।। (୧)

ଭାରତବର୍ଷ ମଧ୍ୟରେ ଅବସ୍ଥିତ ଉତ୍ତ୍ରଦେଶ (ଉତ୍କଳ) ସମସ୍ତ ଦେଶମାନଙ୍କ ମଧ୍ୟରେ ସର୍ବୋତ୍ତମ କାରଣ ବ୍ରହ୍ମରୂପୀ ଜନାର୍ଦ୍ଦନଙ୍କୁ ସେମାନ ଚର୍ମନେତ୍ର ଦ୍ୱାରା ଦର୍ଶନ କରୁଅଛନ୍ତି । ଏହି କଥା ଯଥାର୍ଥରେ କୁହାଯାଇଛି,

ତତ୍ରାପ୍ୟୟଞ୍ଚୌତ୍ରଦେଶଃ ସର୍ବେଷାମୁତ୍ତମଃ ଶ୍ରୁତଃ ।
ଯତ୍ରସ୍ଥାଶ୍ଚର୍ମନେତ୍ରେଣ ପଶ୍ୟନ୍ତି ବ୍ରହ୍ମରୂପିଣମ୍ ।। (୨)

ଦେବର୍ଷି ନାରଦ ବ୍ରାହ୍ମଣଙ୍କ କଥାକୁ ପ୍ରତିପାଦନ କରି ପୁନର୍ବାର କହିଲେ ଯେ ସୃଷ୍ଟି ଆରମ୍ଭରେ ପରଂବ୍ରହ୍ମଙ୍କ ନିଃଶ୍ୱାସରୁ ବେଦ ସମୁହ ଉତ୍ପନ୍ନ ହୋଇଥିଲେ ଏବଂ ସେହି ଦିନ ଠାରୁ ଦାରୁବ୍ରହ୍ମଙ୍କ ଆବିର୍ଭାବ କଥା ବେଦଜ୍ଞ ମାନଙ୍କ ଜ୍ଞାତ ସାରକୁ ଆସିଅଛି । ଏପରି କହି ଦେବର୍ଷି ନାରଦ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ମନ୍ଦିର ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଲେ । ସାରା ଦେଶରୁ କୁଶଳୀ କାରିଗରଙ୍କୁ ଅଣାଇ ଅପର୍ଯ୍ୟାପ୍ତ ବିତ୍ତ ବିନିଯୋଗ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲୁ ରଖାଗଲା । ତତ୍ପରେ ଦେବର୍ଷି ନାରଦ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମ ଲୋକକୁ ଯାତ୍ରା କରିବାକୁ ସ୍ଥିର କଲେ । ଯାତ୍ରା ପୂର୍ବରୁ ମହାବେଦୀସ୍ଥ ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କୁ ବାରମ୍ବାର ପ୍ରଣାମ କରି ବ୍ରହ୍ମଲୋକ ଯାତ୍ରା ପାଇଁ ଅନୁମତି ଭିକ୍ଷା କଲେ ।

ଅନୁମତି ଭିକ୍ଷା ପରେ ଇନ୍ଦ୍ରଦ୍ୟୁମ୍ନଙ୍କ ବେଗଗାମୀ ପୁଷ୍ପକ ରଥରେ ବସି ମୁନିବର ଓ ରାଜା ନଭମଣ୍ଡଳବର୍ତ୍ତୀ ସୂର୍ଯ୍ୟମଣ୍ଡଳ ପ୍ରଦକ୍ଷିଣ କରି ଧ୍ରୁବମଣ୍ଡଳ ଅତିକ୍ରମ ପୂର୍ବକ ଉର୍ଦ୍ଧ୍ୱରୁ ଉର୍ଦ୍ଧ୍ୱତର ସ୍ଥାନକୁ ଗତି କଲେ । ଅବଶେଷରେ ସେମାନେ ବ୍ରହ୍ମ ଲୋକରେ ଉପସ୍ଥିତ ହେଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ତାଙ୍କର ସ୍ତବ ଗାନ କରିବାରୁ ସର୍ବଜ୍ଞାତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ଆସିବାର ଅଭିପ୍ରାୟ କ'ଣ ବୋଲି ପ୍ରଶ୍ନକଲେ ।

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୧ ଅଧ୍ୟାୟ - ୯ ଶ୍ଳୋକ
(୨) ସ୍କନ୍ଦପୁରାଣ -ବିଷ୍ଣୁଖଣ୍ଡ - ୨୧ ଅଧ୍ୟାୟ - ୧୦ ଶ୍ଳୋକ

ମହାରାଜା ଇନ୍ଦ୍ରଦ୍ୟୁମ୍ନ ଅତି ବିନୀତ ଭାବରେ ନିବେଦନ କଲେ ଯେ ତାଙ୍କ ଦ୍ୱାରା ନିର୍ମିତ ହୋଇଥିବା ପ୍ରାସାଦରେ ଶ୍ରୀଜଗନ୍ନାଥ ଦେବଙ୍କ ସ୍ଥାପନା କର୍ମ ଯଦି ଲୋକ ଭାବନ ବ୍ରହ୍ମାଙ୍କ ଦ୍ୱାରା ଅନୁଷ୍ଠିତ ହୁଅନ୍ତା ତେବେ ସେ କୃତାର୍ଥ ହୁଅନ୍ତେ । ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କ ଅନୁରୋଧ ରକ୍ଷା କଲେ ଏବଂ ସେ ପ୍ରଥମେ ଯାଇ ପ୍ରତିଷ୍ଠା କର୍ମ ପାଇଁ ଆବଶ୍ୟକ ହେଉଥିବା ଦ୍ରବ୍ୟାଦି ସଂଗ୍ରହ କରନ୍ତୁ ବୋଲି ପରାମର୍ଶ ଦେଲେ । ସମସ୍ତ ଦେବଗଣଙ୍କୁ ମଧ୍ୟ ଭୂର୍ଲୋକକୁ ଇନ୍ଦ୍ରଦ୍ୟୁମ୍ନଙ୍କ ସହିତ ଯିବାପାଇଁ ଓ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସାହାଯ୍ୟ କରିବା ପାଇଁ ବ୍ରହ୍ମା ଆଦେଶ ଦେଲେ । ସେ ସ୍ୱୟଂ ଯଥା ସମୟରେ ଉପସ୍ଥିତ ହେବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାରୁ ମହାରାଜା ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ତାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ଦେବତାମାନଙ୍କ ସହିତ ଭୂଲୋକକୁ ପ୍ରତ୍ୟାଗମନ କଲେ ।

ପୁଣ୍ୟାତ୍ମା ଇନ୍ଦ୍ରଦ୍ୟୁମ୍ନ ପୁରୁଷୋତ୍ତମ କ୍ଷେତ୍ରରେ ଉପସ୍ଥିତ ହୋଇ ମହାପ୍ରଭୁଙ୍କ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କରି ସ୍ତବ କରିବା ଆରମ୍ଭ କଲେ । ଯଥା,

ନମୋ ବ୍ରହ୍ମଣ୍ୟଦେବାୟ ଗୋବ୍ରାହ୍ମଣହିତାୟ ଚ
ପ୍ରଣତାର୍ତିବିନାଶାୟ ଚତୁର୍ବର୍ଗୈକହେତବେ ।
ହିରଣ୍ୟଗର୍ଭ ପୁରୁଷ ପ୍ରଧାନାବ୍ୟକ୍ତ ରୂପିଣେ
ଓଁ ନମୋ ବାସୁଦେବାୟ ଶୁଦ୍ଧଜ୍ଞାନସ୍ୱରୂପିଣେ ।। (୧)

ଅର୍ଥାତ୍, ଯେ ବ୍ରହ୍ମଣ୍ୟଦେବ ଓ ଗୋବ୍ରାହ୍ମଣ ହିତକାରୀ, ଯେ ପ୍ରଣତ ଜନଙ୍କର ଅଶୁଭ ନାଶକାରୀ ଓ ଚତୁର୍ବର୍ଗ ପ୍ରାପ୍ତିର ଏକମାତ୍ର ନିଧାନ, ଯେ ହିରଣ୍ୟଗର୍ଭ ପୁରୁଷ ତଥା ଅବ୍ୟକ୍ତରୂପୀ ଏବଂ ବିଶୁଦ୍ଧ ଜ୍ଞାନ ମୂର୍ତ୍ତି, ସେହି ବାସୁଦେବଙ୍କୁ ପ୍ରଣାମ । ମହାରାଜା ଏହିପରି ବହୁବିଧ ସ୍ତବ କରୁଥିବା ବେଳେ ଉପସ୍ଥିତ ଥିବା ଦେବଗଣ ମଧ୍ୟ କୃତାଞ୍ଜଳି ପୁଟରେ ସ୍ତବ କଲେ । ଯଥା,

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ସର୍ବତୋବ୍ୟାପ୍ୟ ଅତ୍ୟତିଷ୍ଠଦଶାଙ୍ଗୁଳମ୍ ।। (୨)

ଅର୍ଥାତ୍, ଯାହାଙ୍କର ସହସ୍ର ମସ୍ତକ, ସହସ୍ର ଚକ୍ଷୁ, ସହସ୍ର ପାଦ, ସେହି ପରମାତ୍ମା ପୁରୁଷଙ୍କ ନାଭିର ଊର୍ଦ୍ଧ୍ୱଭାଗରେ ଦଶ ଅଙ୍ଗୁଳି ସ୍ଥାନ ଅତିକ୍ରମ ପୂର୍ବକ ଅର୍ଥାତ୍

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୪ ଅଧ୍ୟାୟ - ୨ ଶ୍ଳୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୪ ଅଧ୍ୟାୟ - ୫ ଶ୍ଳୋକ

ହୃଦୟ ପଦ୍ମରେ ବିଜ୍ଞାନ ରୂପରେ ଅବସ୍ଥାନ କରିଅଛନ୍ତି । ପୁନଶ୍ଚ ଦେବଗଣ କହିଲେ,

ତ୍ରାହି ବିଷ୍ଣୋ ଜଗନ୍ନାଥ ତ୍ରାହି ନଃ ପରମେଶ୍ୱର ।
ତ୍ୱାମୃତେ କମଳାକାନ୍ତ କଃ ଶକ୍ତିଃ ପରିରକ୍ଷଣେ ।। (୧)

ଦେବର୍ଷି ନାରଦଙ୍କ ପରାମର୍ଶ ଅନୁଯାୟୀ ପ୍ରତିଷ୍ଠାର ସମସ୍ତ ଦ୍ରବ୍ୟ ଆୟୋଜନ କରାଗଲା । ଏହାଛଡ଼ା ତିନିଗୋଟି ରଥ ନିର୍ମାଣ କରାଇବାକୁ ନାରଦଜୀ ପରାମର୍ଶ ଦେଲେ । ବିଶ୍ୱକର୍ମା ଗୋଟିଏ ଦିନରେ ରଥ ନିର୍ମାଣ କରିଦେଲେ । ରଥଗୁଡ଼ିକୁ ଦେଖିଲେ, ସାକ୍ଷାତ୍ ସୂର୍ଯ୍ୟ ନାରାୟଣଙ୍କ ରଥ ସଦୃଶ ଦେଖା ଯାଉଥିଲା ।

ଏହି ସମୟରେ ପୃଥିବୀରେ ଗାଲ ନାମକ ଏକ ରାଜା ରାଜତ୍ୱ କରୁଥିଲେ । ଏହି ନୃପବର ଗାଲ ନୀଳ ପର୍ବତରେ ଶ୍ରୀମାଧବ ନାମକ ଏକ ଦାରୁମୟ ବିଷ୍ଣୁ ପ୍ରତିମାଙ୍କୁ ଉକ୍ତ ମନ୍ଦିରରେ ପୂଜାର୍ଚ୍ଚନା କରୁଥିଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକରୁ ଆସିବା ପରେ ଅନ୍ୟ ଗୋଟିଏ କ୍ଷୁଦ୍ର ମନ୍ଦିର ନିର୍ମାଣ କରି ସେହି ମାଧବ ମୂର୍ତ୍ତିଙ୍କୁ ପୁରୁଷୋତ୍ତମ ମନ୍ଦିରରୁ ନେଇ ସେଠାରେ ସ୍ଥାପନ କଲେ । ଏ ଖବର ପାଇ କ୍ରୋଧବଶତଃ ସୈନ୍ୟସାମନ୍ତ ସହ ଗାଲନୃପ ନୀଳଗିରିରେ ଆସି ଉପସ୍ଥିତ ହେଲେ । ମାତ୍ର ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଦ୍ୱାରା ପ୍ରତିଷ୍ଠା ନିମିତ୍ତ ଦ୍ରବ୍ୟ ସମ୍ଭାର ସଂଗ୍ରହ, ରଥ ନିର୍ମାଣ ତଥା ବ୍ରହ୍ମଲୋକରୁ ତାଙ୍କର ପ୍ରତ୍ୟାବର୍ତ୍ତନ ଆଦି ବୃତ୍ତାନ୍ତ ଶ୍ରବଣ କରି ଗାଲମାଧବଙ୍କର ମନୋବୃତ୍ତି ପରିବର୍ତ୍ତନ ହୋଇଗଲା ଏବଂ ସେ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ପ୍ରଣିପାତ ପୂର୍ବକ ତାଙ୍କର ସମସ୍ତ ଗୁଣ, ମାହାତ୍ମ୍ୟ ଓ ପୁଣ୍ୟକଥା କହିବାରେ ଲାଗିଲେ । ସେ ଅଜ୍ଞାନବଶତଃ ଯୁଦ୍ଧ କରିବାକୁ ଆସିଥିଲେ ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କଲେ । ତାଙ୍କର ସମସ୍ତ ଅପରାଧ କ୍ଷମା କରିବାକୁ ସେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିକଟରେ ବିନୀତ ପ୍ରାର୍ଥନା କଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ଗାଲ ନୃପତିଙ୍କୁ ଜଣେ ପୁଣ୍ୟାତ୍ମା ନରପତି ବୋଲି ସମ୍ବୋଧନ କରି ମନ୍ଦିର ଓ ଦେବତା ପ୍ରତିଷ୍ଠା ପରେ ସେ ତାହାଙ୍କୁ ସମସ୍ତ ଦାୟିତ୍ୱ ଦେଇ ବ୍ରହ୍ମଲୋକ ଯାତ୍ରା କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେଲେ ।

ଏହାପରେ ଦିବ୍ୟ ଦୁନ୍ଦୁଭି, ବେଣୁ, କାହାଳୀ ଓ ବୀଣାର ସୁମଧୁର ସ୍ୱର ଶ୍ରୁତିଗୋଚର ହେବାକୁ ଲାଗିଲା । ଆକାଶରେ ଏକ ତେଜରାଶି ଆବିର୍ଭୂତ ହେବାର ସମସ୍ତେ ଏକାଗ୍ର ଚିତ୍ତରେ ଦୃଷ୍ଟି ନିକ୍ଷେପ କରି ବିମାନ ଅଧିଷ୍ଠିତ ଭଗବାନ ପ୍ରଜାପତିଙ୍କୁ ଦର୍ଶନ କଲେ । ଶହ ଶହ ସ୍ୱର୍ଣ୍ଣ ହଂସ ସେ ବିମାନଙ୍କୁ ବହନ କରୁଥିଲେ । ଦିଗପାଳଗଣ

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୪ ଅଧ୍ୟାୟ - ୨୩ ଶ୍ଲୋକ

ଚାମର ବ୍ୟଜନ କରୁଥିଲେ ଏବଂ ଚନ୍ଦ୍ର ସୂର୍ଯ୍ୟ ଶ୍ୱେତଛତ୍ର ଧାରଣ କରିଥିଲେ । ଗୌତମାଦି ବ୍ରହ୍ମମହର୍ଷିବୃନ୍ଦ ମନ୍ତ୍ର ଉଚ୍ଚାରଣ ପୂର୍ବକ ସ୍ତବଗାନ ମଧ୍ୟ କରୁଥିଲେ । ଦେବଗଣଙ୍କ ଜୟଧ୍ୱନି, ଅପସରାମାନଙ୍କ ନୃତ୍ୟ, ଗନ୍ଧର୍ବମାନଙ୍କ ସୁମଧୁର ସଙ୍ଗୀତ ଏବଂ ବିଦ୍ୟାଧରଗଣଙ୍କ ବୀଣା ବାଦନ ପରିବେଶକୁ ଅତି ଗମ୍ଭୀର କରୁଥିଲା । ଦେବୀ ସାବିତ୍ରୀ ଓ ସରସ୍ୱତୀ ବିବିଧ ବାକ୍ୟ ଉଚ୍ଚାରଣ ପୂର୍ବକ ତାଙ୍କର ସନ୍ତୋଷ ଉତ୍ପାଦନ କରୁଥିଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଦେବର୍ଷି ନାରଦ ସାଷ୍ଟାଙ୍ଗ ପ୍ରଣିପାତ କରି ସ୍ତବଗାନ କରିବାକୁ ଲାଗିଲେ । ପଦ୍ମଯୋନି ବ୍ରହ୍ମା ବିମାନରୁ ଅବତରଣ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସାଧୁବାଦ ଜଣାଇଲେ ଏବଂ ଭଗବାନଙ୍କୁ ତ୍ରିବାର ପ୍ରଦକ୍ଷିଣ ଓ ପ୍ରଣାମ କରି ଗଦ୍‌ଗଦ୍ କଣ୍ଠରେ ସ୍ତୁତି କରିବାକୁ ଆରମ୍ଭ କଲେ । ଯଥା,

ଗୁଣାତୀତ ଗୁଣାଧାର ତ୍ରିଗୁଣାତ୍ମନମୋଽସ୍ତୁତେ ।
ତ୍ୱନ୍ମାୟୟା ମୋହିତୋଽହଂ ସୃଷ୍ଟିମାତ୍ରପରାୟଣଃ ।। (୧)

ଅର୍ଥାତ୍, ଆପଣ ସତ୍ତ୍ୱ ରଜ ତମ ଗୁଣ ତ୍ରୟର ଆଧାର ହୋଇମଧ୍ୟ ତ୍ରିଗୁଣାତୀତ । ଆପଣଙ୍କ ମାୟାରେ ମୋହିତ ହୋଇ ସୃଷ୍ଟି କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହି ଶାନ୍ତି ଲାଭ କରିପାରୁ ନାହିଁ । ଶ୍ରୀଜଗନ୍ନାଥଙ୍କ ଅଶେଷ ମହିମା ଗାନ କରି ପ୍ରଜାପତି ଶ୍ରୀବଳଭଦ୍ରଙ୍କ ସ୍ତବ କରିବା ଆରମ୍ଭ କଲେ । ଯଥା,

ଫଣାମଣିକଣାକାର କ୍ଷିତିମଣ୍ଡଳ ଧାରିଣେ ।
ନମଃ କାଳାଗ୍ନିରୁଦ୍ରାୟ ମହାରୁଦ୍ରାୟ ତେ ନମଃ ।। (୨)

ଅର୍ଥାତ୍, ଆପଣ ନିଜ ମସ୍ତକରେ ଫଣାସ୍ଥିତ ମଣିର କଣାତୁଲ୍ୟ ଏହି ବିଶାଳ କ୍ଷିତି ମଣ୍ଡଳକୁ ଧାରଣ କରିଅଛନ୍ତି । ଆପଣ କାଳାଗ୍ନିରୁଦ୍ର ଓ ମହାରୁଦ୍ର ସ୍ୱରୂପ ଅଟନ୍ତି । ଆପଣଙ୍କୁ ନମସ୍କାର । ପୁନଶ୍ଚ,

ଶଯ୍ୟା ତ୍ୱଂ ଶୟିତା ହ୍ୟେଷ, ଛାଦ୍ୟଶ୍ଚ ଛାଦନୋ ଭବାନ୍
ଯୋ ବୈ କୃଷ୍ଣଃ ସବୈ ରାମୋ, ଯୋ ରାମଃ କୃଷ୍ଣ ଏବ ସଃ ।
ଯୁବୟୋରନ୍ତରଂ ନାସ୍ତି ପ୍ରସୀଦ ତ୍ୱଂ ଜଗନ୍ମୟ ।। (୩)

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୭ଶ ଅଧ୍ୟାୟ - ୨୧ ଶ୍ଳୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୭ଶ ଅଧ୍ୟାୟ - ୪୫ ଶ୍ଳୋକ
(୩) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୭ଶ ଅଧ୍ୟାୟ - ୫୦ ଶ୍ଳୋକ

ଅର୍ଥାତ୍, ଆପଣ ଶଯ୍ୟା, ନାରାୟଣ ଶୟନ କର୍ତ୍ତା, ଆପଣ ଛାଦକ, ନାରାୟଣ ଛାଦ୍ୟ । ତତ୍ତ୍ୱ ଦୃଷ୍ଟିରୁ ଯେ ରାମ ସେ କୃଷ୍ଣ । ଉଭୟଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ହେ ଜଗନ୍ମୟ ! ଆପଣ ପ୍ରସନ୍ନ ହୁଅନ୍ତୁ । ଶ୍ରୀବଳଭଦ୍ରଙ୍କୁ ଏହିପରି ଅନେକ ସ୍ତବ କରି ପରମେଶ୍ୱରୀ ଦେବୀ ସୁଭଦ୍ରାଙ୍କୁ ପ୍ରଣିପାତ ଓ ସ୍ତବ କରିବାକୁ ଲାଗିଲେ । ଯଥା,

ଜୟଦେବି ଜଗନ୍ମାତଃ ପ୍ରସୀଦ ପରମେଶ୍ୱରି
କାର୍ଯ୍ୟକାରଣ କର୍ତ୍ତ୍ରୀ ତ୍ୱଂ ସର୍ବଶକ୍ତ୍ୟୈ ନମୋଽସ୍ତୁତେ ।
ଜୟ ଭଦ୍ରେ ସୁଭେଦ୍ରେ ତ୍ୱଂ ସର୍ବେଷାଂ ଭଦ୍ର ଦାୟିନି
ଭଦ୍ରାଭଦ୍ର ସ୍ୱରୂପା ତ୍ୱଂ ଭଦ୍ରକାଳି ନମୋଽସ୍ତୁତେ ।
ତ୍ୱଂ ମାତା ଜଗତାଂ ଦେବି ପିତା ନାରାୟଣୋହିସଃ
ସ୍ତ୍ରୀରୂପଂ ସର୍ବମେବତ୍ୱଂ ପୁଂରୂପୋ ଜଗଦୀଶ୍ୱରଃ ।। (୧)

ଅର୍ଥାତ୍, ହେ ପରମେଶ୍ୱରି ! ଆପଣ କାର୍ଯ୍ୟ ଓ କାରଣର କର୍ତ୍ତ୍ରୀ ଓ ସର୍ବଶକ୍ତି ସ୍ୱରୂପିଣୀ । ଆପଣଙ୍କର ଜୟ ହେଉ ଓ ଆପଣ ପ୍ରସନ୍ନ ହୁଅନ୍ତୁ । ଆପଣ ସମସ୍ତଙ୍କର ଭଦ୍ରଦାୟିନୀ ହେତୁ ଭଦ୍ରା ନାମରେ ବିଦିତା । ହେ ଭଦ୍ରକାଳି ! ଆପଣ ସମସ୍ତଙ୍କର ଭଦ୍ରାଭଦ୍ର ସ୍ୱରୂପିଣୀ । ଆପଣଙ୍କୁ ନମସ୍କାର । ଆପଣ ସମଗ୍ର ଜଗତର ମାତା ଓ ନାରାୟଣ ସମଗ୍ର ଜଗତର ପିତା ଅଟନ୍ତି । ଆପଣ ସ୍ତ୍ରୀ ମୂର୍ତ୍ତିଙ୍କର ସ୍ୱରୂପା ଓ ନାରାୟଣ ହେଉଛନ୍ତି ପୁରୁଷ ମୂର୍ତ୍ତିଙ୍କର ସ୍ୱରୂପ । ସୁଭଦ୍ରାଙ୍କୁ ସ୍ତବ କଲାପରେ ପିତାମହ ବ୍ରହ୍ମା ବିଷ୍ଣୁଙ୍କର ଚତୁର୍ଥ ଶରୀର ଚକ୍ରରାଜଙ୍କୁ ପ୍ରଣାମ ପୂର୍ବକ ସ୍ତବ କରିବା ଆରମ୍ଭ କଲେ । ଯଥା,

ସୁଦର୍ଶନ ମହାଜ୍ୱଳ କୋଟି ସୂର୍ଯ୍ୟ ସମପ୍ରଭ ।
ଅଜ୍ଞାନ ତିମିରାନ୍ଧାନାଂ ବୈକୁଣ୍ଠାଧ୍ୱପ୍ରଦର୍ଶକ ।। (୨)

ଅର୍ଥାତ୍, ହେ କୋଟି ସୂର୍ଯ୍ୟ ସମପ୍ରଭ ! ଆପଣ ଅଜ୍ଞାନ ତିମିରାନ୍ଧ ବ୍ୟକ୍ତିମାନଙ୍କର ବୈକୁଣ୍ଠ ମାର୍ଗ ପ୍ରଦର୍ଶକ । ହେ ମହାଦୀପ୍ତିଶାଳୀ ସୁଦର୍ଶନ ! ଆପଣଙ୍କୁ ନମସ୍କାର ।

ପଦ୍ମଯୋନି ବ୍ରହ୍ମା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଏହିପରି ସ୍ତବ କରି ମନ୍ଦିର ଦର୍ଶନ ନିମିତ୍ତ ନୀଳାଚଳରେ ଉପସ୍ଥିତ ହେଲେ । ସମସ୍ତ ଦେବଗଣ, ମୁନିଋଷିଗଣ ଓ ସିଦ୍ଧ ସାଧକଙ୍କ

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୭ଶ ଅଧ୍ୟାୟ - ୫୨, ୫୭, ୫୮ ଶ୍ଲୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୭ଶ ଅଧ୍ୟାୟ - ୬୪ ଶ୍ଲୋକ

ଉପସ୍ଥିତିରେ ମନ୍ଦିର ଓ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପଦ୍ମଯୋନି ବ୍ରହ୍ମା ପ୍ରତିଷ୍ଠା କଲେ । ଏହାଥିଲା ବୈଶାଖ ମାସ ପୁଷ୍ୟାଯୋଗଯୁକ୍ତ ଶୁକ୍ଳପକ୍ଷ ଅଷ୍ଟମୀ ତିଥି ଓ ଗୁରୁବାର । ସେହିଯୋଗୁ ଏହି ଦିବସଟି ଅତ୍ୟନ୍ତ ପୁଣ୍ୟପ୍ରଦ ଓ ସର୍ବପାପ ବିନାଶକାରୀ । ଏହା ନୀଳାଦ୍ରି ମହୋଦୟ ନାମରେ ନାମିତ । ବାରମାସରେ ଯେଉଁ ତେର ଯାତ କଥା ଯାହା କୁହାଯାଏ, ଏହି ନୀଳାଦ୍ରି ମହୋଦୟ ହେଉଛି ତ୍ରୟୋଦଶ ଯାତ୍ରା । ଏହି ଦିନ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ବ୍ୟକ୍ତିର ମୁକ୍ତି ଲାଭ ହୁଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଯଥା,

ଶୁକ୍ଲାଷ୍ଟମୀ ଯା ବୈଶାଖେ ଗୁରୁପୁଷ୍ୟଯୁତା ଯଦା ।
ତସ୍ୟାମଭ୍ୟର୍ଚ୍ଚନଂ ବିଷ୍ଣୋଃ କୋଟି ଜନ୍ମାଘନାଶନମ୍ ।। (୧)

ପଦ୍ମଯୋନି ବ୍ରହ୍ମା ଶ୍ରୀଜଗନ୍ନାଥ ଦେବଙ୍କୁ ନୃସିଂହ ରୂପରେ ଦର୍ଶନ କଲେ । ସେ କାଳାଗ୍ନି ରୁଦ୍ର ସଦୃଶ ଆବିର୍ଭୂତ ହୋଇ ସତେ ଅବା ସମଗ୍ର ଜଗତକୁ ଗ୍ରାସ କରିବାକୁ ଉଦ୍ୟତ ହୋଇଅଛନ୍ତି । ଏପରି ଭୟଙ୍କର ମୂର୍ତ୍ତି ଦର୍ଶନରେ ସମସ୍ତେ ଉଦ୍‌ବିଗ୍ନ ଓ ଭୀତତ୍ରସ୍ତ ହେବାକୁ ଲାଗିଲେ । ମାତ୍ର ସୃଷ୍ଟିକର୍ତ୍ତା ବ୍ରହ୍ମା ଅତି ଆନନ୍ଦର ସହିତ ନୃସିଂହ ଦେବଙ୍କୁ ସ୍ତବ କରିବାକୁ ଲାଗିଲେ । ଯଥା,

ନମୋଽସ୍ତୁତେ ଦିବ୍ୟବରୈକ ସିଂହ
ନମୋଽସ୍ତୁତେ ଯୋଗଗୁହୈକ ସିଂହ ।
ନମୋଽସ୍ତୁତେ ସିଂହବୃଷୈକ ସିଂହ
ନମୋଽସ୍ତୁତେ ନୀଳଚଳ ଶୃଙ୍ଗସିଂହ ।
ନମୋଽସ୍ତୁତେ ଦୁଃଖାର୍ଣବପାର ସିଂହ
ନମୋଽସ୍ତୁତେ ତେଜୋମୟଦିବ୍ୟସିଂହ ।
ନମୋଽସ୍ତୁତେ ଚିଦ୍ରାକୃତି ଚିତ୍ର ସିଂହ
ନମୋଽସ୍ତୁତେ କ୍ଳେଶବିମୁକ୍ତିସିଂହ ।
ନମୋଽସ୍ତୁତେ ଦିବ୍ୟବପୁର୍ନୃସିଂହ
ନମୋଽସ୍ତୁତେ ବୀରବରୈକ ସିଂହ ।
ନମୋଽସ୍ତୁତେ ଦୈତ୍ୟବିନାଶସିଂହ
ନମୋଽସ୍ତୁତେ ଦେବେଶ୍ୱଧିଦେବସିଂହ ।। (୨)

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୭ ଅଧ୍ୟାୟ - ୧୦୩ ଶ୍ଳୋକ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୮ ଅଧ୍ୟାୟ - ୧୩, ୧୪, ୧୫ ଶ୍ଳୋକ

ଅର୍ଥାତ୍, ବ୍ରହ୍ମା କହିଲେ ହେ ଦେବ ! ଆପଣ ଅଦ୍ୱିତୀୟ ସିଂହ ମୂର୍ତ୍ତିଧାରୀ, ଯୋଗିଗଣଙ୍କ ଯୋଗରୂପ ଅପ୍ରତିମ ସିଂହ ଓ ଆପଣ ନୀଳ ପର୍ବତର ଶୃଙ୍ଗ ବିହାରୀ ମହାସିଂହ, ଆପଣଙ୍କୁ ନମସ୍କାର । ଆପଣ ଭକ୍ତଙ୍କୁ ଦୁଃଖ ସାଗରରୁ ଉଦ୍ଧାର କରିବା ପାଇଁ ସିଂହ ତୁଲ୍ୟ ମହା ପରାକ୍ରମଶାଳୀ । ହେ ତେଜୋମୟ ଦିବ୍ୟ ସିଂହ ! ହେ ଚିତ୍ର ସିଂହ ! ଆପଣ ଶରଣାଗତ ଭକ୍ତଙ୍କର କ୍ଲେଶ ମୁକ୍ତି ପ୍ରଦାନ ବିଷୟରେ ମହାସିଂହ ସ୍ୱରୂପ । ହେ ଦିବ୍ୟଧାରୀ ନୃସିଂହ ! ଆପଣ ଶୂରବୀର ମଧ୍ୟରେ ଶ୍ରେଷ୍ଠ । ଦୈତ୍ୟଙ୍କୁ ବିନାଶ କରୁଥିବାରୁ ମହାସିଂହ ସ୍ୱରୂପ ଏବଂ ସମସ୍ତ ଦେବତାମାନଙ୍କ ମଧ୍ୟରେ ଆପଣ ସିଂହପରି ପ୍ରଧାନ । ଆପଣଙ୍କୁ ନମସ୍କାର ।

ପ୍ରଜାପତି ସେହି ଦିବ୍ୟ ସିଂହଙ୍କୁ ଏହିପରି ଭାବରେ ସ୍ତବ କରି ନୃସିଂହ ଯନ୍ତ୍ର ଅଙ୍କନ ପୂର୍ବକ ତହିଁରେ ଅଥର୍ବ ବେଦୋକ୍ତ ନୃସିଂହଙ୍କ ପ୍ରଧାନ ମନ୍ତ୍ର ସନ୍ନିବେଶିତ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଉକ୍ତ ମନ୍ତ୍ରରେ ଦୀକ୍ଷିତ କଲେ । ମହାରାଜା ଦେଖିଲେ ନୃସିଂହ ଦେବଙ୍କର ଆଉ ସେହି ଭୟଙ୍କର ମୂର୍ତ୍ତି ନାହିଁ । ସେ ଦେଖିଲେ ଏକ ପ୍ରଶାନ୍ତ ମୂର୍ତ୍ତି, ଦେବୀ କମଳା ତାଙ୍କ ହୃଦୟ ପଦ୍ମରେ ବିରାଜିତା । ସୂର୍ଯ୍ୟ ଚନ୍ଦ୍ର ନୟନ ଯୁଗଳ, ଦୁଇ ହସ୍ତରେ ଚକ୍ର ଓ ପିନାକ ଏବଂ ଅନ୍ୟ ଦୁଇ ହସ୍ତ ଜାନୁ ଉପରେ ପ୍ରସାରିତ ହୋଇ ଦୁଇଟି ପଦ୍ମପରି ଅପୂର୍ବ ଶୋଭା ଧାରଣ କରିଅଛି । ତାଙ୍କର ସର୍ବାଙ୍ଗ ଦିବ୍ୟ ଅଳଙ୍କାରରେ ବିଭୂଷିତ ଓ ଯୋଗାରୂଢ଼ ଅବସ୍ଥାରେ ବିରାଜିତ । ହଳ ଲାଙ୍ଗଳଧାରୀ ବଳଭଦ୍ର ତାଙ୍କ ପୃଷ୍ଠ ଦେଶରେ ସହସ୍ରଫେଣା ମଣ୍ଡଳ ବିସ୍ତାର ପୂର୍ବକ ଛତ୍ରାକାର କରି ଅଛନ୍ତି । ଚତୁର୍ଦ୍ଧାମୂର୍ତ୍ତି ପରିବର୍ତ୍ତେ ଏକମୂର୍ତ୍ତି ଦର୍ଶନ କରି ମହାରାଜା ଇନ୍ଦ୍ରଦ୍ୟୁମ୍ନ ପିତାମହଙ୍କୁ ଏହାର କାରଣ କ'ଣ ବୋଲି ପ୍ରଶ୍ନ କରିବାରୁ ସୃଷ୍ଟିକର୍ତ୍ତା ବ୍ରହ୍ମା କହିଲେ ଯେ ଭଗବାନଙ୍କର ନରସିଂହ ଆକୃତି ହିଁ ଆଦ୍ୟମୂର୍ତ୍ତି । ଉକ୍ତ ଚାରିମୂର୍ତ୍ତିର ସମାହାର ହେଉଛନ୍ତି ଶ୍ରୀଜଗନ୍ନାଥ । ଚତୁର୍ଦ୍ଧାମୂର୍ତ୍ତି ହେଉଛନ୍ତି ଚାରିବେଦ । ହଳଧର ବଳଭଦ୍ର ଋକ୍‌ବେଦ ରୂପୀ, ଶ୍ରୀଜଗନ୍ନାଥ ସାମବେଦ ସ୍ୱରୂପ, ସୁଭଦ୍ରା ଯଜୁର୍ବେଦ ରୂପିଣୀ ଏବଂ ଚକ୍ରରାଜ ସୁଦର୍ଶନ ଅଥର୍ବ ବେଦ ରୂପୀ ବୋଲି ବିଦିତ । ଯଥା,

ଋକ୍‌ବେଦରୂପୀ ହଳଧୃକ୍ ସାମରୂପୋ ନୃକେଶରୀ ।
ଯଜୁର୍ମୂର୍ତ୍ତି ସ୍ତ୍ରିୟଂ ଭଦ୍ରା ଚକ୍ରମାଥର୍ବଣଂ ସ୍ମୃତମ୍ ।। (୧)

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୮ ଅଧ୍ୟାୟ - ୪୩ ଶ୍ଳୋକ

ବେଦ ହିଁ ବ୍ରହ୍ମ । ତେଣୁ ଏ ଚାରିବେଦରୂପୀ ଭଗବାନ ହିଁ ବ୍ରହ୍ମ । ମହାପ୍ରଭୁ ଜଗନ୍ନାଥ ସର୍ବରୂପ ଓ ସର୍ବମନ୍ତ୍ରମୟ । ତାଙ୍କୁ ଯେ ଯେଉଁ ଉଦ୍ଦେଶ୍ୟରେ ଆରାଧନା କରେ ସେ ସେହିପରି ଭାବରେ ଅନୁଗୃହୀତ ହୁଏ । ଯେଉଁ ବ୍ୟକ୍ତି ନୀଳାଚଳସ୍ଥିତ ଦାରୁମୟ ବିଷ୍ଣୁଙ୍କୁ ଅର୍ଚ୍ଚନା କରନ୍ତି, ତାଙ୍କର ଯଜ୍ଞ ତୀର୍ଥ, ବ୍ରତ, ଦାନ ବା ତପସ୍ୟାର ଆବଶ୍ୟକତା ନଥାଏ ।

ଏହାପରେ ସିଂହାସନରେ ଅଧିଷ୍ଠିତ ସେହି ମୂର୍ତ୍ତି ଚତୁଷ୍ଟୟଙ୍କୁ ସମସ୍ତେ ଦର୍ଶନ କରିବାକୁ ପାଇଲେ । କମଳାସନ ବ୍ରହ୍ମା ଦ୍ୱାଦଶାକ୍ଷର ମନ୍ତ୍ରରେ ବଳଭଦ୍ରଙ୍କୁ, ଦେବୀସୂକ୍ତ ମନ୍ତ୍ର ଦ୍ୱାରା ସୁଭଦ୍ରାଙ୍କୁ, ପୁରୁଷସୂକ୍ତ ମନ୍ତ୍ରଦ୍ୱାରା ଜଗନ୍ନାଥଙ୍କୁ ଓ ଦ୍ୱାଦଶାକ୍ଷର ମନ୍ତ୍ରରେ ଚକ୍ରରାଜ ସୁଦର୍ଶନଙ୍କୁ ପୂଜାର୍ଚ୍ଚନା କଲେ ଏବଂ ମହାରାଜା ଇନ୍ଦ୍ରଦ୍ୟୁମ୍ନ କିପରି ଭାବରେ ପୂଜା, ଆରାଧନା କରିବେ ସେ ଦିଗରେ ଦିଗ୍ ଦର୍ଶନ ଦେବା ପାଇଁ ମହାପ୍ରଭୁଙ୍କୁ ବିନୀତ ପ୍ରାର୍ଥନା କଲେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଇନ୍ଦ୍ରଦ୍ୟୁମ୍ନଙ୍କ ଭକ୍ତି ଭାବରେ ଅତ୍ୟନ୍ତ ପ୍ରୀତ ବୋଲି ସହାସ୍ୟ ବଦନରେ ପ୍ରକାଶ କଲେ । ସେ ଆଶୀର୍ବାଦ ଦେଲେ ଯେ ତାଙ୍କ ପ୍ରତି ଇନ୍ଦ୍ରଦ୍ୟୁମ୍ନଙ୍କର ଅଚଳା ଭକ୍ତି ତଥା ଅତୁଟ ବିଶ୍ୱାସ ରହୁ । ଶ୍ରୀକ୍ଷେତ୍ର ଧାମ ଓ ଶ୍ରୀମନ୍ଦିର କଦାପି ତ୍ୟାଗ କରିବେ ନାହିଁ ବୋଲି ଭଗବାନ ତ୍ରିବାର ସତ୍ୟ କରି କହିଲେ । ଯଥା,

ସତ୍ୟଂ ସତ୍ୟଂ ପୁନଃ ସତ୍ୟଂ
ସତ୍ୟମେତଦ୍ ବ୍ରବୀମି ତେ ।
ପ୍ରାସାଦ ଭଙ୍ଗେ ତତ୍‌ସ୍ଥାନଂ
ନ ତ୍ୟକ୍ଷ୍ୟାମି କଦାଚନ ।। (୧)

ଏ ମନ୍ଦିର ଭୂମିସାତ୍ ହେଲେ ସୁଦ୍ଧା ସତ୍ୟସନ୍ଧ ଭଗବାନ ଏ ମନ୍ଦିରକୁ ଓ ଏ ଧାମକୁ କଦାପି ପରିତ୍ୟାଗ କରିବେ ନାହିଁ ବୋଲି ମୁକ୍ତ କଣ୍ଠରେ ଘୋଷଣା କରିଥିଲେ । ପଦ୍ମଯୋନି ବ୍ରହ୍ମାଙ୍କର ଦ୍ୱିତୀୟ ପରାର୍ଦ୍ଧକାଳ ପର୍ଯ୍ୟନ୍ତ ସେ ଏହି ଦାରୁମୟ ଦେହରେ ଅବସ୍ଥାନ କରିଥିବେ । ସତ୍ୟ ଯୁଗର ପ୍ରଥମାଂଶରେ ସେ ଏହିପରି ଦାରୁମୟ ରୂପରେ ଆବିର୍ଭୂତ ହେଲେ ବୋଲି ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସୂଚନା ଦେଲେ । ତାଙ୍କର ଯାନି ଯାତ୍ରା, ପର୍ବ ପର୍ବାଣି ଓ ନୀତିରୀତି ସମ୍ବନ୍ଧରେ ଭଗବାନ ସ୍ୱୟଂ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ନିକଟରେ ପ୍ରକାଶ କରିଥିବା ବିଷୟ ସ୍କନ୍ଦ ପୁରାଣରୁ ଜଣାଯାଏ ।

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୯ ଅଧ୍ୟାୟ - ୧୪ ଶ୍ଳୋକ

ଶ୍ରୀଜଗନ୍ନାଥ ଜ୍ୟେଷ୍ଠ ପୂର୍ଣ୍ଣମୀ ତିଥିରେ ଆବିର୍ଭୂତ ହୋଇଥିବାରୁ ସେ ଦିବସଟି ତାଙ୍କର ପୁଣ୍ୟ ଜନ୍ମତିଥି । ବୈଶାଖ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ସେ ବ୍ରହ୍ମାଙ୍କ ଦ୍ୱାରା ମର୍ତ୍ତ୍ୟ ମଣ୍ଡଳରେ ପ୍ରତିଷ୍ଠିତ ହୋଇଥିବାରୁ ତାହା ମଧ୍ୟ ଏକ ସ୍ମରଣୀୟ ଦିବସ । ଏହା ନୀଳାଦ୍ରି ମହୋଦୟ ନାମରେ ବିଦିତ । ଯେଉଁମାନେ ଶ୍ରୀଜଗନ୍ନାଥଙ୍କର ସ୍ନାନ ଯାତ୍ରା ଦର୍ଶନ କରିବେ ସେମାନଙ୍କର ସମସ୍ତ ତୀର୍ଥ ସ୍ନାନ ଯଜ୍ଞାନୁଷ୍ଠାନ ଓ ସର୍ବବିଧ ଦାନର ଫଳ ପ୍ରାପ୍ତି ହେବ ବୋଲି ଭଗବାନ ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ନିକଟରେ ପ୍ରକାଶ କଲେ । ଯଥା,

ସ୍ନାପ୍ୟମାନନ୍ତୁ ଯଃ ପଶ୍ୟେନ୍ମାଂ ତଦା ନୃପସତ୍ତମ ।
ଦେହବନ୍ଧମବାପ୍ନୋତି ନ ପୁନଃ ସ ତୁ ପୁରୁଷଃ ।। (୧)

ଅର୍ଥାତ୍, ଯେଉଁ ବ୍ୟକ୍ତି ସ୍ନାନ କାଳରେ ଭଗବାନଙ୍କୁ ଅବଲୋକନ କରିବେ, ସେମାନଙ୍କର ପୁନର୍ବାର ଦେହ ବନ୍ଧନ ହେବ ନାହିଁ । ସ୍ନାନ ଯାତ୍ରା ପରେ ପଞ୍ଚଦଶ ଦିବସ ତାଙ୍କୁ ଅନବସର ଗୃହରେ ରଖିବାକୁ ପଡ଼ିବ । ଅଙ୍ଗରାଗ ବିହୀନ ବିରୂପ ଅବସ୍ଥାରେ ଦର୍ଶନ କରିବା ଉଚିତ ନୁହେଁ ବୋଲି, ସେ ସମୟରେ ଦର୍ଶନ ନିଷିଦ୍ଧ ଅଟେ । ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ କରାଇ ଗୁଣ୍ଡିଚା ମନ୍ଦିରକୁ ପ୍ରତ୍ୟେକ ବର୍ଷ ନେବାକୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଭଗବାନ ନିର୍ଦ୍ଦେଶ ଦେଲେ । ସେ ସ୍ଥାନ ଭଗବାନଙ୍କର ଜନ୍ମସ୍ଥାନ ବୋଲି ଅଖଣ୍ଡ ପ୍ରୀତିଜନକ । ଏହା ନବ ଦିନ ଯାତ୍ରା ହେବ ଓ ଦଶମୀ ତିଥିରେ ତାଙ୍କର ବାହୁଡ଼ା ବିଜେ ମହୋତ୍ସବ ଅନୁଷ୍ଠିତ ହେବ । ଶ୍ରୀଜଗନ୍ନାଥଙ୍କର ଶୟନ ଯାତ୍ରା, ପାର୍ଶ୍ୱ ପରିବର୍ତ୍ତନ, ଉତ୍‌ଥାପନ ଯାତ୍ରା, ମାର୍ଗଶୀର ମାସରେ ପ୍ରାବରଣ, ପୌଷ ମାସରେ ପୁଷ୍ୟାଭିଷେକ, ଫାଲଗୁନ ମାସରେ ଦୋଳଯାତ୍ରା, ବୈଶାଖରେ ଅକ୍ଷୟ ତୃତୀୟା ଆଦି ଯାତ୍ରା ମହୋତ୍ସବ ପାଳନ କଲେ ଓ ଏ ସବୁ ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ହୋଇଥାଏ । ମହାରାଜା ଇନ୍ଦ୍ରଦ୍ୟୁମ୍ନ ଭଗବାନଙ୍କ ନିର୍ଦ୍ଦେଶାନୁଯାୟୀ ସମସ୍ତ ମହୋତ୍ସବ ମାସ ତିଥିବାର ନକ୍ଷତ୍ର ଅନୁଯାୟୀ ଯଥା ବିଧାନରେ ସମ୍ପାଦନ କରିବାରେ ତତ୍ପର ହେଲେ । ଏ ସମସ୍ତ ଯାନି ଯାତ୍ରା ଭକ୍ତମାନଙ୍କର ପ୍ରୀତି ପାଇଁ ଉଦ୍ଦିଷ୍ଟ । ଏହା ମଧ୍ୟ ଲୋକ ଶିକ୍ଷା ମୂଳକ ।

卐

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୯ ଅଧ୍ୟାୟ - ୨୫ ଶ୍ଲୋକ

ପଞ୍ଚମ ଅଧ୍ୟାୟ

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ

ପୁର ବା ଶରୀରରେ ଆତ୍ମା ଭାବରେ ଯେ ଶୟନ କରିଥାନ୍ତି ବା ଅବସ୍ଥାନ କରିଥାନ୍ତି ତାଙ୍କୁ ପୁରୁଷ ବୋଲି କୁହାଯାଏ । ଏହି ପୁରୁଷ ସର୍ବଶ୍ରେଷ୍ଠ, ସର୍ବୋତ୍ତମ ତେଣୁ ପୁରୁଷୋତ୍ତମ । ଋକ୍ ବେଦରେ ପୁରୁଷସୂକ୍ତ ମନ୍ତ୍ରରେ ପୁରୁଷୋତ୍ତମଙ୍କୁ ସହସ୍ରଶୀର୍ଷା, ସହସ୍ରାକ୍ଷ, ସହସ୍ରପାଦ ଭାବରେ ସ୍ତୁତି କରାଯାଇଅଛି । ସେ ସ୍ୱୟଂ ଅମୃତ ଓ ଅମୃତତ୍ୱର ନିୟାମକ । ଅନ୍ତରୀକ୍ଷ ଓ ସ୍ୱର୍ଗକୁ ଆଧେୟ କରି ସେ ସମସ୍ତଙ୍କୁ ପାଳନ କରୁଅଛନ୍ତି । ଶ୍ୱେତାଶ୍ୱେତରୋପନିଷଦରେ ପୁରୁଷୋତ୍ତମଙ୍କର ମଧ୍ୟ ବ୍ୟାଖ୍ୟା କରାଯାଇଅଛି । ଯଥା,

ଅପାଣିପାଦୋ ଜବନୋଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସଶୃଣୋତ୍ୟକର୍ଣ୍ଣଃ ।
ସବେତ୍ତି ବେଦ୍ୟଂ ନଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ॥ (୧)

ଅର୍ଥାତ୍, ଯେଉଁ ଶକ୍ତି ହସ୍ତପଦ ନଥାଇ ମଧ୍ୟ ସର୍ବାଧିକାରୀ, ଚକ୍ଷୁ ନଥାଇ ସର୍ବଦର୍ଶୀ, କର୍ଣ୍ଣ ନ ଥାଇ ସର୍ବଶ୍ରୋତା, ଯେ ସର୍ବଜ୍ଞାତା ତଥା ଅଚିନ୍ତ୍ୟଶକ୍ତିମାନ୍ ସେହିଁ ପୁରୁଷୋତ୍ତମ । ସେହିପରି ଶ୍ରୀମଦ୍ ଭଗବତ୍ ଗୀତାରେ ପୁରଷୋତ୍ତମଙ୍କ ସଜ୍ଞା ମଧ୍ୟ ନିରୂପିତ ହୋଇଅଛି । ଯଥା,

ଯସ୍ମାତ୍ କ୍ଷରମତୀତୋହମ୍ ଅକ୍ଷରାଦପି ଚୋତ୍ତମଃ ।
ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ॥ (୨)

ଅର୍ଥାତ୍, ଯେ କ୍ଷର ବା ବିନାଶଶୀଳ ଶରୀର ଓ ଅକ୍ଷର ବା ଅବିନାଶୀ ଚୈତନ୍ୟ ଠାରୁ ଅତୀତ ତଥା ଉତ୍କୃଷ୍ଟ ସେ ଲୋକମୁଖରେ ଓ ବେଦରେ ପୁରୁଷୋତ୍ତମ ନାମରେ ବିଦିତ ।

(୧) ଶ୍ୱେତାଶ୍ୱେତପନିଷଦ - ୩/୧୯

(୨) ଗୀତା - ୧୫ ଅଧ୍ୟାୟ - ୧୮ ଶ୍ଲୋକ

ବେଦ, ଉପନିଷଦ, ଓ ଗୀତାର ବର୍ଣ୍ଣିତ ପୁରୁଷୋତ୍ତମ ହେଉଛନ୍ତି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କର ପାଦ ନାହିଁ, ପୂର୍ଣ୍ଣାଙ୍ଗ ହାତ ନାହିଁ, କାନ ନାହିଁ ଏବଂ ଦୁଇଟି ଗୋଲକକୁ ଆଖି ବୋଲି କୁହାଯାଇଥାଏ, ଅର୍ଥାତ୍, ଅନ୍ୟ ଦେବ ଦେବୀଙ୍କ ପରି ଆଖି ମଧ୍ୟ ନାହିଁ । କିନ୍ତୁ ଆଖି ନଥାଇ ଯେ ସବୁ ଦେଖନ୍ତି, କାନ ନଥାଇ ଯେ ସବୁ ଶୁଣନ୍ତି, ପାଦ ନଥାଇ ଯେ ସବୁଆଡ଼େ ଯାଆନ୍ତି, ହାତ ନଥାଇ ଯେ ବିଶ୍ୱବ୍ରହ୍ମାଣ୍ଡକୁ ଧରି ରଖିଛନ୍ତି, ସେହିଁ ନୀଳାଚଳ ବାସୀ ଶ୍ରୀଜଗନ୍ନାଥ ।

ଶ୍ରୀଜଗନ୍ନାଥ ସ୍ୱୟଂ ବିଷ୍ଣୁ ଦାରୁବ୍ରହ୍ମ ଭାବରେ ବିରାଜିତ ଏହା ଋକ୍‌ବେଦ ତୈତିରୀୟ ଶ୍ରୁତି ଓ ଅଥର୍ବ ବେଦରୁ ମଧ୍ୟ ଜଣାଯାଏ । ଯଥା,

ଆଦୌ ଯଦ୍‌ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୁରୁଷମ୍ ।
ତଦା ଲଭସ୍ୱ ଦୁର୍ହାଣୋ ତେନ ଗଚ୍ଛ ପରଂ ସ୍ଥଳମ୍ ।। (୧)

ଅର୍ଥାତ୍, ଯେଉଁ ଅପୌରୁଷେୟ ଦାରୁମୟ ପୁରୁଷୋତ୍ତମ ନାମକ ଶ୍ରୀଭଗବଦ୍ ବିଗ୍ରହ ସମୁଦ୍ର ତୀରରେ ବିରାଜିତ ସେହି ଦାରୁବ୍ରହ୍ମଙ୍କୁ ଆଶ୍ରୟ କର ଓ ଉପାସନା ଦ୍ୱାରା ପରମ ଧାମକୁ ଗମନ କର । ଏହି ଦାରୁ ବିଗ୍ରହ ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ । ଅଥର୍ବ ବେଦରେ ମଧ୍ୟ ଅନୁରୂପ ମତ ପ୍ରଦତ୍ତ ହୋଇଅଛି । ଯଥା,

ଅଦୌ ଯଦ୍ଦାରୁ ପ୍ଲବତେ ସିନ୍ଧୋର୍ମଧ୍ୟେ ଅପୁରୁଷମ୍ ।
ତଦା ଲଭସ୍ୱ ଦୁର୍ଦାନୋ ତେନ ଯାହି ପରଂସ୍ଥଳମ୍ ।।

ଭଗବାନ ବ୍ୟାସଦେବକୃତ ସ୍କନ୍ଦ ପୁରାଣରେ ପୁରୁଷୋତ୍ତମ ମାହାତ୍ମ୍ୟ ବିଭାଗରେ କୁହାଯାଇଛି,

ଯ ଏଷ ପ୍ଲବତେ ଦାରୁଃ ସିନ୍ଧୁପାରେ ହ୍ୟପୌରୁଷଃ ।
ତମୁପାସ୍ୟ ଦୁରାରାଧ୍ୟଂ ମୁକ୍ତିଂ ଯାତି ସୁଦୁର୍ଲଭମ ।। (୨)

ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ଏକ ଋକ୍‌ବେଦ ପାରଗ ସାକ୍ଷାତ୍ ବ୍ରହ୍ମଜ୍ଞାନ ସାଗର ବେଦାନ୍ତବିଦ୍ ବ୍ରାହ୍ମଣ କହିଥିଲେ ଯେ ଭଗବାନ ଧରାଧାମରେ ଦାରୁମୂର୍ତ୍ତି ଧାରଣ କରି ଆବିର୍ଭୂତ ହୋଇଅଛନ୍ତି । ସେହି ଅପୌରୁଷେୟ ଦାରୁ ସମୁଦ୍ର ପାରରେ ଭାସମାନ ଅବସ୍ଥାରେ ଅଛନ୍ତି । ଦୁରାରାଧ୍ୟ ଏହାଙ୍କୁ ଉପାସନା କଲେ ଅତ୍ୟନ୍ତ ଦୁର୍ଲଭ

---

(୧) ଋକ୍‌ବେଦ - ଦଶମଣ୍ଡଳ - ୧୫୫ ସୂକ୍ତ
(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୧ ଅଧ୍ୟାୟ - ୩ ଶ୍ଳୋକ

ମୋକ୍ଷପଦ ପ୍ରାପ୍ତି ହୋଇଥାଏ । ଅତଏବ୍ ମୁକ୍ତିଦାତା ପରଂବ୍ରହ୍ମ ବିଷ୍ଣୁ ଶ୍ରୀଜଗନ୍ନାଥ ରୂପରେ ଅବତୀର୍ଣ୍ଣ, ଏହା ନିଶ୍ଚିତ । ସ୍କନ୍ଦ ପୁରାଣରେ ମଧ୍ୟ ବର୍ଣ୍ଣନା କରାଯାଇଛି ଯେ ପୁରୁଷୋତ୍ତମଙ୍କର ମୂର୍ତ୍ତି ଏକ ଓ ଅନେକର ପ୍ରତୀକ, ସ୍ଥୂଳ ଓ ସୂକ୍ଷ୍ମାତ୍ମକ ବିଗ୍ରହ ଏବଂ ଅଣୁ ବାଦର ସୂଚକ ହୋଇ ବ୍ୟୋମ ବା ଶୂନ୍ୟରୁ ଅତୀତ । ନିରାକାର ହୋଇ ମଧ୍ୟ ସାକାର ଭାବରେ ବିଶ୍ୱବିଦିତ । ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଏ ସମସ୍ତ ଭାବର ମୂର୍ତ୍ତିମନ୍ତ ସ୍ୱରୂପ । ଶ୍ରୀଜଗନ୍ନାଥଙ୍କ ବିଗ୍ରହ ଏକ ସାଙ୍କେତିକ ବିଗ୍ରହ ଯାହା ମାନବ ସମାଜର ଜ୍ଞାନ, ଭକ୍ତି, କଳା ଓ ଶିଳ୍ପ ଚାତୁରୀର ଅଦ୍ୱିତୀୟ କୃତି । ଶ୍ରୀଜଗନ୍ନାଥ ଅଣୁ, ବୃହତ୍ କୃଶ, ସ୍ଥୁଳ, ଗୁଣଭୃତ୍, ନିର୍ଗୁଣ, ଅଧୃତ, ସ୍ୱଧୃତ ଏବଂ ଅତୀବ ମହାନ୍ ।

ସନ୍ଥ ତୁଳସୀ ଦାସ ଶ୍ରୀରାମ ଚରିତ ମାନସରେ ଉପନିଷଦ ପରି ନିର୍ଗୁଣ ନିରାକାର ବ୍ରହ୍ମର ବର୍ଣ୍ଣନା କରିଛନ୍ତି । ଯଥା,

ବିନୁପଦ ଚଲଇ ସୁନଇ ବିନୁ କାନା
କର ବିନୁ କରମ କରଇ ବିଧି ନାନା ।
ଆନନ ରହିତ ସକଲ ରସ ଭୋଗୀ
ବିନୁ ବାନୀ ବକତା ବଡ଼ ଯୋଗୀ ।
ତନବିନୁ ପରସ ନୟନ ବିନୁ ଦେଖା
ଗ୍ରହଇ ଘ୍ରାନ ବିନୁ ବାସ ଅସେସା ।।

ବିନା ପାଦରେ ଚାଲିବା, ବିନା କାନରେ ଶୁଣିବା, ବିନା ହାତରେ କର୍ମ କରିବା, ବିନା ମୁଖରେ ରସ ଆସ୍ୱାଦନ କରିବା, କଥା ନକହୁଥିଲେ ମଧ୍ୟ ବଡ଼ ବକ୍ତା ହେବା, ଯୋଗୀପରି ନିଶ୍ଚଳ ବସି ରହିବା, ଶରୀର ନଥାଇ ସ୍ପର୍ଶ ସୁଖ ଜାଣିବା, ବିନା ଆଖିରେ ଦେଖିବା, ଆଘ୍ରାଣ ଇନ୍ଦ୍ରିୟ ନଥାଇ ଘ୍ରାଣ କରିବା ଆଦି ସମସ୍ତ ବିଷୟ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଯୁଜ୍ୟ । ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ ଅକର୍ମରେ କର୍ମ ନ୍ୟାୟ ମଧ୍ୟ ପ୍ରଯୁଜ୍ୟ । ସେ କିଛି କର୍ମ ନକରି କେବଳ ବସି ରହିଥିବା ଭଳି ଜଣାଯାଉଥିଲେ ସୁଦ୍ଧା ସେ ବିଶ୍ୱ ବ୍ରହ୍ମାଣ୍ଡର ସର୍ବୋଚ୍ଚ କର୍ତ୍ତା ହୋଇଥିବାରୁ ଅହରହ କର୍ମରତ ।

ଶ୍ରୀଜଗନ୍ନାଥ ଅବତାରୀ ପୁରୁଷ । ସମସ୍ତ ଅବତାର ତାଙ୍କ ଠାରୁ ଉଦ୍ଭବ । ଭକ୍ତମାନଙ୍କ ପ୍ରୀତି ପାଇଁ ସେମାନଙ୍କର ଆଦର୍ଶ ପାଇଁ ସେ ସାକାର ହୁଅନ୍ତି । ଶ୍ରୀଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତି ହେଲେ ଶ୍ରୀରାମ, ଶ୍ରୀକୃଷ୍ଣ, ନୃସିଂହ, ବାମନ ଆଦିଙ୍କ ଜନ୍ମୋତ୍ସବ ଓ ଅନ୍ୟାନ୍ୟ ଲୀଳା ସମ୍ପାଦିତ ହୁଏ । ନୀଳାଦ୍ରି ମହୋଦୟରେ

କୁହାଯାଇଛି, 'ଅନୁଗ୍ରହାୟ ଲୋକାନାଂ ନାନା ରୂପଧରଂ ପ୍ରଭୁ' । ବର୍ଷସାରା ଶ୍ରୀଜଗନ୍ନାଥଙ୍କ ଯେଉଁ ଅଙ୍ଗ ଭୂଷଣ ହୁଏ, ସେଥିରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥ ଶଙ୍ଖଚକ୍ର ଧାରଣ କରି ଶ୍ରୀବିଷ୍ଣୁ ରୂପରେ, ସୁବର୍ଣ୍ଣ ଚନ୍ଦ୍ରିକା ଓ ମକର କୁଣ୍ଡଳ ଧାରଣ କରି ଶ୍ରୀକୃଷ୍ଣ ରୂପରେ, ଛତ୍ର ଓ ହନୁମାନ ସଂଯୋଗରେ ଶ୍ରୀରାମ ରୂପରେ, ଛତ୍ର ଓ କମଣ୍ଡଳୁ ଧାରଣ କରି ବାମନ ରୂପରେ ଏବଂ ଗଜାନନ ବେଶ ଧାରଣ କରି ଗଣପତି ରୂପରେ ଭକ୍ତ ସମାଜକୁ ଦର୍ଶନ ଦେଇ ଆହ୍ଲାଦ ଦେଇଥାନ୍ତି । ସେହିପରି ଶୈବମାନଙ୍କ ପାଇଁ ସେ ଭୈରବ, ଶାକ୍ତଙ୍କ ପାଇଁ ସେ ମହାକାଳୀ, ବୈଷ୍ଣବଙ୍କ ପାଇଁ ସେ ନାରାୟଣ, ସୌରଙ୍କ ପାଇଁ ସେ ସୂର୍ଯ୍ୟ, ବୌଦ୍ଧଙ୍କ ପାଇଁ ସେ ବୁଦ୍ଧ, ଜୈନଙ୍କ ପାଇଁ ସେ ଋଷଭନାଥ ଏବଂ ଯେଉଁ ଭକ୍ତ ଯେପରି ଚିନ୍ତା କଲା ତା ପାଇଁ ତାଙ୍କର ସେପରି ରୂପ । ବେଦାନ୍ତ ସାର ଗୁପ୍ତଗୀତାରେ କୁହାଯାଇଛି,

ସର୍ବଦା ନୀଳାଦ୍ରିରେ ସ୍ଥିତି । ଏଥିରେ ସକଳ ଜାତ ହୋନ୍ତି ।।
ସମସ୍ତ ଅବତାର ମାନ । ଜାତ ହୋଇଣ ପଶେ ପୁଣ ।।
ବେଦାନ୍ତ ସାର ବ୍ରହ୍ମ ଏହି । ବେଦ ହିଁ ବର୍ଣ୍ଣି ନ ପାରଇ ।।

ଶ୍ରୀମନ୍ଦିରସ୍ଥ ରତ୍ନ ସିଂହାସନରେ ସପ୍ତ ବିଗ୍ରହ ବିରାଜିତ । ସେମାନେ ହେଲେ ଶ୍ରୀ ବଳଭଦ୍ର, ଶ୍ରୀ ସୁଭଦ୍ରା, ଶ୍ରୀ ଜଗନ୍ନାଥ, ଶ୍ରୀସୁଦର୍ଶନ, ଶ୍ରୀ ଭୂଦେବୀ, ଶ୍ରୀ ଶ୍ରୀଦେବୀ ଏବଂ ଶ୍ରୀମାଧବ । ଏମାନଙ୍କ ମଧ୍ୟରୁ ପଞ୍ଚ ବିଗ୍ରହ ଦାରୁମୟ । ଏହା ହେଉଛି ଓଁକାର ପ୍ରଣବ ତତ୍ତ୍ୱ । ଯଥାର୍ଥରେ କୁହାଯାଇଛି,

ଅକାରଃ ବଳଦେବଶ୍ଚ ଉକାରଃ ଯୋଗମାତୃକା
  ସାକ୍ଷାତ୍ ଦେବ ଜଗନ୍ନାଥଃ ମକାରଃ ବୀଜରୂପୀଣଃ ।
ସୁଦର୍ଶନ ମହାଜ୍ୱାଳା ଅର୍ଦ୍ଧମାତ୍ରାତ୍ମକଃ ସ୍ୱୟମ୍
  ମାଧବଃ ବିନ୍ଦୁ ରୂପଶ୍ଚ ପଞ୍ଚୈ ତେ ଦାରବତନୁଃ ।।

ଓଁକାର ହେଉଛି ଅ+ଉ+ମ୍+ ଅର୍ଦ୍ଧମାତ୍ରା+ ବିନ୍ଦୁ । ବଳଭଦ୍ର ହେଉଛନ୍ତି 'ଅ'କାର, ସୁଭଦ୍ରା 'ଉ'କାର, ଜଗନ୍ନାଥ 'ମ'କାର, ସୁଦର୍ଶନ ଅର୍ଦ୍ଧମାତ୍ରା ଏବଂ ମାଧବ ହେଉଛନ୍ତି ଅର୍ଦ୍ଧମାତ୍ରା ସ୍ଥିତ ବିନ୍ଦୁ । ସମସ୍ତ ଦେବତାଙ୍କ ନିର୍ଗୁଣାତ୍ମକ ରୂପ ହିଁ ପ୍ରଣବ ଅର୍ଥାତ୍ ଜଗନ୍ନାଥାଦି ବିଗ୍ରହ । 'ଓଁ ମିତେକାକ୍ଷର ବ୍ରହ୍ମ' ପୁରୁଷୋତ୍ତମ ରୂପରେ ଅବତୀର୍ଣ୍ଣ । ଏହାଛଡ଼ା, 'ଅ' କାର ବ୍ରହ୍ମାତ୍ମକ, 'ଉ' କାର ବିଷ୍ଣାତ୍ମକ ଏବଂ 'ମ'କାର ଶିବାତ୍ମକ ଅଟେ । ତେଣୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ସମଷ୍ଟି ହେଉଛି ଓଁ । ଏତଦ୍‌ବ୍ୟତୀତ, ଅ+ଉ+ମ, ଏ ତିନି ଅକ୍ଷର ସତ୍ତ୍ୱ ରଜ ଓ ତମ, ସତ୍ୟ, ତ୍ରେତିୟା,

ଓ ଦ୍ୱାପର ଏବଂ ଭୂ, ଭୁବଃ ଓ ସ୍ୱଃ, ପ୍ରଭୃତିକୁ ବୁଝାଇଥାଏ । ସାରଳା ମହାଭାରତରେ ବର୍ଣ୍ଣନା କରାଯାଇଛି,

ରାମକୃଷ୍ଣ ସୁଭଦ୍ରା ଯେ ଏ ତିନି ପ୍ରତିମା ।
ଶ୍ରୀପୁରୁଷୋତ୍ତମେ ବିଜେ ହରିହର ବ୍ରହ୍ମା ॥

ଆଦି ଶଙ୍କରଙ୍କ ମତରେ ବଳଭଦ୍ର ହେଉଛନ୍ତି ଦେବଦେବ ମହାଦେବ, ସୁଭଦ୍ରା ହେଉଛନ୍ତି ଆଦ୍ୟାଶକ୍ତି ଯୋଗମାୟା, ଏବଂ ଜଗନ୍ନାଥ ହେଉଛନ୍ତି ସ୍ୱୟଂ ବିଷ୍ଣୁ । ଶିବ ଓ ବିଷ୍ଣୁଙ୍କ ମଧ୍ୟରେ ଯୋଗମାୟାଙ୍କ ଅବସ୍ଥିତି ଗୁରୁତ୍ୱପୂର୍ଣ୍ଣ । ମଧ୍ୟ ଭାଗରେ ଶକ୍ତି ଅବସ୍ଥିତ ହୋଇଥିବାରୁ ଶିବ ଓ ବିଷ୍ଣୁ ଶକ୍ତି ସମନ୍ୱିତ ହେଉଅଛନ୍ତି । ସେହିପରି, ଗବେଷକମାନଙ୍କ ମତରେ ତ୍ରିମୂର୍ତ୍ତି ହେଉଛନ୍ତି ଜ୍ଞାନଯୋଗ, କର୍ମଯୋଗ ଓ ଭକ୍ତିଯୋଗର ପ୍ରତୀକ । ବଳଭଦ୍ର ହେଉଛନ୍ତି ଜ୍ଞାନଯୋଗୀ, ସୁଭଦ୍ରା କର୍ମଯୋଗୀ ଓ ଜଗନ୍ନାଥ ଭକ୍ତିଯୋଗୀ । କେବଳ ଜ୍ଞାନ, କେବଳ କର୍ମ ଓ କେବଳ ଭକ୍ତିର ସ୍ଥିତି ନାହିଁ । ଜ୍ଞାନୀର ଚକ୍ଷୁ, କର୍ମୀର ହାତ ଓ ଭକ୍ତର ହୃଦୟ, ଏହି ତିନି ଗୋଟିର ସମନ୍ୱୟରେ ତ୍ରିବେଣୀ ସଙ୍ଗମ ହୁଏ, ଫଳରେ ମାନବ ଜୀବନ ସାର୍ଥକ ହୋଇଥାଏ । ପୁନଶ୍ଚ, ଶାକ୍ତମାନଙ୍କ ମତରେ ତ୍ରିମୂର୍ତ୍ତି ହେଉଛନ୍ତି ତିନିଜଣ ଠାକୁରାଣୀ । ତନ୍ତ୍ର ଶାସ୍ତ୍ରରେ କୁହାଯାଇଛି,

ଉଗ୍ରତାରା ଶୂଳପାଣି ସୁଭଦ୍ରା ଭୁବନେଶ୍ୱରୀ ।
ନୀଳାଦ୍ରୌସ୍ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା ॥

ଅର୍ଥାତ୍, ବଳଭଦ୍ର ହେଉଛନ୍ତି ଉଗ୍ରତାରା, ସୁଭଦ୍ରା ଭୁବନେଶ୍ୱରୀ ଏବଂ ଜଗନ୍ନାଥ ହେଉଛନ୍ତି ଦକ୍ଷିଣକାଳୀ । ସପ୍ତଶତୀ ଚଣ୍ଡୀରେ ତିନିଦେବୀଙ୍କ ତତ୍ତ୍ୱ ଓ ଧ୍ୟାନ ପରିବେଷିତ ହୋଇଅଛି । ସେମାନେ ହେଲେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ । ମହାସରସ୍ୱତୀ ଧବଳ ବର୍ଣ୍ଣା, ମହାଲକ୍ଷ୍ମୀ ପୀତବର୍ଣ୍ଣା ଓ ମହାକାଳୀ କୃଷ୍ଣବର୍ଣ୍ଣା । ବଳଭଦ୍ର ଧବଳବର୍ଣ୍ଣ, ସୁଭଦ୍ରା ପୀତବର୍ଣ୍ଣା ଓ ଜଗନ୍ନାଥ କୃଷ୍ଣବର୍ଣ୍ଣ । ଏତଦ୍‌ବ୍ୟତୀତ, ବୈଷ୍ଣବ ଓ ଲୋକାଚାର ମତରେ ବଳଭଦ୍ର ହେଉଛନ୍ତି ବଡ଼ଭାଇ ବଳରାମ, ସୁଭଦ୍ରା ଭଉଣୀ ଓ ଜଗନ୍ନାଥ ହେଉଛନ୍ତି ସାନଭାଇ ଶ୍ରୀକୃଷ୍ଣ ।

ବଳଭଦ୍ର ସୁଭଦ୍ରା ଓ ଜଗନ୍ନାଥଙ୍କ ସହିତ ଚକ୍ରରାଜ ସୁଦର୍ଶନଙ୍କୁ ସାମିଲ କଲେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ମିଳିଥାଏ । ଶ୍ରୀଜଗନ୍ନାଥ ଚରିତାମୃତ ଗ୍ରନ୍ଥରେ 'ଜଗନ୍ନାଥ' ଚତୁରାକ୍ଷରକୁ ଚତୁର୍ଦ୍ଧାମୂର୍ତ୍ତି ତତ୍ତ୍ୱର ମୂଳବୀଜ ରୂପେ ଗ୍ରହଣ କରାଯାଇଅଛି । ଯଥା,

'ଜ' କାରଶ୍ଚ ଜଗନ୍ନାଥଃ 'ଗ' କାରଃ ବଳଦେବକଃ ।
ଭଦ୍ରା 'ନ'କାର ଭାବେନ 'ଥ' କାରଶ୍ଚସୁଦର୍ଶନଃ ॥

ଅର୍ଥାତ୍, 'ଜ' ଅକ୍ଷର ଜଗନ୍ନାଥ, 'ଗ' ଅକ୍ଷର ବଳଭଦ୍ର, 'ନ' ଅକ୍ଷର ସୁଭଦ୍ରା, ଓ 'ଥ' ଅକ୍ଷର ସୁଦର୍ଶନଙ୍କୁ ବୁଝାଏ । ଜଗନ୍ନାଥ କହିଲେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ବୁଝାଇଥାଏ । ଏତଦ୍‌ବ୍ୟତୀତ, ଚତୁର୍ଦ୍ଧା ମୂର୍ତ୍ତି ଚାରିଗୋଟି ସାଙ୍କେତିକ ରୂପ । ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନ ଯଥାକ୍ରମେ ଶ୍ୱେତ, ପୀତ, କୃଷ୍ଣ ଏବଂ ଲୋହିତ ବର୍ଣ୍ଣ ବିଶିଷ୍ଟ । ବର୍ଣ୍ଣ ଦୃଷ୍ଟିରୁ ପୃଥିବୀର ଅଧିବାସୀଙ୍କୁ ଚାରିଭାଗରେ ବିଭକ୍ତ କରାଯାଏ । ଯଥା ଧବଳକାୟ, ପୀତକାୟ, କୃଷ୍ଣକାୟ ଓ ଲୋହିତକାୟ । ବଳଭଦ୍ର ଧବଳବର୍ଣ୍ଣ, ସୁଭଦ୍ରା ପୀତବର୍ଣ୍ଣ, ଜଗନ୍ନାଥ କୃଷ୍ଣବର୍ଣ୍ଣ ଓ ସୁଦର୍ଶନ ଲୋହିତ ବର୍ଣ୍ଣ । ଚତୁର୍ଦ୍ଧା ମୂର୍ତ୍ତି ପୃଥିବୀର ଚାରି ବର୍ଣ୍ଣର ମନୁଷ୍ୟମାନଙ୍କ ଭିତରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା କରିବା ପାଇଁ ଚାରିଗୋଟି ସାଙ୍କେତିକ ରୂପ ମାତ୍ର । ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ, ଚୀନ ଓ ତିବତ୍‌ର ପୀତାଙ୍ଗ ଏବଂ ଲୋହିତ ଭାରତୀୟମାନଙ୍କର ଲୋହିତାଙ୍ଗ ମଧ୍ୟରେ ମିଳନର ଅଭିମନ୍ତ୍ର ଶୁଣାଇବା ପାଇଁ ଚତୁର୍ଦ୍ଧା ମୂର୍ତ୍ତି ବୋଧହୁଏ ଅବତୀର୍ଣ୍ଣ । ଆଫ୍ରିକା ଓ ଏସିଆର ଅଧିବାସୀ ଗଣ ଅପେକ୍ଷାକୃତ ଦରିଦ୍ର ହୋଇଥିବାରୁ ଶ୍ରୀଜଗନ୍ନାଥ ସେମାନଙ୍କ ପ୍ରତିନିଧିତ୍ୱ କରିବା ଉଦ୍ଦେଶ୍ୟରେ ବୋଧହୁଏ କୃଷ୍ଣବର୍ଣ୍ଣ । ସେ ପତିତ ପାବନ ତଥା ଦୀନବନ୍ଧୁ । ପୁନଶ୍ଚ, ଚତୁର୍ଦ୍ଧାମୂର୍ତ୍ତି ହେଉଛନ୍ତି ଚାରିବେଦ । ବେଦ ହିଁ ବ୍ରହ୍ମ । ସ୍କନ୍ଦ ପୁରାଣରେ କୁହାଯାଇଛି,

ଋକ୍‌ବେଦ ରୂପୀ ହଳଧୃକ୍
ସାମରୂପୋ ନୃକେଶରୀ ।
ଯଜୁମୂର୍ତ୍ତି ସ୍ତ୍ରିୟଂ ଭଦ୍ରା
ଚକ୍ରମାଥର୍ବଣଂ ସ୍ମୃତମ୍ ॥ (୧)

ଅର୍ଥାତ୍, ବଳଭଦ୍ର ଋକ୍‌ବେଦ, ଜଗନ୍ନାଥ ସାମବେଦ ସୁଭଦ୍ରା ଯଜୁର୍ବେଦ ଏବଂ ଚକ୍ରରାଜ ସୁଦର୍ଶନ ଅଥର୍ବ ବେଦ ସ୍ୱରୂପ ଅଟନ୍ତି । ପୁନଶ୍ଚ କେତେକ ଗବେଷକ କାଳଚକ୍ରର ବିଭିନ୍ନ ଅବସ୍ଥା ରୂପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଗ୍ରହଣ କରିଥାନ୍ତି । କୃଷ୍ଣବର୍ଣ୍ଣର ଜଗନ୍ନାଥ ହେଉଛନ୍ତି ରାତ୍ରି, ଶୁକ୍ଳ ବର୍ଣ୍ଣର ବଳଭଦ୍ର ହେଉଛନ୍ତି ଦିବସ, ହରିଦ୍ରାବର୍ଣ୍ଣର ସୁଭଦ୍ରା ହେଉଛନ୍ତି ସନ୍ଧ୍ୟା ଏବଂ ସୁଦର୍ଶନ ହେଉଛନ୍ତି କାଳବର୍ଣ୍ଣର ପ୍ରତୀକ । ଏତଦ୍ ବ୍ୟତୀତ, କେତେକଙ୍କ ମତରେ ଚତୁର୍ଦ୍ଧା ମୂର୍ତ୍ତି ହେଉଛନ୍ତି ଚାରି ଇନ୍ଦ୍ରିୟ । ସେମାନେ

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୮ ଅଧ୍ୟାୟ - ୪୩ ଶ୍ଳୋକ

ଶରୀରର ଶ୍ରବଣ, ନୟନ, ଅଧର ଓ ନାସିକା ଅଟନ୍ତି । ବଳଭଦ୍ର ହେଉଛନ୍ତି ଶ୍ରବଣ, ଜଗନ୍ନାଥ ନୟନ, ସୁଭଦ୍ରା ଅଧର ଓ ସୁଦର୍ଶନ ହେଉଛନ୍ତି ନାସିକା । ମହାପ୍ରଭୁ ଜଗନ୍ନାଥ ବଳଭଦ୍ରଙ୍କ ମାଧ୍ୟମରେ ଶୁଣନ୍ତି । ତାଙ୍କର ଚକାଆଖି ସବୁ ଦେଖେ, ସୁଭଦ୍ରାଙ୍କ ମାଧ୍ୟମରେ ଭୋଜନ କରନ୍ତି ଓ ସୁଦର୍ଶନଙ୍କ ମାଧ୍ୟମରେ ଆଘ୍ରାଣ କରନ୍ତି । ଶ୍ରୀକ୍ଷେତ୍ରରେ ଦେଖାଯାଏ ଯେ ଭକ୍ତ ସମାଜ ଯାହା କିଛି ଗୁହାରୀ କରନ୍ତି ସେମାନେ ବଳଭଦ୍ରଙ୍କୁ ଜଣାଇଥାନ୍ତି । ପୁନଶ୍ଚ, ରତ୍ନସିଂହାସନରେ ପଞ୍ଚଦେବତାଙ୍କ ଉପାସନା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ନାରାୟଣ ରୂପରେ ଜଗନ୍ନାଥ, ବଳଭଦ୍ର ତ୍ରିଲୋଚନ ରୂପରେ, ସୁଭଦ୍ରା ଯୋଗମାୟା ରୂପରେ, ମାଧବ ଗଣ ଦେବତା ଭାବରେ ଏବଂ ଚକ୍ର ଭାବରେ ତେଜମୟ ସୂର୍ଯ୍ୟ ବିଦ୍ୟମାନ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

ଜଗନ୍ନାଥଃ ସ୍ୱୟଂ ବିଷ୍ଣୁ ବଳଭଦ୍ର ତ୍ରିଲୋଚନଃ
ଭଦ୍ରାଦେବୀ ପରାସାକ୍ଷାତ୍ ମାଧବ ଗଣଦୈବତଃ ।
ଚକ୍ରଃ ତେଜୋମୟ ସୂର୍ଯ୍ୟଃ ପଞ୍ଚଦେବ ସ୍ମରାମ୍ୟହମ୍ ।।

ଅତଏବ, ରତ୍ନସିଂହାସନସ୍ଥ ସପ୍ତବିଗ୍ରହ, ତ୍ରିମୂର୍ତ୍ତି ଏବଂ ଚତୁର୍ଦ୍ଧା ମୂର୍ତ୍ତି ଅତ୍ୟନ୍ତ ରହସ୍ୟମୟ ହେଲେ ହେଁ ଶ୍ରୀଜଗନ୍ନାଥ ଯେ ଏକାକୀ ସମସ୍ତ ଚିନ୍ତନ ଚକ୍ରର ଅବ୍ୟକ୍ତ ମୂଳାଧାର । ଏହା ନିଃସନ୍ଦେହ ।

ଶ୍ରୀଜଗନ୍ନାଥ ଆତ୍ମଯୋନି ସ୍ୱୟଂ ସୃଷ୍ଟ ପରଂବ୍ରହ୍ମ ଶ୍ରୀବିଷ୍ଣୁ । ସତ୍ୟଯୁଗରୁ ଶ୍ରୀପୁରୁଷୋତ୍ତମ ଧାମରେ ସ୍ୱୟଂ ଅବତୀର୍ଣ୍ଣ ହୋଇ ଭକ୍ତମାନଙ୍କୁ ଅନୁଗ୍ରହ ଦେଖାଇ ଆସୁଅଛନ୍ତି । ମହାରାଜା ଇନ୍ଦ୍ରଦ୍ୟୁମ୍ନ ସତ୍ୟଯୁଗର ରାଜା ବୋଲି ସ୍କନ୍ଦପୁରାଣରେ ବର୍ଣ୍ଣନା କରାଯାଇଅଛି । ଯଥା,

ଆସୀତ୍ କୃତଯୁଗେ ବିପ୍ରାଃ ଇନ୍ଦ୍ରଦ୍ୟୁମ୍ନ ମହାନୃପଃ ।
ସୂର୍ଯ୍ୟବଂଶେ ସ ଧର୍ମାତ୍ମା ସ୍ରଷ୍ଟୁଃ ପଞ୍ଚମପୁରୁଷଃ ।। (୧)

ଅର୍ଥାତ୍, ସତ୍ୟ ଯୁଗରେ ଇନ୍ଦ୍ରଦ୍ୟୁମ୍ନ ନାମକ ଏକ ମହାନ୍‌ରାଜା ଥିଲେ । ସେ ଧର୍ମାତ୍ମା ସୂର୍ଯ୍ୟ ବଂଶର ରାଜାଥିଲେ ଏବଂ ବ୍ରହ୍ମାଙ୍କର ସେ ଥିଲେ ପଞ୍ଚମ ପୁରୁଷ । କେତେ ସତ୍ୟ, କେତେ ତ୍ରେତୟା, କେତେ ଦ୍ୱାପର ଓ କେତେ କଳି ବିତିଗଲାଣି ତାହାର କଳନା ନାହିଁ । କେତେବାର ମଧ୍ୟ ଶ୍ରୀଜୀଉଙ୍କର ମନ୍ଦିର ଭାଙ୍ଗି ଗଲାଣି, ତା'ର ହିସାବ ନାହିଁ । କେତେ ଝଡ଼ ଝଞ୍ଜା ମଧ୍ୟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଅଟଳ,

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୭ମ ଅଧାୟ - ୬ଷ୍ଠ ଶ୍ଳୋକ

ଅଚଳ ହୋଇ ରହିଛନ୍ତି ଓ ରହିଥିବେ, ଏଥିରେ ସନ୍ଦେହ ନାହିଁ । ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ନିର୍ମିତ ମନ୍ଦିର ଏକ ହଜାର ହାତ ପରିମିତ ଥିଲା । ସେ ସବୁ ଆଉ ନାହିଁ କିନ୍ତୁ ଅଛନ୍ତି ଅନାଦି ଅନନ୍ତ ତଥା ସର୍ବୋଚ୍ଚ କର୍ତ୍ତା ଶ୍ରୀ ଜଗନ୍ନାଥ । ତ୍ରେତୟାରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିବା ବିଷୟ, ଦ୍ୱାପରରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ସହ ପୁରୁଷୋତ୍ତମ ଧାମକୁ ଆସି ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିବା କଥା ପୁରାଣମାନଙ୍କରୁ ସୂଚନା ମିଳେ । ବାଲ୍ମୀକି ରାମାୟଣ ଉତ୍ତରାକାଣ୍ଡରେ ବର୍ଣ୍ଣନା କରାଯାଇଛି,

ଆରାଧୟ ଜଗନ୍ନାଥଂ ଇକ୍ଷ୍ୱାକୁ କୁଳଦୈବତମ୍ । (୧)

ଏହା ହେଉଛି ଶ୍ରୀରାମଙ୍କର ବିଭୀଷଣଙ୍କ ପ୍ରତି ଉପଦେଶ । ପୁନଶ୍ଚ ଭକ୍ତ କବି ବଳରାମ ଦାସ କୃତ ଦାଣ୍ଡୀ ରାମାୟଣରୁ ଶ୍ରୀରାମଙ୍କ ଜଗନ୍ନାଥ ଦର୍ଶନ କଥାର ସୂଚନା ମିଳେ ଯଥା,

କେତେହେଁକ ଦୂରରେ ଯେ ଦେଖିଲେ ନୀଳଗିରି
ତହିଁରେ ବିଜେ କରି ଅଛନ୍ତି ଶ୍ରୀହରି ।
ଦକ୍ଷିଣ ସିନ୍ଧୁରେ ରାମ ସ୍ନାନ ଯେ ସାରିଲେ
ଦାରୁବ୍ରହ୍ମ ସ୍ୱରୂପକୁ ଯାଇଣ ଦେଖିଲେ ।
ଜଗନ୍ନାଥ ଛାମୁରେ ଶ୍ରୀରାମ ଉଭା ହୋଇ
ଲକ୍ଷ୍ମଣ ବଳରାମଙ୍କ ସନ୍ନିଧକୁ ଯାଇ ।
ସୀତା ସୁଭଦ୍ରା ଯେ ଭେଟ ହେଉଛନ୍ତି ବେନି—
ତିନି ଦେବତା ହୋଇ ସେ ତିନିମୂର୍ତ୍ତି ଘେନି ।
ଶ୍ରୀରାମ ଜାଣିଲେ ମୁଁ ଯେ ଅଟେ ଜଗନ୍ନାଥ
ସୀତା ସୁଭଦ୍ରା ଯେ ବେନି ଅଟନ୍ତି ସଂଘାତ ।
ଲକ୍ଷ୍ମଣ ଯେ ବଳରାମ ଏକ ଅଙ୍ଗହନ୍ତି
ଏସନେକ ମତେ ତହୁଁ ଦେବ ଚଳିଯାନ୍ତି ।।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଓ ଅର୍ଜୁନ ଉଭୟ ପୁରୁଷୋତ୍ତମ କ୍ଷେତ୍ରକୁ ଆସି ତିନି ଦିନ ବ୍ରତ ଆଚରଣ ପୂର୍ବକ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଥିଲେ ବୋଲି ମହର୍ଷି ବ୍ୟାସଦେବ କୃତ ସ୍କନ୍ଦ ପୁରାଣରେ ବର୍ଣ୍ଣନା ରହିଅଛି । ଯଥା,

---

(୧) ବାଲ୍ମୀକି ରାମାୟଣ - ଉତ୍ତରାକାଣ୍ଡ - ୧୦୮/୨୮

ଦ୍ୱାପରାନ୍ତେ ସମାୟାତୌ ଯଦା କୃଷ୍ଣାର୍ଜୁନାବୁଭୌ
ତ୍ରିଦିନାନି ସ୍ଥିତାବତ୍ର ବ୍ରତସ୍ଥୌ ମଧୁସୂଦନମ୍ ।
ଭକ୍ତ୍ୟା ପୂଜୟତାଂ ସ୍ତୁତ୍ୱା ଯଯତୁ ର୍ଦ୍ୱାରକାଂ ପୁନଃ
ନ ହ୍ୟସ୍ୟ ତତ୍ତ୍ୱଂ ଜାନନ୍ତି ମାନୁଷୀଂ ତନୁମାଶ୍ରିତାଃ ।। (୧)

ଶ୍ରୀକୃଷ୍ଣ ମାନବ ଶରୀର ଧାରଣ କରିଥିବାରୁ କେହି ତାଙ୍କୁ ଜାଣି ପାରିଲେ ନାହିଁ । ପ୍ରତ୍ୟେକ ଅବତାର ପୁରୁଷ ଶ୍ରୀଜଗନ୍ନାଥଙ୍କ ଠାରୁ ଉଦ୍ଭବ ହୋଇ ଲୀଳା ଶେଷପରେ ପୁନର୍ବାର ଜଗନ୍ନାଥଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ଏପରିକି ଭୂପତି ପଣ୍ଡିତଙ୍କ 'ପ୍ରେମ ପଞ୍ଚାମୃତ' ଗ୍ରନ୍ଥରୁ ଜଣାଯାଏ ଯେ ବସୁଦେବ ତୀର୍ଥ ପର୍ଯ୍ୟଟନ କରୁକରୁ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଥିଲେ । ଏ କ୍ଷେତ୍ରରେ ଅବସ୍ଥାନ କାଳରେ ହରି ଉତ୍ଥାନ ଏକାଦଶୀ ଦିନ ଶ୍ରୀଜଗନ୍ନାଥଙ୍କ ଠାରୁ ସେ ବରପ୍ରାପ୍ତ ହୋଇଥିଲେ, ଯାହା ଫଳରେ ବଳରାମ ଓ ଶ୍ରୀକୃଷ୍ଣଙ୍କୁ ପୁତ୍ର ରୂପେ ଲାଭ କରି କୃତାର୍ଥ ହୋଇଥିଲେ । ଏତଦ୍‌ବ୍ୟତୀତ, ଋକ୍‌ବେଦ ଓ ଅଥର୍ବ ବେଦରୁ ଜଣାଯାଏ ଯେ ବୈଦିକ ଯୁଗରେ ଦାରୁବ୍ରହ୍ମ ଉପାସନା କରାଯାଉଥିଲା ।

ଏ ସବୁରୁ ଜଣାଯାଏ ଯେ ଶ୍ରୀଜଗନ୍ନାଥ ଅନନ୍ତ କାଳରୁ ଶ୍ରୀପୁରୁଷୋତ୍ତମ ଧାମରେ ବିରାଜମାନ କରି ଆସୁଅଛନ୍ତି । ପ୍ରଥମେ ସେ ନୀଳମାଧବ ରୂପରେ ଶବର ରାଜା ବିଶ୍ୱାବସୁଙ୍କୁ, ପୁଣ୍ୟାତ୍ମା ବିଦ୍ୟାପତିଙ୍କୁ ଏବଂ ଇନ୍ଦ୍ରାଦି ସମସ୍ତ ଦେବତାଙ୍କୁ ଦର୍ଶନ ଦେଉଥିଲେ । ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଆଗମନରେ ସେ ଅନ୍ତର୍ହିତ ହେଲେ ଏବଂ ଏକ ଦାରୁ ରୂପରେ ଆବିର୍ଭୂତ ହେଲେ । ପରମାତ୍ମା ସ୍ୱୟଂ ବିଶ୍ୱକର୍ମା ରୂପରେ ନିଜର ଦାରୁ ତନୁ ନିର୍ମାଣ କଲେ । ଚତୁର୍ଦ୍ଧାମୂର୍ତ୍ତିଙ୍କ ନିର୍ମାଣ ଭଗବାନ ସ୍ୱୟଂବହନ କରିଥିବାରୁ ଏ ପ୍ରକାର ରୂପ, ବର୍ଣ୍ଣ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସେହିପରି, ତାଙ୍କର ପୂଜାପଦ୍ଧତି, ଯାନିଯାତ୍ରା କିପରି ଭାବରେ ପାଳିତ ହେବ ସେ ବିଷୟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ବିଶଦ ସୂଚନା ଦେଇଥିଲେ ବୋଲି ସ୍କନ୍ଦ ପୁରାଣରୁ ଜଣାଯାଏ ।

ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ ଅର୍ଥାତ୍ ଶ୍ରେଷ୍ଠ ପୁରୁଷ । ସେ ମର୍ତ୍ତ୍ୟ ଲୋକରେ ଅବତୀର୍ଣ୍ଣ ହୋଇଥିବାରୁ ମଣିଷ ପରି କାର୍ଯ୍ୟକଳାପ କରନ୍ତି, ଆଚରଣ କରିଥାନ୍ତି । ସେ ଅଜ ଅର୍ଥାତ୍ ଜନ୍ମରହିତ ଏବଂ ସେ ଅମର ତଥା ଅନନ୍ତ ଅର୍ଥାତ୍ ତାଙ୍କର ମୃତ୍ୟୁ ନାହିଁ କି ଅନ୍ତ ନାହିଁ । ସେ ଅନାଦି ଅନନ୍ତ ହୋଇଥିଲେ ସୁଦ୍ଧା ମଣିଷ

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୩୧ ଅଧ୍ୟାୟ - ୫୧ ଓ ୫୨ ଶ୍ଳୋକ

ପରି ଦେହ ତ୍ୟାଗ କରନ୍ତି । ତେଣୁ ଜଗନ୍ନାଥଙ୍କର ନବ କଳେବରର ବିଧାନ ରହିଅଛି । ମନୁଷ୍ୟର ମୃତ୍ୟୁ ପରେ ଜୀବାତ୍ମା ଯେପରି ନୂତନ ଘଟରେ ପ୍ରବେଶ କରେ, ନବ କଳେବରରେ ବ୍ରହ୍ମ ପୁରାତନ ବିଗ୍ରହ ବର୍ଜନ କରି ନୂତନ ଦାରୁ ବିଗ୍ରହରେ ପ୍ରବେଶ କରିଥାନ୍ତି । ସ୍ନାନ ଯାତ୍ରାରେ ଶ୍ରୀଜଗନ୍ନାଥ ଅତ୍ୟଧିକ ସ୍ନାନ କରି ଜ୍ୱରାକ୍ରାନ୍ତ ହୁଅନ୍ତି ଓ ଔଷଧ ମଧ୍ୟ ସେବନ କରନ୍ତି । ଅନବସର ସମୟରେ ଜନ ସମାଜ ଶ୍ରୀଜୀଉଙ୍କ ଦର୍ଶନରୁ ବଞ୍ଚିତ ହୁଅନ୍ତି । ଶ୍ରୀଜଗନ୍ନାଥଙ୍କୁ ଜ୍ୱର ହେବା ଲୋକାଚାର ମାତ୍ର । କିନ୍ତୁ ପ୍ରକୃତ ତଥ୍ୟ ହେଲା ବର୍ଷସାରା ତାଙ୍କ ଦେହରେ ଥିବା ଆବରଣ ଏହି ସମୟରେ ବାହାର କରାଯାଇ ନୂତନ ଭାବରେ ସେ ସବୁ ଦିଆଯାଏ । ବିନା ଆବରଣରେ ଶ୍ରୀଜୀଉଙ୍କ ଦାରୁ ତନୁ ଦର୍ଶନ କରିବା ବିଧିଯୁକ୍ତ ନୁହେଁ । ରଥଯାତ୍ରା ମହୋତ୍ସବ ପାଳନ କରି ସେ ଜନ ସମାଜକୁ ଶିକ୍ଷା ଦିଅନ୍ତି ଯେ ଶରୀର ରଥ କିପରି ଭାବରେ ପରିଚାଳିତ କରିବାକୁ ହେବ । 'ଆତ୍ମାନଂ ରଥିନଂ ବିଦ୍ଧି ଶରୀରଂ ରଥ ମେବତୁ' ଶ୍ଳୋକରେ କୁହାଯାଇଛି ଯେ ବୁଦ୍ଧି ହେଉଛି ସାରଥୀ, ମନ ଲଗାମ, ଇନ୍ଦ୍ରିୟମାନେ ଘୋଡ଼ା ଓ ବିଷୟ ଭୋଗ ହେଉଛି ରଥର ଗତିପଥ । ସାରଥୀ ଓ ଲଗାମ୍ ଅର୍ଥାତ୍ ବୁଦ୍ଧି ଓ ମନକୁ ଠିକ୍ ଭାବରେ ନିୟନ୍ତ୍ରଣ କଲେ ଶରୀର ରଥ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ ନଚେତ୍ ଏହା ବାଟରେ ଲକ୍ଷଭ୍ରଷ୍ଟ ହେବ । ଏହି ରଥ ଯାତ୍ରା ସମୟରେ ମହାଲକ୍ଷ୍ମୀଙ୍କୁ ଶ୍ରୀଜଗନ୍ନାଥ ନେଉଥିବାରୁ ସେ ଜଣେ ଅଭିମାନିନୀ ଗୃହିଣୀର ଭୂମିକା ଗ୍ରହଣ କରନ୍ତି । ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ ମଧ୍ୟରେ ବଚସା ହୁଏ । ସେହିପରି, ଗ୍ରୀଷ୍ମ ଦିନରେ ଶ୍ରୀଜୀଉଙ୍କର ଜଳବିହାର କରାଯାଏ, ଫଳରେ ଚନ୍ଦନ ଯାତ୍ରାର ସୃଷ୍ଟି ହୁଏ । ଶୀତ ଦିନରେ ପାହାନ୍ତି ଭୋଜନ ଆମୋଦଦାୟକ ହୋଇଥିବାରୁ ପହିଲି ଭୋଗର ବ୍ୟବସ୍ଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ବସନ୍ତ ଋତୁରେ ଫଗୁଖେଳ ଓ ଦୋଳ ଉତ୍ସବ ବେଶ୍ ଆମୋଦଦାୟକ । କୁମାର ପୂର୍ଣ୍ଣମୀ ରାତ୍ରିରେ ମହାଲକ୍ଷ୍ମୀଙ୍କ ସହ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମାଧବ ପଶା ଖେଳରେ ପରାସ୍ତ ହୋଇ ମହାଲକ୍ଷ୍ମୀଙ୍କ ନିକଟରେ ସାତ ଦିନ ବନ୍ଧା ହୋଇ ରହିବା ଘଟଣା ବଡ଼ କୌତୁହଳଜନକ । ବର୍ଷାକାଳରେ ଝୁଲଣ ଯାତ୍ରା ଅବସରରେ ଲକ୍ଷ୍ମୀ ସରସ୍ୱତୀଙ୍କ ସହ ଦୋଳିରେ ବସି ବର୍ଷା ଋତୁକୁ ଉପଭୋଗ କରନ୍ତି । ମନୁଷ୍ୟପରି ସେ ତାଙ୍କ ଅବତାର ସମୟରେ ଥିବା ପିତାମାତାଙ୍କ ଉଦ୍ଦେଶ୍ୟରେ ଦୀପଦାନ ଶ୍ରାଦ୍ଧୋତ୍ସବ ପାଳନ କରନ୍ତି, ଯାହା ଦେବ ଦୀପାବଳି ନାମରେ ବିଦିତ । ଏତଦ୍‌ବ୍ୟତୀତ, ମନୁଷ୍ୟକୁ ଶୀତ ଲାଗିଲେ ସେ ଶୀତବସ୍ତ୍ର ବ୍ୟବହାର କରିଥାଏ । ସେହିପରି, ପୁରୁଷୋତ୍ତମଙ୍କୁ ଘୋଡ଼ ବସ୍ତ୍ର ଲାଗି କରାଯାଏ । ମାର୍ଗଶୀର ମାସ ପ୍ରାବରଣ ଷଷ୍ଠୀରୁ ମାଘମାସ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଶ୍ରୀଜୀଉ

ଘୋଡ଼ବସ୍ତ୍ର ଲାଗିହୁଅନ୍ତି । ସ୍ୱତ୍ତଲିପି ଅନୁଯାୟୀ, ରବିବାର ଦିନ ଲାଲ ରଙ୍ଗର ଘୋଡ଼, ସୋମବାର ଦିନ କଳାଛିଟା ମିଶା ଶୁକ୍ଳ ଘୋଡ଼, ମଙ୍ଗଳବାରରେ ପାଞ୍ଚରଙ୍ଗ ମିଶା ଘୋଡ଼, ବୁଧ ବାରରେ ନୀଳ ରଙ୍ଗର ଘୋଡ଼, ଗୁରୁବାରରେ ବସନ୍ତ ରଙ୍ଗର ଘୋଡ଼, ଶୁକ୍ରବାରରେ ଶୁକ୍ଳ ରଙ୍ଗର ଘୋଡ଼ ଏବଂ ଶନିବାରରେ କଳା ରଙ୍ଗର ଘୋଡ଼ ଲାଗି ହେବାର ବିଧି ଅଛି । ଯାନିଯାତ୍ରାକୁ ବାଦ୍ ଦେଲେ ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତିରୁ ଜଣାଯାଏ ଯେ ଶ୍ରୀଜୀଉଙ୍କର ଅବକାଶ ନୀତି ହେଉଥିବା ବେଳେ ଜ୍ୟୋତିଷ ଠାକୁରମାନଙ୍କର ରାଶି ନକ୍ଷତ୍ର ଗଣନା କରି ସେହି ଦିନର ନକ୍ଷତ୍ର ପ୍ରଭାବ ଜଣାଇଥାନ୍ତି । ଗ୍ରହରୂପୀ ଜନାର୍ଦ୍ଦନଙ୍କୁ ମଧ୍ୟ ଗ୍ରହପୀଡ଼ା ହୁଏ ଓ ତା'ର ନିରାକରଣ ପାଇଁ ନକ୍ଷତ୍ର ବନ୍ଦାପନାର ବ୍ୟବସ୍ଥା କିପରି ପାଳିତ ହୁଏ, ଏହା ଲୋକ ଶିକ୍ଷାମୂଳକ । ଏ ସବୁରୁ ପୁରୁଷ ଉତ୍ତମ ଜଗନ୍ନାଥ କିଭଳି ମନୁଷ୍ୟ ପରି ଆଚରଣ କରନ୍ତି ତାହାର ସାମାନ୍ୟ ସୂଚନା ମିଳେ ।

ବର୍ତ୍ତମାନ ପ୍ରଶ୍ନ ଉଠେ ଶ୍ରୀଜଗନ୍ନାଥ ତ ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା ତଥା ସ୍ୱୟଂ ପରଂବ୍ରହ୍ମ ବିଷ୍ଣୁ, ସେ କାହିଁକି ଏକ କିମ୍ଭୂତ କିମାକାର ରୂପରେ ବିଦ୍ୟମାନ ? ସେ ଅପାଦ, ତାଙ୍କର ଅପୂର୍ଣ୍ଣାଙ୍ଗ ହସ୍ତ, ଦୁଇ ଭୁଜ ମଧ୍ୟ ସମାନ୍ତରାଳ, ତାଙ୍କର ଗୋଲାକାର ଚକ୍ଷୁ, ଭ୍ରୂଲତାରହିତ ଅପଲକ ନେତ୍ର, ସେ ଅକର୍ଣ୍ଣ ଏବଂ କୃଷ୍ଣବର୍ଣ୍ଣ । ସ୍କନ୍ଦ ପୁରାଣରୁ ସୂଚନା ମିଳେ ଯେ ସେ ନିଜେ ନିଜ ରୂପ ଗଢ଼ିଛନ୍ତି । ସେ ଏପରି କାହିଁକି ଗଢ଼ିଛନ୍ତି ତାହା ତାଙ୍କ ଛଡ଼ା ଅନ୍ୟକୁ ଗୋଚର ନୁହେଁ । ଅନ୍ୟମାନେ କେବଳ ବିଭିନ୍ନ ଶାସ୍ତ୍ରାଲୋଚନା କରି ଯାହା କିଛି କେବଳ ଅନୁମାନ କରନ୍ତି ମାତ୍ର । ତଥାପି ମନୁଷ୍ୟ କିଭଳି ଭାବରେ ଚିନ୍ତା କରିଛି ସେ ବିଷୟରେ ସୂଚନା ଦିଆଯାଉ ।

ଶ୍ରୀଜଗନ୍ନାଥଙ୍କର ମୁଖ ମଣ୍ଡଳକୁ ଅବଲୋକନ କଲେ ଦୁଇଟି ବଡ଼ ବଡ଼ ଚକାଆଖି ପ୍ରଥମତଃ ଦୃଷ୍ଟିକୁ ଆସିଥାଏ । ଭକ୍ତର ଆଖି ସେ ଚକା ଆଖିରେ ଲାଖିଯାଏ । ସେ ଆଖି ଫେରାଇ ପାରେ ନାହିଁ । ଶ୍ରୀଜଗନ୍ନାଥଙ୍କର ଦୁଇ ଚକ୍ଷୁ ଗୋଲାକାର କାହିଁକି, ଏ ପ୍ରଶ୍ନ ସ୍ୱତଃ ମନକୁ ଆସେ । ପ୍ରଥମତଃ ଶ୍ରୀଜଗନ୍ନାଥ ହେଉଛନ୍ତି ରବି ଲୋଚନ ତଥା ଚନ୍ଦ୍ରଲୋଚନ । ଶ୍ରୀବିଷ୍ଣୁ ସହସ୍ର ନାମରେ ବର୍ଣ୍ଣନା ଅଛି, 'ରବିର୍ବିରୋଚନଃ ସୂର୍ଯ୍ୟଃ ସବିତା ରବିଲୋଚନଃ' । ପୁନଶ୍ଚ ଅର୍ଜୁନ ବିଶ୍ୱରୂପ ଦର୍ଶନ କରି ଦେଖିଲେ, 'ଅନାଦିମଧ୍ୟାନ୍ତମନନ୍ତବୀର୍ଯ୍ୟମ୍, ଅନନ୍ତ ବାହୁଂ ଶଶିସୂର୍ଯ୍ୟନେତ୍ରମ୍' । ଶ୍ରୀବିଷ୍ଣୁଙ୍କର ସୂର୍ଯ୍ୟଚନ୍ଦ୍ରଙ୍କ ଆକାର ପରି ଗୋଲାକାର ଚକ୍ଷୁ । ତେଣୁ ଶ୍ରୀଜଗନ୍ନାଥ ସ୍ୱୟଂ ବିଷ୍ଣୁ ହୋଇଥିବାରୁ ତାଙ୍କର ଦୁଇ ଚକ୍ଷୁର ଆକାର ସୂର୍ଯ୍ୟ

ଚନ୍ଦ୍ରଙ୍କ ଆକାର ପରି ଗୋଲାକାର । ସୂର୍ଯ୍ୟଚନ୍ଦ୍ର ଆଲୋକ ପ୍ରଦାନ କରି ଅନ୍ଧକାର ଦୂରୀଭୂତ କରିଥାନ୍ତି । ଶ୍ରୀଜଗନ୍ନାଥ ଜ୍ଞାନାଲୋକ ପ୍ରଦାନ କରି ଅଜ୍ଞାନ ଦୂର କରନ୍ତି । ସମସ୍ତ ସିଦ୍ଧ ସାଧକ ଶ୍ରୀକ୍ଷେତ୍ର ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ସିଦ୍ଧି ଲାଭ କରିଥାନ୍ତି । ସେଥିପାଇଁ ଯଥାର୍ଥରେ କୁହାଯାଇଛି, 'ସାଧୁ ସନ୍ଥଙ୍କର ସାଧନା ପୀଠ, କାଳେ କାଳେ ପରିଚିତ ଶ୍ରୀକ୍ଷେତ୍ର' । ଦ୍ୱିତୀୟତଃ, କୌଣସି ଏକ ଗୋଲକର ଆଦ୍ୟ ଓ ଅନ୍ତ ଜାଣି ହୁଏ ନାହିଁ । ଶ୍ରୀଜଗନ୍ନାଥ ଅନାଦି ତଥା ଅନନ୍ତ ହୋଇ ଥିବାରୁ, ତାଙ୍କର ଗୋଲାକାର ଚକ୍ଷୁ ତା'ର ପ୍ରମାଣ ଦେଇଥାଏ । ତୃତୀୟତଃ, ଶ୍ରୀଜଗନ୍ନାଥ ସାମ୍ୟବାଦରେ ବିଶ୍ୱାସ କରନ୍ତି । 'ସମୋହଂ ସର୍ବଭୂତେଷୁ' ବାଣୀରୁ ତାଙ୍କର ଉଚ୍ଚନୀଚ ଭେଦଭାବ ନାହିଁ ବୋଲି ଜଣାଯାଏ । ଯେ କୌଣସି ସ୍ଥାନରେ ଠିଆ ହୋଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ପ୍ରତ୍ୟେକଙ୍କର ହୃଦ୍‌ବୋଧ ହୁଏ ଯେ ଜଗନ୍ନାଥ ମହାପ୍ରଭୁ ସେ ବ୍ୟକ୍ତି ବିଶେଷଙ୍କୁ ଚାହିଁ ରହିଛନ୍ତି । ଗୋଲାକାର ଚକ୍ଷୁ ହୋଇଥିବାରୁ ସେ ସମଦୃଷ୍ଟି ଦେଉଛନ୍ତି ବୋଲି ଆମେ ଧାରଣା କରିପାରୁ । ତାଙ୍କର ଚକ୍ଷୁ ମନୁଷ୍ୟ ଚକ୍ଷୁ ପରି ହୋଇଥିଲେ, ସେ ଜଣଙ୍କୁ ଚାହିଁବା ବେଳେ ଅନ୍ୟକୁ ଦୃଷ୍ଟି ଦେଇପାରନ୍ତେ ନାହିଁ ।

ଶ୍ରୀଜଗନ୍ନାଥଙ୍କ ଗୋଲାକାର ଚକ୍ଷୁର ଉପରିଭାଗରେ ଭ୍ରୂଲତା ନଥାଏ ଓ ତାଙ୍କର ଆକ୍ଷିର ପତା ନଥାଏ । ତାଙ୍କର ପଲକ ପଡୁ ନଥିବାରୁ ସେ ଅପଲକ ନେତ୍ର । ଏହାର କାରଣ ହେଲା ଶ୍ରୀଜଗନ୍ନାଥ ସଦା ଜାଗ୍ରତ । ତାଙ୍କର ସୁପ୍ତାବସ୍ଥା ନାହିଁ । ଦିନସାରା ମାନବ ଭକ୍ତଗଣଙ୍କ କଥା ବୁଝିବା ଏବଂ ରାତ୍ରିରେ ପହୁଡ଼ ପରେ ସମସ୍ତ ଦେବ ଦେବୀଙ୍କ କାର୍ଯ୍ୟ ତଦାରଖ କରିବାରେ ସେ ବ୍ୟସ୍ତ । ଶ୍ରୀଜଗନ୍ନାଥ ସର୍ବୋଚ୍ଚ ପ୍ରଶାସକ ଓ ସମସ୍ତ ଦେବ ଦେବୀ ତାଙ୍କୁ ବିଭିନ୍ନ କାର୍ଯ୍ୟରେ ଅଧସ୍ତନ କର୍ମଚାରୀ ହିସାବରେ ସହାୟତା କରୁଥିବାରୁ ସେମାନଙ୍କ କାର୍ଯ୍ୟର ସମୀକ୍ଷା କରିବା, ନିର୍ଦ୍ଦେଶ ଦେବା, ଦରକାର ହେଲେ ଦଣ୍ଡବିଧାନ କରିବା ନିତାନ୍ତ ପ୍ରୟୋଜନ ।

ଶ୍ରୀଜଗନ୍ନାଥଙ୍କର ପାଦ ନାହିଁ ଓ ତାଙ୍କର ସମାନ୍ତରାଳ ଅପୂର୍ଣ୍ଣାଙ୍ଗ ଦୁଇଟି ଭୁଜ ଅଛି । ପାଦ ହେଉଛି ଆଦି ଓ ହାତ ହେଉଛି ଅନ୍ତ । ଯାହାର ପାଦ ଅଛି ଓ ପୂର୍ଣ୍ଣାଙ୍ଗ ହାତ ଅଛି, ତାହାର ଆଦି ଅନ୍ତ ଅଛି । ତେଣୁ ଜଗନ୍ନାଥ ମହାପ୍ରଭୁଙ୍କର ଆଦି ଅନ୍ତ ନାହିଁ । ସେ ଅପାଦ ହୋଇ ସର୍ବଗାମୀ ଓ ଅପାଣି ହେଲେ ବି ସର୍ବଗ୍ରାହୀ । ଶ୍ରୀଜୀଉଙ୍କର ଦୁଇ ହସ୍ତ ସମ୍ମୁଖ ଭାଗକୁ ସମାନ୍ତରାଳ ଭାବରେ ପ୍ରସାରିତ । ଦୁଇଟି ସମାନ୍ତରାଳ ବାହୁ ଏକ ଦିଗରେ ଗତି କରୁଥିଲେ ସୁଦ୍ଧା ସେମାନେ ପରସ୍ପରକୁ ସ୍ପର୍ଶ କରି ନଥାନ୍ତି । ଏକ ଅପରିକଳ୍ପିତ ବିନ୍ଦୁରେ ସେମାନେ ସ୍ପର୍ଶ କରିପାରନ୍ତି ।

ଶ୍ରୀଜଗନ୍ନାଥଙ୍କ ଦୁଇ ସମାନ୍ତରାଳ ବାହୁ ତାଙ୍କୁ ଅସୀମ ତଥା ଅନନ୍ତ ବୋଲି ପ୍ରତିପାଦନ କରିଥାଏ । ସେହିପରି, ଲୋକାଚାର ମତରେ କୁହାଯାଇଛି ଯେ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଆଲିଙ୍ଗନ କରିବା ପାଇଁ ଓ ଦୁଷ୍ଟଙ୍କ ସହ ମୁକାବିଲା କରିବା ପାଇଁ ବୋଧହୁଏ ବାହୁ ମେଲାଇ ସେମାନଙ୍କୁ ଆହ୍ୱାନ କରୁଅଛନ୍ତି । ସେ ଅର୍ଦ୍ଧବାହୁ ହେଲେ ବି ମହାବାହୁ ଓ ସର୍ବଶକ୍ତିମାନ । ପ୍ରହାରଣ କରିବାର ସମସ୍ତ ଆୟୁଧର ସେ ଅଧିକାରୀ । ତାଙ୍କ ପାଖରେ ପାଞ୍ଚଜନ୍ୟ ନାମକ ଶଙ୍ଖ, କୌମଦକୀ ନାମକ ଗଦା, ନନ୍ଦକ ନାମକ ଖଡ୍‌ଗ, ଶାର୍ଙ୍ଗ ନାମକ ଧନୁ ଓ ସୁଦର୍ଶନ ଚକ୍ର ରହିଥିବାରୁ ଯେ କୌଣସି ଅସାଧୁ, ଦୁଷ୍ଟକୁ ସେ ଅନାୟାସରେ ମୁକାବିଲା କରିପାରିବେ !

ଶ୍ରୀଜଗନ୍ନାଥଙ୍କ ବର୍ଣ୍ଣ କୃଷ୍ଣବର୍ଣ୍ଣ । କୃଷ୍ଣ ତଥା ନୀଳ ବର୍ଣ୍ଣକୁ ଏକ ଅର୍ଥ ପର୍ଯ୍ୟାୟବାଚୀ ବୋଲି ଧରାଯାଏ । ସାଗର ଓ ଆକାଶର ବର୍ଣ୍ଣ ନୀଳ, ଯେହେତୁ ଉଭୟ ଅସୀମ ତଥା ଅନନ୍ତ । ଶ୍ରୀଜଗନ୍ନାଥ, ଶ୍ରୀରାମ, ଶ୍ରୀକୃଷ୍ଣ ଏ ସମସ୍ତେ ନୀଳ ବା ଶ୍ୟାମଳ ବା କୃଷ୍ଣବର୍ଣ୍ଣ । ଶ୍ରୀଜଗନ୍ନାଥ ସାଗର ତଥା ଆକାଶ ପରି ସୁଦୂର ପ୍ରସାରୀ, ସର୍ବବ୍ୟାପୀ, ଅସୀମ ତଥା ଅନନ୍ତ । ଏତଦ୍‌ବ୍ୟତୀତ, ଶ୍ରୀଜଗନ୍ନାଥ ହେଉଛନ୍ତି ମହାକାଳ । କଳା କାଳ ଶବ୍ଦର ରୂପାନ୍ତର । ମହାକାଳ ହିସାବରେ ଦୁଷ୍ଟ ନିଧନ କରିବା, ସନ୍ଥ ପରିପାଳନ କରିବା, ଓ ଧର୍ମ ସଂସ୍ଥାପନ କରିବା ଉଦ୍ଦେଶ୍ୟରେ ସେ ଧରା ଧାମରେ ଅବତୀର୍ଣ୍ଣ ! ବିଶ୍ୱରୂପ ଦର୍ଶନ ଯୋଗରେ ଭଗବାନଙ୍କର ଉକ୍ତି ହେଲା,

କାଲୋଽସ୍ମି ଲୋକକ୍ଷୟକୃଦ୍ ପ୍ରବୃଦ୍ଧ ।
ଲୋକାନ୍ ସମାହର୍ତ୍ତୁମିହ ପ୍ରବୃତ୍ତଃ ।। (୧)

ପୁନଶ୍ଚ, ଗବେଷକମାନଙ୍କ ମତରେ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ ଯଥାକ୍ରମେ ଶ୍ୱେତ, ପୀତ ଓ କୃଷ୍ଣବର୍ଣ୍ଣ ବିଶିଷ୍ଟ । ସୁଦର୍ଶନଙ୍କ ବର୍ଣ୍ଣ ଲୋହିତ । ପୃଥିବୀର ଚାରିବର୍ଣ୍ଣ ବିଶିଷ୍ଟ ମନୁଷ୍ୟମାନଙ୍କ ମଧ୍ୟରେ ସାମ୍ୟ, ମୈତ୍ରୀ, ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ଭଗବାନଙ୍କର ଏପରି ଚାରୋଟି ସାଙ୍କେତିକ ରୂପ ମାତ୍ର ଆଫ୍ରିକା ଓ ଏସିଆର କୃଷ୍ଣାଙ୍ଗ, ୟୁରୋପ ଓ ଆମେରିକାର ଶ୍ୱେତାଙ୍ଗ, ଚୀନ ଓ ତିବତର ପୀତାଙ୍ଗ ଏବଂ ଲୋହିତ ଭାରତୀୟଙ୍କର ଲୋହିତାଙ୍ଗମାନଙ୍କ ମଧ୍ୟରେ ମିଳନର ଅଭିମନ୍ତ୍ର ଶୁଣାଇବା ପାଇଁ ଚତୁର୍ଦ୍ଧା ମୂର୍ତ୍ତି ବୋଧହୁଏ ଅବତୀର୍ଣ୍ଣ । ଜଗନ୍ନାଥ ଦୀନବନ୍ଧୁ ହୋଇଥିବାରୁ, ତାଙ୍କର ବାନା ପତିତପାବନ ବାନା ହୋଇଥିବାରୁ ସେ ବୋଧହୁଏ

(୧) ଗୀତା - ୧୧ଶ ଅଧାୟ - ୩୨ ଶ୍ଳୋକ

ଅନୁନ୍ନତ ଆଫ୍ରିକା ଓ ଏସିଆର ଅଧିବାସୀଙ୍କ ପରି ନିଜେ କୃଷ୍ଣ ବର୍ଣ୍ଣ ଧାରଣ କରିଅଛନ୍ତି । ଶାକ୍ତଙ୍କ ମତରେ ସେ ମହାକାଳୀ ହୋଇଥିବାରୁ କାଳୀଙ୍କ ବର୍ଣ୍ଣ ପରି ତାଙ୍କର ବର୍ଣ୍ଣ । ଏହାଛଡା, କୃଷ୍ଣବର୍ଣ୍ଣ ଅତି ଅସଷ୍ଟ । ଶ୍ରୀଜଗନ୍ନାଥ ଅତ୍ୟନ୍ତ ରହସ୍ୟମୟ ହୋଇଥିବାରୁ ସେ କୃଷ୍ଣବର୍ଣ୍ଣ ।

ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ଆଦି ଦେବ ହୋଇଥିବାରୁ ଏବଂ ସମସ୍ତ ଦେବଦେବୀ ତାଙ୍କର ଅଂଶ ବିଶେଷ ହୋଇଥିବାରୁ ଶ୍ରୀଜଗନ୍ନାଥଙ୍କ ପ୍ରାଧାନ୍ୟ ଶ୍ରୀମନ୍ଦିର ମଧ୍ୟରେ ଅନୁଭୂତ ହୋଇଥାଏ । ଯେଉଁ ଦେବ ଦେବୀଙ୍କୁ ପ୍ରଣିପାତ କଲେ ସୁଦ୍ଧା ଏହା ଜଗନ୍ନାଥଙ୍କ ପ୍ରାପ୍ୟ ହୋଇଥାଏ । ଏଥିପାଇଁ ଯଥାର୍ଥରେ କୁହାଯାଇଛି,

ଆକାଶାତ୍ ପତିତଂ ତୋୟଂ ଯଥା ଗଚ୍ଛତି ସାଗରମ୍ ।
ସର୍ବଦେବ ନମସ୍କାରଂ କେଶବଂ ପ୍ରତିଗଚ୍ଛତି ।।

ଅର୍ଥାତ୍, ଆକାଶରୁ ପତିତ ହେଉଥିବା ଜଳରାଶି ଯେପରି ନଦୀ ନାଳ ମାଧ୍ୟମରେ ଶେଷରେ ସମୁଦ୍ରରେ ପତିତ ହୁଏ, ଏବଂ ସମୁଦ୍ରତ୍ୱ ଲାଭ କରେ, ସେହିପରି ଯେ କୌଣସି ଦେବ ଦେବୀଙ୍କୁ ପ୍ରଣାମ କଲେ ତାହା ଶ୍ରୀଜଗନ୍ନାଥଙ୍କ ପାଖକୁ ଚାଲିଯାଏ । ଶ୍ରୀମନ୍ଦିର ମଧ୍ୟରେ ବହୁ ଦେବ ଦେବୀ ଅଛନ୍ତି ମାତ୍ର ସମସ୍ତେ ଜଗନ୍ନାଥତ୍ୱ ଗ୍ରହଣ କରି ଅଛନ୍ତି । ଶ୍ରୀମନ୍ଦିର ପରିସର ମଧ୍ୟରେ ବହୁ ଦେବ ଦେବୀଙ୍କ ମନ୍ଦିର ଅଛି, ମାତ୍ର କେଉଁ ମନ୍ଦିରର ଚୂଡ଼ା ଦେଶରେ ପତାକା ଉଡୁଥିବା ଦୃଷ୍ଟି ଗୋଚର ହୁଏ ନାହିଁ କେବଳ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରର ନୀଳ ଚକ୍ରରେ ପତିତପାବନ ବାନା ଫର ଫର ହୋଇ ଉଡୁଥାଏ । ଏଥିରୁ ସୂଚନା ମିଳେ ଯେ ଗୋଟିଏ ପତାକା ତଳେ ସର୍ବଦେବଦେବୀ ଅବସ୍ଥାନ କରନ୍ତି । ଅନ୍ୟଅର୍ଥରେ ଶ୍ରୀଜଗନ୍ନାଥଙ୍କ ନେତୃତ୍ୱ ବୋଧହୁଏ ସମସ୍ତେ ସ୍ୱୀକାର କରିଥାନ୍ତି । ଏତଦ୍‌ବ୍ୟତୀତ, ଶ୍ରୀମନ୍ଦିର ମଧ୍ୟରେ କୌଣସି ଦେବ ଦେବୀଙ୍କର ସ୍ୱତନ୍ତ୍ର ରୋଷଶାଳା ନାହିଁ । ଅବଶ୍ୟ ମହାଲକ୍ଷ୍ମୀଙ୍କ ପାଇଁ ଶୁଖିଲା ଭୋଗ ପ୍ରସ୍ତୁତି ପାଇଁ ଏକ ପାକଶାଳା ଅଛି, ଯେଉଁଠାରେ କାକରା, ଲଡୁ ଇତ୍ୟାଦି ପ୍ରସ୍ତୁତ କରାଯାଏ । ସେହିପରି ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳାଙ୍କ ପାଇଁ ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ଭୋଗ ପ୍ରସ୍ତୁତି ପାଇଁ ଏକ ଅସ୍ଥାୟୀ ପାକଶାଳା ନିର୍ମାଣ କରାଯାଏ ଏବଂ ଏ ତିନିଦିନ ପରେ ତାକୁ ଭାଙ୍ଗି ଦିଆଯାଏ । ଶ୍ରୀଜଗନ୍ନାଥଙ୍କର ଏକ ବିରାଟ ପାକଶାଳା ଅଛି ଏବଂ ପ୍ରତ୍ୟହ ବହୁବାର ଅନ୍ନ ବ୍ୟଞ୍ଜନାଦି ପ୍ରସ୍ତୁତ ହୁଏ ଓ ଭୋଗ ନୈବେଦ୍ୟ କରାଯାଏ । ଟେରା ପଡ଼ିବା ପରେ ବେଢ଼ାରେ ଝାଞ୍ଜ ବୁଲେ ଏବଂ ବିଶ୍ୱାସ କରାଯାଏ ସମସ୍ତ ଦେବ ଦେବୀଙ୍କୁ ପ୍ରସାଦ

ପାଇବା ପାଇଁ ନିମନ୍ତ୍ରଣ କରାଯାଏ । ପୁନଶ୍ଚ, ଆଦି ଶଙ୍କରାଚାର୍ଯ୍ୟଙ୍କ ମତରେ ବଳଭଦ୍ର ହେଉଛନ୍ତି ଦେବ ଦେବ ମହାଦେବ, ସୁଭଦ୍ରା ଯୋଗମାୟା ଆଦ୍ୟାଶକ୍ତି ଏବଂ ଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ ବିଷ୍ଣୁ । ସୁଭଦ୍ରା ମଧ୍ୟ ଭାଗରେ ରହି ଉଭୟ ଶିବ ଓ ବିଷ୍ଣୁଙ୍କୁ ଶକ୍ତି ସମନ୍ୱିତ କରୁଅଛନ୍ତି । ମହାଦେବ ବେଲ ପତ୍ରରେ ଭୂଷିତ ଓ ପୂଜିତ ହୋଇଥାନ୍ତି । ଆଦ୍ୟାଶକ୍ତି ମନ୍ଦାର ଫୁଲରେ ଭୂଷିତା ହୁଅନ୍ତି । ଶ୍ରୀବିଷ୍ଣୁଙ୍କର ତୁଳସୀ ପତ୍ର ପ୍ରିୟ । ମାତ୍ର ରତ୍ନସିଂହାସନରେ ବଳଭଦ୍ର ରୂପୀ ଶିବ ଓ ଶକ୍ତି ସ୍ୱରୂପିଣୀ ସୁଭଦ୍ରା ତୁଳସୀ ପତ୍ରରେ ଭୂଷିତ ଓ ପୂଜିତ ହୁଅନ୍ତି । ଏଥିରୁ ସୂଚନା ମିଳେ ଯେ ବଳଭଦ୍ର ଓ ସୁଭଦ୍ରା ଜଗନ୍ନାଥତ୍ୱ ଗ୍ରହଣ କରି ତାଙ୍କ ପରି ତୁଳସୀ ପତ୍ର ଲାଗି ହୋଇଥାନ୍ତି । ଏ ସମସ୍ତରୁ ଜଣାଯାଏ ଯେ ପୁରୁଷୋତ୍ତମ ଶ୍ରୀ ଜଗନ୍ନାଥଙ୍କର ଅଖଣ୍ଡ ପ୍ରଭାବ ସର୍ବତ୍ର ଉପଲବ୍ଧ ହୁଏ ।

ଶ୍ରୀଜଗନ୍ନାଥ ବିଶ୍ୱ ବ୍ରହ୍ମାଣ୍ଡର ସର୍ବୋଚ୍ଚ କର୍ତ୍ତା ତଥା ସର୍ବୋତ୍ତମ ପ୍ରଶାସକ । ସାମ୍ୟ, ମୈତ୍ରୀ, ଭ୍ରାତୃତ୍ୱ ତଥା ମାନବବାଦର ସୂଚନା ତାଙ୍କର ପ୍ରଶାସନରୁ ମିଳିଥାଏ । ଶ୍ରମର ବିଭକ୍ତିକରଣ ବା ବିଭାଜନ, ଶ୍ରମର ମର୍ଯ୍ୟାଦା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପରି କେତେକ ମୌଳିକ ନୀତି ତାଙ୍କ ପ୍ରଶାସନର ବିଭିନ୍ନ ଦିଗ । ଶ୍ରୀଜଗନ୍ନାଥଙ୍କ ଚକାଆଖି ସମସ୍ତଙ୍କୁ ସମଦୃଷ୍ଟି ଦେଇଥାଏ । ଜାତିବର୍ଣ୍ଣ ନିର୍ବିଶେଷରେ ଏକା ସ୍ଥାନରେ ବସି ଏବଂ ଏପରିକି ଏକାପତ୍ରରେ ମହାପ୍ରସାଦ ସେବା କରିବା ବ୍ୟବସ୍ଥାରୁ ସାମ୍ୟବାଦର କାର୍ଯ୍ୟକାରୀତା ସମ୍ବନ୍ଧରେ ବେଶ୍ ଧାରଣା କରିହୁଏ । ମହାନିର୍ବାଣ ତନ୍ତ୍ରରେ ଉଲ୍ଲେଖ ଅଛି, 'ଜାତିଭେଦୋ ନ କର୍ତ୍ତବ୍ୟଃ ପ୍ରସାଦେ ପରମାତ୍ମନଃ' । ମହାଭାବରେ ଅଭିଭୂତ ହେଲେ ଅପବିତ୍ରତା ଆପେ ଆପେ ଅପସରିଯାଏ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ମତରେ ପ୍ରଭୁ ଜଗନ୍ନାଥ ହେଉଛନ୍ତି ଜଣେ ଶ୍ରେଷ୍ଠ ପୁରୁଷ । ଜଗନ୍ନାଥ କହିଲେ ଜଗତର ପ୍ରଭୁ ବା ବିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ ନୁହଁନ୍ତି, ବରଂ ସେ ଜଗତ ରୂପକ ପୁରୁଷର ଉତ୍ତମ ବା ଶ୍ରେଷ୍ଠ ସ୍ୱରୂପ । ସେହି ଜଗତସ୍ୱରୂପ ପୁରୁଷର ବା ପୁରୁଷୋତ୍ତମର ସୁଖ ଦୁଃଖରେ ନିଜେ ସୁଖୀଦୁଃଖୀ ହୋଇ ପାରିଲେ, ଅର୍ଥାତ୍, ସମଗ୍ର ବିଶ୍ୱର ଅନୁଭବ ସଙ୍ଗରେ ନିଜର ଅନୁଭବକୁ ସାମିଲ୍ କରିପାରିଲେ, ତାହା ହିଁ ହେବ ଜଗନ୍ନାଥଙ୍କର ଉପାସନା । ତେଣୁ ଜଗନ୍ନାଥଧର୍ମର ପୁରୁଷୋତ୍ତମ ଚେତନା ଭିତରେ ରହିଛି ବିଶ୍ୱୈକପ୍ରାଣତା, ବିଶ୍ୱପୁରୁଷ, ଅନନ୍ତ ପୁରୁଷ ସତ୍ତାର ନିର୍ଯ୍ୟାସ । ସେଥିପାଇଁ, ଜଗନ୍ନାଥ ଧର୍ମ ଓ ଉପାସନାରେ ଅନୁପ୍ରାଣିତ ହେଲେ ଜନତାର ସେବା ଲାଗି ପ୍ରୟୋଜନ ହେଉଥିବା କୌଣସି କାର୍ଯ୍ୟକୁ ଘୃଣ୍ୟ କାର୍ଯ୍ୟ ବୋଲି ବିବେଚନା କରିବାର ଅବକାଶ ରହେ ନାହିଁ । ଯଦି ଓଡ଼ିଆ ଜାତିର

ମନଜ୍ଜମାଣି ଶ୍ରୀଜଗନ୍ନାଥଙ୍କ ଆଦ୍ୟ ତଥା ପ୍ରଧାନ ସେବକ ଗଜପତି ମହାରାଜା ଝାଡ଼ୁଦାରର କାର୍ଯ୍ୟ 'ଛେରା ପହରା' କରି ପରମ ଗୌରବ ଲାଭ କରିଥାନ୍ତି, ତେବେ ଜଗନ୍ନାଥଙ୍କ ପ୍ରଶାସନରୁ ଶ୍ରମର ମର୍ଯ୍ୟାଦା ପରି ଏକ ଉଚ୍ଚ ଚିନ୍ତାଧାରାର ସୂଚନା ମିଳେ ନାହିଁକି ? ଏହା ସାମାଜିକ ବୈଷମ୍ୟ, ଜାତିଭେଦ, ଉଚ୍ଚ ନୀଚ ଭେଦ ଭାବ ଓ ହୀନମନ୍ୟତା ଦୂର କରିବାରେ ସହାୟକ ହୋଇଥାଏ । ଜଣେ ଉଚ୍ଚମାନର ପ୍ରଶାସକ ବେଶି ଦେଖନ୍ତି, ବେଶି ଶୁଣନ୍ତି କିନ୍ତୁ କମ୍ କଥା କହନ୍ତି । ଶ୍ରୀଜଗନ୍ନାଥ ଅକର୍ଣ୍ଣ ହୋଇସୁଦ୍ଧା ସର୍ବଶ୍ରୋତା ଓ ଅଚକ୍ଷୁ ହୋଇ ସୁଦ୍ଧା ସର୍ବଦ୍ରଷ୍ଟା । କିନ୍ତୁ ସେ ଗମ୍ଭୀର ସର୍ବଭାବଜ୍ଞ ହୋଇ କଥା କହନ୍ତି ନାହିଁ, ମାତ୍ର ପ୍ରତିକ୍ଷଣ କର୍ମରତ । ଶ୍ରୀମନ୍ଦିରର ନୀତି ନିର୍ଘଣ୍ଟ ଲକ୍ଷ୍ୟ କଲେ ଜଣାଯାଏ ଯେ ଶ୍ରୀଜଗନ୍ନାଥଙ୍କ ଭୋଗ ପୂର୍ବରୁ ଦ୍ୱାରପାଳ ପୂଜା ଅନୁଷ୍ଠିତ ହୁଏ । ନିଜର ଅଧସ୍ତନ କର୍ମଚାରୀଙ୍କ ପ୍ରତି କିଭଳି ଗୁରୁତ୍ୱ ଦିଆଯିବା ଉଚିତ, ସେମାନଙ୍କ ସୁଖ ଦୁଃଖରେ କିଭଳି ସାମିଲ ହେବା ଦରକାର ଏ ସମସ୍ତ ବିଷୟ ତାଙ୍କର ପ୍ରଶାସନରୁ ଶିକ୍ଷା ମିଳେ । ପ୍ରଶାସନ କ୍ଷେତ୍ରରେ ସେ ସର୍ବୋଚ୍ଚ କର୍ତ୍ତା ଓ ସମସ୍ତ ଦେବ ଦେବୀ ତାଙ୍କର ଅଧସ୍ତନ କର୍ମଚାରୀ । ଶ୍ରୀ ଲୋକନାଥ ଭଣ୍ଡାର ରକ୍ଷକ ଭାବରେ, ଶ୍ରୀ ଯମେଶ୍ୱର ହିସାବ ରକ୍ଷକ ଭାବରେ, ମହାଦେବ ଅଗ୍ନୀଶ୍ୱର ପାକଶାଳା ରକ୍ଷକ ତଥା ପାକ ବିଶୋଧକ ଭାବରେ, ବେଢ଼ାକାଳୀ ବେଢ଼ା ରକ୍ଷାକର୍ତ୍ତ୍ରୀ ଭାବରେ ଏବଂ ଶ୍ରୀ କ୍ଷେତ୍ର ରାଜେଶ୍ୱରୀ ବିମଳା, ସଙ୍କଟ ନାଶିନୀ ସର୍ବ ମଙ୍ଗଳା ଓ ଅର୍ଦ୍ଧାଶନୀ (ମାଉଶୀ ମା) ରତ୍ନ ସିଂହାସନର ରକ୍ଷାକର୍ତ୍ତ୍ରୀ ଭାବରେ ଦାୟିତ୍ୱ ସମ୍ପନ୍ନ କରନ୍ତି । ଗର୍ବ ଗଞ୍ଜନ ଶ୍ରୀଜଗନ୍ନାଥଙ୍କର ଏକ ମୌଳିକ ନୀତି । ମନୁଷ୍ୟ କିବା ଛାର, ଦେବଦେବୀ ଗଣ ମଧ୍ୟ ଦାୟିତ୍ୱରେ ଅବହେଳା କଲେ ସେମାନଙ୍କୁ ଦଣ୍ଡ ଭୋଗିବାକୁ ପଡ଼ିଥାଏ । ପ୍ରଶାସକ ଶ୍ରୀଜଗନ୍ନାଥଙ୍କ ଠାରୁ ମାନବ ପ୍ରଶାସକ ଗଣ ଶିକ୍ଷା ଲାଭ କଲେ ଜନ ସାଧାରଣ ସୁଖ ସ୍ୱଚ୍ଛନ୍ଦ୍ୟରେ କାଳାତିପାତ କରିବେ, ଏହା ନିଃସନ୍ଦେହ ।

ଶ୍ରୀଜଗନ୍ନାଥ ନିର୍ଗୁଣ ତଥା ସଗୁଣ, ନିରାକାର ତଥା ସାକାର ଏବଂ ଅବ୍ୟକ୍ତ ତଥା ବ୍ୟକ୍ତ । ରହସ୍ୟମୟ ଶ୍ରୀପୁରଷୋତ୍ତମଙ୍କ ଉଦ୍ଦେଶ୍ୟରେ କପିଳ ସଂହିତାରେ କୁହାଯାଇଛି,

ସର୍ବରହସ୍ୟଂ ପୁରୁଷୋତ୍ତମସ୍ୟ ।
ଦେବୋ ନ ଜାନାତି କୁତଃ ମନୁଷ୍ୟଃ ॥

ଅର୍ଥାତ୍, ପୁରୁଷୋତ୍ତମ ଏତେ ରହସ୍ୟପୂର୍ଣ୍ଣ ଯେ ତାଙ୍କ ରହସ୍ୟ ଭେଦ କରିବା ଦେବତାଙ୍କ ପକ୍ଷରେ ସମ୍ଭବ ନୁହେଁ ମନୁଷ୍ୟ କଥା କ'ଣ କୁହାଯିବ । ସେହପରି ସ୍କନ୍ଦ ପୁରାଣରେ କୁହାଯାଇଛି,

ସର୍ବ ରୂପମୟୋ ହ୍ୟେଷ ସର୍ବମନ୍ତ୍ରମୟ ପ୍ରଭୁଃ ।
ଆରାଧ୍ୟତେ ଯଥା ଯେନ ତଥା ତସ୍ୟ ଫଳପ୍ରଦଃ ।। (୧)

ଏହି ଦାରୁ ତନୁ ଧାରଣକାରୀ ଶ୍ରୀଜଗନ୍ନାଥଙ୍କୁ ମୂଢ଼ ଗଣ ଜାଣି ପାରନ୍ତି ନାହିଁ, କିନ୍ତୁ ଜାଣିଥାନ୍ତି ଜ୍ଞାନୀଗୁଣୀଗଣ । ଗୀତାରେ ଭଗବାନଙ୍କର ଉକ୍ତି ହେଲା, 'ବିମୂଢ଼ା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ' । ସେହି ଦାରୁବ୍ରହ୍ମ ଜଗନ୍ନାଥ ଏକ ଚେତନାର ଓ ଚିନ୍ତାଧାରାର ସଙ୍କେତ । ସେ ଆଦ୍ୟଦେବ ଓ ସ୍ୱୟଂସୃଷ୍ଟ । ଶ୍ରୀଜଗନ୍ନାଥ ଚେତନା ଭିତରେ କ୍ଷୁଦ୍ରତା ବା ସଂକୀର୍ଣ୍ଣତାର ସ୍ଥାନ ନାହିଁ । ଜଗତରେ କେହି ଅନାଥ ବା ନିରାଶ୍ରୟ ନ ରହନ୍ତୁ ଏହି ଆଶ୍ୱାସନା ଜଗନ୍ନାଥ ନାମରୁ ସୂଚନା ମିଳେ । ସେଥିପାଇଁ ଭକ୍ତ କହେ,

ଅନାଥସ୍ୟ ଜଗନ୍ନାଥ ନାଥସ୍ତ୍ୱଂମେ ନ ସଂଶୟଃ ।
ଯସ୍ୟ ନାଥ ଜଗନ୍ନାଥଃ ତସ୍ୟ ଦୁଃଖଂ କଥଂ ପ୍ରଭୋ ।।

卐

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୨୯ ଅଧ୍ୟାୟ - ୪୮ ଶ୍ଳୋକ

ଷଷ୍ଠ ଅଧ୍ୟାୟ

ଶ୍ରୀ ମହାପ୍ରସାଦ

ଶ୍ରୀମହାପ୍ରସାଦ ସଦୃଶ ପବିତ୍ର ବସ୍ତୁ ଜଗତରେ ବିରଳ । ଏ ଅନ୍ନ ସ୍ୱୟଂ ବିଷ୍ଣୁଙ୍କ ସ୍ୱରୂପ । ଏ ଅନ୍ନ ପାକ କରନ୍ତି ପରମ ବୈଷ୍ଣବୀ ଶକ୍ତି ମହିମାମୟୀ ମହାଲକ୍ଷ୍ମୀ ଓ ଭୋଜନ କରନ୍ତି ସ୍ୱୟଂ ଜନାର୍ଦ୍ଦନ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

ସୁଧୋପମଂ ପଚତ୍ୟନ୍ନଂ ଭୁଙ୍କ୍ତେ ନାରାୟଣ ପ୍ରଭୁଃ । (୧)

ଜଗନ୍ନାଥଙ୍କ ଭୋଜନାବଶେଷ ଅନ୍ନବ୍ୟଞ୍ଜନାଦି ସେବନ କଲେ ସମସ୍ତ ପାପ କ୍ଷୟ ହୁଏ । ସମସ୍ତ ବର୍ଣ୍ଣାଶ୍ରମୀ, ବିଧବା, ବ୍ରତଧାରୀ ଦୀକ୍ଷିତ, ଅଗ୍ନିହୋତ୍ରୀ, ବ୍ୟକ୍ତିଗଣ ମହାପ୍ରସାଦ ସେବନରେ ପବିତ୍ର ହୁଅନ୍ତି । ଉଚ୍ଚନୀଚ ଭେଦଭାବର ପ୍ରଶ୍ନ ଉଠେ ନାହିଁ ବ୍ରାହ୍ମଣ ଶୂଦ୍ର ଏକ ସ୍ଥାନରେ ବସି ଏକପତ୍ରରେ ଏହାକୁ ସେବନ କରିପାରନ୍ତି ମହାପ୍ରସାଦ ଯଦି ବେଶ୍ୟାଳୟରେ ଥାଏ କିମ୍ବା ପତିତ ବ୍ୟକ୍ତି ଯଦି ଏ ଅନ୍ନ ସ୍ପର୍ଶ କରିଥାନ୍ତି ତଥାପି ଏହା ଦୂଷିତ ହୁଏ ନାହିଁ । ଏହା ସର୍ବ ରୋଗ ନିବାରକ, ପାପକ୍ଷୟ କାରକ, ଦାରିଦ୍ର୍ୟ ବିନାଶକ, ବଳ ତଥା ଆୟୁ ପ୍ରଦାୟକ, ସୌଭାଗ୍ୟ ପ୍ରଦାନକାରୀ, ଶ୍ରୀ ଓ ଶୁଭପ୍ରଦ ବୋଲି ଶାସ୍ତ୍ରମାନଙ୍କରେ ବର୍ଣ୍ଣିତ । ଯଥା,

ସର୍ବରୋଗୋପଶମନଂ ପୁତ୍ରପୌତ୍ରପ୍ରବର୍ଦ୍ଧନମ୍ ।
ଦାରିଦ୍ର୍ୟହରଣଂ ଶ୍ରେଷ୍ଠଂ ବିଦ୍ୟାୟୁଃ ଶ୍ରୀପଦଂ ଶୁଭମ୍ ।। (୨)

ଦୀର୍ଘଦିନ ଧରି ସଞ୍ଚିତ, ଅତ୍ୟନ୍ତ ଶୁଷ୍କ ଅଥବା ଦୂରସ୍ଥାନରୁ ଅଣାଯାଉନା କାହିଁକି, ଏହାକୁ ପରମାନନ୍ଦରେ ସେବନ କରିବା ବିଧିଯୁକ୍ତ । ଏପରିକି କୁକୁର ମୁଖରୁ ଯଦି ଏହା ପଡ଼ିଯାଏ ତଥାପି ବ୍ରାହ୍ମଣ ଅନାୟାସରେ ଏହା ଭୋଜନ କରି ପାରିବେ । ମହାପ୍ରସାଦ ସେବନ ପାଇଁ ଶୁଚି ଅଶୁଚିର ବିଚାର ନଥାଏ । ଏହା ଏତେ ପବିତ୍ର କାରଣ,

---

(୧) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୩୮ ଅଧ୍ୟାୟ - ୩ ଶ୍ଳୋକ

(୨) ସ୍କନ୍ଦପୁରାଣ - ବିଷ୍ଣୁଖଣ୍ଡ - ୩୮ ଅଧ୍ୟାୟ - ୧୧ ଶ୍ଳୋକ

ଜଗଦ୍ଧାତ୍ର୍ୟା ହି ତତ୍ ପକ୍ବଂ
ବୈଷ୍ଣବାଗ୍ନୌ ସୁସଂସ୍କୃତେ ।
ଭୁଙ୍କ୍ତେ ସ୍ୱୟଂ ଚକ୍ରପାଣି
ର୍ଯୁଗମନ୍ୱନ୍ତରାଦିଷୁ ।। (୧)

ଜଗଦ୍ଧାତ୍ରୀ ମହାଲକ୍ଷ୍ମୀ ସଂସ୍କାର କରାଯାଇଥିବା ବୈଷ୍ଣବାଗ୍ନିରେ ଏହା ପାକ କରନ୍ତି ଏବଂ ଭଗବାନ ମନ୍ୱନ୍ତର ଓ ଯୁଗଯୁଗାନ୍ତର ପର୍ଯ୍ୟନ୍ତ ଭୋଜନ କରି ଆସୁଅଛନ୍ତି । ନୀଳାଚଳ ଧାମ ଛଡ଼ା ଅନ୍ୟତ୍ର ମହାପ୍ରସାଦ ମିଳେ ନାହିଁ । ନୀଳାଦ୍ରିନାଥ ଶ୍ରୀଜଗନ୍ନାଥଙ୍କ ପ୍ରସାଦକୁ ମହାପ୍ରସାଦ କାହିଁକି କୁହାଯାଏ, ଏହାର ତାତ୍ପର୍ଯ୍ୟ କ'ଣ ? ନିମ୍ନରେ ଏହାର ପଦ୍ଧତି ସମ୍ପର୍କରେ ସାମାନ୍ୟ ସୂଚନା ଦିଆଗଲା । ପ୍ରଥମତଃ, ପ୍ରସାଦର ଷଡ଼ାଙ୍ଗ ସଂସ୍କାର ଦ୍ୱାରା ଅନ୍ନତ୍ୱର ବିଲୋପ କରାଯାଇ ବ୍ରହ୍ମତ୍ୱର ଆରୋପ କରାଯାଉଥିବାରୁ ଏହା ମହାପ୍ରସାଦ ପଦବାଚ୍ୟ । ଏହି ଷଡ଼ାଙ୍ଗ ସଂସ୍କାର ହେଉଛି, ମହାଲକ୍ଷ୍ମୀଙ୍କ ବୈଷ୍ଣବାଗ୍ନିରେ ପାକ, ଶ୍ରୀଯନ୍ତ୍ର ରୂପକ ଠାଆ ମୁରୁଜରେ ନୈବେଦ୍ୟ ନିମିତ୍ତ ସ୍ୱର୍ଣ୍ଣପାତ୍ରରେ ପରିବେଷଣ, ଦ୍ୱାବିଂଶ ଅକ୍ଷରୀ ପାତାଳ ନୃସିଂହ ମନ୍ତ୍ରରେ ପ୍ରେକ୍ଷିତ, ଗୋବିନ୍ଦ ଅଷ୍ଟାଦଶାକ୍ଷର ଗୋପାଳ ମନ୍ତ୍ରରେ ନିବେଦିତ, ଭୈରବୀ ଚକ୍ରର ଉଚ୍ଛିଷ୍ଟ ମହାଭୈରବୀ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳାଙ୍କୁ ସମର୍ପଣ ଏବଂ ବିଶ୍ୱକ୍ସେନ, ଶୁକ, ପ୍ରହ୍ଲାଦ, ହନୁମାନ, ନାରଦ, ବୈନତେୟ, ଦେବଳ ଓ ଇନ୍ଦ୍ରଦ୍ୟୁମ୍ନ ଆଦି ଅଷ୍ଟ ସାତ୍ତ୍ୱିକ ବୈଷ୍ଣବଙ୍କୁ ଅନ୍ନ ବଳି ପ୍ରଦାନ । ଦ୍ୱିତୀୟତଃ, ଶ୍ରୀଜଗନ୍ନାଥ ମନ୍ଦିରସ୍ଥ ରୋଷଘରେ ରନ୍ଧନ ପ୍ରକ୍ରିୟାରେ ତାନ୍ତ୍ରିକ ବିଧାନ ଥିବା ଜଣାଯାଏ । ପ୍ରତ୍ୟେକ ଦିନ ରନ୍ଧନ ପୂର୍ବରୁ ବୈଷ୍ଣବାଗ୍ନି ସଂସ୍କାର କରାଯାଏ । ରୋଷଘରେ ଥିବା ଚୁଲିର ଛଅ ଗୋଟି ଝିଙ୍କା ଥାଏ । ଏହି ଛଅଟି ଝିଙ୍କା ହେଉଛି ଷଟ୍ କୋଣାତ୍ମକ ଅଗ୍ନି ଯନ୍ତ୍ର । ଏଥିରେ ଥରକେ ନଅ ଗୋଟି ହାଣ୍ଡି ବସେ । ଏହି ୬ ଟି ୯ ତାନ୍ତ୍ରିକ ବିଧାନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ତୃତୀୟତଃ, ଏ ଅନ୍ନ ବ୍ୟଞ୍ଜନାଦି ମହିମାମୟୀ ମହାଲକ୍ଷ୍ମୀଙ୍କ ଦ୍ୱାରା ପାକ କରାଯାଇ ସ୍ୱୟଂ ବିଷ୍ଣୁ ଭୋଜନ କରୁଥିବାରୁ ଏହା ଅତ୍ୟନ୍ତ ଦୁର୍ଲଭ ବସ୍ତୁ । ପଦ୍ମପୁରାଣରେ କୁହାଯାଇଛି, 'ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂ ଭୋକ୍ତା ଜନାର୍ଦ୍ଦନଃ' । ଚତୁର୍ଥତଃ, ମହାପ୍ରସାଦକୁ କେହି କେହି ମା ପ୍ରସାଦ ବୋଲି କହିଥାନ୍ତି । କାରଣ ଦାରୁବ୍ରହ୍ମ ଜଗନ୍ନାଥଙ୍କୁ ନିବେଦିତ ଅନ୍ନ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳାଙ୍କୁ ସମର୍ପଣ କରାଯିବା ପରେ ଏହା ମହାପ୍ରସାଦ ଭାବରେ ବିଦିତ ହୋଇଥାଏ ।

ଶ୍ରୀମହାପ୍ରସାଦ ବା ନିର୍ମାଲ୍ୟ କହିଲେ କେବଳ ମହାପ୍ରଭୁଙ୍କ ଅନ୍ନ ପ୍ରସାଦକୁ ନ ବୁଝାଇ ଶ୍ରୀଜୀଉଙ୍କ ବ୍ୟବହୃତ ଫୁଲ, ଚନ୍ଦନ, ଶ୍ରୀକାପଡା ଇତ୍ୟାଦି ଦିବ୍ୟ ବସ୍ତୁକୁ ବୁଝାଇଥାଏ । ସେଥିପାଇଁ ସ୍କନ୍ଦପୁରାଣରେ ଯଥାର୍ଥରେ କୁହାଯାଇଛି,

ପୁଷ୍ପ ଚନ୍ଦନ ମାଲ୍ୟାଦି ଯଦଙ୍ଗୈ ରୁପଧାର୍ଯ୍ୟତେ ।
ଅପନୀତଂ ଯଥାକାଳେ ନିର୍ମାଲ୍ୟଂ ତଦ୍ ପ୍ରକୀର୍ତ୍ତିତଂ ।।

ଶ୍ରୀମହାପ୍ରସାଦ ପ୍ରାପ୍ତି ପାଇଁ ସମସ୍ତ ଦେବଦେବୀ ବ୍ୟାକୁଳ । ଦୁର୍ଗା, କାଳୀ, ପାର୍ବତୀ, ମଙ୍ଗଳା ବିମଳା ଚଣ୍ଡୀ ଆଦି ଠାକୁରାଣୀଙ୍କୁ ଶ୍ରୀଜଗନ୍ନାଥଙ୍କ ବ୍ୟବହୃତ ପୁଷ୍ପାଦି ଲାଗି କରିବା, ଶ୍ରୀମହାପ୍ରାସଦ ସମର୍ପଣ କରିବା ଦ୍ୱାରା ମା'ଙ୍କର ପ୍ରୀତି ଭାଜନ ହେବାକୁ ପଡ଼ିଥାଏ । ସେହିପରି ପରମ ଭକ୍ତ ବୀର ହନୁମାନଙ୍କର ମଧ୍ୟ ମହାପ୍ରସାଦ ପ୍ରାପ୍ତି ପାଇଁ ପ୍ରବଳ ଆଗ୍ରହ ।

ମହାପ୍ରସାଦର ତୁଳନା ବିଶ୍ୱବ୍ରହ୍ମାଣ୍ଡରେ ନାହିଁ । ଏହାପରି ସ୍ୱାଦଯୁକ୍ତ, ରୁଚିକର ତଥା ପୁଷ୍ଟିକର ବସ୍ତୁ ଅନ୍ୟତ୍ର ବିରଳ । ଶ୍ରୀମନ୍ଦିରର ରୋଷଘରେ ବ୍ୟବହୃତ ହେଉଥିବା ଜଳ ଗଙ୍ଗା ଓ ଯମୁନା ନାମକ ଦୁଇଗୋଟି କୂପରୁ ଅଣାଯାଇଥାଏ । ଏହି ଜଳର ନିଶ୍ଚିତ ଭାବରେ ପାକାନୁକୂଳ କିଛି ରାସାୟନିକ ଗୁଣ ଅଛି, ଫଳରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ପଦାର୍ଥକୁ ଏହା ଅମୃତ ତୁଲ୍ୟ କରିଦେଇଥାଏ । ସେହିପରି ରୋଷର ଅଗ୍ନି ବୈଷ୍ଣବାଗ୍ନି ଓ ରୋଷ ବାଟରେ ବିରାଜମାନ କରୁଥିବା ଶ୍ରୀଅଗ୍ନୀଶ୍ୱର ମହାଦେବ ଉକ୍ତ ଅଗ୍ନିର ରକ୍ଷକ ଏବଂ ସେ ମଧ୍ୟ ପାକ ବିଶୋଧକ । ବିଦଗ୍ଧ କବି ସ୍ୱର୍ଗତ ଚନ୍ଦ୍ରଶେଖର ପଟ୍ଟନାୟକ ପାକଶାଳା ସମ୍ପର୍କରେ ଲେଖିଛନ୍ତି,

ଯେଉଁ ରୋଷଶାଳେ ଜଗତ ମାତ ରନ୍ଧନକାରୀ ।
ରୋଷର ଚରଚା ବୁଝନ୍ତି ମାତ ଦକ୍ଷିଣକାଳୀ ।।

x x x x x x x

କିମ୍ବଦନ୍ତୀ ଲକ୍ଷ୍ମୀ ବିମଳାଦେବୀ ଦକ୍ଷିଣକାଳୀ ।
ନିଯୋଗୀ ସେ ରୋଷଶାଳରେ ନିତି ଖଟନ୍ତି ପାଳି ।।

ଏହିସବୁ କାରଣରୁ ସୂପକାରମାନେ କୌଣସି ଯତ୍ନ ନ ନେଇ ରୋଷେଇ କରୁଥିଲେ ସୁଦ୍ଧା ଭୋଗଦ୍ରବ୍ୟ ଅପୂର୍ବ ସ୍ୱାଦବିମଣ୍ଡିତ ହୋଇଥାଏ ।

ମହାପ୍ରସାଦ ଶବ୍ଦ ମଧ୍ୟରେ ଆନନ୍ଦ, ପ୍ରୀତି, ପ୍ରେମ, ପ୍ରସନ୍ନତା, ନିର୍ମଳତା, ପବିତ୍ରତା ତଥା ପାବକତା ଭାବ ରହିଥାଏ । ମହାପ୍ରସାଦକୁ ମଧ୍ୟ କୈବଲ୍ୟ,

ନିର୍ମାଲ୍ୟ ବୋଲି କୁହାଯାଇଥାଏ । କେବଳ ଶବ୍ଦରୁ ସୃଷ୍ଟି ହୋଇଥିବାରୁ ଏହାର ଅର୍ଥ ହେଉଛି ଏକମାତ୍ର ପରମ ପଦାର୍ଥ । ଉପେନ୍ଦ୍ରଭଞ୍ଜଙ୍କ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ବର୍ଣ୍ଣନା ଅଛି,

ମୁକ୍ତିଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ।
ବୈଷ୍ଣବ ବିହୁନେ କେହୁ ଜାଣିବ ସଂସାରେ ॥

ଏହାର ଅର୍ଥ ହେଲା, ଜଗନ୍ନାଥ ଶବ୍ଦ ମଧ୍ୟରେ ଗୋଟିଏ ଯୁକ୍ତାକ୍ଷର ଅଛି, ତାହା ହେଲା 'ନ୍ନ' । ଏହାକୁ ସ୍ୱତନ୍ତ୍ର ଭାବରେ ଉଚ୍ଚାରଣ କରି ହୁଏ ନାହିଁ । ତେଣୁ ପୂର୍ବରେ ସ୍ୱରବର୍ଣ୍ଣ 'ଅ' ସଂଯୁକ୍ତ କରି ଉଚ୍ଚାରଣ କରିବାକୁ ହୋଇଥାଏ । 'ଅ' ସଂଯୁକ୍ତ କରି ଉଚ୍ଚାରଣ କଲେ ଶବ୍ଦଟି ହୁଏ 'ଅନ୍ନ' 'ଏହି ଅନ୍ନ ହିଁ କୈବଲ୍ୟ' । ସେହିପରି ଏହାକୁ ନିର୍ମାଲ୍ୟ କହିବା ମୂଳରେ ରହିଛି ନିର୍ମଳ ଭାବ, ପବିତ୍ରତା ତଥା ପାବକତା । ମହାନିର୍ବାଣ ତନ୍ତ୍ର ଅନୁଯାୟୀ,

'ଜାତି ଭେଦୋ ନ କର୍ତ୍ତବ୍ୟଃ ପ୍ରସାଦେ ପରମାତ୍ମନଃ' । ତେଣୁ ମହାପ୍ରସାଦ ସେବନରେ ଉଚ୍ଚନୀଚ, ଜାତିଅଜାତି, ଭେଦଭାବ ଓ ତତ୍ ଜନିତ ସଂକୀର୍ଣ୍ଣତା ରହି ନଥାଏ । ସାମ୍ୟବାଦ ପରି ଏକ ଉଚ୍ଚ ଚିନ୍ତାଧାରା ଏଥିରୁ ସୂଚୀତ ହୁଏ ।

ଏହି ପରମ ପବିତ୍ର ମହାପ୍ରସାଦ ସେବନର କେତେକ ବିଧି ରହିଅଛି । ଯଥା, (୧) ମହାପ୍ରସାଦ ସେବନ ସମୟରେ ପବିତ୍ର ତଥା ନିର୍ମଳ ମନରେ ଓ ଆତ୍ମଗର୍ବ ନ ରଖି ସେବନ କରିବାକୁ ହେବ । (୨) ମହାପ୍ରସାଦକୁ ଅକୁଣ୍ଠିତ ଭାବରେ ପରମ ଆଗ୍ରହର ସହିତ ସେବନ କରିବା ବିଧି । (୩) କୌଣସି ଆସନରେ ନ ବସି ମହାପ୍ରସାଦ ସେବନ କରିବା ପରମ କର୍ତ୍ତବ୍ୟ । (୪) ସେବନ ପୂର୍ବରୁ 'ନୀଳାଚଳ ନିବାସାୟ ନିତ୍ୟାୟ ପରମାତ୍ମନେ । ବଳଭଦ୍ର ସୁଭଦ୍ରାଭ୍ୟାଂ ଜଗନ୍ନାଥାୟତେ ନମଃ' ସ୍ମରଣ କରିବା ବିଧି । (୫) ମହାପ୍ରସାଦ ଉଚ୍ଛିଷ୍ଟ ହୁଏ ନାହିଁ । ଉଚ୍ଚନୀଚ ଭେଦଭାବ ନ ରଖି ଏକ ସ୍ଥାନରେ ବସି ମହାପ୍ରସାଦ ସେବନ କରିବା ପରମ କର୍ତ୍ତବ୍ୟ । ଏକପତ୍ରରେ ମହାପ୍ରସାଦ ସେବନ କରାଯାଇପାରେ । (୬) ଶୌଚ ଅଶୌଚ ବିଚାର ନ କରି ଯେ କୌଣସି ସମୟରେ ମହାପ୍ରସାଦ ଗ୍ରହଣ କରାଯାଏ । ଯେ କୌଣସି ଅବସ୍ଥାରେ ଏହା ଗ୍ରହଣ କରାଯିବା ଉଚିତ । ସ୍ନାନାଦି କର୍ମ ସମାପନ ନ କରି ଏହା ଗ୍ରହଣ କରାଯିବାରେ କୌଣସି ବାଧା ନାହିଁ । (୭) ମହାପ୍ରସାଦ ଶୁଖିଲା ହେଉକି ବାସି ହେଉ, ଦୂରଦେଶରୁ ଅଣା ଯାଇଥାଉ, ବାହକ ଯେ କେହି ହୋଇଥାଉ, ଏହାର ପ୍ରାପ୍ତି ହେବା ମାତ୍ରେ କାଳାକାଳ ବିଚାର ନ କରି ସଙ୍ଗେ ସଙ୍ଗେ ପରମ ଆନନ୍ଦରେ

ସେବନ କରିବା ବିଧି । (୮) ମହାପ୍ରସାଦ ସହିତ ସାଧାରଣ ରନ୍ଧନ ଦ୍ୱାରା ପ୍ରସ୍ତୁତ ବ୍ୟଞ୍ଜନାଦି ବା ଅନ୍ୟ କୌଣସି ଖାଦ୍ୟ ପଦାର୍ଥ ଗ୍ରହଣ କରିବା ନିଷିଦ୍ଧ । ଆଜିକାଲିର ଭୋଜି ଭାତ ଯେଉଁ ପ୍ରକାର ହେଉଅଛି, ଅର୍ଥାତ୍ ଟେବୁଲ ଚଉକିରେ ବସି ଯୋତାମୋଜା ପିନ୍ଧି ଲୋକମାନେ ଯେପରି ଭୋଜି ଖାଉଛନ୍ତି, ସେ ଅବସ୍ଥାରେ ମହାପ୍ରସାଦ ସେବନ କରିବା ଆଦୌ ଉଚିତ ନୁହେଁ ।

ମହାନିର୍ବାଣ ତନ୍ତ୍ରରେ କୁହାଯାଇଛି, ବରଂ ଶହେ ପାପ କରାଯାଇପାରେ, ଏପରିକି ବ୍ରାହ୍ମଣ ମଧ୍ୟ ହତ୍ୟା କରାଯାଇପାରେ ମାତ୍ର ମହାପ୍ରସାଦ ଅବହେଳା କରାଯାଇ ନ ପାରେ । ଯେଉଁ ମୂଢ଼ ବ୍ୟକ୍ତି ଏହାକୁ ଅବମାନନା କରନ୍ତି, ସେମାନେ ନର୍କଗାମୀ ହୋଇଥାନ୍ତି । ମହାପ୍ରସାଦ ସେବନରେ ଯାହାର ସନ୍ତୋଷ ଭାବ ନଥାଏ, ସେମାନଙ୍କୁ ବିଷ୍ଣୁଦ୍ରୋହି ବୋଲି ବିଚାର କରାଯାଏ । ଶ୍ରୀମହାପ୍ରସାଦକୁ ନିନ୍ଦା କରୁଥିବା ଓ ଏହାକୁ ସେବନ କରି ଆନନ୍ଦ ପାଉ ନଥିବା ବ୍ୟକ୍ତିଗଣ ଶ୍ରୀଜଗନ୍ନାଥଙ୍କର ପ୍ରିୟ ନୁହଁନ୍ତି । ସ୍କନ୍ଦପୁରାଣରେ ବର୍ଣ୍ଣିତ ହୋଇଛି ଯେ ଥରେ ଜଣେ ଯାଜ୍ଞିକ ବ୍ରାହ୍ମଣ ଅନ୍ୟ କେତେକ ବ୍ରାହ୍ମଣଙ୍କ ସହ ଶ୍ରୀପୁରୁଷୋତ୍ତମ ଧାମକୁ ଆସି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ଯଜ୍ଞାନ୍ନ ଭୋଜନ ନ କରି ଅନ୍ୟ କୌଣସି ଅନ୍ନ ଭୋଜନ କରିବେ ନାହିଁ ବୋଲି ସିଦ୍ଧାନ୍ତ କରିଥିବାରୁ ଶ୍ରୀମହାପ୍ରସାଦ ସେବନ କରିବାକୁ ମନା କରିଦେଲେ । ସେ ବ୍ରାହ୍ମଣ ଓ ତାଙ୍କର ସହଯୋଗୀଗଣ ତା ପରଦିନ ଠାରୁ ଏପରି ରୋଗାକ୍ରାନ୍ତ ହେଲେ ଯେ ସେମାନେ ଚଳପ୍ରଚଳ କରିବାକୁ ସକ୍ଷମ ହେଲେ ନାହିଁ । ଶରୀର ଓ ମନ ପୂର୍ଣ୍ଣମାତ୍ରାରେ ଅବଶ ହୋଇଗଲା । ସମସ୍ତଙ୍କୁ ଏକ ପ୍ରକାର ରୋଗ ଆକ୍ରମଣ କରିବାର କାରଣ ଅନୁସନ୍ଧାନ କରି ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ ମହାପ୍ରସାଦ ସେବା କରିବାକୁ ମନା କରିଥିବାରୁ ବୋଧହୁଏ ଏ ପ୍ରକାର ଦୈବୀ ରୋଗରେ ସେମାନେ ଆକ୍ରାନ୍ତ । ଯାଜ୍ଞିକ ବ୍ରାହ୍ମଣ ଶ୍ରୀଜଗନ୍ନାଥଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ଅଜ୍ଞାନବଶତଃ ସେ ଏପରି କରିଛନ୍ତି ବୋଲି ମୁକ୍ତ କଣ୍ଠରେ ସ୍ୱୀକାର କରିବାରୁ ପରମ କ୍ଷମାଶାଳୀ କରୁଣାସିନ୍ଧୁ ଶ୍ରୀଜଗନ୍ନାଥ ଭକ୍ତ ପ୍ରବରଙ୍କୁ କ୍ଷମାପ୍ରଦାନ କଲେ ଓ ସମସ୍ତ ବ୍ରାହ୍ମଣ ସଙ୍ଗେ ସଙ୍ଗେ ରୋଗମୁକ୍ତ ହେଲେ । ଶ୍ରୀଜଗନ୍ନାଥଙ୍କୁ ଅର୍ପିତ ନୈବେଦ୍ୟ ଶ୍ରୀକ୍ଷେତ୍ରରାଜେଶ୍ୱରୀ ବିମଳାଙ୍କୁ କାହିଁକି ସମର୍ପଣ କରାଯାଏ, ଏହା ମୂଳରେ ଏକ କିମ୍ବଦନ୍ତୀ ଅଛି । ଥରେ ଦେବର୍ଷି ନାରଦ ଭଗବାନ ବିଷ୍ଣୁଙ୍କର ଭୋଜନ ପରେ ତାଙ୍କ ଉଚ୍ଛିଷ୍ଟରୁ କିଛି ପ୍ରସାଦ ପାଇ ନିଜକୁ ଧନ୍ୟ ମନେ କରି ଅତି ଉଲ୍ଲାସରେ କୈଳାସରେ ପହଞ୍ଚିଲେ । ତାଙ୍କର ଉଲ୍ଲାସ ଭାବର କାରଣ ନାରଦଙ୍କ ଠାରୁ ଅବଗତ ହୋଇ ଦେବ ଦେବ ମହାଦେବ କୈବଲ୍ୟ ସେବା ପାଇଁ ଲାଳାୟିତ ହେଲେ । ଦୈବାତ୍ ନାରଦଙ୍କ

ଦାଢ଼ିରେ କଣିକାଏ କୈବଲ୍ୟ ଲାଗିଥିବା ଦେଖି ତ୍ରୈଲୋକେଶ୍ୱର ଶିବ ପରମ ଆନନ୍ଦରେ ସେ କୈବଲ୍ୟ କଣିକାକୁ ସେବା କଲେ ଓ ଅତ୍ୟନ୍ତ ଉଲ୍ଲସିତ ହେଲେ । ଦେବର୍ଷି ନାରଦ ଓ ମହାଦେବ ପରମାନନ୍ଦରେ ଭାବିବିହ୍ବଳ ଥିବାବେଳେ ପାର୍ବତୀ ସେଠାରେ ଉପସ୍ଥିତ ହୋଇ ସମସ୍ତ ବିଷୟ ବୁଝିନେଲେ । ପାର୍ବତୀ ଶିବଙ୍କର ଅର୍ଦ୍ଧାଙ୍ଗିନୀ ହୋଇଥିବାରୁ କଣିକାଏ କୈବଲ୍ୟରୁ ଅଧ କଣିକାଏ ତାଙ୍କର ପ୍ରାପ୍ୟ ଥିଲା ବୋଲି କହି କୈବଲ୍ୟ ପ୍ରାପ୍ତି ପାଇଁ ତପସ୍ୟାରତ ହେଲେ । ପାର୍ବତୀଙ୍କ ତପସ୍ୟାରେ ଭଗବାନ ବିଷ୍ଣୁ ସନ୍ତୁଷ୍ଟ ହୋଇ ତାଙ୍କୁ କୈବଲ୍ୟ ପ୍ରଦାନ କଲେ ଏବଂ କହିଲେ ଯେ ସେ ଯେତେବେଳେ ଦାରୁବ୍ରହ୍ମ ଭାବରେ ନୀଳଚଳରେ ବିରାଜମାନ କରିବେ ସେତେବେଳେ ମହାଦେବୀ ପାର୍ବତୀ ବିମଳାରୂପରେ ସେଠାରେ ବିରାଜିତ ହୋଇଥିବେ ଏବଂ ପ୍ରତ୍ୟହ ପ୍ରତ୍ୟେକ ଭୋଗପରେ ତାଙ୍କୁ ଦାରୁ ବ୍ରହ୍ମ ଜଗନ୍ନାଥଙ୍କ ପ୍ରସାଦ ସମର୍ପଣ କରାଯିବ । ମହାଦେବୀ ପାର୍ବତୀ କଣିକାଏ କୈବଲ୍ୟ ପାଇଁ ଘୋର ତପସ୍ୟା କରିଥିଲେ ସତ, କିନ୍ତୁ ତାଙ୍କ ପାଇଁ ପ୍ରତ୍ୟହ କୈବଲ୍ୟ ବରାଦ କରାଗଲା । ଏଥିରୁ ଜଣାଯାଏ ମହାପ୍ରସାଦ ପାଇଁ ଦେବ , ଦେବୀ, ସାଧୁ ସନ୍ଥ କିଭଳି ବ୍ୟାକୁଳ ହୋଇଥାନ୍ତି ଓ ମହାପ୍ରସାଦ ପ୍ରାପ୍ତିରେ ନିଜକୁ ଧନ୍ୟ ବା କୃତାର୍ଥ ମନେ କରନ୍ତି । ଭକ୍ତ ସମାଜ ମଧ୍ୟ ମହାପ୍ରସାଦ ସେବନକରି କହିଥାନ୍ତି,

କୃତାର୍ଥୋଽହଂ କୃତାର୍ଥୋଽହଂ
କୃତାର୍ଥୋହଂ ନ ସଂଶୟଃ ।
ଦେବ ଦେବ ଜଗନ୍ନାଥ
ତବ ନିର୍ମାଲ୍ୟ ଭକ୍ଷଣାତ୍ ।।

ଅର୍ଥାତ୍, ହେ ଜଗନ୍ନାଥ ! ଆପଣଙ୍କ ନିର୍ମାଲ୍ୟ ସେବନ କରି ନିଶ୍ଚିତ ଭାବରେ ମୁଁ କୃତାର୍ଥ ହୋଇଗଲି । ଅତଏବ, କାୟୋମନବାକ୍ୟରେ ଭକ୍ତି ଭାବରେ ଓ ଇନ୍ଦ୍ରିୟାଦିକୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଅର୍ପଣ କରି ଶ୍ରୀମହାପ୍ରାସଦ ସେବନ କଲେ ଜୀବନ ଧନ୍ୟ ହେବ, ଏହା ନିଃସନ୍ଦେହ ।

ବିଭିନ୍ନ ଶାସ୍ତ୍ର ପୁରାଣରେ ଶ୍ରୀମହାପ୍ରସାଦର ମାହାତ୍ମ୍ୟ କିପରି ବର୍ଣ୍ଣିତ ହୋଇଛି, ତାହାର ସମ୍ୟକ୍ ସୂଚନା ନିମ୍ନରେ ପ୍ରଦତ୍ତ ହେଲା ।

(୧) ବ୍ରହ୍ମବୈବର୍ତ୍ତ ପୁରାଣ - ଜଗନ୍ନାଥସ୍ୟ ନୈବେଦ୍ୟଂ ମହାପାତକନାଶନମ୍ ।
ଭକ୍ଷଣାତ୍ ଫଳମାପ୍ନୋତି କପିଳାକୋଟି ଦାନଜମ୍ ।।

(୨) ବ୍ରହ୍ମ ପୁରାଣ - ଜଗନ୍ନାଥସ୍ୟ ନୈବେଦ୍ୟଂ ନାସ୍ତି ସଂସ୍ପଷ୍ଟଦୂଷଣମ୍ ।

(୩) ସ୍କନ୍ଦ ପୁରାଣ - ବେଶ୍ୟାଳୟଂ ଗତଂ ତଦ୍ଧି ନିର୍ମାଲ୍ୟଂ ପତିତାଦୟଃ ।
ସ୍ପୃଶନ୍ତ୍ୟନ୍ନଂ ନ ଦୃଷ୍ଟଂ ତଦ୍‌ଯଥା ବିଷ୍ଣୁସ୍ତଥୈବତେ ।।

(୪) ପଦ୍ମ ପୁରାଣ - ତତ୍ରାନ୍ନ ପାଚିକା ଲକ୍ଷ୍ମୀଃ ସ୍ୱୟଂଭୋକ୍ତା ଜନାର୍ଦ୍ଦନଃ ।
ତସ୍ମାତ୍ତଦନ୍ନଂ ବିପ୍ରର୍ଷେ ଦେବତୈରପି ଦୁର୍ଲଭମ୍ ।।

(୫) ବିଷ୍ଣୁ ପୁରାଣ - ନୈବେଦ୍ୟ ଜଗଦୀଶସ୍ୟ ଅନ୍ନପାନାଦିକଂ ଚୟତ୍ ।
ଭକ୍ଷ୍ୟାଭକ୍ଷ ବିଚାରସ୍ତୁ ନାସ୍ତିତଦ୍ ଭକ୍ଷଣେ ଦ୍ୱିଜାଃ ।।

(୬) ବାୟୁ ପୁରାଣ - ଶୁଷ୍କଂ ପର୍ଯ୍ୟୁଷିତଂ ବାପି ନୀତଂ ବା ଦୂରଦେଶତଃ ।
ଦୁର୍ଜନେ ନାପି ସଂସ୍ପୃଷ୍ଟଂ ସର୍ବସ୍ୟୈ ବ୍ୟାଘନାଶନମ୍ ।।

(୭) ଗରୁଡ଼ ପୁରାଣ - ନ କାଳ ନିୟମୋ ବିପ୍ରାଃ ବ୍ରତ ଚାନ୍ଦ୍ରାୟଣେ ତଥା ।
ପ୍ରାପ୍ତିମାତ୍ରେଣ ଭୁଞ୍ଜୀୟାତ୍ ଯଦୀଚ୍ଛେନ୍ ମୋକ୍ଷମାତ୍ମନଃ ।।

(୮) ଭବିଷ୍ୟ ପୁରାଣ - ଅନ୍ୟବର୍ଣ୍ଣେ ହୀନବର୍ଣ୍ଣେଃ ସଂକର ପ୍ରଭବୈରପି ।
ସ୍ପୃଷ୍ଟଂ ଜଗତ୍‌ପତେରନ୍ନଂ ଭୁକ୍ତଂ ସର୍ବାଘନାଶନମ୍ ।।

(୯) କୂର୍ମ ପୁରାଣ - ନ କାଳ ନିୟମୋ ବିପ୍ରାଃ ବ୍ରତେ ଚାନ୍ଦ୍ରାୟଣେ ତଥା ।
ପ୍ରାପ୍ତି ମାତ୍ରେଣ ଭୁଞ୍ଜୀତ ଯଦୀଚ୍ଛେନ୍ ମୋକ୍ଷମାତ୍ମନଃ ।।

(୧୦) ଶ୍ରୀମଦ୍ ଭାଗବତ -
ହୃଦିରୂପଂ ମୁଖେନାମଂ ନୈବେଦ୍ୟମ୍ ଉଦରେ ହରେଃ
ପାଦୋଦକଞ୍ଚ ନିର୍ମାଲ୍ୟ ମସ୍ତକେୟସ୍ୟ ସୋଽମୃତଃ ।।

(୧୧) କପିଳ ସଂହିତା - ଦେଶାନ୍ତରଂ ଗତଂ ବାପି ଶୁଷ୍କ ମାଦ୍ରମଥାପିବା ।
ଭକ୍ଷଣାତ୍ ଦର୍ଶନ ନୈବ ଦ୍ୱିଜାତୀନାଂ ଚ ମୁକ୍ତିଦମ୍ ।।

卐

୭ମ ଅଧ୍ୟାୟ

ନାହଂ ପ୍ରକାଶଃ ସର୍ବସ୍ୟ

ପରଂବ୍ରହ୍ମ ବିଷ୍ଣୁଙ୍କୁ ପ୍ରାପ୍ତ ହେବା, ତାଙ୍କର ଦର୍ଶନ ସୁଗମ ହେବା ଏବଂ ତାଙ୍କର କୃପାଦୃଷ୍ଟି ଲାଭ କରିବାକୁ ହେଲେ ଯୋଗମାୟାଙ୍କୁ ସନ୍ତୁଷ୍ଟ କରିବା ନିତାନ୍ତ ଦରକାର । ଭଗବାନ ଯୋଗମାୟାଙ୍କ ଦ୍ୱାରା ସମାଚ୍ଛାଦିତ ହୋଇଥିବାରୁ ସମସ୍ତଙ୍କ ନିକଟରେ ପ୍ରକାଶିତ ନୁହଁନ୍ତି । ଭଗବାନଙ୍କର ଉକ୍ତି ହେଲା,

ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।
ମୂଢ଼ୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ।। (୧)

ଅର୍ଥାତ୍, ଆମ୍ଭେ ଯୋଗମାୟା ଦ୍ୱାରା ସମାଚ୍ଛାଦିତ ଥିବାରୁ ସମସ୍ତଙ୍କ ନିକଟରେ ପ୍ରକାଶିତ ନୋହୁଁ । ତେଣୁ ମୂଢ଼ ଲୋକମାନେ ଆମ୍ଭଙ୍କୁ ଜନ୍ମ ରହିତ ଅକ୍ଷୟ ପରମେଶ୍ୱର ବୋଲି ଜାଣି ପାରନ୍ତି ନାହିଁ । ଅତଏବ, ଯୋଗମାୟାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ପ୍ରଥମେ ସପ୍ତଶତୀ ଚଣ୍ଡୀଙ୍କ କଥା ବିଚାରକୁ ନିଆଯାଉ । ଚଣ୍ଡୀ ହିନ୍ଦୁ ଜଗତରେ ଏକ ଅମୂଲ୍ୟ ସମ୍ପଦ । ବେଦ ରୂପକ ଗାଈର ଦୁଗ୍‌ଧ ହେଉଛି ଗୀତା କିନ୍ତୁ ତନ୍ତ୍ର ରୂପକ ଗାଈର ଦୁଗ୍‌ଧ ହେଉଛି ଚଣ୍ଡୀ । ଉଭୟ ଗ୍ରନ୍ଥ ବ୍ୟାସଦେବଙ୍କ ଅମର କୃତି । ସପ୍ତଶତୀ ଚଣ୍ଡୀରୁ ସୂଚନା ମିଳେ ଯେ ପ୍ରଳୟ କାଳରେ ପରଂବ୍ରହ୍ମ ବିଷ୍ଣୁ ଅନନ୍ତଙ୍କୁ ଶଯ୍ୟାରୂପେ ବିସ୍ତୃତ କରି ପ୍ରଳୟ ଜଳରେ ଯୋଗନିଦ୍ରାରେ ନିମଗ୍ନ ଥିଲେ । ଏହି ସମୟରେ ବିଷ୍ଣୁଙ୍କ କର୍ଣ୍ଣମୂଳର ମଳିରୁ ମଧୁ କୈଟଭ ନାମକ ରାକ୍ଷସ ଦ୍ୱୟ ଉତ୍ପନ୍ନ ହୋଇ ବିଷ୍ଣୁଙ୍କ ନାଭିପଦ୍ମସ୍ଥିତ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲେ । ବ୍ରହ୍ମା ତ୍ରାହିକର୍ତ୍ତା ବିଷ୍ଣୁଙ୍କୁ ଲକ୍ଷ୍ୟକରି ଜାଣି ପାରିଲେ ଯେ ସେ ଗଭୀର ନିଦ୍ରିତାବସ୍ଥାରେ ଅଛନ୍ତି । ବିଷ୍ଣୁଙ୍କୁ ଜାଗ୍ରତ କରିବାକୁ ହେଲେ ଯୋଗମାୟାଙ୍କୁ ସନ୍ତୁଷ୍ଟ କରିବାକୁ ହେବ । ଏହା ଚିନ୍ତାକରି ବିଷ୍ଣୁଙ୍କ ନୟନାଶ୍ରିତା ଅତୁଳନୀୟା ତାମସୀ ଶକ୍ତି ଯୋଗନିଦ୍ରା ରୂପିଣୀ ଭଗବତୀଙ୍କୁ ବିନମ୍ର ପ୍ରାର୍ଥନା କରିବାକୁ ଲାଗିଲେ । ବ୍ରହ୍ମାଙ୍କ ସ୍ତବ ହେଲା,

ମହାମୋହା ଚ ଭବତୀ ମହାଦେବୀ ମହାସୁରୀ ।
ପ୍ରକୃତିସ୍ତ୍ୱଂ ଚ ସର୍ବସ୍ୟ ଗୁଣତ୍ରୟବିଭାବିନୀ ।।

---

(୧) ଶ୍ରୀମଦ୍ ଭଗବଦ୍ ଗୀତା - ୭ମ ଅଧ୍ୟାୟ - ୨୫ ଶ୍ଳୋକ

କାଳରାତ୍ରିର୍ମହାରାତ୍ରିର୍ମୋହରାତ୍ରିଶ୍ଚ ଦାରୁଣା ।
ତ୍ୱଂ ଶ୍ରୀସ୍ତ୍ୱମୀଶ୍ୱରୀ ତ୍ୱଂ ହ୍ରୀସ୍ତ୍ୱଂ ବୁଦ୍ଧିର୍ବୋଧଲକ୍ଷଣା ।। (୧)

ଅର୍ଥାତ୍, ଆପଣ ମହାମୋହା, ମହାଦେବୀ, ମହାସୁରୀ ସମସ୍ତଙ୍କର ପ୍ରକୃତି ସ୍ୱରୂପା ତଥା ତ୍ରିଗୁଣାତ୍ମିକା । ଆପଣ ହିଁ କାଳରାତ୍ରି, ଅର୍ଥାତ୍ ଭୟଙ୍କର ଯମ ସ୍ୱରୂପା (ମହାଳୟା ଶ୍ୟାମାପୂଜା), ଆପଣ ମହାରାତ୍ରି ଅର୍ଥାତ୍ ଜଗତର ପ୍ରଳୟ କାରିଣୀ (ମହାଷ୍ଟମୀ), ଆପଣ ମୋହରାତ୍ରି ଅର୍ଥାତ୍ ପ୍ରାଣୀମାନଙ୍କର ଅଜ୍ଞାନ ଅନ୍ଧକାର ରୂପିଣୀ (ଜନ୍ମାଷ୍ଟମୀ) ଏବଂ ଆପଣ ଅତ୍ୟନ୍ତ ନିଷ୍ଠୁରା ବା ଦାରୁଣା ଅଟନ୍ତି (ଅକ୍ଷୟ ତୃତୀୟା) । ଆପଣ ସମ୍ପଦ ରୂପିଣୀ ଶ୍ରୀଂ ବୀଜରୂପା ଲକ୍ଷ୍ମୀ, କ୍ଲୀଂ କାମବୀଜରୂପା ଈଶ୍ୱରୀ ଶକ୍ତି, ମାୟା ବୀଜ ହ୍ରୀଂ ରୂପା ଭୁବନେଶ୍ୱରୀ ଶକ୍ତି ତଥା ବୁଦ୍ଧି ରୂପିଣୀ ଅଟନ୍ତି ।

ମହାଦେବୀ ବ୍ରହ୍ମାଙ୍କ ସ୍ତବରେ ସନ୍ତୁଷ୍ଟା ହୋଇ ବିଷ୍ଣୁଙ୍କ ଚକ୍ଷୁରୁ ଅପସାରିତା ହେଲାବେଳେ ବ୍ରହ୍ମାପ୍ରଥମେ ଆଦ୍ୟାଦେବୀଙ୍କର ଦର୍ଶନ ଲାଭ କଲେ । ପରଂବ୍ରହ୍ମ ବିଷ୍ଣୁ ମଧ୍ୟ ନିଦ୍ରାତ୍ୟାଗ କରି ଦେଖିବାକୁ ପାଇଲେ ଯେ ମଧୁ କୈଟଭ ବ୍ରହ୍ମାଙ୍କୁ ହତ୍ୟା କରିବାକୁ ଉଦ୍ୟତ । ବିଷ୍ଣୁ ମଧୁ କୈଟଭଙ୍କ ସହିତ ଦୀର୍ଘ ପାଞ୍ଚ ହଜାର ବର୍ଷ ପ୍ରଳୟ ଜଳ ମଧ୍ୟରେ ବାହୁଯୁଦ୍ଧରେ ନିମଗ୍ନ ହେଲେ ବି ଅସୁରଙ୍କର ପତନ ହେଲା ନାହିଁ । ମହାମାୟା ଅସୁରଙ୍କ କଣ୍ଠରେ ବସିବାରୁ ଅସୁର ଦ୍ୱୟ ବିମୋହିତ ହୋଇ ବିଷ୍ଣୁଙ୍କୁ କହିଲେ ଯେ ସେମାନେ ତାଙ୍କ ବୀରତ୍ୱରେ ସନ୍ତୁଷ୍ଟ । ତେଣୁ ବିଷ୍ଣୁଙ୍କୁ ବର ଦେବାକୁ ସେମାନେ ପ୍ରସ୍ତୁତ । କୂଟନୀତି ନିପୁଣ ପରଂବ୍ରହ୍ମ ବିଷ୍ଣୁ ଅସୁରଦ୍ୱୟ ତାଙ୍କ ହସ୍ତରେ ମୃତ୍ୟୁ ବରଣ କରନ୍ତୁ ବୋଲି ବର ମାଗିନେଲେ । ରାକ୍ଷସଦ୍ୱୟ ଏପରି ଅନାକାଙ୍କ୍ଷିତ ପ୍ରାର୍ଥନାରେ ସ୍ତବ୍ଧ ହୋଇ ବିଷ୍ଣୁଙ୍କୁ ଅଡୁଆରେ ପକାଇବା ପାଇଁ କହିଲେ ଯେ ସେମାନଙ୍କର ମୃତ୍ୟୁ ଯେଉଁଠାରେ ଜଳ ନାହିଁ, ସେହି ସ୍ଥାନରେ ହିଁ ହେଉ । ଏଠାରେ ସ୍ମରଣ କରି ଦିଆଯାଇ ପାରେ ଯେ ଏହା ଥିଲା ମହାପ୍ରଳୟ ସମୟ । ଚତୁର୍ଦ୍ଦିଗରେ କେବଳ ଅନନ୍ତ ଜଳରାଶି । ଶ୍ରୀବିଷ୍ଣୁ ଅନନ୍ତ ଶଯ୍ୟାରେ ଜଳଧିଶୟନ ଅବସ୍ଥାରେ ଅବସ୍ଥିତ ଥିଲେ । ତେଣୁ ସ୍ଥଳଭାଗ ଆସିବ ବା କୁଆଡ଼େ ? କାଳିକା ପୁରାଣରେ ମହାମାୟାଙ୍କ ଭୂମିକା ବର୍ଣ୍ଣନା କରାଯାଇଅଛି । ଯଥା,

ବ୍ରହ୍ମ ବୋଇଲେ ବ୍ରହ୍ମାଙ୍କୁ ଚାହିଁ ତତକ୍ଷଣ ।
ବ୍ରହ୍ମଶିଳା ଏକ ତୁମ୍ଭେ କର ଯା ନିର୍ମାଣ ।।

---

(୧) ସପ୍ତଶତୀ ଚଣ୍ଡୀ - ୧ମ ଅଧ୍ୟାୟ - ୭୮ ଓ ୭୯ ଶ୍ଳୋକ

ସେହି ଶିଳାର ଉପରେ ଅସୁର ଦୁହିଁଙ୍କୁ
ବଧ କରିଣ ରଖିବୁ ଆମ୍ଭର କଥାକୁ ।
ମହାମାୟା ସେ ସ୍ଥାନରେ ଗୁପ୍ତେ ରହିଥିଲେ
ବ୍ରହ୍ମଙ୍କ ବାକ୍ୟରେ ଶିଳା ତକ୍ଷଣେ ହୋଇଲେ ।।

ମହାମାୟା ଜଳ ମଧ୍ୟରେ ଏକ ବ୍ରହ୍ମଶିଳା ହୋଇଥିଲେ ସତ, ମାତ୍ର ଜଳ ମଧ୍ୟରେ ତାହା ଟଳମଳ ହେବାକୁ ଲାଗିଲା । ବ୍ରହ୍ମା ଓ ଶିବ ସେ ବ୍ରହ୍ମ ଶିଳାକୁ ଧରି ରଖିଲେ ଏବଂ ବିଷ୍ଣୁ ବ୍ରହ୍ମଶିଳା ଉପରେ ସୁମେରୁ ସମାନ ଉରୁ ବିସ୍ତାର କରି ଉଭୟ ଦୈତ୍ୟଙ୍କ ଶିରକୁ ତା ଉପରେ ସ୍ଥାପନ କରି ସେମାନଙ୍କୁ ବଧ କଲେ । ଏହା ସପ୍ତଶତୀ ଚଣ୍ଡୀର ପ୍ରଥମ ଚରିତର ଆଖ୍ୟାନ, ଯହିଁର ଅଧିଷ୍ଠାତ୍ରୀ ଆଦ୍ୟାଦେବୀ ହେଉଛନ୍ତି ମହାମାୟା ମହାକାଳୀ ।

ମହାମାୟା ବୈଷ୍ଣବୀ ଶକ୍ତି ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଅଛି । ବିଷ୍ଣୁଙ୍କ ଜଗତ କଲ୍ୟାଣ ସମ୍ବନ୍ଧୀୟ କାର୍ଯ୍ୟରେ ମହାମାୟାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କଂସାଦି ଅସୁରମାନଙ୍କ କବଳରୁ ପୃଥିବୀକୁ ରକ୍ଷା କରିବା ପାଇଁ ସାଧୁସନ୍ଥଙ୍କ ପରିପାଳନ ପାଇଁ, ଏବଂ ଧର୍ମ ସଂସ୍ଥାପନ ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଧରାଧାମରେ ଆବିର୍ଭୂତ ହେବା ପୂର୍ବରୁ ଯୋଗମାୟାଙ୍କର ସହାୟତା ଲୋଡିଥିଲେ ବୋଲି ଭାଗବତରେ ବର୍ଣ୍ଣନା କରାଯାଇଅଛି । ଭାଗବତକାର ଅତିବଡି ଜଗନ୍ନାଥ ଦାସଙ୍କ ଭାଷାରେ,

ଦୁର୍ଗାଙ୍କୁ ନିକଟେ ବସାଇ । କହନ୍ତି ପ୍ରଭୁ ଭାବଗ୍ରାହୀ ।।
ଅମ୍ବିକା ଶୁଣ ମୋ ଉତ୍ତର । ବହନ ଯାଅ ମର୍ତ୍ତ୍ୟପୁର ।।
ମଥୁରା କଂସ ବନ୍ଦି ଘରେ । ମିଳିବୁ ପ୍ରଥମ ପ୍ରହରେ ।।
ବନ୍ଦି କରିଛି କଂସ ରାୟେ । ଏକ ଶାଙ୍କୁଳି ବେନି ପାୟେ ।।
ବସୁଦେବଙ୍କୁ ଯେତେବେଳେ । ଧରି ଆଣିଲା କଂସ ବଳେ ।।
ତାହାର ପତ୍ନୀ ନନ୍ଦଘରେ । ଯାଇ ଲୁଚିଲା କଂସଡରେ ।।
ରୋହିଣୀ ନାମ ବିଦ୍ୟମାନ । ତାହାର ଗର୍ଭ ଅଛି ଶୂନ୍ୟ ।।
ଦେବକୀ ଦେବୀ ନିଦ୍ରାବେଳେ । ଗର୍ଭହରିବୁ ଯୋଗବଳେ ।।
ରୋହିଣୀ ଗର୍ଭେ ତାହା ଥୋଇ । ମିଳିବୁ ନନ୍ଦଘରେ ଯାଇ ।।
ଜନ୍ମିବୁ ଯଶୋଦା ଉଦରେ । ମୁଁ ପୁଣି ଯିବି ମଞ୍ଜପୁରେ ।।
ଦେବକୀ ଗର୍ଭେ ହେବି ଜାତ । ମୋତେ ଘେନିଣ ଯିବେ ତାତ ।।
ତୋତେ ଆଣିବେ ମୋତେଥୋଇ । ଏକଥା ନଜାଣିବେ କେହି ।।

ଏଥିରୁ ସୂଚନା ମିଳେ ଯେ, ଭଗବାନ ବିଷ୍ଣୁ ନର ରୂପ ଧାରଣ କରିବା ପୂର୍ବରୁ ଅନନ୍ତଙ୍କର ପ୍ରଥମ ଆବିର୍ଭାବ ହେଲା । ସେ ତ ଆଧାର ତେଣୁ ପ୍ରଥମେ ଆସିବାର କଥା । ତା ପରେ ଶକ୍ତିଙ୍କର ଆବିର୍ଭାବ ଓ କାର୍ଯ୍ୟାନୁଷ୍ଠାନ ଏବଂ ଶେଷରେ ସ୍ୱୟଂ ବିଷ୍ଣୁ ପ୍ରକଟିତ ହୋଇଥିଲେ । ବିନା ଶକ୍ତିରେ କୌଣସି କାର୍ଯ୍ୟ ହୋଇପାରେନା । ଏହି ଶକ୍ତିକୁ ଶିବ ଶକ୍ତି ବା ବୈଷ୍ଣବୀ ଶକ୍ତି ବୋଲି କୁହାଯାଏ । ଶକ୍ତି ସଂଯୁକ୍ତ ହେଲେ ଦେବ ଦେବ ମହାଦେବ ଶିବ ବା ମଙ୍ଗଳମୟ ହୁଅନ୍ତି ଏବଂ ଶକ୍ତି ଅପସାରିତ ହେଲେ ଶିବ ଶବରେ ପରିଣତ ହୁଅନ୍ତି । ଶିବଙ୍କ ପରି ବିଷ୍ଣୁଙ୍କର ଶକ୍ତିଙ୍କ ସହିତ ସମ୍ପର୍କ ଅତି ନିବିଡ଼ ମହାମାୟାଙ୍କୁ କୁହାଯାଏ,

ତ୍ୱଂ ବୈଷ୍ଣବୀ ଶକ୍ତିଃ ଅନନ୍ତବୀର୍ଯ୍ୟା
ବିଶ୍ୱସ୍ୟ ବୀଜଂ ପରମାସିମାୟା ।
ସମ୍ମୋହିତଂ ଦେବି ସମସ୍ତମେତଦ୍
ତ୍ୱଂ ବୈ ପ୍ରସନ୍ନା ଭୁବି ମୁକ୍ତିହେତୁଃ ।। (୧)

ଜଗଜ୍ଜନନୀ ବୈଷ୍ଣବୀ ଶକ୍ତି ହିସାବରେ ଭଗବାନ ବିଷ୍ଣୁଙ୍କର ସମସ୍ତ ଜଗତ କଲ୍ୟାଣ ସମ୍ବନ୍ଧୀୟ କର୍ମରେ ନିୟୋଜିତା । ସେ ଶଙ୍ଖ ଚକ୍ର ଧାରିଣୀ ବୋଲି ଚଣ୍ଡୀରୁ ପ୍ରମାଣମିଳେ । ଚଣ୍ଡୀରେ କୁହାଯାଇଛି,

ଶଙ୍ଖଚକ୍ର ଗଦାଶାର୍ଙ୍ଗ ଗୃହୀତ ପରମାୟୁଧେ ।
ପ୍ରସୀଦ ବୈଷ୍ଣବୀରୂପେ ନାରାୟଣି ନମୋଽସ୍ତୁତେ ।। (୨)

ଋଷିମାନେ ମହାଦେବୀଙ୍କୁ ସ୍ତବ କରି କହୁଛନ୍ତି ହେ ଦେବି ! ଆପଣ ପାଞ୍ଚଜନ୍ୟ ଶଙ୍ଖ, ସୁଦର୍ଶନ ଚକ୍ର, କୌମୋଦକୀ ଗଦା ଓ ଶାର୍ଙ୍ଗ ଧନୁ ଆଦି ପରମ ଆୟୁଧ ଧାରଣ କରିଅଛନ୍ତି । ହେ ବୈଷ୍ଣବୀ ରୂପିଣି ! ହେ ନାରାୟଣି ! ଆପଣ ଅନୁଗ୍ରହ କରନ୍ତୁ । ଆପଣଙ୍କୁ ନମସ୍କାର ।

ଶ୍ରୀମନ୍ଦିରର ରତ୍ନସିଂହାସନସ୍ଥ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥଙ୍କ କଥା ବିଚାରକୁ ନିଆଯାଉ । ବଳଭଦ୍ର ଅନନ୍ତ ବା ଶିବ, ଦେବୀ ସୁଭଦ୍ରା ଆଦ୍ୟାଶକ୍ତି ଯୋଗମାୟା ଓ ଜଗନ୍ନାଥ ବିଷ୍ଣୁ ବୋଲି ପ୍ରତିପାଦିତ । ଶିବ ଓ ବିଷ୍ଣୁଙ୍କ ମଧ୍ୟ ଭାଗରେ ଯୋଗମାୟାଙ୍କ ଅବସ୍ଥିତି ତାତ୍ପର୍ଯ୍ୟପୂର୍ଣ୍ଣ । ବଳଭଦ୍ର ରୂପୀ ଶିବଙ୍କ ବାମ ଭାଗରେ ଶକ୍ତି ଓ ବିଷ୍ଣୁଙ୍କ

(୧) ଚଣ୍ଡୀ - ୧୧ ଅଧ୍ୟାୟ - ୫ ଶ୍ଳୋକ
(୨) ଚଣ୍ଡୀ - ୧୧ ଅଧ୍ୟାୟ - ୧୬ ଶ୍ଳୋକ

ଦକ୍ଷିଣ ଭାଗରେ ଶକ୍ତି ରହିଥିବାରୁ ମହାଦେବୀ ସୁଭଦ୍ରା ଶିବ ଶକ୍ତି ଓ ବୈଷ୍ଣବୀ ଶକ୍ତି ହିସାବରେ ସୁବିଦିତା । ବଳଭଦ୍ର ଆଧାର, ସୁଭଦ୍ରା କ୍ରିୟାଶକ୍ତି ଓ ଜଗନ୍ନାଥ ଆଧେୟ ବୋଲି ବିଚାର କରାଯାଏ । ପୁନଶ୍ଚ ତ୍ରିମୂର୍ତ୍ତି ହେଉଛନ୍ତି ଜ୍ଞାନଯୋଗ କର୍ମଯୋଗ ଓ ଭକ୍ତି ଯୋଗର ପ୍ରତୀକ ।

ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଲାଭ କରିବାକୁ ହେଲେ ଯୋଗମାୟା ସୁଭଦ୍ରାଙ୍କର ଅନୁଗ୍ରହ ଦରକାର । ଯୋଗମାୟା ସୁଭଦ୍ରା, ଶ୍ରୀକ୍ଷେତ୍ର ରାଜେଶ୍ୱରୀ ବିମଳା, ସର୍ବମଙ୍ଗଳା ଓ ଦକ୍ଷିଣକାଳୀଙ୍କ ବିନା ଉପାସନାରେ ବିଷ୍ଣୁ ପ୍ରାପ୍ତି ଦୁର୍ଲ୍ଲଭ । ଏ ପରିପ୍ରେକ୍ଷୀରେ ଆଦିଶଙ୍କରାଚାର୍ଯ୍ୟଙ୍କ ସୁଭଦ୍ରାଙ୍କ ପ୍ରତି ସ୍ତବ ପ୍ରଣିଧାନଯୋଗ୍ୟ । ଯଥା,

ମଧ୍ୟେ ଦେବୀପରାତ୍ପରା ଭଗବତୀ
ଯା ପ୍ରକୃତି ରୂପିଣୀ ।
ନିର୍ଲିପ୍ତା ଗୁପ୍ତଦେହା ତ୍ରିଜଗତୋଜନନୀ
ସୂକ୍ଷ୍ମରୂପା ବିଚିତ୍ରା ।
ଦେବୀ ଆନନ୍ଦକନ୍ଦା କନକତନୁଧରା
ସର୍ବସୌଭାଗ୍ୟରୂପା ।
ଦେହି ମେ ଭକ୍ତିମୁକ୍ତିଂ ହରିପଦଯୁଗଳଂ
ଯୋଗମାୟାଂ ସ୍ମରାମି ॥

ଯୋଗମାୟା ସୁଭଦ୍ରାଙ୍କ ସ୍ୱରୂପ ବର୍ଣ୍ଣନା କରିବା ସହ ଭକ୍ତି, ମୁକ୍ତି ଓ ହରିଙ୍କ ପଦଯୁଗଳ ଲାଭ କରିବା ପାଇଁ ଆଦିଶଙ୍କର ମା'ଙ୍କର ଅନୁଗ୍ରହ ଲାଭ ନିମିତ୍ତ ପ୍ରାର୍ଥନା କରିଅଛନ୍ତି । ତେଣୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ପାଇବା ନିମିତ୍ତ ଯୋଗମାୟାଙ୍କୁ ସନ୍ତୁଷ୍ଟ କରିବା ବିଧେୟ । ମା'ଙ୍କୁ ନ ଭଜିଲେ ବାବା ମିଳନ୍ତି ନାହିଁ । ଜଗଜ୍ଜନନୀ 'ଶକ୍ତି ରୂପେଣ ସଂସ୍ଥିତା', 'ବିଷ୍ଣୁମାୟେତି ଶବ୍ଦିତା' ନାମରେ ବିଦିତା । ଯେପରି ସମସ୍ତ ବୃକ୍ଷର ପରିପ୍ରକାଶ ବୀଜ ଭିତରେ ନିହିତ ରହିଥାଏ, ସେହିପରି ଏ ସୃଷ୍ଟିର ସୂକ୍ଷ୍ମ କାରଣ ମାୟାର କବଳିତ । ଯେପରି ବୃକ୍ଷ ବିଲୟ ପରେ ବୀଜ ଅବସ୍ଥାକୁ ପୁନର୍ବାର ଆସିଥାଏ, ସେହିପରି ଏ ବିଶ୍ୱ ବ୍ରହ୍ମାଣ୍ଡ ପ୍ରଳୟ ପରେ ସୂକ୍ଷ୍ମ କାରଣ ଅବସ୍ଥା ଲାଭକରେ । ସେହି ସୂକ୍ଷ୍ମ କାରଣ ତଥା ଶକ୍ତିର ଅଧିଷ୍ଠାତ୍ରୀ ମହାଦେବୀ ହେଉଛନ୍ତି ଯୋଗମାୟା, ଆଦ୍ୟାଦେବୀ ।

ବିମଳା ପୀଠ ହେଉଛି ଏକ ପ୍ରଧାନ ଶକ୍ତିପୀଠ । ବିମଳା ମାୟାଶକ୍ତି, କ୍ରିୟାଶକ୍ତି ଓ ଇଚ୍ଛାଶକ୍ତି ଭାବରେ ପ୍ରତିପାଦିତା । ସେ ଏକାଧାରରେ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ । ସେ ଶ୍ରୀକ୍ଷେତ୍ର ରାଜେଶ୍ୱରୀ ଓ ଶ୍ରୀପାଦ ପୀଠେଶ୍ୱରୀ । ଦେବୀ ଭାଗବତ, କାଳିକା ପୁରାଣ ଓ ଅନ୍ୟାନ୍ୟ ଶାକ୍ତ ଗ୍ରନ୍ଥ ମାନଙ୍କରେ ଶାକ୍ତ ପୀଠର ବର୍ଣ୍ଣନା ପ୍ରସଙ୍ଗରେ ବିମଳପ୍ରଦା ବିମଳାଙ୍କର ପ୍ରସଙ୍ଗ ଆସିଥାଏ । ପୌରାଣିକ ବର୍ଣ୍ଣନାରୁ ଜଣାଯାଏ ଯେ ଦକ୍ଷ ପ୍ରଜାପତି ଯଜ୍ଞ କରାଇବା ବେଳେ ନିଜର କନ୍ୟା ସତୀଙ୍କୁ ଓ ଜାମାତା ଶିବଙ୍କୁ ନିମନ୍ତ୍ରଣ କରିନଥିଲେ । ଶିବପତ୍ନୀ ସତୀ ପିତାଙ୍କ ନିମନ୍ତ୍ରଣ ନ ପାଇଲେ ସୁଦ୍ଧା ଯଜ୍ଞ ଦେଖିବାକୁ ପିତୃଆଳୟକୁ ଯାତ୍ରା କଲେ । ସେଠାରେ ସେ ଶିବଙ୍କ ନିନ୍ଦା ସହ୍ୟ କରି ନ ପାରି ଯଜ୍ଞ କୁଣ୍ଡ ମଧ୍ୟକୁ ଡ଼େଇଁ ପଡ଼ି ପ୍ରାଣ ବିସର୍ଜନ କଲେ । ଏ ଦୁଃସମ୍ବାଦ ପାଇ ଶିବ କ୍ରୋଧରେ ସେ ସ୍ଥାନରେ ପହଞ୍ଚି ଦକ୍ଷଯଜ୍ଞ ଭଗ୍ନ କରିବା ପରେ ସତୀଙ୍କ ଅର୍ଦ୍ଧ ଦଗ୍ଧ ଶରୀରକୁ କନ୍ଧରେ ଧାରଣ କରି ତୀର୍ଥ ଭ୍ରମଣ କରିବା ଉଦ୍ଦେଶ୍ୟରେ ଯାତ୍ରା କଲେ । ଶିବଙ୍କ କ୍ରୋଧ ଯୋଗୁ ବିଶ୍ୱ ଧ୍ୱଂସ ହୋଇପାରେ ଏ ଆଶଙ୍କା ଥିବାରୁ ଦେବ ଦେବୀଗଣ ପରଂବ୍ରହ୍ମ ବିଷ୍ଣୁଙ୍କୁ ଏ ସଂକଟ ମୋଚନ ପାଇଁ ପ୍ରାର୍ଥନା କଲେ । ସତୀଙ୍କର ଶରୀର ଶିବଙ୍କ କାନ୍ଧରେ ଥିବାଯାଏ ତାଙ୍କର କ୍ରୋଧ ପ୍ରଶମିତ ହେବନାହିଁ ବୋଲି ବିଚାର କରି ବିଷ୍ଣୁ ସୁଦର୍ଶନ ଚକ୍ରକୁ ଶିବଙ୍କ ଅଗୋଚରରେ ସତୀଙ୍କର ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ପକାଇବାକୁ ନିର୍ଦ୍ଦେଶ ଦେଲେ । ଶରୀରର ବିଭିନ୍ନ ଅଂଶ ଯେଉଁ ଯେଉଁ ସ୍ଥାନରେ ପଡ଼ିଲା ତାହା ଗୋଟିଏ ଗୋଟିଏ ଶକ୍ତି ପୀଠ ଭାବରେ ବିଦିତ ହେଲା । ଓଡ଼ିଶାରେ ଦୁଇଟି ସ୍ଥାନରେ ସତୀଙ୍କର ଶରୀରର ଅଂଶ ବିଶେଷ ପଡ଼ିଥିବାରୁ ଏ ଦୁଇଟି ସ୍ଥାନ ପ୍ରଧାନ ଶକ୍ତି ପୀଠ । ଯାଜପୁରର ବିରଜା ପୀଠ ଓ ଶ୍ରୀକ୍ଷେତ୍ରର ବିମଳା ପୀଠ ପ୍ରଧାନ ପୀଠ ଭାବରେ ବିବେଚିତ । ବିରଜା ନାଭିପୀଠ ଓ ବିମଳା ପାଦପୀଠ ବା ରସନା ପୀଠ ଭାବରେ ବେଶ୍ ଜଣାଶୁଣା । ଉଡ୍ଡୀଶ ତନ୍ତ୍ର ଅନୁଯାୟୀ, 'ରସନା ଉତ୍ରଦେଶେ ଚ ବିମଳା ପୁରୁଷୋତ୍ତମେ' ବାକ୍ୟ ପ୍ରଣିଧାନଯୋଗ୍ୟ ।

ମହାଦେବୀ ବିମଳା ହେଉଛନ୍ତି କୈବଲ୍ୟ ଲୋଲୁପିନୀ । ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମା ବିମଳାଙ୍କୁ ସମର୍ପିତ ହେଲା ପରେ ଏହା 'ମା ପ୍ରସାଦ' ବା ମହାପ୍ରସାଦ ପଦବାଚ୍ୟ ହୋଇଥାଏ । ତନ୍ତ୍ର ଶାସ୍ତ୍ର ମାନଙ୍କରେ ଶିବ କହୁଥାନ୍ତି ଏବଂ ପାର୍ବତୀ ଶୁଣୁଥାନ୍ତି । ପାର୍ବତୀଙ୍କ ବିନା ଅନୁମୋଦନରେ ଶିବଙ୍କର କୌଣସି ବାକ୍ୟ ସିଦ୍ଧବାକ୍ୟ ନୁହେଁ ବୋଲି ଜଣାଯାଇଥାଏ । ସେହପରି, ଶ୍ରୀଜଗନ୍ନାଥଙ୍କ ପ୍ରସାଦ ମା ବିମଳାଙ୍କ ଅନୁମୋଦନ

ପରେ ହିଁ ମହାପ୍ରସାଦ ବୋଲି ବିବେଚିତ ହୁଏ । ପୂଜା କାରିକା ଅନୁଯାୟୀ ନିମ୍ନୋକ୍ତ ମନ୍ତ୍ରରେ ବିମଳାଙ୍କୁ ସମର୍ପଣ କରାଯାଏ । ଯଥା,

କୈବଲ୍ୟଭୋଜିନି ଦେବି ବିମଳେ ବିମଳପ୍ରଦେ ।
ଗୃହ୍ଣାତୁ ହରିକୈବଲ୍ୟଂ ସୃଷ୍ଟିସ୍ଥିତ୍ୟନ୍ତ କାରିଣୀ ॥

ଦୁର୍ଗାମାଧବ ଉପାସନା :-

ଆଦ୍ୟାଶକ୍ତି ବିମଳା କିପରି ଜଗନ୍ନାଥଙ୍କ ସହିତ ସଂଯୁକ୍ତ ତାହା ଦୁର୍ଗାମାଧବ ଉପାସନାରୁ ସୂଚନା ମିଳେ । ଭାରତର ସମସ୍ତ ଶକ୍ତି ପୀଠମାନଙ୍କରେ ଭଗବାନ ଶଙ୍କର ହେଉଛନ୍ତି ଭୈରବ ଓ ଶକ୍ତି ହେଉଛନ୍ତି ଭୈରବୀ । 'ଶିବ ଶକ୍ତ୍ୟାଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁମ୍' ଶ୍ଳୋକାଂଶରୁ ଶିବ ଓ ଶିବାଙ୍କ ଅଭେଦ ସମ୍ପର୍କ ସୂଚୀତ ହୁଏ । ମାତ୍ର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଭୈରବ ହେଲାବେଳେ ମହାଦେବୀ ବିମଳା ହେଉଛନ୍ତି ଭୈରବୀ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

'ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବଃ'

ବିମଳାଙ୍କ ସହିତ ଶ୍ରୀଜଗନ୍ନାଥଙ୍କ ସଂଯୋଗ ସମସ୍ତଙ୍କ ମନରେ ବିସ୍ମୟ ସୃଷ୍ଟି କରେ । ମାତ୍ର ମହାଦେବୀ ବୈଷ୍ଣବୀ ଶକ୍ତି ହୋଇ ଥିବାରୁ ଶ୍ରୀଜଗନ୍ନାଥଙ୍କ ସହିତ ସଂଯୁକ୍ତ ହୋଇ ଭକ୍ତମାନଙ୍କର ଆନନ୍ଦ ପାଇଁ ବିଭିନ୍ନ ଲୀଳା ସମ୍ପାଦନ କରନ୍ତି । ଶକ୍ତି ଉପାସକ କବି ସାରଳା ଦାସ ମହିଷମର୍ଦ୍ଦିନୀ ସାରଳାଙ୍କୁ ପରମ ବୈଷ୍ଣବୀ ତଥା ବିଷ୍ଣୁ ବଲ୍ଲଭୀ ରୂପେ ପ୍ରତିପାଦନ କରିଅଛନ୍ତି । ତାଙ୍କ ରଚିତ ମହାଭାରତରେ ବର୍ଣ୍ଣନା ଅଛି,

ଜୟ ଜୟ ସାରଳା ଗୋ ବିଷ୍ଣୁର ବଲ୍ଲଭୀ ।
ଜୟ ଜୟ ସାରଳା ଗୋ ପରମବୈଷ୍ଣବୀ ॥

ଦୁର୍ଗାମାଧବ ଉପାସନା ଶ୍ରୀକ୍ଷେତ୍ରର ବୈଶିଷ୍ଟ୍ୟ । ଶାରଦୀୟ ଦୁର୍ଗାପୂଜା ସମୟରେ ଏ ଉପାସନା କରାଯାଇଥାଏ । ଦୁର୍ଗା ପୂଜା ସମଗ୍ର ଭାରତରେ ଏକ ପ୍ରସିଦ୍ଧ ପୂଜା ଉତ୍ସବ ଅଟେ । ଏହା ଶରତ କାଳରେ ଓ ବସନ୍ତ କାଳରେ ଅନୁଷ୍ଠିତ ହୋଇଥାଏ । ବସନ୍ତ କାଳରେ ଅନୁଷ୍ଠିତ ହେଉଥିବା ଉତ୍ସବ ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ଠାରୁ ଆରମ୍ଭ ହୋଇ ନବଦିନ ବ୍ୟାପୀ ହୋଇଥାଏ ଏବଂ ଶରତକାଳୀନ ଦୁର୍ଗୋତ୍ସବ ଆଶ୍ୱିନ ମାସରେ ଷୋଡ଼ଶ ଦିନ ବ୍ୟାପୀ ହୋଇଥାଏ । ମହର୍ଷି ବ୍ୟାସଦେବ

ଦୁର୍ଗା ଶବ୍ଦର ବ୍ୟାଖ୍ୟା ପ୍ରଦାନ କରିଅଛନ୍ତି । ଦୁର୍ଗା ଶବ୍ଦର ଅର୍ଥ ହେଉଛି କାରଣ, ସୂକ୍ଷ୍ମ ଓ ସ୍ଥୁଳ ନାମକ ଶରୀର ତ୍ରୟ ବା ପଞ୍ଚକୋଷ । ଏହି ଶରୀର ମଧ୍ୟରେ ଅନ୍ନମୟ ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଓ ଆନନ୍ଦମୟ, ଏହିପରି ପାଞ୍ଚଗୋଟି କୋଷ ରହିଅଛି । ଏହି ଶରୀର ତଥା କୋଷଗୁଡିକୁ ଦୁର୍ଗ ବୋଲି କୁହାଯାଏ । ତାହା ଦ୍ୱାରା ଯେଉଁ ଆର୍ତ୍ତି ବା କ୍ଲେଶ ମିଳେ ତାହା ହେଉଛି ଦୁର୍ଗାର୍ତ୍ତି । ସେହି ଦୁର୍ଗାର୍ତ୍ତିକୁ ସ୍ୱରୂପ ପ୍ରକାଶ ଦ୍ୱାରା ନାଶ କରୁଥିବାରୁ ଦୁର୍ଗା ଦୁର୍ଗାର୍ତ୍ତିନାଶିନୀ । ପୁନଶ୍ଚ ଦେବତାମାନେ ସ୍ତୁତି କରିଛନ୍ତି, 'ଦୁର୍ଗାଽସି ଦୁର୍ଗ ଭବସାଗର ନୌରସଙ୍ଗା' ଅର୍ଥାତ୍ ହେ ଦେବି ! ଆପଣ ଦୁର୍ଗ ରୂପକ ସଂସାର ସମୁଦ୍ରକୁ ପାର ହେବା ପାଇଁ ନୌକା ସ୍ୱରୂପ ହୋଇଥିବାରୁ ଆପଣଙ୍କ ନାମ ଦୁର୍ଗା ଅଟେ । ତେଣୁ ଚୈତନ୍ୟ ରୂପରେ ବିରାଜିତା ଓ ଜ୍ଞାନ, ବୁଦ୍ଧି ରୂପରେ ବିରାଜିତା ଦେବୀ ଦୁର୍ଗାଙ୍କୁ ଅଜ୍ଞାନ, ଦୁଃଖ, କ୍ଲେଶର ବିନାଶ ସାଧନ ପାଇଁ ଆରାଧନା କରାଯାଏ ।

ଶ୍ରୀମନ୍ଦିରରେ ଦୁର୍ଗାମାଧବ ଉପାସନା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ସେହିମାସ ଶୁକ୍ଳପକ୍ଷ ନବମୀ ତିଥି ପର୍ଯ୍ୟନ୍ତ ପାଳିତ ହୁଏ । ଏହା ଷୋଡ଼ଶ ଦିନ ବ୍ୟାପୀ ହୋଇଥିବାରୁ ଏହାକୁ ଷୋଡ଼ଶ ପୂଜା ବା ଷୋଳ ପୂଜା ବୋଲି କୁହାଯାଇଥାଏ । ଅଷ୍ଟମୀ ଦିନ ଦୁର୍ଗା ପୂଜା ନିମିତ୍ତ ଦେବୀ ସୁଭଦ୍ରାଙ୍କୁ ପ୍ରାର୍ଥନା କରାଯାଏ । ଧୂପ ବଢ଼ିବା ପରେ ସୁବର୍ଣ୍ଣ ଦୁର୍ଗାମୂର୍ତ୍ତି ସିଂହାସନରେ ବିଜେ ହୁଅନ୍ତି ଓ ଆଜ୍ଞାମାଳ ପାଇଁ ମାଜଣା ମଣ୍ଡପରେ ପଲଙ୍କ ଉପରେ ବିରାଜମାନ କରନ୍ତି । ପଣ୍ଡା, ପତି, ମୁଦିରସ୍ତ ଏବଂ ଆଚାର୍ଯ୍ୟ ଏକ ଶହ ଆଠଗରା ଜଳରେ ବନଦୁର୍ଗାମନ୍ତ୍ରରେ ଦେବୀଙ୍କୁ ଅଭିଷେକ କରନ୍ତି । ଶୀତଳ ଭୋଗ, ପ୍ରସାଦ ଲାଗି ବନ୍ଦାପନା ପରେ ମହାଦେବୀଙ୍କୁ ଭଣ୍ଡାର ଦ୍ୱାରରେ ବିଜେ କରାଯାଏ । ମାଧବ ଆଜ୍ଞାମାଳ ପାଇଁ ଭଦ୍ରାସନରେ ଦୁର୍ଗାଙ୍କ ସହ ଏକତ୍ର ରୁନ୍ଧା ବା ମିଳିତ ହୁଅନ୍ତି । ଦୁର୍ଗା ମାଧବ ରଥରେ ବିଜେ ହୋଇ ଷୋଳ ପୂଜାର ପ୍ରଥମ ଆଠଦିନ ବିମଳାଙ୍କ ମନ୍ଦିରରେ ଉପବେଶନ କରନ୍ତି ଏବଂ ଜଗନ୍ନାଥଙ୍କ ରାତ୍ରି ଚନ୍ଦନ ଲାଗିପରେ ବିମଳାଙ୍କ ମନ୍ଦିରରୁ ବାହୁଡା ବିଜେ କରନ୍ତି । ଶେଷ ଆଠ ଦିନ ଦୋଳମଣ୍ଡପ ସାହିସ୍ଥ ନାରାୟଣୀଙ୍କ ମନ୍ଦିରକୁ ଦୁର୍ଗାମାଧବ ରଥରେ ଯାତ୍ରା କରନ୍ତି । ସେଠାରେ ବନ୍ଦାପନା ହୁଏ, ଶୀତଳ ଭୋଗ ବଢ଼େ ଓ ଶ୍ରୀଜୀଉଙ୍କ ରାତ୍ରି ଚନ୍ଦନ ଲାଗିପରେ ସେମ୍ାନଙ୍କର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ ହୋଇଥାଏ । ମହାସପ୍ତମୀ, ମହାଅଷ୍ଟମୀ ଓ ମହାନବମୀ ତିଥିରେ ବିମଳାଙ୍କ ମନ୍ଦିର ପାଖରେ ଏକ ଅସ୍ଥାୟୀ ପାକଶାଳା ନିର୍ମାଣ କରାଯାଇ ଅନ୍ନ ବ୍ୟଞ୍ଜନ ଆଦି ପ୍ରସ୍ତୁତ ହୁଏ । ଆମିଷ ମଧ୍ୟ ସେଠାରେ ରୋଷ କରାଯାଏ ଏବଂ ତିନିଦିନଯାକ

ଆମିଷ ଭୋଗ କରାଯାଏ ଓ ପଶୁତ୍ୱ ବଳି ଦିଆଯାଇଥାଏ । ମହାଦେବୀଙ୍କୁ ଦଶବାଧା ଦୂର କରିବା ପାଇଁ ପ୍ରାର୍ଥନା କରାଯାଇଥାଏ । ଦଶବାଧା ହେଲା,

ଆତ୍ମଗ୍ଳାନି ଅସୂୟାଚ ଈର୍ଷା ଦ୍ୱେଷ ପରୋକ୍ଷବାକ୍

ମିଥ୍ୟା କ୍ରୋଧାଭିମାନଞ୍ଚ ଅହଂତ୍ୱଂ ନାସ୍ତିକମତମ୍ ।

ଦଶବାଧାମିତିପ୍ରୋକ୍ତା ନଶ୍ୟନ୍ତୁ ମମ ସର୍ବଦା ॥

ଆତ୍ମଗ୍ଳାନି, ଅସୂୟା, ଈର୍ଷା, ଦ୍ୱେଷ, ପରୋକ୍ଷବାକ୍, ମିଥ୍ୟା, କ୍ରୋଧ, ଅଭିମାନ, ଅହଂଭାବ ଏବଂ ନାସ୍ତିକପଣିଆ, ଏସବୁ ଦୂର କରିବାକୁ ମା'ଙ୍କୁ ପ୍ରାର୍ଥନା କରାଯାଏ । ଦଶହରା ଦିନ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ଶ୍ରୀଜଗନ୍ନାଥ ସୁନାବେଶ ବା ରାଜାବେଶ ହୋଇ ବିଜୟ ଉତ୍ସବ ପାଳନ କରିଥାନ୍ତି । ଉକ୍ତଦିନ ରାମ, କୃଷ୍ଣ ଓ ମଦନମୋହନ ବୀର ବେଶ ହୁଅନ୍ତି । ରାମ, କୃଷ୍ଣ, ମଦନମୋହନ ଓ ଦୁର୍ଗାମାଧବ ରତ୍ନସିଂହାସନରେ ବିଜେ ହୋଇ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଲାଭ କଲାପରେ ବଟବୃକ୍ଷ ମୂଳକୁ ଯାତ୍ରା କରନ୍ତି । କଳ୍ପବଟ ମୂଳରେ ଥିବା ପାଲିଙ୍କିରେ ରାମ ଓ କୃଷ୍ଣ, ରଥରେ ଦୁର୍ଗାମାଧବ ଏବଂ ବିମାନରେ ମଦନମୋହନ ବିଜେ କରି ଜଗନ୍ନାଥ ବଲ୍ଲଭ ମଠକୁ ପଟୁଆରରେ ବିଜୟ ଯାତ୍ରା କରିଥାନ୍ତି । ସେଠାରେ ପ୍ରସାଦ ଲାଗି ହୁଏ ଓ ବନ୍ଦାପନାଆଦି ନୀତି ବଢ଼ିଲାପରେ ଠାକୁରମାନଙ୍କର ବାହୁଡ଼ା ବିଜେ ହୋଇଥାଏ । ଶ୍ରୀମନ୍ଦିରକୁ ଆସିବା ପରେ ମାଧବଙ୍କୁ ରତ୍ନସିଂହାସନରେ, ଦୁର୍ଗାଙ୍କୁ ଭଣ୍ଡାର ଘରେ ଏବଂ ରାମ, କୃଷ୍ଣ, ମଦନମୋହନଙ୍କୁ ଦକ୍ଷିଣଘରେ ବିଜେ କରାଯାଏ । ଏ ଯାତ୍ରା ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ନାମରେ ବିଦିତ । ଷୋଳପୂଜା ଭିତରେ ଏଗାର ଦିନ ବିମଳାଙ୍କୁ ଭୁବନେଶ୍ୱରୀ, ବନଦୁର୍ଗା, ରାଜ ରାଜେଶ୍ୱରୀ, ଉଗ୍ରତାରା, ମାତଙ୍ଗିନୀ, ବଗଳା, ନାରାୟଣୀ, ସିଂହବାହିନୀ, ଜୟଦୁର୍ଗା, ଶୂଳୀଦୁର୍ଗା, ଓ ହରଚଣ୍ଡୀ ରୂପରେ ବେଶ କରାଯାଏ ।

ଉକ୍ତ ଦୁର୍ଗାମାଧବ ଉପାସନାରୁ ମହାଦେବୀ ବିମଳା ବା ଦୁର୍ଗା ଏବଂ ଜଗନ୍ନାଥ ବା ମାଧବଙ୍କ ଅଭେଦ ସମ୍ପର୍କ ପ୍ରତିପାଦିତ ହୁଏ । ଜଗନ୍ନାଥ ଜଗଦୀଶ୍ୱର ହେଲେ ବିମଳା ଜଗଦୀଶ୍ୱରୀ, ସେ ଦାରୁବ୍ରହ୍ମତ ଏ ବ୍ରହ୍ମମୟୀ, ଜଗନ୍ନାଥ ବେଦ ସ୍ୱରୂପ ହେଲେ ବିମଳା ଗାୟତ୍ରୀ ଏବଂ ଜଗନ୍ନାଥ ଶିବ ହେଲେ ବିମଳା ଶକ୍ତି । ସେହିପରି, ଜଗନ୍ନାଥ ନାରାୟଣ ହେଲେ ବିମଳା ନାରାୟଣୀ ଏବଂ ଜଗନ୍ନାଥ ଯଦି ମହାଶୂନ୍ୟ ହୁଅନ୍ତି ମା ବିମଳା ହେଉଛନ୍ତି ପରାପୃଥିବୀ । ସର୍ବୋପରି ଜଗନ୍ନାଥ ଶ୍ରୀକ୍ଷେତ୍ର ରାଜେଶ୍ୱର

ହେଲେ ବିମଳା ହେଉଛନ୍ତି ଶ୍ରୀକ୍ଷେତ୍ର ରାଜେଶ୍ୱରୀ । ତେଣୁ ଦୁର୍ଗାମାଧବଙ୍କୁ ଅନ୍ୟ ଅର୍ଥରେ ବିମଳା ଓ ଜଗନ୍ନାଥଙ୍କୁ ସୁଖ, ଶାନ୍ତି, ଐଶ୍ୱର୍ଯ୍ୟ ଓ ପରମ ପଦ ପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥାଏ । ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ଦୁର୍ଗାମାଧବଙ୍କୁ ସ୍ମରଣ କରାଯାଏ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

ଯୋ ଦୁର୍ଗାମାଧବଂ ନିତ୍ୟଂ ସ୍ମରତି ଶ୍ରଦ୍ଧୟାନ୍ୱିତଃ
ସର୍ବବିଘ୍ନ ଭୟଂ ତେଷାଂ ବିନଶ୍ୟନ୍ତି ପଦେପଦେ ।
ଦୁର୍ଗାମାଧବ ସଂଚିନ୍ତ୍ୟ ସର୍ବକାର୍ଯ୍ୟ ସମାଚରେତ୍
ଦୁର୍ଗା ବିଘ୍ନହୃତା ଦେବୀ ମାଧବ ଶୁଭଦାୟକଃ ।।

ଅର୍ଥାତ୍, ଯେ ଦୁର୍ଗା ମାଧବଙ୍କୁ ଶ୍ରଦ୍ଧାର ସହିତ ପ୍ରତ୍ୟହ ସ୍ମରଣ କରେ ତା'ର ସମସ୍ତ ବିଘ୍ନ ଓ ଭୟ ନାଶ ହୋଇଥାଏ । ଦୁର୍ଗାମାଧବଙ୍କୁ ଚିନ୍ତା କରି ସମସ୍ତ କାର୍ଯ୍ୟ କରାଯିବା ଉଚିତ । ଦୁର୍ଗା ବିଘ୍ନ ନାଶକାରିଣୀ ଏବଂ ମାଧବ ଶୁଭଦାୟକ ଅଟନ୍ତି । ସପ୍ତଶତୀ ଚଣ୍ଡୀରେ ମା ଦୁର୍ଗାଙ୍କୁ ଯା ଦେବୀ ସର୍ବଭୂତେଷୁ ବିଷ୍ଣୁ ମାୟେତି ଶବ୍ଦିତା, ଶକ୍ତି ରୂପେଣ ସଂସ୍ଥିତା, ମାତୃରୂପେଣ ସଂସ୍ଥିତା ବୋଲି ସମ୍ବୋଧନ କରାଯାଇ ପ୍ରଣିପାତ କରାଯାଇଅଛି । ସେହି ବୈଷ୍ଣବୀ ଶକ୍ତି ଜଗତର କଲ୍ୟାଣ ସାଧନ କରନ୍ତୁ ଓ ଜଗତବାସୀଙ୍କୁ ଦିଗ୍ ଦର୍ଶନ ଦିଅନ୍ତୁ, ଏହାହିଁ ବିନୀତ ପ୍ରାର୍ଥନା ।

卐

ଅଷ୍ଟମ ଅଧ୍ୟାୟ

ଦୁଇ ମୁଖ୍ୟ ମାନବ ଅବତାର 'ଶ୍ରୀରାମ ଓ ଶ୍ରୀକୃଷ୍ଣ'

ଶ୍ରୀଜଗନ୍ନାଥ ମହାପ୍ରଭୁ ଅବତାରୀ ପୁରୁଷ ହୋଇଥିବାରୁ ସମସ୍ତ ଅବତାର ତାଙ୍କ ଠାରୁ ହିଁ ଉଦ୍ଭବ, ଏହା ନିଃସନ୍ଦେହରେ କୁହାଯାଇପାରେ । ଅବତାର ତ ଅସଂଖ୍ୟ, କିନ୍ତୁ ମହର୍ଷି ବ୍ୟାସଦେବ ୨୪ ଅବତାର କଥା କହିଥିବା ବେଳେ ଭକ୍ତକବି ଜୟଦେବ ୧୦ ଅବତାର ବିଷୟ ବର୍ଣ୍ଣନା କରିଅଛନ୍ତି । ବ୍ୟାସ ଦେବଙ୍କ ୨୪ ଅବତାର ହେଲେ ସନକାଦି ଋଷିବୃନ୍ଦ, ଭଗବାନ ବରାହ, ଦେବର୍ଷି ନାରଦ, ଭଗବାନ ନରନାରାୟଣ, ମହର୍ଷି କପିଳାଚାର୍ଯ୍ୟ, ଭଗବାନ ଯଜ୍ଞ, ସଦ୍‌ଗୁରୁ ଦତ୍ତାତ୍ରେୟ, ଋଷଭଦେବ, ମତ୍ସ୍ୟ, କଚ୍ଛପ, ବୈଦ୍ୟରାଜ ଧନ୍ୱନ୍ତରୀ, ଶ୍ରୀମୋହିନୀ, ନୃସିଂହ, ବାମନ, ହୟଗ୍ରୀବ, ଆଦିରାଜା ପୃଥୁ, ହଂସ, ଜ୍ଞାନମୂର୍ତ୍ତି ବ୍ୟାସଦେବ, ପର୍ଶୁରାମ, ଶ୍ରୀରାମ, ଶ୍ରୀ ବଳରାମ, ଶ୍ରୀକୃଷ୍ଣ, ବୁଦ୍ଧ ଓ କଲ୍‌କୀ । ଭକ୍ତକବି ଜୟଦେବଙ୍କ ୧୦ ଅବତାର ହେଉଛନ୍ତି,

ମତ୍ସ୍ୟଃ କୂର୍ମୋ ବରାହଶ୍ଚ ନରସିଂହୋଽଥ ବାମନଃ ।
ରାମୋ ରାମଃ ଚ ରାମଶ୍ଚ ବୁଦ୍ଧଃ କଲ୍‌କୀ ଚ ତେ ଦଶଃ ।।

ମତ୍ସ୍ୟ, କୂର୍ମ, ବରାହ, ନରସିଂହ, ବାମନ, ପର୍ଶୁରାମ, ଶ୍ରୀରାମ, ବଳରାମ, ବୁଦ୍ଧ ଓ କଲ୍‌କୀ ।

ପରଂବ୍ରହ୍ମ ବିଷ୍ଣୁ ନିରାକାର, ନିର୍ଗୁଣ, ଅବ୍ୟକ୍ତ, ଅନାଦି, ଅନନ୍ତ, ନିତ୍ୟ, ନିର୍ବିକଳ୍ପ ତଥା ନିରଞ୍ଜନ ବୋଲି ସର୍ବଜନ ବିଦିତ । ସେ ଯୋଗୀମାନଙ୍କ ଧ୍ୟାନରେ ଅଗମ୍ୟ ତଥା ଅନିର୍ଦ୍ଦେଶ୍ୟବପୁ । ସେହି ନିର୍ଗୁଣ, ନିରାକାର ତଥା ଅବ୍ୟକ୍ତ ପ୍ରୟୋଜନ ବେଳେ ସାକାର, ସଗୁଣ ଓ ବ୍ୟକ୍ତ ବା ପ୍ରକଟିତ ହୁଅନ୍ତି ବୋଲି ଗୀତା ଭାଗବତ ଆଦି ଶାସ୍ତ୍ରମାନଙ୍କରେ ସୂଚନା ଦିଆଯାଇଛି । ଯେତେବେଳେ ଧର୍ମରେ ଗ୍ଲାନି ଘଟେ, ଅଧର୍ମର ଅଭ୍ୟୁତ୍‌ଥାନ ହୁଏ, ସାଧୁ ସନ୍ଥଙ୍କ ପରିତ୍ରାଣ ପାଇଁ ଦୁଷ୍ଟମାନଙ୍କର ବିନାଶ ପାଇଁ ଓ ଧର୍ମ ସଂସ୍ଥାପନ ପାଇଁ ଭଗବାନ ଆବିର୍ଭୂତ ହୁଅନ୍ତି । ଏହାଛଡ଼ା ଭକ୍ତମାନଙ୍କର

ବିନୋଦ ପାଇଁ ଓ ଜନ ସାଧାରଣଙ୍କ ଆଗରେ ଆଦର୍ଶ ରଖିବା ପାଇଁ ନିରାକାର ସାକାର ହୁଅନ୍ତି । ଭଗବାନଙ୍କର ଉକ୍ତି ହେଲା, 'ମଦ୍‌ଭକ୍ତାନାଂ ବିନୋଦାର୍ଥଂ କରୋମି ବିବିଧକ୍ରିୟାଃ' ।

ଏ ସମସ୍ତ ଅବତାର ମାନଙ୍କର ଦୁଇଟି ମୁଖ୍ୟ ମାନବ ଅବତାର ସମ୍ବନ୍ଧରେ ସମ୍ୟକ୍ ସୂଚନା ଦିଆଯାଉ । ଶ୍ରୀଜଗନ୍ନାଥଙ୍କ ଦୁଇଚକ୍ଷୁ ହେଉଛି ସୂର୍ଯ୍ୟ ଓ ଚନ୍ଦ୍ର । ତାଙ୍କର ଦକ୍ଷିଣ ଚକ୍ଷୁ ସୂର୍ଯ୍ୟ ଓ ବାମ ଚକ୍ଷୁ ଚନ୍ଦ୍ର । ସେ ସୂର୍ଯ୍ୟଲୋଚନ ତଥା ଚନ୍ଦ୍ର ଲୋଚନ । ପରଂବ୍ରହ୍ମ ତ୍ରେତୟାରେ ସୂର୍ଯ୍ୟବଂଶରେ ଶ୍ରୀରାମ ଭାବରେ ଅବତୀର୍ଣ୍ଣ ହୋଇଥିଲେ । ସୂର୍ଯ୍ୟଙ୍କୁ ସାକ୍ଷି ରଖି ଦ୍ୱିପହର ସମୟରେ ଦଶରଥ ଓ କୌଶଲ୍ୟାଙ୍କ ପୁତ୍ର ଭାବରେ ସେ ପ୍ରକଟିତ ହୋଇଥିଲେ । କିନ୍ତୁ ଦ୍ୱାପରରେ ସେ ଚନ୍ଦ୍ରଙ୍କୁ ସାକ୍ଷିରଖି ରାତ୍ରିରେ ଚନ୍ଦ୍ରବଂଶରେ ଅବତୀର୍ଣ୍ଣ ହେଲେ । ବସୁଦେବ, ଦେବକୀ, ନନ୍ଦ, ଯଶୋଦାଙ୍କ ପୁତ୍ରଭାବରେ ସେ ବିଦିତ ହେଲେ । ତ୍ରେତୟାରେ ଶ୍ରୀରାମ ମାତା କୌଶଲ୍ୟାଙ୍କୁ ଶଙ୍ଖଚକ୍ର ଗଦାପଦ୍ମଧାରୀ ନାରାୟଣ ରୂପ ପ୍ରଥମେ ଦେଖାଇ ଥିବା ବେଳେ ଦ୍ୱାପରରେ ଏ ପ୍ରକାର ରୂପ ପ୍ରଥମେ ଦର୍ଶନ କଲେ ପିତା ବସୁଦେବ । ମାତା ଦେବକୀ ସେତେବେଳେ ଅଚେତ ଥିଲେ । ପୁନଶ୍ଚ ଦେବ ଦେବ ମହାଦେବ ତ୍ରେତୟାରେ ଶ୍ରୀରାମଙ୍କ ଅନୁଜ ଲକ୍ଷ୍ମଣ ରୂପରେ ଆବିର୍ଭୂତ ହୋଇଥିବା ବେଳେ ଦ୍ୱାପରେ ସେ ଅଗ୍ରଜ ବଳରାମ ରୂପରେ ପ୍ରକଟିତ ହୋଇଥିଲେ । ତ୍ରେତୟାର ଯୁଗ ଲକ୍ଷଣ ହେଉଛି ଉତ୍ତମ ପନ୍ଥା ଓ ଉତ୍ତମ ଲକ୍ଷ୍ୟ । କିନ୍ତୁ ଦ୍ୱାପରରେ ଉତ୍ତମ ଲକ୍ଷ୍ୟ ହାସଲ କରିବା ପାଇଁ ଯେ କୌଣସି ପନ୍ଥା ଅନୁସରଣ କରାଯାଇପାରେ । ଶ୍ରୀରାମଙ୍କୁ ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି କୁହାଯିବା ବେଳେ ଶ୍ରୀକୃଷ୍ଣଙ୍କୁ ଲୀଳା ପୁରୁଷୋତ୍ତମ ବୋଲି କୁହାଯାଇଥାଏ । ଏତଦ୍‌ବ୍ୟତୀତ, ଶ୍ରୀରାମଙ୍କର ବିଶ୍ୱବାସୀଙ୍କ ପ୍ରତି ସର୍ବଶ୍ରେଷ୍ଠ ଅବଦାନ ହେଉଛି ରାମରାଜ୍ୟ । ଶ୍ରୀରାମଙ୍କ ପରି ରାଜା ବିଶ୍ୱରେ ବିରଳ । ଶ୍ରୀରାମ ରାଜା ହିସାବରେ ପ୍ରଜାମାନଙ୍କୁ ଏପରି ପାଳନ କରୁଥିଲେ ଯେ ପ୍ରଜାରଞ୍ଜନ ପାଇଁ ସେ ଯେ କୌଣସି ତ୍ୟାଗ କରିବାକୁ ପ୍ରସ୍ତୁତଥିଲେ । ଭବଭୂତି ଉତ୍ତର ରାମ ଚରିତରେ ବର୍ଣ୍ଣନା କରିଅଛନ୍ତି,

ରାଜ୍ୟଂ ଦୟାଂ ଚ ସୌଖ୍ୟଂ ଚ ଯଦିବାଜାନକୀମପି ।
ଆରାଧନାୟ ଲୋକସ୍ୟ ମୁଞ୍ଚତୁ ନାସ୍ତି ମେ ବ୍ୟଥା ।।

ରାଜ୍ୟ, ଦୟା, ସୌଖ୍ୟ ଏବଂ ଏପରିକି ଜାନକୀଙ୍କୁ ମଧ୍ୟ ଲୋକମାନଙ୍କର ସେବା କରିବା ପାଇଁ ଦରକାର ପଡ଼ିଲେ ସେ ତ୍ୟାଗ କରିବାକୁ ପ୍ରସ୍ତୁତ । ଏଥିରେ ତାଙ୍କର

କୌଣସି ବ୍ୟଥା ନାହିଁ । ରାମ ରାଜ୍ୟରେ ଚୋରି ଡକାୟତି ନଥିଲା, କେହି ମିଥ୍ୟାର ଆଶ୍ରୟ ନେଉନଥିଲେ, ଅଭାବ ଅନାଟନ ନଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ରାଜାଙ୍କୁ ସେମାନଙ୍କ ଗୁହାରୀ କରି ପାରୁଥିଲେ । ରାଜା ତ୍ୟାଗ କରୁଥିବାରୁ ପ୍ରଜାକୁଳ ସୁଖରେ ସମୟ କାଟୁଥିଲେ । ଦୋଷୀଙ୍କୁ ନୀତି ନିୟମ ଅନୁଯାୟୀ ଦଣ୍ଡ ବିଧାନ କରାଯାଉଥିଲା । ବଶିଷ୍ଠଙ୍କ ପରି ନୀତିଜ୍ଞ ବ୍ରାହ୍ମଣ ରାଜାଙ୍କୁ ସତ୍ ପରାମର୍ଶ ଦେଉଥିବାରୁ ଅନ୍ୟାୟର ପ୍ରଶ୍ନ ଉଠୁନଥିଲା ।

ଶ୍ରୀକୃଷ୍ଣଙ୍କର ବିଶ୍ୱବାସୀଙ୍କ ପ୍ରତି ସର୍ବଶ୍ରେଷ୍ଠ ଅବଦାନ ହେଉଛି ଶ୍ରୀମଦ୍ ଭଗବତ୍ ଗୀତା । ଗୀତା ଏକ ସାର୍ବଜନୀନ ଶାସ୍ତ୍ର । ଏହାର ବୈଶିଷ୍ଟ୍ୟ ହେଲା ସାର୍ବଭୌମ ଉଦାରତା, ଯହିଁରେ ସାଂପ୍ରଦାୟିକତାର ସ୍ଥାନ ଲେଶ ମାତ୍ର ନାହିଁ । ସମସ୍ତ ଧର୍ମର ସାର ଓ ସକଳ ଶାସ୍ତ୍ରର ନିର୍ଯ୍ୟାସ ଏଥିରେ ସନ୍ନିହିତ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନ ମାଧ୍ୟମରେ ସମଗ୍ର ମାନବ ସମାଜକୁ ସୁନ୍ଦର, ସୁଖମୟ ଜୀବନ ଯାପନ କରିବା ପାଇଁ ବେଶ୍ ଖୋରାକ ଯୋଗାଇ ଅଛନ୍ତି । ଯେ କୌଣସି ସମସ୍ୟାର ସମାଧାନ ଗୀତା ମଧ୍ୟରେ ଅଛି । ଜ୍ଞାନ ଯୋଗ, କର୍ମଯୋଗ ଓ ଭକ୍ତି ଯୋଗ ମାଧ୍ୟମରେ ଜ୍ଞାନ, କର୍ମ ଓ ଭକ୍ତିର ସ୍ୱରୂପ ଏବଂ ସେ ସବୁ କିପରି ପରିପୂରକ ତାହା ବ୍ୟାଖ୍ୟା କରାଯାଇଅଛି । କର୍ମ ଯୋଗରେ ସିଦ୍ଧିଲାଭ କରିବାକୁ ହେଲେ ଫଳ ଆକାଙ୍‌କ୍ଷା ବର୍ଜନ, କର୍ତ୍ତୃତ୍ୱାଭିମାନ ପରିତ୍ୟାଗ ଓ ଈଶ୍ୱରଙ୍କ ଠାରେ ସମସ୍ତ କର୍ମ ସମର୍ପଣ ଏ ତିନି ସୋପାନ ଅତିକ୍ରମ କରିବାକୁ ହେବ । ଉତ୍ତମ ମଣିଷ ସୃଷ୍ଟି କରିବା ପରମାତ୍ମାଙ୍କର ଏକାନ୍ତ ଇଚ୍ଛା । ସେଥିପାଇଁ ଭକ୍ତିଯୋଗରେ ଯେ ଭଲ ମଣିଷ ସେ ଭଗବାନଙ୍କର ପ୍ରିୟ ବୋଲି କୁହାଯାଇଛି । ଯେ ଅପରକୁ ହିଂସା ଦ୍ୱେଷ କରେ ନାହିଁ, ଯେ ପରଶ୍ରୀକାତର ନୁହେଁ, ଯେ ସଦା ସନ୍ତୁଷ୍ଟ ଏବଂ ଯେ ଶୁଭ ଅଶୁଭ, ସୁଖ ଦୁଃଖ, ହାନିଲାଭ, ଶତ୍ରୁମିତ୍ର ରୂପକ ଦ୍ୱନ୍ଦ୍ୱରୁ ମୁକ୍ତ, ସେ ଭକ୍ତପଦବାଚ୍ୟ । ଅତଏବ ଗୀତା ମାଧ୍ୟମରେ ଭଗବାନ ଏକ ଉଚ୍ଚମାନର ସମାଜ ଗଠନ କରିବା ପାଇଁ ସଫଳ ଉଦ୍ୟମ କରିଅଛନ୍ତି ।

ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଦୈନନ୍ଦିନ ଜୀବନ ଯାପନ ପ୍ରଣାଳୀ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରତ୍ୟହ ଦେବତା ଅର୍ଚ୍ଚନା କରିବା, ମାତା, ପିତା ଓ ଗୁରୁଙ୍କୁ ଯଥାମାନ୍ୟ ଜଣାଇବା ସେମାନଙ୍କର ପରମ କର୍ତ୍ତବ୍ୟ ଥିଲା । ଶ୍ରୀରାମ ବଶିଷ୍ଠଙ୍କୁ ଓ ଶ୍ରୀକୃଷ୍ଣ ସନ୍ଦିପନିଙ୍କୁ ଅତ୍ୟନ୍ତ ଗୁରୁତ୍ୱ ଦେଉଥିଲେ । ସେମାନେ ଦୁଃଖରେ ଉଦ୍‌ବିଗ୍ନ ହେଉ ନଥିଲେ । ନିନ୍ଦା ପ୍ରଶଂସାରେ ସେମାନେ ଅବିଚଳ ଥିଲେ । ଜରାସନ୍ଧ,

ଶିଶୁପାଳଙ୍କ କ୍ରୋଧ ଉକ୍ତିରେ ଶ୍ରୀକୃଷ୍ଣ ବିଚଳିତ ହେଉ ନଥିଲେ । ଜଗତ କଲ୍ୟାଣ ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା । ନିଜ ପରିବାରର ସ୍ୱାର୍ଥରକ୍ଷା କରିବା ଦିଗରେ ସେମାନେ ତତ୍ପର ନଥିଲେ । ଜଗତ କଲ୍ୟାଣ ପାଇଁ ଶ୍ରୀକୃଷ୍ଣ ନିଜ ବଂଶ ଧ୍ୱଂସ କରିଦେଇଥିବା ବେଳେ ଶ୍ରୀରାମ ପ୍ରଜା ରଞ୍ଜନ ପାଇଁ ନିଜର ପ୍ରାଣପ୍ରିୟା ପତ୍ନୀ ଜାନକୀଙ୍କୁ ପରିତ୍ୟାଗ କରିଥିଲେ । ଶ୍ରୀରାମ ଓ ଶ୍ରୀକୃଷ୍ଣ ସଦା ସର୍ବଦା କର୍ମରତ ଥିଲେ । ନିଷ୍ଠାର ସହ କର୍ତ୍ତବ୍ୟ ପାଳନ କରିବାକୁ ସେମାନେ ଶ୍ରେୟମନେ କରୁଥିଲେ । କ୍ଷଣେ ମାତ୍ର ନିଷ୍କର୍ମା ହୋଇ ବସି ରହିବାର ଉଦାହରଣ ଦେଖିବାକୁ ମିଳେ ନାହିଁ । ଗୀତାରେ ଭଗବାନଙ୍କ ଉକ୍ତି ହେଲା,

ନ ମେ ପାର୍ଥାସ୍ତି କର୍ତ୍ତବ୍ୟଂ ତ୍ରିଷୁଲୋକେଷୁ କିଞ୍ଚନ
ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି ।
ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ
ମମବର୍ତ୍ତାନୁବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।। (୧)

ଅର୍ଥାତ୍, ହେ ପାର୍ଥ ! ଏ ତ୍ରିଭୁବନରେ ଆମ୍ଭର କୌଣସି କର୍ତ୍ତବ୍ୟ କର୍ମ ନାହିଁ, ଯେହେତୁ ଆମ୍ଭର ଅପ୍ରାପ୍ତ କି ପ୍ରାପ୍ତିଯୋଗ୍ୟ କିଛି ନାହିଁ । ତଥାପି ଆମ୍ଭେ କର୍ମ କରୁଅଛୁ । ଆଳସ୍ୟ ତ୍ୟାଗ କରି ଆମ୍ଭେ ଯଦି କର୍ମରେ ପ୍ରବୃତ୍ତ ନ ହେବୁ, ତେବେ ସମସ୍ତେ ସବୁ ପ୍ରକାରରେ ଆମ୍ଭର ପଥ ଅନୁସରଣ କରିବେ ।

କୃତଜ୍ଞତା ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କର ଭୂଷଣ ଥିଲା । ଯେଉଁ ବ୍ୟକ୍ତି ତାଙ୍କ ନିକଟରେ ମନପ୍ରାଣ ସମର୍ପି ଦେଉଥିଲା, ସେମାନଙ୍କ ଜଗତ କଲ୍ୟାଣ କାର୍ଯ୍ୟରେ ସହାୟତା କରୁଥିଲା ସେମାନେ ତା ପାଖରେ କୃତଜ୍ଞ ରହୁଥିଲେ । ଶ୍ରୀକୃଷ୍ଣଙ୍କ ଜୀବନରୁ ଗୋଟିଏ ଉଦାହରଣ ନିଆଯାଉ । ଦ୍ୱାରିକାଧିଶ ଶ୍ରୀକୃଷ୍ଣ ନିଜର ଅଷ୍ଟ ପାଟବଂଶୀ ରାଣୀମାନଙ୍କ ଆଗରେ ବେଳେ ବେଳେ ଦୌପଦୀଙ୍କର ପ୍ରଶଂସା କରିଦିଅନ୍ତି । ଅନ୍ୟ ନାରୀର ପ୍ରଶଂସା ନିଜ ସ୍ୱାମୀଙ୍କ ମୁଖରୁ ଶୁଣି ସେମାନେ ବଡ଼ ଅସନ୍ତୁଷ୍ଟ ହୁଅନ୍ତି । ଦ୍ରୌପଦୀ କିପରି ଜଣେ ଉଚ୍ଚମାନର ଭକ୍ତ ଏହାକୁ ପ୍ରମାଣ କରିବାକୁ ଶ୍ରୀକୃଷ୍ଣ ଏକ ଯୋଜନା କଲେ । ଦ୍ୱାରିକାରେ ଏକ ଉତ୍ସବର ଆୟୋଜନ କରାଗଲା । ଦୌପଦୀ ନିମନ୍ତ୍ରିତ ହୋଇ ସେଠାକୁ ଆସିଥାନ୍ତି । ହଠାତ୍ ସୁଦର୍ଶନ ଚକ୍ର ବାଜି କୃଷ୍ଣଙ୍କର ହାତ ଖଣ୍ଡିଆ ହୋଇ ରକ୍ତ ଧାର ଧାର ହୋଇ ବୋହିବାକୁ ଲାଗିଲା । କୃଷ୍ଣଚନ୍ଦ୍ରଙ୍କ ରାଣୀମାନେ ଓ

(୧) ଗୀତା - ୩ୟ ଅଧ୍ୟାୟ - ୨୨ ଓ ୨୩ ଶ୍ଳୋକ

ଦ୍ରୌପଦୀ ମୂଲ୍ୟବାନ ପାଟବସ୍ତ୍ର ପରିଧାନ କରିଥାନ୍ତି । ଖଣ୍ଡେ ଛିଣ୍ଡାକନା କୃଷ୍ଣଙ୍କ ହାତରେ ବାନ୍ଧିବାକୁ ସମସ୍ତେ ଚାହୁଁଥିଲେ ସୁଦ୍ଧା ରାଜ ଉଆସରେ ଛିଣ୍ଡା କନାର ଘୋର ଅଭାବ । ଦ୍ରୌପଦୀ ଆଉ ସମ୍ଭାଳି ପାରିଲେ ନାହିଁ ଏବଂ ନିଜେ ପରିଧାନ କରିଥିବା ପାଟ ବସ୍ତ୍ରରୁ ଖଣ୍ଡେ ଚିରି ଦେଇ କୃଷ୍ଣଙ୍କ ହାତରେ ବାନ୍ଧି ଦେଲେ । କୃଷ୍ଣଚନ୍ଦ୍ର ଏତେ କୃତଜ୍ଞ ଯେ ଦୁଃଶାସନ ଦ୍ରୌପଦୀଙ୍କୁ ଉଲଗ୍ନ କରୁଥିବା ବେଳେ ସେ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରିବା ସହ କୃତଜ୍ଞତାର ପ୍ରମାଣ ଦେଇଥିଲେ । ଦୁଇ ଆଙ୍ଗୁଳ କନା ତାଙ୍କ ବିପଦ ସମୟରେ ଦ୍ରୌପଦୀ ଦେଇ ଥିବାରୁ ସେ ତା'ର ବିନିମୟରେ କୋଟିବସ୍ତ୍ର ପ୍ରଦାନ କଲେ । ବଚନରକ୍ଷା କରିବା ଦିଗରେ ଶ୍ରୀରାମ ଓ ଶ୍ରୀକୃଷ୍ଣ ସଦାତତ୍ପର ଥିଲେ । ବାଲୀକୁ ମାରି ସୁଗ୍ରୀବକୁ କିଷ୍କିନ୍ଧ୍ୟାରେ ଓ ରାବଣକୁ ମାରି ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇବେ ବୋଲି ସୁଗ୍ରୀବ ଓ ବିଭୀଷଣଙ୍କୁ ଶ୍ରୀରାମ ବଚନ ଦେଇଥିଲେ । ଯେ କୌଣସି ଉପାୟରେ ବଚନ ରକ୍ଷା କରାଯିବ, ଏହାଥିଲା ଶ୍ରୀରାମଙ୍କର ଚିନ୍ତାଧାରା । ତୁଳସୀ ଦାସଙ୍କ ଭାଷାରେ,

ରଘୁକୁଲ ରୀତି ସଦା ଚଲି ଆୟି ।
ପ୍ରାନ ଯାହୁଁ ବରୁ ବଚନୁ ନ ଜାୟି ।।

ଶ୍ରୀକୃଷ୍ଣ ସାତ୍ତ୍ୱିକ, ଧର୍ମପରାୟଣ ପାଣ୍ଡବଙ୍କୁ ରକ୍ଷାକରି ଅସାଧୁ କୌରବଙ୍କୁ ନିଧନ କରାଇବା ଦିଗରେ ତତ୍ପର ଥିଲେ । ଶ୍ରୀକୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତରୁ ସେ କିପରି ବଚନ ଦେଇଥିବାରୁ ତାଙ୍କୁ ତିନିଥର ପୁତ୍ର ହିସାବରେ ଜନ୍ମ ହେବାକୁ ପଡ଼ିଲା, ସେ ବିଷୟ ଜଣାପଡେ । ଶ୍ରୀକୃଷ୍ଣ ମର୍ତ୍ତ୍ୟରେ ପ୍ରକଟିତ ହେବା ମାତ୍ରେ ମାତା ଦେବକୀ ଓ ପିତା ବସୁଦେବଙ୍କୁ ସେମାନଙ୍କର ପୂର୍ବଜନ୍ମର ବୃତ୍ତାନ୍ତ ଶୁଣାଇଲେ । ଦେବକୀ ଓ ବସୁଦେବ ସ୍ୱୟମ୍ଭୁବ ମନ୍ୱନ୍ତରରେଥିଲେ ପୃଷ୍ଣି ଓ ସୁତପା ପ୍ରଜାପତି । ସେମାନେ ବାରହଜାର ବର୍ଷ କଠୋର ତପସ୍ୟା କଲେ ପରଂବ୍ରହ୍ମ ବିଷ୍ଣୁଙ୍କ ଦର୍ଶନ ପାଇବା ପାଇଁ । ଶେଷରେ ପରମାତ୍ମା ଦର୍ଶନ ଦେଲେ ଓ ବର ମଧ୍ୟ ଯାଚିଲେ । ସ୍ୱାମୀ ସ୍ତ୍ରୀ ଏକ ସ୍ୱରରେ କହି ଉଠିଲେ ଆପଣଙ୍କପରି ଆମର ଏକ ପୁତ୍ର ହେଉ । ଭଗବାନ ତଥାସ୍ତୁ ତଥାସ୍ତୁ ତଥାସ୍ତୁ ତ୍ରିବାର କହି ଅନ୍ତର୍ହିତ ହେଲେ । ଭଗବାନ ବିଷ୍ଣୁତ ନିର୍ବିକଳ୍ପ ଅର୍ଥାତ୍ ଯାହାଙ୍କର ବିକଳ୍ପ ନାହିଁ, ତେଣୁ ତାଙ୍କ ପରି ଆଉ କେହି ନାହିଁ । ସତ୍ୟସନ୍ଧ ଭଗବାନ ବଚନ ରକ୍ଷା କରିବାକୁ ଯାଇ ପ୍ରଥମେ ସୁତପା ପ୍ରଜାପତି ଓ ପୃଷ୍ଣିଙ୍କ ପୁତ୍ର ଭାବରେ ଜନ୍ମ ଗ୍ରହଣ କଲେ, ନାମ ହେଲା ପୃଷ୍ଣିଗର୍ଭ । ତତ୍ପରେ କଶ୍ୟପ ଓ ଅଦିତିଙ୍କ ପୁତ୍ର ଭାବରେ ଭଗବାନ ଜନ୍ମ ଗ୍ରହଣ କଲେ, ନାମ ହେଲା ବାମନ । ଦ୍ୱିତୀୟ ଥର

ସେମାନେ ହେଲେ ବସୁଦେବ ଓ ଦେବକୀ ଏବଂ ପରମାତ୍ମା ସେମାନଙ୍କର ପୁତ୍ର ଭାବରେ ଜନ୍ମ ଗ୍ରହଣ କଲେ । ତାଙ୍କର ନାମ ହେଲା ଶ୍ରୀକୃଷ୍ଣ । ପରମାତ୍ମା ସତ୍ୟସନ୍ଧ ବୋଲି ଦେବଗଣ ଗର୍ଭଗତ ଶ୍ରୀହରିଙ୍କୁ ସ୍ତୁତି କରିଥିଲେ । ଯଥା,

ସତ୍ୟବ୍ରତଂ ସତ୍ୟପରଂ ତ୍ରିସତ୍ୟଂ
ସତ୍ୟସ୍ୟଯୋନିଂ ନିହିତଂ ଚ ସତ୍ୟେ ।
ସତ୍ୟସ୍ୟ ସତ୍ୟମୃତ ସତ୍ୟନେତ୍ରଂ
ସତ୍ୟାତ୍ମକଂ ତ୍ୱାଂ ଶରଣଂ ପ୍ରପନ୍ନାଃ ।। (୧)

ଭଗବାନ ବିଷ୍ଣୁଙ୍କର ଗୋଟିଏ ନାମ ହେଉଛି ଅନିରୁଦ୍ଧ । ସେ କୌଣସି ସୀମା, ଗୋଷ୍ଠିରେ ଆବଦ୍ଧ ନୁହଁନ୍ତି । ସେ ସମସ୍ତଙ୍କର ସବୁ ଅଞ୍ଚଳର, ସବୁ ଜାତିର । ଶ୍ରୀରାମ ଅଯୋଧ୍ୟା ମଧ୍ୟରେ ଆବଦ୍ଧ ହୋଇ ନ ରହି ବନବାସ କରିବାକୁ ପସନ୍ଦ କରିଥିଲେ । ବଣ ମଧ୍ୟରେ ବାଲ୍ମିକୀ, ଭରଦ୍ୱାଜଙ୍କ ପରି ମହାମୁନିଙ୍କ ସଂସ୍ପର୍ଶରେ ଆସି ଜ୍ଞାନ ଆହରଣ କରିବା, ଅସୁରମାନଙ୍କୁ ବଧ କରିବା ଓ ସମସ୍ତଙ୍କ ସହିତ ମିଶି ସେମାନଙ୍କ ସୁଖ ଦୁଃଖରେ ସୁଖୀଦୁଃଖୀ ହେବାକୁ ଶ୍ରୀରାମ ପସନ୍ଦ କରୁଥିଲେ । ଦୁର୍ବଳଙ୍କୁ ସହାୟତା ଦେବା ତାଙ୍କର ପରମ ଧର୍ମ ଥିଲା । ଶ୍ରୀରାମଙ୍କ ପରି ଶ୍ରୀକୃଷ୍ଣ ମଧ୍ୟ ଗୋଟିଏ ଅଞ୍ଚଳରେ, ଗୋଷ୍ଠିରେ ଆବଦ୍ଧ ହୋଇ ରହୁ ନଥିଲେ । ଗୋପପୁର, ମଥୁରା, ଦ୍ୱାରିକାରେ ବିଭିନ୍ନ ଲୀଳା କରି ସାଧୁ ସନ୍ଥଙ୍କୁ ରକ୍ଷା କରିବା ସହିତ ଦୁଷ୍ଟଙ୍କ ଉଚିତ ମୁକାବିଲା କରିପାରିଥିଲେ ।

ଅପାର କରୁଣା ସିନ୍ଧୁ ଭଗବାନ ଭକ୍ତବତ୍ସଳ । ଶ୍ରୀରାମଙ୍କ ଭକ୍ତ ବତ୍ସଳତାର ପ୍ରମାଣ ଅନେକ । ସେଥିମଧ୍ୟରୁ ଗୋଟିଏ ଉଦାହରଣ ଦେଲେ ତା'ର ସାମାନ୍ୟ ସୂଚନା ମିଳିବ । ପରମ ଭକ୍ତ ବୀରଶ୍ରେଷ୍ଠ ହନୁମାନ ଶ୍ରୀରାମଙ୍କର ଭକ୍ତମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ଶ୍ରୀରାମ ରାବଣାଦି ଅସୁରମାନଙ୍କୁ ବଧ କରି ସୀତାଙ୍କୁ ସଙ୍ଗରେ ନେଇ ପୁଷ୍ପକ ବିମାନରେ ଅଯୋଧ୍ୟାକୁ ପ୍ରତ୍ୟାଗମନ କଲେ । ଅଭିଷେକ ଉତ୍ସବ ଦେଖିବା ପାଇଁ ବିଭୀଷଣ, ସୁଗ୍ରୀବ, ହନୁମାନ, ସମସ୍ତ ବାନର ସେନା, ଅସୁରସେନା ଶ୍ରୀରାମଙ୍କ ସହିତ ମଧ୍ୟ ଅଯୋଧ୍ୟା ଆସିଥିଲେ । ଅଭିଷେକ ଉତ୍ସବ ପରେ ସମସ୍ତେ ବିଦାୟ ନେଲେ ମାତ୍ର ହନୁମାନଜୀ ଶ୍ରୀରାମଙ୍କୁ ଛାଡ଼ି ଯିବା ପାଇଁ ରାଜି ହେଲେ ନାହିଁ । ସେ ଅଯୋଧ୍ୟାରେ ରହି ଶ୍ରୀରାମଙ୍କ ସେବା କରିବାରେ ନିମଗ୍ନ

---

(୧) ଶ୍ରୀମଦ୍ ଭାଗବତ - ୧୦ମ ସ୍କନ୍ଧ - ୨ୟ ଅଧ୍ୟାୟ - ୨୬ ଶ୍ଲୋକ

ରହିଲେ । ହନୁମାନଜୀ ପ୍ରଭୁଙ୍କର ସମସ୍ତ ସେବା କରିବାରୁ ସୀତା, ଭରତ, ଲକ୍ଷ୍ମଣ ଓ ଶତ୍ରୁଘ୍ନ ସେବା କରିବାରୁ ବଞ୍ଚିତ ହୋଇ ମନସ୍ତାପ କରିବାକୁ ଲାଗିଲେ । ସେମାନେ ଏକତ୍ର ମିଳିତ ହୋଇ କିଏ କେଉଁ ସେବା କରିବ ତା'ର ଏକ ଚାର୍ଟ୍ ତିଆରି କଲେ । ସୀତାଙ୍କ ପାଇଁ ୧୦ଟି ସେବା, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନଙ୍କ ପାଇଁ ଦଶଟି କରି ୩୦ ଟି ସେବାର ଏକ ତାଲିକା ଧରି ସୀତା ଶ୍ରୀରାମଙ୍କର ଅନୁମୋଦନ ନେଇ ଆସିଲେ । ରାଜାଙ୍କର ଅନୁମୋଦନ ପରେ ଏହା ଆଇନ୍ ହୋଇଗଲା । ଶ୍ରୀରାମଙ୍କର କୌଣସି କାର୍ଯ୍ୟ କରିବାକୁ ହନୁମାନ ଆଗଭର ହେଲା ବେଳେ କେତେବେଳେ ଭରତ କି ଲକ୍ଷ୍ମଣ କି ଶତ୍ରୁଘ୍ନ କିମ୍ବା ସୀତା ତାହା ତାଙ୍କ କାର୍ଯ୍ୟ ବୋଲି କହି ହନୁମାନଙ୍କୁ ବାରଣ କରନ୍ତି । ବେଳେ ବେଳେ ତାଲିକା ମଧ୍ୟ ଦେଖାଇଦିଅନ୍ତି । ହନୁମାନଜୀ ସୀତାଙ୍କୁ ସେ ଶ୍ରୀରାମଙ୍କର କେଉଁ ସେବା କରିବେ ବୋଲି ପଚାରିଲେ । ଏ ତାଲିକାରେ ଥିବା ସେବା ଛଡ଼ା ଅନ୍ୟ ଯେ କୌଣସି ସେବା ସେ କରିପାରିବେ ବୋଲି ସୀତା ହନୁମାନଙ୍କୁ ପରାମର୍ଶ ଦେଲେ । ପ୍ରଚଣ୍ଡ ଜ୍ଞାନୀ ତଥା ପ୍ରତ୍ୟୁତ୍ପନ୍ନମତି ସମ୍ପନ୍ନ ବୀର ହନୁମାନ ସୀତାଙ୍କୁ କହିଲେ ଯେ ଶ୍ରୀରାମ ହାଇ ମାରିବା ବେଳେ ସେ ଫୁଟୁକି ମାରିବେ । ହନୁମାନଙ୍କର ଉଦ୍ଦେଶ୍ୟ ଥିଲା ସେ ଶ୍ରୀରାମଙ୍କର ମୁଖମଣ୍ଡଳକୁ ଚାହିଁ ରହିଥିବେ ଓ ହାଇ ମାରିବା ବେଳେ ଫୁଟୁକି ମାରୁଥିବେ । ଏ ସେବା ନିଷ୍ଠାର ସହିତ କରିବା ପାଇଁ ସେ ତତ୍ପର ହେଲେ । ରାତ୍ରି ସମୟରେ ଯେତେବେଳେ ଶ୍ରୀରାମ ଓ ସୀତା ତାଙ୍କ ଶୟନ କକ୍ଷକୁ ପ୍ରବେଶ କଲେ ହନୁମାନ ମଧ୍ୟ ଶ୍ରୀରାମଙ୍କର ଆଗେ ଆଗେ ସେ କକ୍ଷ ମଧ୍ୟକୁ ପ୍ରବେଶ କଲେ । ମା ସୀତା ହନୁମାନଙ୍କୁ ସେମାନଙ୍କ ଶୟନ କକ୍ଷରୁ ଚାଲିଯିବା ପାଇଁ ପରାମର୍ଶ ଦେଲେ ସୁଦ୍ଧା ହନୁମାନ ସେଠାରୁ ଚାଲିଗଲେ ତାଙ୍କର ଦାୟିତ୍ୱ ସେ ସଠିକ୍ ଭାବରେ କିପରି ତୁଲାଇବେ ବୋଲି ପ୍ରଶ୍ନ କରିଥିଲେ । ମା ସୀତା କୌଣସି ପ୍ରକାରରେ ହନୁମାନଙ୍କୁ ବାହାର କରି ଦେଇ ଭିତରୁ ଦ୍ୱାର ବନ୍ଦ କରିଦେଲେ । ହନୁମାନ ଏଣିକି ଶ୍ରୀରାମଙ୍କର ମୁଖ ଦର୍ଶନରୁ ବଞ୍ଚିତ ହୋଇ ଯିବାରୁ ସେ କେତେବେଳେ ହାଇ ମାରିବେ ଜାଣିବା ମୁସ୍କିଲ୍ ହୋଇଗଲା । ବୁଦ୍ଧିମାନ ହନୁମାନ ଦ୍ୱାର ପାଖରେ ଥିବା ଏକ ଭାଡିରେ ବସି ରହି ଅହରହ ଫୁଟୁକି ମାରି ଚାଲିଲେ । ଉଦ୍ଦେଶ୍ୟଥିଲା ଯେତେବେଳେ ଶ୍ରୀରାମ ହାଇ ମାରିବେ ଏ ଫୁଟୁକି ତାହା ସହିତ ସଂଯୋଗ ହେବ । ଶ୍ରୀରାମ ଜୟ ରାମ କହି ସେ ଫୁଟୁକି ମାରିବାରୁ ଭକ୍ତ ବତ୍ସଳ ଶ୍ରୀରାମ ଶଯ୍ୟାରେ ପଡ଼ରହି ହାଇ ପରେ ହାଇ ମାରି ଚାଲିଲେ । ଫୁଟୁକି ବନ୍ଦ ହେଉନଥିବାରୁ ହାଇମଧ୍ୟ ବନ୍ଦ ହେଉନଥାଏ । ସୀତା ଶ୍ରୀରାମଙ୍କର ଏ ଅବସ୍ଥା ଦେଖି ରାତ୍ରିରେ ଦ୍ୱାର ଖୋଲି ମା କୌଶଲ୍ୟା,କୈକେୟୀ, ସୁମିତ୍ରାଙ୍କୁ ଡାକି ଆଣିଲେ ।

ସେମାନେ ମଧ୍ୟ କିଛି ଜାଣି ନ ପାରିବାରୁ ଗୁରୁ ବଶିଷ୍ଠଙ୍କୁ ଡକାଗଲା । ଗୁରୁ ବଶିଷ୍ଠ ସୀତାଙ୍କ ଠାରୁ ପୂର୍ବର ସବୁ ଘଟଣା ବୁଝିନେଇ ଏହା ହନୁମାନଙ୍କ ଯୋଗୁ ହେଉଛି ବୋଲି ନିର୍ଣ୍ଣୟ କଲେ । ଭାଡ଼ିରେ ବସିଥିବା ହନୁମାନଙ୍କୁ ତଳକୁ ଅଣାଯାଇ ଶୟନ କକ୍ଷ ମଧ୍ୟକୁ ନିଆଗଲା ଓ ଫୁଟୁକି ମାରିବା ବନ୍ଦ କରିବାକୁ ମଧ୍ୟ କୁହାଗଲା । ହନୁମାନ ଫୁଟୁକି ମାରିବା ବନ୍ଦ କରିବା ମାତ୍ରେ ଶ୍ରୀରାମଙ୍କର ହାଇ ମଧ୍ୟ ବନ୍ଦ ହୋଇଗଲା । ସୀତା ଏ ସବୁ ଦେଖି ଯେଉଁ ସେବା ତାଲିକା ତିଆରି କରାଯାଇଥିଲା, ତାକୁ ଚିରିଦେଲେ ଏବଂ ହନୁମାନଙ୍କୁ ଯେ କୌଣସି ସେବା କରିବାକୁ ଅନୁମତି ଦେଲେ । ଏ ଉପଖ୍ୟାନରୁ ଶ୍ରୀରାମ କିପରି ଭକ୍ତବତ୍ସଳ ତାହାର ସୂଚନା ମିଳେ ।

ଶ୍ରୀକୃଷ୍ଣଙ୍କର ଭକ୍ତ ବତ୍ସଳତାର ସୀମା ନାହିଁ । ସେ ଅର୍ଜୁନଙ୍କ ରଥରେ ସାରଥୀ ହୋଇ ରଥୀଙ୍କର ଆଜ୍ଞା ମୁତାବକ ରଥ ଚାଳନା କରୁଥିଲେ । ଶ୍ରୀକୃଷ୍ଣ ମହାରାଜା ଯୁଧିଷ୍ଠିରଙ୍କ ଯଜ୍ଞାନୁଷ୍ଠାନ ବେଳେ ଅତିଥିମାନଙ୍କର ପାଦ ଧୋଇବା ଓ ଅଇଁଠା ପତ୍ର ଗୋଟାଇବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ଦ୍ରୌପଦୀଙ୍କୁ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରିବା ଭକ୍ତ ବତ୍ସଳତାର ଏକ ନମୁନା । ଭକ୍ତ ସୁଦାମାର ଖୁଦଭଜା, ବିଦୁର ଘରର ଶାଗଭଜା, ବିଦୁର ପତ୍ନୀ ଦେଇଥିବା କଦଳୀ ଚୋପା ଭକ୍ତବତ୍ସଳ ଶ୍ରୀକୃଷ୍ଣଙ୍କୁ ଖୁବ୍ ଭଲ ଲାଗୁଥିଲା । ଅସଂଖ୍ୟ ଉଦାହରଣ ମଧ୍ୟରୁ ଗୋଟିଏ ଉଦାହରଣ ଦେଲେ ଶ୍ରୀକୃଷ୍ଣ ଭକ୍ତ ପାଇଁ କ'ଣ କରି ପାରନ୍ତି ତାହା ବେଶ୍ ବୁଝିହେବ । ମହାଭାରତ ଯୁଦ୍ଧ ଚାଲିଥାଏ । ପିତାମହ ଭୀଷ୍ମଙ୍କ ଅଧିନାୟକତ୍ୱରେ କୌରବ ପକ୍ଷ ଯୁଦ୍ଧ କରୁଥାନ୍ତି । ଯୁଦ୍ଧରେ ପାଣ୍ଡବସେନା ଅପେକ୍ଷା କୌରବ ସେନା ଅଧିକ ମାତ୍ରାରେ ନିହତ ହେଉଥିବା ଦେଖି ଦୁର୍ଯ୍ୟୋଧନ ପିତାମହଙ୍କୁ ତିରସ୍କାର କରିବା ସହିତ ତାଙ୍କ ପରାକ୍ରମର ମଧ୍ୟ ଭୂୟସି ପ୍ରଶଂସା କରିବାକୁ ଲାଗିଲେ । ପରମବୀର ପିତାମହ ଭୀଷ୍ମ ଦୁର୍ଯ୍ୟୋଧନକୁ ଆଶ୍ୱାସନା ଦେଇ ପ୍ରତିଜ୍ଞା କଲେ ଆସନ୍ତା କାଲି ସନ୍ଧ୍ୟାବେଳକୁ ଏ ପୃଥିବୀ ନିପାଣ୍ଡବ ହେବ । ଦୁର୍ଯ୍ୟୋଧନ ଆନନ୍ଦମନରେ ସେଠାରୁ ବିଦାୟ ନେଲେ । ସେହି ରାତ୍ରିରେ ଶ୍ରୀକୃଷ୍ଣ ପାଣ୍ଡବ ଶିବିର ଚାରିପଟେ ପହରା ଦେଉଥିବା ବେଳେ ହଠାତ୍ ଦ୍ରୌପଦୀଙ୍କ ଶିବିର ମଧ୍ୟକୁ ଚାଲିଗଲେ । ଦ୍ରୌପଦୀ ଶ୍ରୀକୃଷ୍ଣଙ୍କୁ ପ୍ରଣାମ କରିବାରୁ 'ସୌଭାଗ୍ୟବତୀ ହୁଅ' ବୋଲି କହିଦେଇ ଏ ଆଶୀର୍ବାଦ କେବଳ ଆଜି ରାତି ପାଇଁ ବୋଲି କହିବାରୁ ଦ୍ରୌପଦୀଙ୍କର ଆଶଙ୍କା ବଢ଼ିଗଲା । ଶ୍ରୀକୃଷ୍ଣ ପିତାମହ ଭୀଷ୍ମଙ୍କର ପ୍ରତିଜ୍ଞା କଥା କହି ପାଣ୍ଡବଙ୍କର ମୃତ୍ୟୁ ନିଶ୍ଚିତ ବୋଲି ସୂଚନା ଦେଲେ ଓ ସେ ସ୍ଥାନ ଛାଡ଼ି ଚାଲି ଆସିଲେ । ଦ୍ରୌପଦୀ ବିଚାର କଲେ ଯେ ଆସନ୍ତା କାଲି ବିଧବା ହେବା ଅପେକ୍ଷା ଆଜି ରାତ୍ରିରେ ଅଗ୍ନିରେ ଝାସ ଦେବା ଶ୍ରେୟସ୍କର । ତେଣୁ

ସଙ୍ଗେ ସଙ୍ଗେ ସେ ଅନ୍ଧକାର ରାତ୍ରିରେ ଅଗ୍ନିରେ ଝାସ ଦେବା ପାଇଁ ଅଗ୍ରସର ହେଲେ । ଶ୍ରୀକୃଷ୍ଣ ହଠାତ୍ ଦ୍ରୌପଦୀଙ୍କୁ ଦେଖିଦେଲେ ଓ ଏତେ ରାତ୍ରିରେ ଏକାକିନୀ ଯିବାର କାରଣ ପଚାରିଲେ । ଦ୍ରୌପଦୀ ସଠିକ୍ କାରଣ ଜଣାଇବାରୁ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ପାଟବସ୍ତ୍ର ପରିଧାନ କରିବାକୁଁ ଓ ଅଳଙ୍କାରରେ ଭୂଷିତ ହେବାକୁ ପରାମର୍ଶ ଦେଲେ । ଦ୍ରୌପଦୀ ପୁଁନର୍ବାର ଶିବିରକୁ ଯାଇ ଯଥାବିଧି ବସ୍ତ୍ର ଓ ଅଳଙ୍କାରରେ ଭୂଷିତ ହୋଇ ଫେରି ଆସିଲେ । ସତୀନାରୀ ଗଣ କିପରି ସାତଥର ଅଗ୍ନି ପ୍ରଦକ୍ଷିଣ କରି ଅଗ୍ନିରେ ଝାସ ଦିଅନ୍ତି ସେକଥା ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବୁଝାଇ ଦେଲେ । ଅଗ୍ନି ପ୍ରଜ୍ଜ୍ୱଳନ କରାଗଲା ମାତ୍ର ପ୍ରଦକ୍ଷିଣ କରିବାକୁ ଦ୍ରୌପଦୀଙ୍କର ପାଦ ଚଳିଲା ନାହିଁ । ସାତଥର କ'ଣ ଥରେ ମଧ୍ୟ ସେ ପ୍ରଦକ୍ଷିଣ କରିପାରିବେ ନାହିଁ ବୋଲି ଶ୍ରୀକୃଷ୍ଣଙ୍କୁ ଜଣାଇଲେ । ଶ୍ରୀକୃଷ୍ଣ ତେଣୁ ଦ୍ରୌପଦୀଙ୍କୁ କାନ୍ଧରେ ବସାଇଲେ ଓ ସେ ପ୍ରଦକ୍ଷିଣ କରାଇଦେବେ ବୋଲି କହିଲେ । ଦ୍ରୌପଦୀ ମୁଣ୍ଡରେ ଓଢ଼ଣା ଦେଇଥାନ୍ତି ଏବଂ ମରିବାକୁ ଯାଉଥିବାରୁ କୌଣସି ବାହ୍ୟଜ୍ଞାନ ତାଙ୍କର ନଥାଏ । କୃଷ୍ଣଚନ୍ଦ୍ର ଅଗ୍ନି ଚତୁର୍ଦ୍ଦିଗରେ ପ୍ରଦକ୍ଷିଣ ନକରି ସେହି ଅନ୍ଧକାର ରାତ୍ରିରେ ପିତାମହ ଭୀଷ୍ମଙ୍କ ଶିବିର ନିକଟରେ ଉପସ୍ଥିତ ହେଲେ । ଦ୍ରୌପଦୀଙ୍କୁ କାନ୍ଧରୁ ଓହ୍ଲାଇ ଏହା ପିତାମହଙ୍କ ଶିବିର ବୋଲି କହିଲେ ଏବଂ ଶିବିର ମଧ୍ୟକୁ ଯିବାକୁ ପରାମର୍ଶ ଦେଲେ । ମୁଣ୍ଡରେ ଓଢ଼ଣା ଦେଇ ପିତାମହଙ୍କୁ ପ୍ରଣିପାତ କରିବାକୁ ସେ ନିର୍ଦ୍ଦେଶ ଦେଲେ । ପିତାମହ ଯେଉଁ ଆଶୀର୍ବାଦ ଦେବେ ତାହା ତୁମ ପାଇଁ ଶୁଭପ୍ରଦ ହେବ । ଆଶୀର୍ବାଦ ଲାଭ କରିବା ପରେ ତୁମେ ଓଢ଼ଣା କାଢ଼ିଦେବ ଏବଂ ତୁମକୁ ଦ୍ରୌପଦୀ ବୋଲି ଚିହ୍ନି ଯେତେବେଳେ ସେ ପଚାରିବେ ଏତେ ରାତ୍ରିରେ ତୁମେ କାହା ସହିତ ଆସିଛ, ତୁମେ ଜଣେ ଭୃତ୍ୟ ସହିତ ଆସିଛ ବୋଲି କହିବ । ସେ ଭୃତ୍ୟ ଜଣଙ୍କ ଦ୍ୱାର ପାଖରେ ତୁମର ପାଦୁକା ଚପଲ ଧରି ବସି ରହିଛନ୍ତି ବୋଲି ସୂଚନା ଦେବ । ଶ୍ରୀକୃଷ୍ଣଙ୍କ କହିବା ଅନୁଯାୟୀ ଦ୍ରୌପଦୀ ସଂପୂର୍ଣ୍ଣ ଓଢ଼ଣା ଦେଇ ଶିବିର ମଧ୍ୟକୁ ପ୍ରବେଶ କଲେ ଓ ପ୍ରଣିପାତ କଲେ । ପିତାମହ ଭୀଷ୍ମ ଏଡ଼େ ବଡ଼ ପ୍ରତିଜ୍ଞା କାହିଁକି କଲେ ବୋଲି ଚିନ୍ତା କରି ବଡ଼ ବ୍ୟାକୁଳ ଅବସ୍ଥାରେ ଇତଃସ୍ତତ ପଦଚାରଣ କରୁଥାନ୍ତି । ଜଣେ ନାରୀ ପ୍ରଣାମ କରୁଥିବା ଦେଖି ସୌଭାଗ୍ୟବତୀ ହୁଅ ବୋଲି ଆଶୀର୍ବାଦ ଦେଲେ । ଏ ଆଶୀର୍ବାଦ ଲାଭ କରିବା ପରେ ମୁଣ୍ଡରୁ ଓଢ଼ଣା କାଢ଼ି ଦ୍ରୌପଦୀ ପିତାମହଙ୍କୁ ପଚାରିଲେ ଯେ ଆପଣ ଆସନ୍ତା କାଲି ତାଙ୍କର ସମସ୍ତ ସୌଭାଗ୍ୟ ନେଇ ଯିବେ ବୋଲି ପ୍ରତିଜ୍ଞା କରିଛନ୍ତି, ତେଣୁ ସେ ସୌଭାଗ୍ୟବତୀ ହେବେ କୁଆଡୁ ? ପିତାମହ ଜିଭ କାମୁଡ଼ି ପକାଇଲେ ଓ ଦ୍ରୌପଦୀ କାହା ସହିତ ଏତେ ରାତିରେ ଏଠାକୁ ଆସିଛନ୍ତି ବୋଲି ପଚାରିବାରୁ ଶ୍ରୀକୃଷ୍ଣ ଯାହା

ବତାଇଥିଲେ ଦ୍ରୌପଦୀ ସେହି କଥାହିଁ କହିଦେଲେ । ପିତାମହ ଭୀଷ୍ମ ଦ୍ୱାର ପାଖକୁ ଆସି କୃଷ୍ଣଚନ୍ଦ୍ରଙ୍କୁ ଦର୍ଶନ କରି ନିଜକୁ ଧନ୍ୟ ମନେ କଲେ । ଭକ୍ତ ବତ୍ସଳ ଶ୍ରୀକୃଷ୍ଣ ଭକ୍ତକୁ କାନ୍ଧରେ ବୁହାଇ ଭକ୍ତର ଦୁଃଖ ଦୁର୍ଦ୍ଦଶା ଦୂର କରିବାରେ କ'ଣ ନ କରି ପାରନ୍ତି ଏହା ତାହାର ଏକ ଉଦାହରଣ । ଭକ୍ତକୁ ଆନନ୍ଦ ଦେବା ପାଇଁ, ଭକ୍ତର ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ମହାଭାରତ ଯୁଦ୍ଧରେ ସେ ଅସ୍ତ୍ର ଧରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ ସୁଦ୍ଧା ରଥାଙ୍ଗପାଣି ହୋଇ ଶ୍ରୀକୃଷ୍ଣ ପିତାମହ ଭୀଷ୍ମଙ୍କ ଆଡ଼କୁ ଦୌଡ଼ି ଯାଇ କୌରବ ବଂଶ ନିଃଶେଷ କରିଦେବେ ବୋଲି କହି ପକାଇଲେ । ପିତାମହ ଭୀଷ୍ମ ଅସ୍ତ୍ରଧାରୀ ବେଶ ଦେଖିବାକୁ ତ ବ୍ୟାକୁଳ ଥିଲେ, ତେଣୁ ଅସ୍ତ୍ରଶସ୍ତ୍ର ଛାଡ଼ି ସେ କୃଷ୍ଣଚନ୍ଦ୍ରଙ୍କୁ ପ୍ରଣାମ କରିବାକୁ ଲାଗିଲେ । ଅତଏବ୍ ଶ୍ରୀକୃଷ୍ଣଙ୍କର ଭକ୍ତଥିଲେ ଜୀବନ ଓ ଭକ୍ତର ଆନନ୍ଦ ପାଇଁ ସେ ଥିଲେ ସଦା ତତ୍ପର ।

ଶ୍ରୀକୃଷ୍ଣ ଏକ ଉଚ୍ଚମାନର ସଂସ୍କାରକ ଥିଲେ । ଯମୁନାଜଳକୁ ବିଶୁଦ୍ଧ କରାଇବା, ପୃଥିବୀ ମାତା ଓ ଗୋମାତାର ସେବା ତଥା ପୂଜାର୍ଚ୍ଚନା କରିବା ଦିଗରେ ପ୍ରେରଣା ଦେବା ତାଙ୍କ ସଂସ୍କାରମୂଳକ କାର୍ଯ୍ୟକ୍ରମର କେତେକ ନମୁନା । ଯମୁନା ନଦୀରେ କାଳୀୟ ନାମକ ଏକ ବିଷଧର ସର୍ପ ସପରିବାର ବାସ କରୁଥିଲା । ତା ଉତ୍କଟ ବିଷ ଜ୍ୱାଳାରେ ଜଳ, ବାୟୁ ମଣ୍ଡଳ, ବୃକ୍ଷଲତା ବିଷାକ୍ତ ହୋଇ ଯାଉଥିଲା । ଯମୁନା ଜଳ ପାନୀୟ ହେବା ଦୂର କଥା ସ୍ନାନ ଯୋଗ୍ୟ ମଧ୍ୟ ହେଲାନାହିଁ । ପକ୍ଷୀମାନେ ଯମୁନା ଉପରଦେଇ ଉଡ଼ିଗଲାବେଳେ ମୂର୍ଚ୍ଛା ହେଉଥିବା ଲକ୍ଷ୍ୟ କରାଯାଉଥିଲା । ଏସବୁ ବିଷଧର କାଳୀୟ ସର୍ପ ଯୋଗୁ ହେଉଛି, ଏହା ବୁଝି ଶ୍ରୀକୃଷ୍ଣ ସାଙ୍ଗସାଥୀମାନଙ୍କ ଗହଣରେ ଯମୁନା କୂଳରେ ଉପସ୍ଥିତ ହେଲେ । ସେଠାରେ ପେଣ୍ଡୁ ଖେଳ ହେଉଥିବାବେଳେ ଯମୁନା ଜଳରେ ପେଣ୍ଡୁଟି ପଡ଼ିଗଲା । ପେଣ୍ଡୁ ଆଣିବା ପାଇଁ ବାଳକ ଶ୍ରୀକୃଷ୍ଣ ଯମୁନା ଜଳକୁ ଡ଼େଇଁ ପଡ଼ିଲେ । ଏହା ଦେଖି ଗୋପ ବାଳକ ଗଣ ହାହାକାର କରି କ୍ରନ୍ଦନ କରିବାକୁ ଲାଗିଲେ । ଏ ଖବର ପାଇ ନନ୍ଦ, ଯଶୋଦା, ବଳରାମ ଓ ଅନ୍ୟ ଗୋପାଳ ଗୋପାଙ୍ଗନାମାନେ ଯମୁନା କୂଳକୁ ଦୌଡ଼ି ଆସିଲେ । ଶ୍ରୀକୃଷ୍ଣ ଏହା ମଧ୍ୟରେ କାଳୀୟ ହ୍ରଦର ଗଭୀରତମ ସ୍ଥାନକୁ ଯାଇ ବିଷଧର କାଳୀୟର ଫଣା ମଧ୍ୟରେ ଆବଦ୍ଧ ହୋଇ ରହିଥାନ୍ତି । କାଳୀୟ ମଧ୍ୟ ତାଙ୍କ ଶରୀରକୁ ଫଣାରେ ଦଂଶନ କରୁଥାଏ । ମା, ବାପା, ସାଙ୍ଗସାଥୀଙ୍କୁ ଆଶ୍ୱାସନା ଦେବା ପାଇଁ ଶ୍ରୀକୃଷ୍ଣ ନିଜର ଦେହକୁ ଫୁଲାଇ, ଫଣାରୁ ମୁକ୍ତ ହୋଇ ତା ମୁଣ୍ଡ ଉପରକୁ ଉଠି ଆସିଲେ । ଶ୍ରୀକୃଷ୍ଣଙ୍କୁ ସର୍ପଫଣାର ଉପରି ଭାଗରେ ଦେଖି ସମସ୍ତଙ୍କର ଆନନ୍ଦର ସୀମା ରହିଲା ନାହିଁ । କୃଷ୍ଣଚନ୍ଦ୍ର ଫଣା ଉପରେ ଏପରି ନୃତ୍ୟ ପରିବେଷଣ କଲେ

ଯାହାକୁ ଦେଖି ଦେବତା ଓ ଗନ୍ଧର୍ବଗଣ ବାଜା ବଜାଇ, ସଙ୍ଗୀତ ଗାନ କରି ଓ ପୁଷ୍ପବୃଷ୍ଟି କରି ଉପଭୋଗ କରିବାକୁ ଲାଗିଲେ । ନୃତ୍ୟ ଯୋଗୁ କାଳୀୟର ଫଣା ସବୁ ଫାଟିଯାଇ ରକ୍ତସ୍ରାବ ହେଲା । କାଳୀୟର ସ୍ତ୍ରୀମାନେ ଆସି ଶ୍ରୀକୃଷ୍ଣଙ୍କୁ ସ୍ତବ କରିବା ସହ ଏ ବିଷଧର ସର୍ପକୁ ନ ମାରିବା ପାଇଁ ଆକୁଳ ନିବେଦନ କଲେ । ଶ୍ରୀକୃଷ୍ଣ ମାରିବେ ନାହିଁ ବୋଲି କହିଲେ ସତ, ମାତ୍ର ସେ ସପରିବାର ଯମୁନାରୁ ବାହାରି ଯାଇ ସେ ଯେଉଁ ରମଣକ ଦ୍ୱୀପରୁ ଆସିଅଛି ସେଠାକୁ ଫେରିଯିବାକୁ ପଡ଼ିବ । କାଳୀୟ ଅନ୍ୟ ସର୍ପମାନଙ୍କ ସହ ଯମୁନା ତ୍ୟାଗ କଲେ ଯମୁନା ଜଳ ବିଶୁଦ୍ଧ ହେବ । ମନୁଷ୍ୟ, ଗୋରୁ ଗାଈ, ପଶୁପକ୍ଷୀ ଯମୁନା ଜଳକୁ ବ୍ୟବହାର କରି ପାରିବେ ।

ବର୍ତ୍ତମାନ ପ୍ରଶ୍ନ ଉଠୁଛି କାଳୀୟ ରମଣକ ଦ୍ୱୀପ ଛାଡ଼ି ଯମୁନାକୁ ଆସିଥିଲେ କାହିଁକି ? ରମଣକ ଦ୍ୱୀପରେ ଅନେକ ନାଗ ବାସ କରୁଥିଲେ । ଗରୁଡ଼ ଆକାଶ ମାର୍ଗରୁ ଆସି କିଛି ନାଗ ଉଠେଇ ନେଇ ଭକ୍ଷଣ କରୁଥାନ୍ତି । କୌଣସି କୌଣସି ପରିବାର ସମୂଳେ ଧ୍ୱଂସ ହେଉଥିବାରୁ ନାଗମାନେ ଏକାଠି ମିଳିତ ହୋଇ ପ୍ରତ୍ୟେକ ଦିନ ଗୋଟିଏ ନାଗ ଗରୁଡ଼ଙ୍କୁ ଦିଆଯିବ ବୋଲି ମସୁଧା କଲେ । ଗରୁଡ଼ ମଧ୍ୟ ଏ ପ୍ରସ୍ତାବରେ ସମ୍ମତ ହେଲେ । ଏହିପରି କିଛିଦିନ ଚାଲିବା ପରେ ଦିନେ କାଳୀୟର ପାଳି ପଡ଼ିଲା । କାଳୀୟ ତା ପରିବାରରୁ କୌଣସି ନାଗକୁ ଗରୁଡ଼ଙ୍କ ଖାଦ୍ୟ ପାଇଁ ପଠାଇଲା ନାହିଁ । ସେଦିନ ଗରୁଡ଼ ଉପବାସ ରହିଲେ । କାଳୀୟ ଯୋଗୁ ଏପରି ଘଟିଲା, ଏକଥା ଜାଣି ଗରୁଡ଼ କାଳୀୟ ସହିତ ଯୁଦ୍ଧ କରି କାଳୀୟକୁ କ୍ଷତ ବିକ୍ଷତ କରିଦେଲେ । କାଳୀୟ ଭୟଭୀତ ହୋଇ ସେ ସ୍ଥାନ ପରିତ୍ୟାଗ କରିବାକୁ ମନସ୍ଥ କଲା । ଏକ ନିରାପଦ ସ୍ଥାନକୁ ସପରିବାର ଯିବା ଉଚିତ ମନେ କରି ଯମୁନାରେ ଥିବା ହ୍ରଦ ଏଭଳି ସ୍ଥାନ ବୋଲି ସେ ଜାଣିବାକୁ ପାଇଲା । ସୌଭରି ନାମକ ଋଷିଙ୍କ ଅଭିଶାପ ଯୋଗୁ ସେ ସ୍ଥାନକୁ ଗରୁଡ଼ ଆସି ପାରିବେ ନାହିଁ, ଏକଥା କାଳୀୟ ଜାଣିବାରୁ ସପରିବାର ସେଠାକୁ ଆସିଥିଲେ । ରମଣକ ଦ୍ୱୀପରେ ଗରୁଡ଼ ଆଉ ଆକ୍ରମଣ କରିବ ନାହିଁ, କାରଣ ଶ୍ରୀକୃଷ୍ଣଙ୍କ ପଦଚିହ୍ନ ଦେଖି ସେ ନିଶ୍ଚିତ ପଳାୟନ କରିବ ଏ ଅଭୟ ବାଣୀ ଶୁଣି କାଳୀୟ ସପରିବାର ଯମୁନା ଛାଡ଼ି ରମଣକ ଦ୍ୱୀପ ଅଭିମୁଖେ ଯାତ୍ରା କଲା । କାଳୀୟ ଦଳନ ଲୀଳା ଯମୁନାଜଳକୁ ବିଶୁଦ୍ଧ କରିବା ପାଇଁ ଉଦ୍ଦିଷ୍ଟ ।

ଶ୍ରୀକୃଷ୍ଣ ଗିରିଗୋବର୍ଦ୍ଧନ ପୂଜା କରାଇବା ଘଟଣାରୁ ଧରଣୀ ମାତାର ପୂଜାର୍ଚ୍ଚନା କଥା ଜଣାପଡ଼େ । ଧରଣୀ ଆମ୍ଭମାନଙ୍କର ମାତା କାରଣ ସେ ଆମକୁ

ଖାଦ୍ୟ ଯୋଗାଉଛି, ପାନୀୟ ଜଳ ଯୋଗାଉଛି ଓ ବସବାସ କରିବା ପାଇଁ ସମସ୍ତ ସାମଗ୍ରୀ ଯୋଗାଉଛି । ଧରଣୀ ମାତା ପରି ଗୋମାତା ମଧ୍ୟ ପୂଜନୀୟା । ତେଣୁ ଶ୍ରୀକୃଷ୍ଣ ଗୋ ସେବା କରୁଥିଲେ । ସେମାନଙ୍କୁ ଚରାଇବାକୁ ନେଉଥିଲେ, ଖାଇବା ପିଇବା କଥା ବୁଝୁଥିଲେ ଓ ଗୋ ସେବା କରିବାକୁ ଅନ୍ୟମାନଙ୍କୁ ପରାମର୍ଶ ଦେଉଥିଲେ । ଶ୍ରୀରାମ ଓ ଶ୍ରୀକୃଷ୍ଣ ସ୍ୱୟଂ ବିଷ୍ଣୁ ମର୍ତ୍ତ୍ୟମଣ୍ଡଳରେ ନର ରୂପରେ ଅବତୀର୍ଣ୍ଣ ହୋଇଥିଲେ । ସେମାନଙ୍କ କାର୍ଯ୍ୟକଳାପରୁ ବହୁ ଅଲୌକିକତାର ପ୍ରମାଣ ମିଳେ । ପ୍ରଥମେ ଶ୍ରୀରାମଙ୍କ କଥା ....

ଶ୍ରୀରାମଙ୍କ କଥା ବିଚାରକୁ ନିଆଯାଉ । ଶ୍ରୀରାମ ଜନ୍ମ ହେବା ମାତ୍ରେ ଶଙ୍ଖଚକ୍ର ଗଦା ପଦ୍ମଧାରୀ ନାରାୟଣ ରୂପ ଦର୍ଶନ ଦେଇଥିଲେ । ତାଙ୍କର ପାଦ ଏକ ପଥର ଉପରେ ପଡ଼ିବାରୁ ଏକ ନାରୀ ମୂର୍ତ୍ତିର ଉଦ୍ଭବ ହେଲା । ସେ ନାରୀ ଥିଲେ ଅହଲ୍ୟା । ବନବାସ ସମୟରେ ସୀତା ଚୋରି ହୋଇଗଲା ପରେ ଶ୍ରୀରାମଙ୍କୁ ବାରମ୍ବାର ପ୍ରଣାମ କରୁଥିବା ଦେଖି ସତୀ ଶିବଙ୍କୁ କହିଲେ ଯେ ସେ ନିଜେ ତ୍ରୈଲୋକେଶ୍ୱର ଅଟନ୍ତି । ଜଣେ କ୍ଷତ୍ରିୟ ସନ୍ତାନଙ୍କୁ ପ୍ରଣାମ କରିବାର ଉଦ୍ଦେଶ୍ୟ କ'ଣ । ଶିବ ସତୀଙ୍କୁ ବୁଝାଇଦେଲେ ଯେ ସ୍ୱୟଂ ବିଷ୍ଣୁ ନରରୂପ ଧାରଣ କରି ମାନବ ଲୀଳା କରୁଛନ୍ତି । ସତୀଙ୍କର ଏ କଥାରେ ବିଶ୍ୱାସ ଆସିଲା ନାହିଁ । ସେ ପୁନର୍ବାର କହିଚାଲିଲେ ଯେ ଶ୍ରୀରାମ ଯଦି ସ୍ୱୟଂ ବିଷ୍ଣୁ ତେବେ ତାଙ୍କ ପତ୍ନୀଙ୍କୁ କିଏ ଚୋରାଇ ନେଲା ସେ କ'ଣ ଜାଣନ୍ତି ନାହିଁ । ସେ ସମସ୍ତଙ୍କୁ ପଚାରୁଛନ୍ତି କାହିଁକି ? ଶିବ ପତ୍ନୀଙ୍କ କଥାରେ ଘୋର ଅସନ୍ତୁଷ୍ଟ ହେଲେ ଏବଂ ସେ ପରୀକ୍ଷା କରିପାରନ୍ତି ବୋଲି କହି ଶ୍ରୀରାମଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ସତୀ ଶୂନ୍ୟମାର୍ଗରୁ ଓହ୍ଲାଇ ଆସି ସୀତା ରୂପ ଧାରଣ କରି ଶ୍ରୀରାମଙ୍କ ସମ୍ମୁଖରେ ଠିଆ ହୋଇ ଯିବାରୁ ଅନ୍ତର୍ଯାମୀ ଶ୍ରୀରାମ ତାଙ୍କୁ ନମସ୍କାର କରି ସେ ଏକାକିନୀ ଏଠାରେ ପରିଭ୍ରମଣ କରୁଛନ୍ତି କାହିଁକି, ଦେବ ଦେବ ମହାଦେବ କେଉଁଠାରେ ଅଛନ୍ତି ବୋଲି ପ୍ରଶ୍ନ କଲେ । ଲଜ୍ଜାରେ ଛଦ୍ମବେଶୀ ସୀତାଙ୍କର ମୁହଁ ଲାଲ ହୋଇଗଲା ଏବଂ ସେ ପୁନର୍ବାର ସତୀ ରୂପ ଧରିଲେ । ଶ୍ରୀରାମଙ୍କ ନିକଟରେ ନିଜର ଅପରାଧ ଲାଗି ସେ କ୍ଷମା ମାଗି ଶିବଙ୍କ ନିକଟକୁ ଚାଲିଗଲେ । ଶିବଙ୍କ ଧ୍ୟାନଭଗ୍ନ ପରେ ସେ ସତୀଙ୍କୁ ପରୀକ୍ଷା କଲ କି ନାହିଁ ପଚାରିବାରୁ ସତୀ ମିଥ୍ୟା କହିବାକୁ ବାଧ୍ୟ ହେଲେ । ଶ୍ରୀରାମ ସ୍ୱୟଂ ପରଂବ୍ରହ୍ମ ବିଷ୍ଣୁ ବୋଲି ତାଙ୍କର ଧାରଣା ହୋଇଥିବାରୁ ପରୀକ୍ଷା କରିବାର ଆବଶ୍ୟକତା ପଡ଼ିଲା ନାହିଁ । ଶିବ ସତୀଙ୍କ କଥାକୁ ବିଶ୍ୱାସ ନ କରି ଧ୍ୟାନରେ ବସି ସବୁ ଜାଣି ପାରିଲେ । ସେ କ୍ରୋଧବଶତଃ ଏ ଭଳି ସ୍ତ୍ରୀଙ୍କ ସହ ବସବାସ କରିବା ଆଉ ଉଚିତ ନୁହେଁ ବୋଲି କହି ପକାଇଲେ । ଏଠାରେ ପ୍ରକାଶ କରାଯାଇପାରେ ଯେ ଏହାପରେ ଦକ୍ଷଯଜ୍ଞ ଅନୁଷ୍ଠିତ ହୋଇଥିଲା ଏବଂ

ସତୀ ଅଗ୍ନିରେ ଆତ୍ମାହୁତି ଦେଇଥିଲେ । ଏ ଉଦାହରଣରୁ ଶ୍ରୀରାମ ଅନ୍ତର୍ଯାମୀ ବିଷ୍ଣୁ ବୋଲି ନିଃସନ୍ଦେହରେ କୁହାଯାଇପାରେ ।

ତୁଳସୀ ରାମାୟଣରୁ ଅନ୍ୟ ଏକ ଉଦାହରଣ ମଧ୍ୟ ନିଆଯାଇପାରେ । ଶ୍ରୀରାମ ଓ ଲକ୍ଷ୍ମଣ ଯେତେବେଳେ ନାଗପାଶରେ ବନ୍ଧା ହୋଇଥିଲେ ଗରୁଡ଼ଙ୍କୁ ଡକାଯାଇ ସେମାନଙ୍କୁ ନାଗପାଶରୁ ମୁକ୍ତ କରାଯାଇଥିଲା । ଗରୁଡ଼ ଏ କାର୍ଯ୍ୟ କଲେ ସତ, ମାତ୍ର ତାଙ୍କ ମନରେ ଟିକିଏ ସନ୍ଦେହ ରହିଗଲା । ସେ ତ ବିଷ୍ଣୁଙ୍କ ସେବକ, ବିଷ୍ଣୁଙ୍କ ବ୍ୟତୀତ ଅନ୍ୟ କାହାର ସେବା କରନ୍ତି ନାହିଁ । ଏ ସନ୍ଦେହ ମୋଚନ ପାଇଁ ସେ ଦେବ ଦେବ ମହାଦେବଙ୍କୁ ଶ୍ରୀରାମ ସତେ କ'ଣ ବିଷ୍ଣୁ, ଏ ପ୍ରଶ୍ନ ପଚାରିଥିଲେ । ମହାଦେବ ଗରୁଡ଼ଙ୍କର ସନ୍ଦେହ ମୋଚନ କରିବା ପାଇଁ ତାଙ୍କୁ ଭୂଷଣ୍ଡକାକଙ୍କ ନିକଟକୁ ପଠାଇଲେ । ଗରୁଡ ଭୂଷଣ୍ଡ କାକଙ୍କୁ ସାକ୍ଷାତ କରି ସେ ପ୍ରଶ୍ନ ତାଙ୍କୁ ପଚାରିଥିଲେ । ଭୂଷଣ୍ଡ କାକ ଶ୍ରୀରାମଙ୍କର ବାଲ୍ୟାବସ୍ଥାର ଏକ ବିଷୟ ବର୍ଣ୍ଣନା କରିବାକୁ ଲାଗିଲେ । ଶ୍ରୀରାମ ଶିଶୁ ଥିବା ବେଳେ ରାଜବାଟିର ଉପବନରେ ବୁଲୁଥିବା ସମୟରେ ଭୂଷଣ୍ଡ କାକ ଯାଇ ଗୋଟିଏ ଛୋଟ ଗଛରେ ବସି ପଡ଼ିଲା । କାକକୁ ଧରିବା ପାଇଁ ଶ୍ରୀରାମ ହାତ ବଢ଼ାଇ ଦେବାରୁ କାକଟି ଉଡ଼ିଯାଇ ଆଉ ଏକ ଗଛରେ ବସିରହିଲା । ଦେଖିଲା ବେଳକୁ ଶ୍ରୀରାମଙ୍କ ହାତ ସେ ସ୍ଥାନ ପର୍ଯ୍ୟନ୍ତ ମଧ୍ୟ ଲମ୍ବି ଯାଇଛି । କାକ ଦୂରକୁ ଦୂରକୁ ଉଡ଼ିବାରେ ଲାଗିଲା ସତ ମାତ୍ର ଶ୍ରୀରାମଙ୍କ ହାତ ସେ ସ୍ଥାନ ପର୍ଯ୍ୟନ୍ତ ଲମ୍ବି ଯାଉଥିଲା । ସାରା ପୃଥିବୀ କାକ ବୁଲିଗଲା ମାତ୍ର ଶ୍ରୀରାମଙ୍କ ହାତ ତା ପଛରେ ରହିଥିବା ଦେଖି କାକ ବିସ୍ମିତ ହୋଇଗଲା । ଏପରି ଅବସ୍ଥାରେ ଶ୍ରୀରାମ ଟିକିଏ ହସିଦେଲେ ଏବଂ କାକଟି ଏ ସୁବିଧା ପାଇ ପାଟିବାଟ ଦେଇ ତାଙ୍କ ଉଦର ମଧ୍ୟକୁ ଚାଲିଗଲା । ଉଦର ମଧ୍ୟରେ ସେ ଦେଖିବାକୁ ପାଇଲା ବ୍ରହ୍ମା, ଶଙ୍କର, ଇନ୍ଦ୍ରାଦି ସର୍ବଦେବ ଗଣ, ଗନ୍ଧର୍ବ ଯକ୍ଷ ଗଣ ସର୍ବମୁନିଋଷି, ସ୍ଥାବର, ଜଙ୍ଗମ ଏବଂ ବିଶ୍ୱରେ ଥିବା ସମସ୍ତ ପ୍ରାଣୀ । ସକଳ ନଦନଦୀ ପର୍ବତ ଉଦର ମଧ୍ୟରେ ରହିଥିବା ସେ ଲକ୍ଷ୍ୟ କଲା । ଏ ସବୁ ଦେଖି ସେ ଆତ୍ମହରା ହୋଇଗଲା ବେଳେ ଶ୍ରୀରାମ ପାଟି ଆଁ କରି ଦେବା ମାତ୍ରେ କାକଟି ବାହାରକୁ ଚାଲିଆସିଲା । ଶ୍ରୀରାମଙ୍କ ପାଦତଳେ ପଡ଼ିଯାଇ ଭକ୍ତି ମାଗିବା ସହ ରାମକଥାମୃତ ପରିବେଷଣ କରିବାର ଆଗ୍ରହ ଓ ସାମର୍ଥ୍ୟ ଭିକ୍ଷା କଲେ । ଏ ଉପାଖ୍ୟାନ ଭୂଷଣ୍ଡ କାକ ମୁହଁରୁ ଶୁଣି ଗରୁଡ଼ଙ୍କର ସମସ୍ତ ସନ୍ଦେହ ଦୂରୀଭୂତ ହେଲା ଏବଂ ଶ୍ରୀରାମ ସ୍ୱୟଂ ବିଷ୍ଣୁ ବୋଲି ତାଙ୍କର ହୃଦ୍‌ବୋଧ ହେଲା ।

ଶ୍ରୀକୃଷ୍ଣଙ୍କ ଅଲୌକିକତାର ପଟାନ୍ତର ନାହିଁ । ଜନ୍ମ ହେବା ମାତ୍ରେ ତାଙ୍କ ରୂପର ବର୍ଣ୍ଣନାରୁ ସେ ସ୍ୱୟଂ ବିଷ୍ଣୁ ବୋଲି ଜଣାପଡ଼ନ୍ତି । ଶ୍ରୀଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣନା ଅଛି,

ଆକାଶେ ଉଦେ ନିଶାକର
ଗୋବିନ୍ଦ ଉଦରୁ ବାହାର ।
ନୀଳଜୀମୂତ ଦେହକାନ୍ତି
ବଳୟ ମଣି ଝଟକନ୍ତି ।
ପୀତବସନ କଟିଶୋହେ
ରୂପେ କୋଟିଏ କାମମୋହେ ।
କଟି ମେଖଳା ସୁନା ସୁତା
ହୃଦରେ ପଦକ ପଇତା ।
କିରୀଟ କୁଣ୍ଡଳ କଙ୍କଣ
ପାଦେ ନୂପୁର ରୁଣଝୁଣ ।
ଦିଶଇ ଶଙ୍ଖଚକ୍ର ତେଜ
ମର୍କତ ସ୍ତମ୍ଭ ଚତୁର୍ଭୁଜ ।
ଗଦା କମଳ ଶଙ୍ଖ ଚକ୍ର
ଅଧର ଓଷ୍ଠ ରଙ୍ଗନେତ୍ର ।
ଶ୍ରୀବତ୍ସ ଚିହ୍ନ ହୃଦେ ଶୋହେ
ରତ୍ନ ପାଦୁକା ବେନି ପାୟେ ।
ଅପୂର୍ବ ରୂପ ଯୋଗେଶ୍ୱର
ଦେବମାନବେ ଅଗୋଚର ।।

ଶଙ୍ଖଚକ୍ର ଗଦା ପଦ୍ମ ଧାରଣ କରି, ହୃଦୟରେ ଶ୍ରୀବତ୍ସ ଚିହ୍ନ ଓ ପାଦରେ ରତ୍ନ ପାଦୁକା ସହ ଯୋଗେଶ୍ୱର ଶ୍ରୀକୃଷ୍ଣ ଆବିର୍ଭୂତ ହୋଇଥିଲେ । ମାତା ପିତାଙ୍କୁ ସେମାନଙ୍କର ପୂର୍ବଜନ୍ମ ଚରିତ କହି ସେମାନଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ସୂଚନା ଦେଲେ । ଏହାପରେ ସେ ସାଧାରଣ ବାଳକ ରୂପ ଧାରଣ କରିବାରୁ ପିତା ବସୁଦେବ ତାଙ୍କୁ ଶିରରେ ଧାରଣ କରି ଅଗ୍ରସର ହେବା ମାତ୍ରେ ଲୁହା ଶିକୁଳି ଆପେ ଆପେ ଫିଟିଗଲା, ବନ୍ଦୀ ଘରର କବାଟ ଖୋଲି ହୋଇଗଲା ଏବଂ ଯମୁନା ଜଳ ଦୁଇଭାଗ ହୋଇ ଯାଇ ବସୁଦେବଙ୍କୁ ବାଟ ଦେଖାଇଦେଲା । ନନ୍ଦ ପୁରରେ ସମସ୍ତେ ଅଚେତ

ଥିବା ବେଳେ ଯଶୋଦାଙ୍କ ନିକଟରୁ କନ୍ୟାକୁ ଆଣି ଏ ପୁତ୍ରକୁ ତାଙ୍କ କୋଳରେ ରଖି ବସୁଦେବ ବନ୍ଦୀଘରକୁ ଫେରି ଆସିଲେ । ଆସିଯିବା ପରେ ପୁନର୍ବାର ଶିକୁଳି ଦେହ ହାତରେ ଲାଗିଲା ଓ ଦ୍ୱାର କବାଟ ବନ୍ଦ ହୋଇଗଲା । ନନ୍ଦପୁରରେ ଛଅ ଦିନ ବୟସରେ ପୂତନା ରାକ୍ଷସୀକୁ ବଧ କରିବା ଅଲୌକିକତାର ଏକ ନମୁନା । ଗୋପ ପୁରରେ ଶକଟାସୁର, ବକାସୁର, ଅଘାସୁର ଆଦି ଭୟଙ୍କର ରାକ୍ଷସମାନଙ୍କୁ ନିଧନ କରିବା, କାଳୀୟ ପରି ବିଷଧର ସର୍ପକୁ ଦଳନ କରିବା, କାଣି ଆଙ୍ଗୁଠିରେ ଗୋବର୍ଦ୍ଧନ ଗିରିକୁ ଧରି ରଖିବା ଶ୍ରୀକୃଷ୍ଣଙ୍କ ଅଲୌକିକତାର ନିଦର୍ଶନ । ଗୁରୁ ସନ୍ଦିପନିଙ୍କର ମୃତପୁତ୍ରକୁ ଫେରାଇ ଆଣିବା ଆଉ ଏକ ଉଦାହରଣ । ପ୍ରିୟ ସଖା ଅର୍ଜୁନଙ୍କର ମୋହ ଭଙ୍ଗ କରିବା ପାଇଁ ଶ୍ରୀକୃଷ୍ଣଙ୍କୁ ବିଶ୍ୱରୂପ ଦେଖାଇବାକୁ ପଡ଼ିଥିଲା । ସ୍ୱଚକ୍ଷୁରେ ବିଶ୍ୱରୂପ ଦର୍ଶନ କରିବା ସମ୍ଭବପର ନୁହେଁ, ଏଥିପାଇଁ ସେ ଅର୍ଜୁନଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କରିଥିଲେ । ସେ ଐଶ୍ୱରିକ ରୂପରେ ଅନେକ ମୁଖ, ଅନେକ ନେତ୍ର, ଅନେକ ଅଦ୍ଭୁତ ଦର୍ଶନୀୟ ବସ୍ତୁ ଅନେକ ଦିବ୍ୟ ଆଭରଣ ଓ ଅନେକ ଦିବ୍ୟ ଆୟୁଧ ବିଦ୍ୟମାନ ଥିଲା । ବିଶ୍ୱରୂପରେ ସମସ୍ତ ଦେବତା, ପ୍ରାଣୀବର୍ଗ, ସୃଷ୍ଟିକର୍ତ୍ତା ବ୍ରହ୍ମା, ସମସ୍ତ ଋଷି ଓ ସର୍ପ ସମୁହଙ୍କୁ ଅର୍ଜୁନ ଦେଖିବାରେ ଲାଗିଲେ । ବିଶ୍ୱରୂପର ଆଦି, ଅନ୍ତ ଓ ମଧ୍ୟ ସେ କିଛି ଜାଣିପାରିଲେ ନାହିଁ । କିରୀଟି, ଗଦା ଓ ଚକ୍ରଧାରୀ, ତେଜପୁଞ୍ଜ ସ୍ୱରୂପ, ପ୍ରଦୀପ୍ତ ଅଗ୍ନି ଓ ସୂର୍ଯ୍ୟଙ୍କ ପରି ପ୍ରଭା ସମ୍ପନ୍ନ ସେ ରୂପକୁ ଦେଖିବା କଷ୍ଟକର ହେଉଥିଲା । ରୁଦ୍ରଗଣ, ଆଦିତ୍ୟଗଣ, ବସୁଗଣ, ଦେବଗଣ, ପିତୃଗଣ, ଯକ୍ଷ, ଅସୁର ଓ ସିଦ୍ଧଗଣ ସମସ୍ତେ ବିସ୍ମୟାବିଷ୍ଟ ହୋଇ ସେ ବିଶ୍ୱରୂପକୁ ଦର୍ଶନ କରୁଥିବା ଅର୍ଜୁନ ଲକ୍ଷ୍ୟ କଲେ । ଅର୍ଜୁନ, ଗଗନସ୍ପର୍ଶୀ ତେଜମୟ, ନାନାବର୍ଣ୍ଣ ବିଶିଷ୍ଟ, ପ୍ରସାରିତ ମୁଖ ଓ ଅତି ଉଜ୍ଜଳ ବିଶାଳ ନେତ୍ର ବିଶିଷ୍ଟ ମୂର୍ତ୍ତି ଦର୍ଶନ କରି ଭୀତତ୍ରସ୍ତ ହୋଇ ଧୈର୍ଯ୍ୟହରା ହେଲେ ଓ ଶାନ୍ତି ଲାଭ କରି ପାରିଲେ ନାହିଁ । ଧୃତରାଷ୍ଟ୍ରଙ୍କ ପୁତ୍ରମାନେ, ଅନ୍ୟାନ୍ୟ ରାଜାଗଣ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ ଏବଂ ପାଣ୍ଡବ ପକ୍ଷର ଯୋଦ୍ଧାମାନେ ସମସ୍ତେ ବିଶ୍ୱରୂପଙ୍କର ଭୟଙ୍କର ମୁଖ ଗହ୍ୱର ମଧ୍ୟରେ ପ୍ରବଳ ବେଗରେ ପ୍ରବେଶ କରୁଥିବା ଓ କାହାରି କାହାରି ମସ୍ତକ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଉଥିବା ଏବଂ ସେମାନେ ବିଶ୍ୱରୂପଙ୍କ ଦାନ୍ତ ସନ୍ଧିରେ ସଂଲଗ୍ନ ହୋଇ ରହିଥିବା ଅର୍ଜୁନ ଲକ୍ଷ୍ୟକଲେ । ପୁନଶ୍ଚ, ସେ ବିଶ୍ୱରୂପ ପ୍ରଜ୍ୱଳିତ ବଦନ ଦ୍ୱାରା ସମସ୍ତ ଲୋକଙ୍କୁ ଗ୍ରାସ କରିବାକୁ ଇଚ୍ଛା କରି ଜିହ୍ୱା ଚାଳନା ଦ୍ୱାରା ସତେ ଯେପରି ଚାରି

ଆଡ଼କୁ ବାରମ୍ବାର ଲେହନ କରୁଥାନ୍ତି । ଏ ଅପୂର୍ବରୂପ ଦର୍ଶନ କରି ଅର୍ଜୁନଙ୍କର ମୋହ ଭଙ୍ଗ ହେଲା ଏବଂ ଶ୍ରୀକୃଷ୍ଣ ହେଉଛନ୍ତି ସ୍ୱୟଂ ପରବ୍ରହ୍ମ ବିଷ୍ଣୁ, ଏକଥା ତାଙ୍କର ହୃଦ୍‌ବୋଧ ହେଲା ।

ଶ୍ରୀରାମ ଓ ଶ୍ରୀକୃଷ୍ଣ ଜନ ସାଧାରଣଙ୍କ ପାଇଁ କେତେକ ମୂଲ୍ୟବାନ ପରାମର୍ଶ ଦେଇଯାଇଅଛନ୍ତି । ଭଗବାନଙ୍କର ପରମ ପଦ ଲାଭ କରିବାକୁ ହେଲେ ମାନ ଓ ମୋହ ପରିତ୍ୟାଗ କରିବା ନିତାନ୍ତ ଦରକାର । ଉଚ୍ଚକୁଳରେ ଜାତ ବୋଲି ମାନ ଅଭିମାନ କରିବା, ଧନ ସମ୍ପତ୍ତି ଅଛି ବୋଲି ଧନୀବୋଲି ନିଜକୁ ଭାବିବା, ଶାରୀରିକ ବଳକୁ ନେଇ ଗର୍ବ କରିବା ଏବଂ ଅଗାଧ ଜ୍ଞାନ ସାଗରରୁ କେତେ ଆଞ୍ଜୁଳା ଜ୍ଞାନ ଆହରଣ କରିଥିବାରୁ ଜ୍ଞାନୀ ବୋଲି କହି ଡିଣ୍ଡିମ ପିଟୁଥିବା ବ୍ୟକ୍ତିମାନେ ଭଗବାନଙ୍କ ଠାରୁ ବହୁ ଦୂରରେ । ସେହିପରି ମୋ ଘର, ମୋ ପରିବାର ମୁଁ କର୍ତ୍ତା ବୋଲି ବିଚାର କରୁଥିବା ମୋହଗ୍ରସ୍ତ ବ୍ୟକ୍ତିଗଣ ଭଗବାନଙ୍କ ନିକଟବର୍ତ୍ତୀ ନୁହଁନ୍ତି । ଦ୍ୱିତୀୟତଃ, ଆସକ୍ତି ଦୂର କରିବା ନିତାନ୍ତ ଦରକାର । ଅନାସକ୍ତ ନ ହେଲେ ସାଧନା ପଥରେ ନାନା ବାଧା ଦେଖାଯିବା ନିଶ୍ଚିତ । ଯେଉଁ ଭଗବାନ ଏ କଥା କହିଛନ୍ତି ସେ ମନୁଷ୍ୟ ହୋଇ ଜୀବନ ଯାପନ କରୁଥିବା ବେଳେ ସେ ସବୁ ଆଚରଣ କରିଯାଇ ଅଛନ୍ତି । ଅଯୋଧ୍ୟାରେ ଦଶରଥଙ୍କ ପୁତ୍ର ଶ୍ରୀରାମ ରାଜବାଟିରେ ଥିବା ବେଳେ କେତେ ସୌଖିନ୍ ଜୀବନ ଯାପନ କରୁନଥିବେ । ମାତ୍ର ବନ ବାସ ସମୟରେ କୁଡ଼ିଆ ମଧ୍ୟରେ ପତ୍ର ଉପରେ ଶୟନ କରି ଓ ନିଜ ହାତକୁ ତକିଆ କରି ଗଭୀର ନିଦ୍ରା ଯାଉଥିଲେ । ଅଯୋଧ୍ୟା ପରି ରାଜ୍ୟ ଓ ରାଜ ଭୋଗ ଛାଡ଼ିଲେ ସୁଦ୍ଧା ସେ ବ୍ୟଥିତ ହେଉ ନଥିଲେ । ସେହିପରି ଶ୍ରୀକୃଷ୍ଣ ଦ୍ୱାରିକାର ରାଜା ହୋଇଥିଲେ ସୁଦ୍ଧା ପାଣ୍ଡବମାନେ ଶିବିର ମଧ୍ୟରେ ଶୟନ କରୁଥିବା ସମୟରେ ରାତି ସାରା ପହରା ଦେଉଥିଲେ । ତୃତୀୟତଃ, ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟେକ ଦିନ ଧର୍ମଶାସ୍ତ୍ର ପଠନ ବା ଶ୍ରବଣ କରିବା, ଭଗବାନଙ୍କର ନାମ ଜପ କରିବା, ମାହାତ୍ମ୍ୟ ଚିନ୍ତା କରିବା ପରମ ପଦ ଲାଭ କରିବାର ଏକ ପ୍ରଧାନ ସୋପାନ । ଯାହାକୁ ଅନ୍ୟ କିଛି ଆସେ ନାହିଁ; ସେ ମହାମନ୍ତ୍ର ଯଥା, ହରେ ରାମ ହରେ ରାମ ରାମ ହରେ ହରେ । ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ଯଦି ଜପ କରେ ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପଣାମ କରେ, ତା'ର ସମସ୍ତ ପାପ କ୍ଷୟ ହୋଇଥାଏ । ସେଥିପାଇଁ ଯଥାର୍ଥରେ କୁହାଯାଇଛି,

ଏକୋଽପି କୃଷ୍ଣସ୍ୟ କୃତପ୍ରଣାମଃ
ଦଶାଶ୍ୱମେଧାବଭୃତୈର୍ନତୁଲ୍ୟଃ ।
ଦଶାଶ୍ୱମେଧୀ ପୁନରେତି ଜନ୍ମ
କୃଷ୍ଣ ପ୍ରଣାମୀ ନ ପୁନର୍ଭବାୟ ।।

ଅର୍ଥାତ୍, ଏକବାର କୃଷ୍ଣଚନ୍ଦ୍ରଙ୍କୁ ପ୍ରଣାମ କଲେ ଦଶାଶ୍ୱମେଧ ଯଜ୍ଞ ଠାରୁ ଅଧିକ ଫଳ ମିଳିଥାଏ । କାରଣ ଦଶାଶ୍ୱମେଧ ଯଜ୍ଞାନୁଷ୍ଠାନ କଲେ ବି ପୁନର୍ଜନ୍ମ ହୋଇଥାଏ ମାତ୍ର କୃଷ୍ଣ ପ୍ରଣାମକାରୀର ଆଉ ପୁନର୍ଜନ୍ମର ପ୍ରଶ୍ନ ଉଠି ନଥାଏ । ଦୀନକୃଷ୍ଣ ଦାସ ରସ କଲ୍ଲୋଳରେ ଲେଖିଛନ୍ତି,

କୃଷ୍ଣ ନାମରେ ପାପ କ୍ଷୟ ଯେତେ ।
କରି ନ ପାରେ ପାପୀ ପାପ ତେତେ ।।

ତୁଳସୀ ଦାସ ରାମ ଚରିତ ମାନସରେ ଲେଖିଛନ୍ତି,

କାମଧେନୁ ସତ କୋଟି ସମାନା ।
ସକଲ କାମ ଦାୟକ ଭଗବାନା ।।

ଚତୁର୍ଥତଃ, କାମନାକୁ ବଶୀଭୂତ କରି ରଖିବା ଏକାନ୍ତ ଆବଶ୍ୟକ । ମନୁଷ୍ୟର କାମନା ହେଉଛି ଅସୀମ । ଗୋଟିଏ କାମନା ପରିପୂର୍ଣ୍ଣ ହେଲେ ଅନ୍ୟ ଗୋଟିଏ ଉଦ୍ଭବ ହୋଇଥାଏ । ଏ ଭଳି ମଣିଷ ଆମେ ସମାଜରେ ପାଇବା ନାହିଁ ଯେ ସମସ୍ତ କାମନା ପରିପୂର୍ଣ୍ଣ କରିପାରିଛି । ଆମର ସମ୍ବଳ ହେଉଛି ସୀମିତ ମାତ୍ର ଅଭାବ ଅସୀମ । ତେଣୁ ଆମେ ଚଳିବା ପାଇଁ ଯେତିକି ଦରକାର ସେ ସବୁ କାମନା ପରିପୂର୍ଣ୍ଣ କରିବା ଦରକାର । ଅଧିକର ଆବଶ୍ୟକତା ନ ରହିବା ଦରକାର । ପଞ୍ଚମତଃ, ଆମକୁ ଦ୍ୱନ୍ଦମୁକ୍ତ ହେବାକୁ ପଡ଼ିବ । ସୁଖଦୁଃଖ, ଶୁଭ ଅଶୁଭ, ଭଲ ମନ୍ଦ, ମାନ ଅପମାନ, ଲାଭକ୍ଷତି ରୂପକ ଦ୍ୱନ୍ଦରୁ ଜଣେ ମୁକ୍ତ ହେଲେ ତା'ର ଜୀବନ ସୁଖମୟ ହେବ, ଏହା ନିଃସନ୍ଦେହ । ଅବଶ୍ୟ, ଏ ଦିଗରେ ଜଣେ ସାଧନା ନକଲେ ଏପରି ଏକ ଉଚ୍ଚସ୍ତରକୁ ଜଣେ ଆସି ପାରିବ ନାହିଁ । ଅତଏବ୍, ମାନ ମୋହ ପରିତ୍ୟାଗ, ଆସକ୍ତି ବର୍ଜନ, ଅଧ୍ୟାତ୍ମବିଦ୍ୟା ପ୍ରତ୍ୟହ ଗ୍ରହଣ, କାମନା ବଶୀଭୂତ କରିବା ଏବଂ ଦ୍ୱନ୍ଦମୁକ୍ତ ହେବା, ଏ ପଞ୍ଚ ସୋପାନ ଅତିକ୍ରମ କଲେ ପରମପଦ ଲାଭ କରିହେବ ।

ଶ୍ରୀରାମ ଓ ଶ୍ରୀକୃଷ୍ଣ ବିଷ୍ଣୁଙ୍କ ଅବତାର ହୋଇଥିବାରୁ ସେମାନଙ୍କ ଲୀଳା ପାଇଁ ଯୋଗମାୟାଙ୍କ ସହାୟତା ଦରକାର ହୋଇଥିଲା । ଶ୍ରୀରାମ ସ୍ୱୟଂ ବିଷ୍ଣୁ, ଲକ୍ଷ୍ମଣ

ଅନନ୍ତ ଏବଂ ଦେବୀ ସୀତା ଯୋଗମାୟା । ଏ ତିନିଜଣ ବନବାସ କରିବାକୁ ଯାଇଥିଲେ ଏବଂ ଅସୁର ନିପାତ, ସାଧୁ ସନ୍ଥଙ୍କ ରକ୍ଷଣାବେକ୍ଷଣ ଓ ଧର୍ମ ସଂସ୍ଥାପନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସେହିପରି ଶ୍ରୀକୃଷ୍ଣ ଆବିର୍ଭୂତ ହେବା ପୂର୍ବରୁ ବଳରାମ ରୂପରେ ଅନନ୍ତ, ବିଜୁଳି କନ୍ୟା ରୂପରେ ଯୋଗମାୟା ଧରା ଧାମକୁ ଆସିଥିଲେ । ଶ୍ରୀକୃଷ୍ଣ ଓ ଯୋଗମାୟା ଏକ ସମୟରେ ଜନ୍ମ ଲାଭ କଲେ । ଏ ତ୍ରିଶକ୍ତି ଯୋଗୁ ଜଗତ କଲ୍ୟାଣ ସମ୍ବନ୍ଧୀୟ ସମସ୍ତ ଲୀଳା ସମ୍ପାଦିତ ହେଲା ।

ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କର ସମସ୍ତ କାର୍ଯ୍ୟ ଜଗତ କଲ୍ୟାଣ ପାଇଁ ଉଦ୍ଦିଷ୍ଟ । ସାଧାରଣ ମନୁଷ୍ୟ ସେମାନଙ୍କ କାର୍ଯ୍ୟକୁ ସମାଲୋଚନା କରିବା ଧୃଷ୍ଟତା । ନିଜର ମାପ କାଠିରେ ମାପିବାକୁ ଚେଷ୍ଟା କରାଯାଉଥିବାରୁ ସେମାନଙ୍କର ଦୋଷ ତ୍ରୁଟି ଦୃଷ୍ଟିକୁ ଆସିଥାଏ । ମାତ୍ର ଗଭୀର ସାଗରକୁ ଗୋଟେ ୬ ଇଞ୍ଚିଆ କାଠିରେ ମପା ଯାଇ ପାରେକି ? ପରୋକ୍ଷରେ ବାଳିବଧ କରିବା, ସୀତାଙ୍କୁ ନିର୍ବାସନ ଦଣ୍ଡ ଦେବା ଶ୍ରୀରାମଙ୍କର ଦୋଷ ବୋଲି କେତେକ ବ୍ୟକ୍ତି ମତବ୍ୟକ୍ତ କରିଥାନ୍ତି । ମାତ୍ର ଏ ଉଭୟ କାର୍ଯ୍ୟ ପାଇଁ ବଳିଷ୍ଠ ଯୁକ୍ତି ରହିଛି, ତାହା ଅନୁଧ୍ୟାନ କରାଯାଇପାରେ । ସେହିପରି ଶ୍ରୀକୃଷ୍ଣଙ୍କ କୂଟନୀତି, ରାଧା ଓ ଗୋପୀମାନଙ୍କ ସହିତ ସମ୍ପର୍କକୁ କେତେକ ବ୍ୟକ୍ତି ଅନ୍ୟ ଦୃଷ୍ଟିରେ ଦେଖିଥାନ୍ତି । ମାତ୍ର ଭାଗବତରେ ବର୍ଣ୍ଣିତ କୃଷ୍ଣ ଚରିତ୍ରକୁ ଦୃଷ୍ଟି ଦେଲେ ଯେ କେହି ଅନାୟାସରେ କହିବ ଯେ ଶ୍ରୀକୃଷ୍ଣ ଥିଲେ ଏକ ଶୁଦ୍ଧ ସାତ୍ତ୍ୱିକ ଚରିତ୍ର । ତାଙ୍କ ଚରିତ୍ରରେ କୌଣସି ଦାଗ ଦିଆଯାଇ ନପାରେ । ସେ ଯାହା ହେଉ ଶ୍ରୀରାମ ଓ ଶ୍ରୀକୃଷ୍ଣ ଯେଉଁ କାର୍ଯ୍ୟ କରିଯାଇଛନ୍ତି, ସେ ସବୁ ଅଲୌକିକ । ସେ ସବୁକୁ ଆମେ କରିପାରିବା ନାହିଁ । ମାତ୍ର ସେ ଯାହା ସବୁ କହିଯାଇଛନ୍ତି, ସେ ସବୁକୁ ଆମେ ଯଦି ଆମ ଜୀବନରେ କାର୍ଯ୍ୟକାରୀ କରି ପାରିବା ତେବେ ଆମର ଜୀବନ ମଧୁମୟ ହେବ ଏବଂ ଏକ ସୁସ୍ଥ ସମାଜ ଗଢ଼ିଉଠିବ ।

卐

ନବମ ଅଧ୍ୟାୟ

ନାମାମୃତ

ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା, ତାଙ୍କର ନାମ କୀର୍ତ୍ତନ କରିବା, ତାଙ୍କ ନିକଟରେ ଆତ୍ମ ସମର୍ପଣ କରିବା ଏବଂ ନିଷ୍ଠାର ସହ କର୍ତ୍ତବ୍ୟ ସମ୍ପାଦନ କରିବା ପରମ କର୍ତ୍ତବ୍ୟ । ଭଗବାନଙ୍କର ନାମ ସ୍ମରଣ କରିବା କଳିଯୁଗର ସର୍ବଶ୍ରେଷ୍ଠ ଧର୍ମ ବୋଲି ବିବେଚିତ । ଏହି ନାମ ସଂକୀର୍ତ୍ତନ କରି ଅନ୍ୟଯୁଗରେ ଭକ୍ତମାନେ ଅସାଧ ସାଧନ କରି ଯାଇଥିବା ପୁରାଣମାନଙ୍କରୁ ସୂଚନା ମିଳେ । ଭକ୍ତ ପ୍ରହ୍ଲାଦଙ୍କ କଥା, ଭକ୍ତ ହନୁମାନଙ୍କ କଥା ଓ ଭକ୍ତ ସୁଦାମାଙ୍କ କଥା କାହାକୁ ଅଗୋଚର ନୁହେଁ । ହନୁମାନଜୀ ଶ୍ରୀରାମଙ୍କ ନାମ ଉଚ୍ଚାରଣ କରି ସାତ ସମୁଦ୍ର ଡ଼େଇଁ ଯିବା, ଗନ୍ଧମାଦନ ପର୍ବତକୁ ଉପାଡି ହାତରେ ଧରି ଲକ୍ଷ ଲକ୍ଷ ଯୋଜନ ଉଡିଆସିବା, ହଜାର ହଜାର ଅସୁର ସୈନ୍ୟ ନିପାତ କରିବା ଆଦି କାର୍ଯ୍ୟରେ ସଫଳକାମ ହୋଇ ପାରିଥିଲେ । ଭକ୍ତ ସୁଦାମା, ବିଦୁର ଆଦି ନାମ କୀର୍ତ୍ତନ କରି ପରମ ଇଷ୍ଟ ଲାଭ କରି ପାରିଲେ । ପିତାମହ ଭୀଷ୍ମଙ୍କୁ ଯେତେବେଳେ ଯୁଧିଷ୍ଠିର ମହାରାଜା ପ୍ରଶ୍ନ କଲେ ଯେ (୧) ସଂସାରରେ ମୁଖ୍ୟ ଦେବତା କିଏ ? (୨) ସଂସାରରେ ମୁଖ୍ୟ ଆଶ୍ରୟ କିଏ ? (୩) କେଉଁ ଦେବତାଙ୍କୁ ସ୍ତୁତି କରି, ଅର୍ଚ୍ଚନା କରି ମନୁଷ୍ୟମାନେ କଲ୍ୟାଣ ଲାଭ କରିପାରିବେ ? (୪) ଶ୍ରେଷ୍ଠ ଧର୍ମ କ'ଣ ? (୫) କେଉଁ ମନ୍ତ୍ର ଜପ କଲେ ଲୋକ ଜନ୍ମ ବନ୍ଧନ ଓ ସଂସାର ବନ୍ଧନରୁ ମୁକ୍ତି ଲାଭ କରିପାରିବ ? ପିତାମହ ଭୀଷ୍ମ ଉତ୍ତର ଦେଲେ,

ଜଗତ୍ପ୍ରଭୁଂ ଦେବଦେବମ୍ ଅନନ୍ତଂ ପୁରୁଷୋତ୍ତମମ୍
ସ୍ତୁବନ୍ନାମ ସହସ୍ରେଣ ପୁରୁଷଃ ସତତୋତ୍‌ଥିତଃ ।
ତମେବ ଚାର୍ଚ୍ଚୟନ୍ନିତ୍ୟଂ ଭକ୍ତ୍ୟା ପୁରୁଷମବ୍ୟୟମ୍
ଧ୍ୟାୟନ୍ ସ୍ତୁବନ୍ ନମସ୍ୟଂଶ୍ଚ ଯଜମାନସ୍ତମେବ ଚ଼ ।।

ଅର୍ଥାତ୍, ଜଗତର ପ୍ରଭୁ, ସର୍ବଦେବତାଙ୍କର ପୂଜ୍ୟ, ଅନନ୍ତ ପୁରୁଷୋତ୍ତମଙ୍କୁ ଲୋକ ପ୍ରଯତ୍ନପୂର୍ବକ ସହସ୍ରନାମ ସ୍ତୋତ୍ରରେ ସ୍ତୁତି କଲେ ଏବଂ ଉକ୍ତ ଅବ୍ୟୟ, ନିତ୍ୟ, ନିରଞ୍ଜନ, ପୁରୁଷୋତ୍ତମଙ୍କୁ ଭକ୍ତି ପୂର୍ବକ ଅର୍ଚ୍ଚନା କଲେ ଜନ୍ମ ସଂସାର ବନ୍ଧନରୁ ମୁକ୍ତ ହେବ । ତେଣୁ ନାମ ସ୍ମରଣ କରିବା, ଜପ କରିବା ଓ ଧ୍ୟାନ କରିବା ମହତ୍ କାର୍ଯ୍ୟ ବୋଲି ବିବେଚନା କରାଯାଏ ।

ଭଗବାନଙ୍କର ଗୋଟିଏ ନାମ ହେଉଛି ହରି । ଯେ ପାପ, ତାପ, ଦୁଃଖ, କ୍ଳେଶ ହରଣ କରିନିଅନ୍ତି ସେ ହେଉଛନ୍ତି ହରି । ଦୀନକୃଷ୍ଣ ରସ କଲ୍ଲୋଳରେ ଲେଖିଛନ୍ତି,

କୃଷ୍ଣ ନାମରେ ପାପ କ୍ଷୟ ଯେତେ ।
କରି ନପାରେ ପାପୀ ପାପ ତେତେ ।।

ସେହିପରି ଯଥାର୍ଥରେ କୁହାଯାଇଛି,

ଏକୋଽପି କୃଷ୍ଣସ୍ୟ କୃତପ୍ରଣାମଃ
ଦଶାଶ୍ୱମେଧାବଭୃତୈର୍ନତୁଲ୍ୟଃ ।
ଦଶାଶ୍ୱମେଧୀ ପୁନରେତି ଜନ୍ମ
କୃଷ୍ଣ ପ୍ରଣାମୀ ନ ପୁନର୍ଭବାୟ ।। (୧)

ଅର୍ଥାତ୍, ଥରେ ମାତ୍ର କୃଷ୍ଣଙ୍କୁ ପ୍ରଣାମ କଲେ ଦଶାଶ୍ୱମେଧ ଯଜ୍ଞର ଫଳ ଠାରୁ ଅଧିକ ଫଳ ମିଳିଥାଏ । କାରଣ ଦଶାଶ୍ୱମେଧ ଯଜ୍ଞାନୁଷ୍ଠାନ କରିବା ବ୍ୟକ୍ତିର ପୁନର୍ଜନ୍ମ ଥାଏ, ମାତ୍ର କୃଷ୍ଣ ପ୍ରଣାମୀଙ୍କର ପୁନର୍ଜନ୍ମର ଆଶଙ୍କା ନଥାଏ । ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ମଧ୍ୟ କୁହାଯାଇଛି,

ବ୍ରଜେ ପ୍ରସିଦ୍ଧ ନବନୀତ ଚୌରଂ
ବ୍ରଜାଙ୍ଗନାନାଞ୍ଚ ଦୁକୂଳ ଚୌରମ୍ ।
ଅନେକ ଜନ୍ମାର୍ଜିତ ପାପ ଚୌରଂ
ଚୌରାଗ୍ରଗଣ୍ୟଂ ପୁରୁଷଂ ନମାମି ।।

ଅର୍ଥାତ୍, ଗୋପପୁରରେ ଲହୁଣି ଚୋରି କରୁଥିବା, ଗୋପୀମାନଙ୍କର ବସ୍ତ୍ର ଚୋରି କରିଥିବା, ଏବଂ ଅନେକ ଜନ୍ମର ସଞ୍ଚିତ ପାପ ଚୋରି କରୁଥିବା ଅଗ୍ରଗଣ୍ୟ ପୁରୁଷୋତ୍ତମଙ୍କୁ ନମସ୍କାର । ଭଗବାନଙ୍କ ଛଡା ପାପ ଚୋରି କରିବାର ଅଧିକାର ଆଉ କାହାର ନାହିଁ । ଭାଗବତକାର ଅତିବଡି ଜଗନ୍ନାଥ ଦାସଙ୍କ ଭାଷାରେ,

କୃଷ୍ଣର ଶ୍ରବଣ କୀର୍ତ୍ତନ ।
ଅଶେଷ ଦୁରିତ ଦହନ ।।

---

(୧) ମହାଭାରତ - ଶାନ୍ତିପର୍ବ - ୪୭ ଅଧ୍ୟାୟ - ୯୨ ଶ୍ଳୋକ ।

ବ୍ୟାସଦେବକୃତ ଶ୍ରୀମଦ୍ ଭାଗବତ ମହାପୁରାଣର ସର୍ବଶେଷ ଶ୍ଳୋକ ପ୍ରଣିଧାନ ଯୋଗ୍ୟ । ଯଥା,

ନାମ ସଂକୀର୍ତ୍ତନଂ ଯସ୍ୟ ସର୍ବପାପପ୍ରଣାଶନମ୍ ।
ପ୍ରଣାମୋ ଦୁଃଖଶମନସ୍ତଂ ନମାମି ହରିଂ ପରମ୍ ।। (୧)

ଅର୍ଥାତ୍, ଯେଉଁ ଭଗବାନଙ୍କ ନାମ ସଂକୀର୍ତ୍ତନ ସମସ୍ତ ପାପ ନଷ୍ଟ କରିଦିଏ ଓ ଯେଉଁ ଭଗବାନଙ୍କ ନିକଟରେ ଆତ୍ମସମର୍ପଣ ଏବଂ ଚରଣାରବିନ୍ଦରେ ପ୍ରଣତି ସବୁବେଳ ପାଇଁ ସମସ୍ତ ପ୍ରକାର ଦୁଃଖ ମୋଚନ କରେ, ସେହି ପରମତତ୍ତ୍ୱ ସ୍ୱରୂପ ଶ୍ରୀହରିଙ୍କୁ ନମସ୍କାର ।

ଭଗବାନଙ୍କର ସମସ୍ତ ନାମ ତାତ୍ପର୍ଯ୍ୟପୂର୍ଣ୍ଣ ମାତ୍ର କେଉଁ ସ୍ଥଳରେ କେଉଁନାମ ସ୍ମରଣ କଲେ ବେଶ୍ ଫଳପ୍ରଦ ହୁଏ ସେ ବିଷୟର ସୂଚନା ଦିଆଯାଇଅଛି । ଯଥା,

ଔଷଧେ ଚିନ୍ତୟେତ୍ ବିଷ୍ଣୁଂ
ଭୋଜନେ ଚ଼ ଜନାର୍ଦ୍ଦନମ୍ ।
ଶୟନେ ପଦ୍ମନାଭଂ ଚ଼
ବିବାହେ ଚ ପ୍ରଜାପତିମ୍ ।
ଯୁଦ୍ଧେ ଚକ୍ରଧରଂ ଦେବଂ
ପ୍ରବାସେ ଚ଼ ତ୍ରିବିକ୍ରମମ୍ ।
ନାରାୟଣଂ ତନୁ ତ୍ୟାଗେ
ଶ୍ରୀଧରଂ ପ୍ରିୟ ସଙ୍ଗମେ ।
ଦୁଃସ୍ୱପ୍ନେ ସ୍ମର ଗୋବିନ୍ଦଂ
ସଙ୍କଟେ ମଧୁସୂଦନମ୍ ।
କାନନେ ନରସିଂହ ଚ଼
ପାବକେ ଜଳ ଶାୟିନମ୍ ।
ଜଳମଧ୍ୟେ ବରାହଂ ଚ଼
ପର୍ବତେ ରଘୁନନ୍ଦନମ୍ ।
ଗମନଂ ବାମନଂ ଚୈ଼ବ
ସର୍ବ କାର୍ଯ୍ୟେଷୁ ମାଧବମ୍ ।।

(୧) ଶ୍ରୀମଦ୍ ଭାଗବତ - ଦ୍ୱାଦଶ ସ୍କନ୍ଧ - ତ୍ରୟୋଦଶ ଅଧ୍ୟାୟ- ୨୩ ଶ୍ଳୋକ

ଅର୍ଥାତ୍, ଔଷଧ ସେବନ କାଳରେ ବିଷ୍ଣୁ ନାମ, ଭୋଜନ ସମୟରେ ଜନାର୍ଦ୍ଦନ, ଶୟନ ସମୟରେ ପଦ୍ମନାଭ, ବିବାହରେ ପ୍ରଜାପତି, ଯୁଦ୍ଧ ସମୟରେ ଚକ୍ରଧର, ପ୍ରବାସରେ ତ୍ରିବିକ୍ରମ, ଦେହ ତ୍ୟାଗ ସମୟରେ ନାରାୟଣ, ପ୍ରିୟ ସଙ୍ଗମରେ ଶ୍ରୀଧର, ଦୁଃସ୍ୱପ୍ନରେ ଗୋବିନ୍ଦ, ସଙ୍କଟ ବେଳେ ମଧୁସୂଦନ, ଜଙ୍ଗଲରେ ନୃସିଂହ ନାମ, ଅଗ୍ନିରେ ଜଳଶାୟିନ, ଜଳମଧ୍ୟରେ ବରାହ, ପର୍ବତରେ ରଘୁନନ୍ଦନ, ଯାତ୍ରା ସମୟରେ ବାମନ ନାମ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟରେ ମାଧବ ନାମ ସ୍ମରଣୀୟ । ଭଗବାନଙ୍କ ନାମ ସ୍ମରଣ କରିବା ଅଭ୍ୟାସ ଥିଲେ ଯଥା ସମୟରେ ଯଥା ନାମ ସ୍ମରଣକୁ ଆସିବା ସ୍ୱାଭାବିକ ।

ବିଭିନ୍ନ ଯୁଗରେ ତାରକ ବ୍ରହ୍ମନାମ ଭିନ୍ନ ଭିନ୍ନ । ସତ୍ୟଯୁଗର ତାରକ ବ୍ରହ୍ମନାମ ହେଉଛି,

ନାରାୟଣ ପରାଂଦେବା ନାରାୟଣ ପରାଂକ୍ଷରା ।
ନାରାୟଣ ପରାଂମୁକ୍ତି ନାରାୟଣ ପରାଂଗତି ।।

ତ୍ରେତୟା ଯୁଗର ତାରକ ବ୍ରହ୍ମନାମ ହେଲା,

ରାମ ନାରାୟଣାନନ୍ତ ମୁକୁନ୍ଦ ମଧୁସୂଦନ ।
କୃଷ୍ଣ କେଶବ କଂସାରି ହରେ ବୈକୁଣ୍ଠବାମନ ।।

ଦ୍ୱାପର ଯୁଗର ତାରକ ବ୍ରହ୍ମନାମ ହେଉଛି,

ହରେ ମୁରାରେ ମଧୁକୈଟଭାରେ ।
ଗୋବିନ୍ଦ ଗୋପାଳ ମୁକୁନ୍ଦ ସୌରେ ।
ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ
ନିରାଶ୍ରୟଃ ମାଂ ଜଗଦୀଶ ରକ୍ଷ ।।

କଳିଯୁଗର ତାରକ ବ୍ରହ୍ମ ନାମ ହେଉଛି,

ହରେ ରାମ ହରେ ରାମ ରାମ ରାମ ହରେ ହରେ ।
ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ ।।

ଏହା ହେଉଛି ମହାମନ୍ତ୍ର । ଏ ମନ୍ତ୍ର ଯେ କୌଣସି ସମୟରେ ଗାନ କରାଯାଇପାରେ । ରାସ୍ତାରେ ଗଲା ବେଳେ, କୃଷକ ବିଲରେ ହଳ କରୁଥିବା

ସମୟରେ, ସ୍ତ୍ରୀ ଲୋକମାନେ ଘର କାମ କଲା ବେଳେ ଏ ମହାମନ୍ତ୍ର ଗାନ କଲେ ଶ୍ରମ ଭାର ଲାଘବ ହେବା ସହିତ କିଛି ପୁଣ୍ୟ ମଧ୍ୟ ଅର୍ଜନ କରାଯାଇ ପାରିବ ।

ଯେଉଁ ବ୍ୟକ୍ତି ଭଗବାନଙ୍କ ନିକଟରେ ଶରଣାଗତ ସେ ଶ୍ରଦ୍ଧାରେ ତାଙ୍କ ନାମ ସ୍ମରଣ କରିଥାଏ । ଶରଣାଗତ ଭକ୍ତକୁ ନିଜ ପାଇଁ କିଛି କରିବାକୁ ପଡେ ନାହିଁ । 'ମାମେକଂ ଶରଣଂ ବ୍ରଜ'ର ଅର୍ଥ କେବଳ ମନ, ବୁଦ୍ଧିଦ୍ୱାରା ଶରଣାଗତି ସ୍ୱୀକାର କରିବା ଯଥେଷ୍ଟ ନୁହେଁ । ନିଜର ଆତ୍ମାକୁ ଭଗବାନଙ୍କର ଚରଣକମଳରେ ସମର୍ପଣ କରିବା ଆବଶ୍ୟକ । ସ୍ୱୟଂ ଶରଣାଗତ ହେବାପରେ ମନ, ବୁଦ୍ଧି, ଇନ୍ଦ୍ରିୟ, ଶରୀର ଇତ୍ୟାଦି ସମସ୍ତେ ତାହାର ଅନ୍ତର୍ଗତ ହୋଇ ଯାଆନ୍ତି । 'ମା ଶୁଚଃ' ପଦର ତାତ୍ପର୍ଯ୍ୟ ହେଲା ଶରଣାଗତ ହେଲା ପରେ ଆଉ କୌଣସି ଚିନ୍ତା କର ନାହିଁ । ଚିନ୍ତା କରିବା ଅର୍ଥ ଭଗବାନଙ୍କ ନିକଟରେ ପୂର୍ଣ୍ଣ ଭରଷା ନ ରଖିବା । ଚିନ୍ତା କରିବାର ଅର୍ଥ ହେଉଛି ନିଜଠାରେ ଥିବା ଗୁପ୍ତ ବଳ ନିମନ୍ତେ ଅଭିମାନ ରଖିବା । ଏହି ପ୍ରସଙ୍ଗରେ ଦ୍ରୌପଦୀଙ୍କୁ ବିବସନା କରୁଥିବା ବେଳର କଥା ସ୍ମରଣ କରାଯାଉ । ଦ୍ରୌପଦୀ ଦୁଃଶାସନ କବଳରୁ ନିଜକୁ ରକ୍ଷା କରିବା ପାଇଁ ଗୋଟିଏ ହାତରେ ଲୁଗା ଜାବୁଡି ଧରି ଉଚ୍ଚ ସ୍ୱରରେ ଶ୍ରୀକୃଷ୍ଣଙ୍କ ନାମ ସ୍ମରଣ କରୁଥିଲେ । ଏ ଅବସ୍ଥାରେ ଭଗବାନଙ୍କ ସହାୟତା ମିଳିଲା ନାହିଁ । ଯେତେବେଳେ ସେ ନିଜର ଚେଷ୍ଟା ଛାଡି ଭଗବାନଙ୍କ ଉପରେ ସଂପୂର୍ଣ୍ଣ ଶରଣାଗତ ହୋଇ ପଡିଲେ ଓ ନିଜର ଦୁଇ ହାତ ଟେକି ନାମ ସ୍ମରଣ କଲେ, ଭଗବାନ କୋଟି ବସ୍ତ୍ର ଦେଇ ଲଜ୍ଜା ନିବାରଣ କରିଥିଲେ ।

'ମୁଁ ଭଗବାନଙ୍କର ଏବଂ ଭଗବାନ ମୋର'- ଶରଣାଗତ ଭକ୍ତ ଏହି ଭାବକୁ ଦୃଢ଼ ଭାବରେ ଧାରଣ ଓ ସ୍ୱୀକାର କରିଥାଏ । ନିଶ୍ଚିନ୍ତ ହେବା, ନିର୍ଭୟ ହେବା, ନିଃଶୋକ ହେବା, ନିଃଶଙ୍କ ହେବା, ପରୀକ୍ଷା ନ କରିବା ଓ ବିପରୀତ ଧାରଣା ନ କରିବା ଆଦି ଗୁଣ ଶରଣାଗତ ଭକ୍ତ ନିକଟରେ ଦେଖାଯାଏ ।

ତେଣୁ ଭଗବାନଙ୍କ ନିକଟରେ ଶରଣାଗତ ହୋଇ ଭାବ ଭକ୍ତିର ସହିତ ତାଙ୍କର ନାମ କୀର୍ତ୍ତନ କରିବା ଏକାନ୍ତ ପ୍ରୟୋଜନ । ପିତାମହ ଭୀଷ୍ମ ଶର ଶଯ୍ୟାରେ ଥାଇ ଭଗବାନ ଶ୍ରୀକୃଷ୍ଣଙ୍କ ଉପସ୍ଥିତିରେ ମହାରାଜା ଯୁଧିଷ୍ଠିରଙ୍କୁ ଶ୍ରୀ ବିଷ୍ଣୁଙ୍କ ସହସ୍ରନାମ ପ୍ରେମରେ ଶୁଣାଇଥିଲେ । ଶ୍ରୀବିଷ୍ଣୁ ସହସ୍ରନାମ କୀର୍ତ୍ତନ କଲେ ଯେଉଁ ଆନନ୍ଦ ମିଳେ ତାହା ଅନୁଭବୀ ହିଁ ହୃଦୟଙ୍ଗମ କରିପାରିବ । ସହସ୍ର ନାମରେ ପ୍ରତ୍ୟେକ ନାମ ଭାବ ଉଦ୍ଦିପକ ଓ ପ୍ରୀତି ଦାୟକ । ସେ ସବୁର ବ୍ୟାଖ୍ୟା ନ କରି କେବଳ ସେ ନାମ ସବୁ ପ୍ରଦାନ କରାଯାଇଅଛି ।

ନାମାବଳିଃ

ଓଁ ବିଶ୍ୱସ୍ମୈ ନମଃ
ଓଁ ବିଷ୍ଣବେ ନମଃ
ଓଁ ବଷଟ୍‌କାରାୟ ନମଃ
ଓଁ ଭୂତଭବ୍ୟଭବତ୍‌ପ୍ରଭବେ ନମଃ
ଓଁ ଭୂତକୃତେ ନମଃ
ଓଁ ଭୂତଭୃତେ ନମଃ
ଓଁ ଭାବାୟ ନମଃ
ଓଁ ଭୂତାତ୍ମନେ ନମଃ
ଓଁ ଭୂତଭାବନାୟ ନମଃ
ଓଁ ପୂତାତ୍ମନେ ନମଃ ।୧୦।
ଓଁ ପରମାତ୍ମନେ ନମଃ
ଓଁ ମୁକ୍ତାନାଂ ପରମାଯୈ ଗତୟେ ନମଃ
ଓଁ ଅବ୍ୟୟାୟ ନମଃ
ଓଁ ପୁରୁଷାୟ ନମଃ
ଓଁ ସାକ୍ଷିଣେ ନମଃ
ଓଁ କ୍ଷେତ୍ରଜ୍ଞାୟ ନମଃ
ଓଁ ଅକ୍ଷରାୟ ନମଃ
ଓଁ ଯୋଗାୟ ନମଃ
ଓଁ ଯୋଗବିଦାଂ ନେତ୍ରେ ନମଃ
ଓଁ ପ୍ରଧାନ ପୁରୁଷେଶ୍ୱରାୟ ନମଃ ।୨୦।
ଓଁ ନାରସିଂହବପୁଷେ ନମଃ ।
ଓଁ ଶ୍ରୀମତେ ନମଃ
ଓଁ କେଶବାୟ ନମଃ
ଓଁ ପୁରୁଷୋତ୍ତମାୟ ନମଃ
ଓଁ ସର୍ବସ୍ମୈ ନମଃ
ଓଁ ଶର୍ବାୟ ନମଃ
ଓଁ ଶିବାୟ ନମଃ
ଓଁ ସ୍ଥାଣବେ ନମଃ
ଓଁ ଭୂତାଦୟେ ନମଃ
ଓଁ ନିଧୟେ ଅବ୍ୟୟାୟ ନମଃ (୩୦)
ଓଁ ସମ୍ଭବାୟ ନମଃ ।
ଓଁ ଭାବନାୟ ନମଃ
ଓଁ ଭର୍ତ୍ରେ ନମଃ
ଓଁ ପ୍ରଭବାୟ ନମଃ
ଓଁ ପ୍ରଭବେ ନମଃ
ଓଁ ଈଶ୍ୱରାୟ ନମଃ
ଓଁ ସ୍ୱୟଂଭୁବେ ନମଃ
ଓଁ ଶମ୍ଭବେ ନମଃ
ଓଁ ଆଦିତ୍ୟାୟ ନମଃ
ଓଁ ପୁଷ୍କରାକ୍ଷାୟ ନମଃ ।୪୦।
ଓଁ ମହାସ୍ୱନାୟ ନମଃ
ଓଁ ଅନାଦିନିଧନାୟ ନମଃ

ଓଁ ଧାତ୍ରେ ନମଃ
ଓଁ ବିଧାତ୍ରେ ନମଃ
ଓଁ ଧାତୁରୁତ୍ତମାୟ ନମଃ
ଓଁ ଅପ୍ରମେୟାୟ ନମଃ
ଓଁ ହୃଷୀକେଶାୟ ନମଃ
ଓଁ ପଦ୍ମନାଭାୟ ନମଃ
ଓଁ ଅମରପ୍ରଭବେ ନମଃ
ଓଁ ବିଶ୍ୱକର୍ମଣେ ନମଃ ।୫୦।
ଓଁ ମନବେ ନମଃ
ଓଁ ତ୍ୱଷ୍ଟ୍ରେ ନମଃ
ଓଁ ସ୍ଥବିଷ୍ଠାୟ ନମଃ
ଓଁ ସ୍ଥବିରାୟ ଧ୍ରୁବାୟ ନମଃ
ଓଁ ଅଗ୍ରାହ୍ୟାୟ ନମଃ
ଓଁ ଶାଶ୍ୱତାୟ ନମଃ
ଓଁ କୃଷ୍ଣାୟ ନମଃ
ଓଁ ଲୋହିତାକ୍ଷାୟ ନମଃ
ଓଁ ପ୍ରତର୍ଦ୍ଦନାୟ ନମଃ
ଓଁ ପ୍ରଭୂତାୟ ନମଃ ।୬୦।
ଓଁ ତ୍ରିକକୁବ୍ ଧାମ୍ନେ ନମଃ
ଓଁ ପବିତ୍ରାୟ ନମଃ
ଓଁ ମଙ୍ଗଳାୟ ପରସ୍ମୈ ନମଃ
ଓଁ ଈଶାନାୟ ନମଃ
ଓଁ ପ୍ରାଣଦାୟ ନମଃ
ଓଁ ପ୍ରାଣାୟ ନମଃ
ଓଁ ଜ୍ୟେଷ୍ଠାୟ ନମଃ
ଓଁ ଶ୍ରେଷ୍ଠାୟ ନମଃ
ଓଁ ପ୍ରଜାପତୟେ ନମଃ
ଓଁ ହିରଣ୍ୟଗର୍ଭାୟ ନମଃ ।୭୦।
ଓଁ ଭୂଗର୍ଭାୟ ନମଃ
ଓଁ ମାଧବାୟ ନମଃ
ଓଁ ମଧୁସୂଦନାୟ ନମଃ
ଓଁ ଈଶ୍ୱରାୟ ନମଃ
ଓଁ ବିକ୍ରମିଣେ ନମଃ
ଓଁ ଧନ୍ୱିନେ ନମଃ
ଓଁ ମେଧାବିନେ ନମଃ
ଓଁ ବିକ୍ରମାୟ ନମଃ
ଓଁ କ୍ରମାୟ ନମଃ
ଓଁ ଅନୁତ୍ତମାୟ ନମଃ ।୮୦।
ଓଁ ଦୁରାଧର୍ଷାୟ ନମଃ
ଓଁ କୃତଜ୍ଞାୟ ନମଃ
ଓଁ କୃତୟେ ନମଃ
ଓଁ ଆତ୍ମବତେ ନମଃ
ଓଁ ସୁରେଶାୟ ନମଃ
ଓଁ ଶରଣାୟ ନମଃ
ଓଁ ଶର୍ମଣେ ନମଃ
ଓଁ ବିଶ୍ୱରେତସେ ନମଃ
ଓଁ ପ୍ରଜାଭବାୟ ନମଃ
ଓଁ ଅହ୍ନେ ନମଃ ।୯୦।
ଓଁ ସମ୍ବତ୍ସରାୟ ନମଃ
ଓଁ ବ୍ୟାଳାୟ ନମଃ
ଓଁ ପ୍ରତ୍ୟୟାୟ ନମଃ
ଓଁ ସର୍ବଦର୍ଶନାୟ ନମଃ
ଓଁ ଅଜାୟ ନମଃ
ଓଁ ସର୍ବେଶ୍ୱରାୟ ନମଃ
ଓଁ ସିଦ୍ଧାୟ ନମଃ
ଓଁ ସିଦ୍ଧୟେ ନମଃ
ଓଁ ସର୍ବାଦୟେ ନମଃ
ଓଁ ଅଚ୍ୟୁତାୟ ନମଃ ।୧୦୦।
ଓଁ ବୃଷାକପୟେ ନମଃ
ଓଁ ଅମେୟାତ୍ମନେ ନମଃ

ଓଁ ସର୍ବଯୋଗବିନିଃସୃତାୟ ନମଃ
ଓଁ ବସବେ ନମଃ
ଓଁ ବସୁମନସେ ନମଃ
ଓଁ ସତ୍ୟାୟ ନମଃ
ଓଁ ସମାତ୍ମନେ ନମଃ
ଓଁ ଅସମ୍ମିତାୟ ନମଃ
ଓଁ ସମାୟ ନମଃ
ଓଁ ଅମୋଘାୟ ନମଃ ।୧୧୦।
ଓଁ ପୁଣ୍ଡରୀକାକ୍ଷାୟ ନମଃ
ଓଁ ବୃଷକର୍ମଣେ ନମଃ
ଓଁ ବୃଷାକୃତୟେ ନମଃ
ଓଁ ରୁଦ୍ରାୟ ନମଃ
ଓଁ ବହୁଶିରସେ ନମଃ
ଓଁ ବିଭ୍ରବେ ନମଃ
ଓଁ ବିଶ୍ୱଯୋନୟେ ନମଃ
ଓଁ ଶୁଚିଶ୍ରବସେ ନମଃ
ଓଁ ଅମୃତାୟ ନମଃ
ଓଁ ଶାଶ୍ୱତସ୍ଥାଣବେ ନମଃ ।୧୨୦।
ଓଁ ବରାରୋହାୟ ନମଃ
ଓଁ ମହାତପସେ ନମଃ
ଓଁ ସର୍ବଗାୟ ନମଃ
ଓଁ ସର୍ବବିଦ୍ଭାନବେ ନମଃ
ଓଁ ବିଷ୍ୱକ୍ସେନାୟ ନମଃ
ଓଁ ଜନାର୍ଦ୍ଦନାୟ ନମଃ
ଓଁ ବେଦାୟ ନମଃ
ଓଁ ବେଦବିଦେ ନମଃ
ଓଁ ଅବ୍ୟଙ୍ଗାୟ ନମଃ
ଓଁ ବେଦାଙ୍ଗାୟ ନମଃ ।୧୩୦।
ଓଁ ବେଦବିଦେ ନମଃ
ଓଁ କବୟେ ନମଃ
ଓଁ ଲୋକାଧକ୍ଷାୟ ନମଃ
ଓଁ ସୁରାଧକ୍ଷାୟ ନମଃ
ଓଁ ଧର୍ମାଧକ୍ଷାୟ ନମଃ
ଓଁ କୃତାକୃତାୟ ନମଃ
ଓଁ ଚତୁରାତ୍ମନେ ନମଃ
ଓଁ ଚତୁର୍ବ୍ୟୂହାୟ ନମଃ
ଓଁ ଚତୁର୍ଦଂଷ୍ଟ୍ରାୟ ନମଃ
ଓଁ ଚତୁର୍ଭୁଜାୟ ନମଃ ।୧୪୦।
ଓଁ ଭ୍ରାଜିଷ୍ଣବେ ନମଃ
ଓଁ ଭୋଜନାୟ ନମଃ
ଓଁ ଭୋକ୍ତ୍ରେ ନମଃ
ଓଁ ସହିଷ୍ଣବେ ନମଃ
ଓଁ ଜଗଦାଦିଜାୟ ନମଃ
ଓଁ ଅନଘାୟ ନମଃ
ଓଁ ବିଜୟାୟ ନମଃ
ଓଁ ଜେତ୍ରେ ନମଃ
ଓଁ ବିଶ୍ୱଯୋନୟେ ନମଃ
ଓଁ ପୁନର୍ବସବେ ନମଃ ।୧୫୦।
ଓଁ ଉପେନ୍ଦ୍ରାୟ ନମଃ
ଓଁ ବାମନାୟ ନମଃ
ଓଁ ପ୍ରାଂଶବେ ନମଃ
ଓଁ ଅମୋଘାୟ ନମଃ
ଓଁ ଶୁଚୟେ ନମଃ
ଓଁ ଉର୍ଜ୍ଜିତାୟ ନମଃ
ଓଁ ଅତୀନ୍ଦ୍ରାୟ ନମଃ
ଓଁ ସଂଗ୍ରହାୟ ନମଃ
ଓଁ ସର୍ଗାୟ ନମଃ
ଓଁ ଧୃତାତ୍ମନେ ନମଃ ।୧୬୦।
ଓଁ ନିୟମାୟ ନମଃ
ଓଁ ଯମାୟ ନମଃ

ଓଁ ବେଦ୍ୟାୟ ନମଃ
ଓଁ ବୈଦ୍ୟାୟ ନମଃ
ଓଁ ସଦାଯୋଗିନେ ନମଃ
ଓଁ ବୀରଘ୍ନେ ନମଃ
ଓଁ ମାଧବାୟ ନମଃ
ଓଁ ମଧବେ ନମଃ
ଓଁ ଅତୀନ୍ଦ୍ରିୟାୟ ନମଃ
ଓଁ ମହାମାୟାୟ ନମଃ ।୧୭୦।
ଓଁ ମହୋତ୍ସାହାୟ ନମଃ
ଓଁ ମହାବଳାୟ ନମଃ
ଓଁ ମହାବୁଦ୍ଧୟେ ନମଃ
ଓଁ ମହାବୀର୍ଯ୍ୟାୟ ନମଃ
ଓଁ ମହାଶକ୍ତୟେ ନମଃ
ଓଁ ମହାଦ୍ୟୁତୟେ ନମଃ
ଓଁ ଅନିର୍ଦ୍ଦେଶ୍ୟବପୁଷେ ନମଃ
ଓଁ ଶ୍ରୀମତେ ନମଃ
ଓଁ ଅମେୟାତ୍ମନେ ନମଃ
ଓଁ ମହାଦ୍ରିଧୃଗେ ନମଃ ।୧୮୦।
ଓଁ ମହେଷ୍ୱାସାୟ ନମଃ
ଓଁ ମହୀଭର୍ତ୍ତ୍ରେ ନମଃ
ଓଁ ଶ୍ରୀନିବାସାୟ ନମଃ
ଓଁ ସତାଂଗତୟେ ନମଃ
ଓଁ ଅନିରୁଦ୍ଧାୟ ନମଃ
ଓଁ ସୁରାନନ୍ଦାୟ ନମଃ
ଓଁ ଗୋବିନ୍ଦାୟ ନମଃ
ଓଁ ଗୋବିଦାଂପତୟେ ନମଃ
ଓଁ ମରୀଚୟେ ନମଃ
ଓଁ ଦମନାୟ ନମଃ ।୧୯୦।
ଓଁ ହଂସାୟ ନମଃ
ଓଁ ସୁପର୍ଣ୍ଣାୟ ନମଃ

ଓଁ ଭୁଜଗୋତ୍ତମାୟ ନମଃ
ଓଁ ହିରଣ୍ୟନାଭାୟ ନମଃ
ଓଁ ସୁତପସେ ନମଃ
ଓଁ ପଦ୍ମନାଭାୟ ନମଃ
ଓଁ ପ୍ରଜାପତୟେ ନମଃ
ଓଁ ଅମୃତ୍ୟବେ ନମଃ
ଓଁ ସର୍ବଦୃଶେ ନମଃ
ଓଁ ସିଂହାୟ ନମଃ ।୨୦୦।
ଓଁ ସଂଧାତ୍ରେ ନମଃ
ଓଁ ସଂଧିମତେ ନମଃ
ଓଁ ସ୍ଥିରାୟ ନମଃ
ଓଁ ଅଜାୟ ନମଃ
ଓଁ ଦୁର୍ମର୍ଷଣାୟ ନମଃ
ଓଁ ଶାସ୍ତ୍ରେ ନମଃ
ଓଁ ବିଶ୍ରୁତାତ୍ମନେ ନମଃ
ଓଁ ସୁରାରିଘ୍ନେ ନମଃ
ଓଁ ଗୁରବେ ନମଃ
ଓଁ ଗୁରୁତମାୟ ନମଃ ।୨୧୦।
ଓଁ ଧାମ୍ନେ ନମଃ
ଓଁ ସତ୍ୟାୟ ନମଃ
ଓଁ ସତ୍ୟପରାକ୍ରମାୟ ନମଃ
ଓଁ ନିମିଷାୟ ନମଃ
ଓଁ ଅନିମିଷାୟ ନମଃ
ଓଁ ସ୍ରଗ୍ୱିଣେ ନମଃ
ଓଁ ବାଚସ୍ପତୟେ ଉଦାରଧୀୟେ ନମଃ
ଓଁ ଅଗ୍ରଣ୍ୟେ ନମଃ
ଓଁ ଗ୍ରାମଣ୍ୟେ ନମଃ
ଓଁ ଶ୍ରୀମତେ ନମଃ ।୨୨୦।
ଓଁ ନ୍ୟାୟାୟ ନମଃ
ଓଁ ନେତ୍ରେ ନମଃ

ଓଁ ସମୀରଣାୟ ନମଃ
ଓଁ ସହସ୍ରମୂର୍ଦ୍ଧ୍ନେ ନମଃ
ଓଁ ବିଶ୍ୱାତ୍ମନେ ନମଃ
ଓଁ ସହସ୍ରାକ୍ଷାୟ ନମଃ
ଓଁ ସହସ୍ରପଦେ ନମଃ
ଓଁ ଆବର୍ତ୍ତନାୟ ନମଃ
ଓଁ ନିବୃତ୍ତାତ୍ମନେ ନମଃ
ଓଁ ସଂବୃତାୟ ନମଃ ।୨୩୦।
ଓଁ ସଂପ୍ରମର୍ଦ୍ଦନାୟ ନମଃ
ଓଁ ଅହଃ ସଂବର୍ତ୍ତକାୟ ନମଃ
ଓଁ ବହ୍ନୟେ ନମଃ
ଓଁ ଅନିଳାୟ ନମଃ
ଓଁ ଧରଣୀଧରାୟ ନମଃ
ଓଁ ସୁପ୍ରସାଦାୟ ନମଃ
ଓଁ ପ୍ରସନ୍ନାତ୍ମନେ ନମଃ
ଓଁ ବିଶ୍ୱଧୃଗେ ନମଃ
ଓଁ ବିଶ୍ୱଭୁଜେ ନମଃ
ଓଁ ବିଭବେ ନମଃ ।୨୪୦।
ଓଁ ସତ୍କର୍ତ୍ତ୍ରେ ନମଃ
ଓଁ ସତ୍କୃତାୟ ନମଃ
ଓଁ ସାଧବେ ନମଃ
ଓଁ ଜହ୍ନବେ ନମଃ
ଓଁ ନାରାୟଣାୟ ନମଃ
ଓଁ ନରାୟ ନମଃ
ଓଁ ଅସଂଖ୍ୟେୟାୟ ନମଃ
ଓଁ ଅପ୍ରମେୟାତ୍ମନେ ନମଃ
ଓଁ ବିଶିଷ୍ଟାୟ ନମଃ
ଓଁ ଶିଷ୍ଟକୃତେ ନମଃ ।୨୫୦।
ଓଁ ଶୁଚୟେ ନମଃ
ଓଁ ସିଦ୍ଧାର୍ଥାୟ ନମଃ
ଓଁ ସିଦ୍ଧସଙ୍କଳ୍ପାୟ ନମଃ
ଓଁ ସିଦ୍ଧିଦାୟ ନମଃ
ଓଁ ସିଦ୍ଧିସାଧନାୟ ନମଃ
ଓଁ ବୃଷାହିଣେ ନମଃ
ଓଁ ବୃଷଭାୟ ନମଃ
ଓଁ ବିଷ୍ଣବେ ନମଃ
ଓଁ ବୃଷପର୍ବଣେ ନମଃ
ଓଁ ବୃଷୋଦରାୟ ନମଃ ।୨୬୦।
ଓଁ ବର୍ଦ୍ଧମାନାୟ ନମଃ
ଓଁ ବିବିକ୍ତାୟ ନମଃ
ଓଁ ଶ୍ରୁତିସାଗରାୟ ନମଃ
ଓଁ ସୁଭୁଜାୟ ନମଃ
ଓଁ ଦୁର୍ଦ୍ଧରାୟ ନମଃ
ଓଁ ବାଗ୍ମିନେ ନମଃ
ଓଁ ମହେନ୍ଦ୍ରାୟ ନମଃ
ଓଁ ବସୁଦାୟ ନମଃ
ଓଁ ବସବେ ନମଃ ।୨୭୦।
ଓଁ ନୈକରୂପାୟ ନମଃ
ଓଁ ବୃହଦ୍ରୂପାୟ ନମଃ
ଓଁ ଶିପିବିଷ୍ଟାୟ ନମଃ
ଓଁ ପ୍ରକାଶନାୟ ନମଃ
ଓଁ ଓଜସ୍ତେଜୋଦ୍ୟୁତିଧରାୟ ନମଃ
ଓଁ ପ୍ରକାଶାତ୍ମନେ ନମଃ
ଓଁ ପ୍ରତାପନାୟ ନମଃ
ଓଁ ଋଦ୍ଧାୟ ନମଃ
ଓଁ ସ୍ପଷ୍ଟାକ୍ଷରାୟ ନମଃ
ଓଁ ମନ୍ତ୍ରାୟ ନମଃ ।୨୮୦।
ଓଁ ଚନ୍ଦ୍ରାଂଶବେ ନମଃ
ଓଁ ଭାସ୍କରଦ୍ୟୁତୟେ ନମଃ
ଓଁ ଅମୃତାଂଶୁଭବାୟ ନମଃ

ଓଁ ଭାନବେ ନମଃ
ଓଁ ଶଶବିନ୍ଦବେ ନମଃ
ଓଁ ସୁରେଶ୍ୱରାୟ ନମଃ
ଓଁ ଔଷଧାୟ ନମଃ
ଓଁ ଜଗତଃସେତବେ ନମଃ
ଓଁ ସତ୍ୟଧର୍ମପରାକ୍ରମାୟ ନମଃ
ଓଁ ଭୂତଭବ୍ୟଭବନ୍ନାଥାୟ ନମଃ ।୨୯୦।
ଓଁ ପବନାୟ ନମଃ
ଓଁ ପାବନାୟ ନମଃ
ଓଁ ଅନଳାୟ ନମଃ
ଓଁ କାମଘ୍ନେ ନମଃ
ଓଁ କାମକୃତେ ନମଃ
ଓଁ କାନ୍ତାୟ ନମଃ
ଓଁ କାମାୟ ନମଃ
ଓଁ କାମପ୍ରଦାୟ ନମଃ
ଓଁ ପ୍ରଭବେ ନମଃ
ଓଁ ଯୁଗାଦିକୃତେ ନମଃ ।୩୦୦।
ଓଁ ଯୁଗାବର୍ତ୍ତାୟ ନମଃ
ଓଁ ନୈକମାୟାୟ ନମଃ
ଓଁ ମହାଶନାୟ ନମଃ
ଓଁ ଅଦୃଶାୟ ନମଃ
ଓଁ ବ୍ୟକ୍ତରୂପାୟ ନମଃ
ଓଁ ସହସ୍ରଜିତେ ନମଃ
ଓଁ ଅନନ୍ତଜିତେ ନମଃ
ଓଁ ଇଷ୍ଟାୟ ନମଃ
ଓଁ ଅବିଶିଷ୍ଟାୟ ନମଃ
ଓଁ ଶିଷ୍ଟେଷ୍ଟାୟ ନମଃ ।୩୧୦।
ଓଁ ଶିଖଣ୍ଡିନେ ନମଃ
ଓଁ ନହୁଷାୟ ନମଃ
ଓଁ ବୃଷାୟ ନମଃ

ଓଁ କ୍ରୋଧଘ୍ନେ ନମଃ
ଓଁ କ୍ରୋଧକୃତ୍‌କର୍ତ୍ତ୍ରେ ନମଃ
ଓଁ ବିଶ୍ୱବାହବେ ନମଃ
ଓଁ ମହୀଧରାୟ ନମଃ
ଓଁ ଅଚ୍ୟୁତାୟ ନମଃ
ଓଁ ପ୍ରଥିତାୟ ନମଃ
ଓଁ ପ୍ରାଣାୟ ନମଃ ।୩୨୦।
ଓଁ ପ୍ରାଣଦାୟ ନମଃ
ଓଁ ବାସବାନୁଜାୟ ନମଃ
ଓଁ ଅପାଂନିଧୟେ ନମଃ
ଓଁ ଅଧିଷ୍ଠାନାୟ ନମଃ
ଓଁ ଅପ୍ରମତ୍ତାୟ ନମଃ
ଓଁ ପ୍ରତିଷ୍ଠିତାୟ ନମଃ
ଓଁ ସ୍କନ୍ଦାୟ ନମଃ
ଓଁ ସ୍କନ୍ଦଧରାୟ ନମଃ
ଓଁ ଧୂର୍ଯ୍ୟାୟ ନମଃ
ଓଁ ବରଦାୟ ନମଃ ।୩୩୦।
ଓଁ ବାୟୁବାହନାୟ ନମଃ
ଓଁ ବାସୁଦେବାୟ ନମଃ
ଓଁ ବୃହଦ୍‌ଭାନବେ ନମଃ
ଓଁ ଆଦିଦେବାୟ ନମଃ
ଓଁ ପୁରନ୍ଦରାୟ ନମଃ
ଓଁ ଅଶୋକାୟ ନମଃ
ଓଁ ତାରଣାୟ ନମଃ
ଓଁ ତାରାୟ ନମଃ
ଓଁ ଶୂରାୟ ନମଃ
ଓଁ ଶୌରୟେ ନମଃ ।୩୪୦।
ଓଁ ଜନେଶ୍ୱରାୟ ନମଃ
ଓଁ ଅନୁକୂଳାୟ ନମଃ
ଓଁ ଶତାବର୍ତ୍ତାୟ ନମଃ

ଓଁ ପଦ୍ମିନେ ନମଃ
ଓଁ ପଦ୍ମନିଭେକ୍ଷଣାୟ ନମଃ
ଓଁ ପଦ୍ମନାଭାୟ ନମଃ
ଓଁ ଅରବିନ୍ଦାକ୍ଷାୟ ନମଃ
ଓଁ ପଦ୍ମଗର୍ଭାୟ ନମଃ
ଓଁ ଶରୀରଭୃତେ ନମଃ
ଓଁ ମହର୍ଦ୍ଧୟେ ନମଃ ।୩୫୦।
ଓଁ ଋଦ୍ଧାୟ ନମଃ
ଓଁ ବୃଦ୍ଧାତ୍ମନେ ନମଃ
ଓଁ ମହାକ୍ଷାୟ ନମଃ
ଓଁ ଗରୁଡ଼ଧ୍ୱଜାୟ ନମଃ
ଓଁ ଅତୁଳାୟ ନମଃ
ଓଁ ଶରଭାୟ ନମଃ
ଓଁ ଭୀମାୟ ନମଃ
ଓଁ ସମୟଜ୍ଞାୟ ନମଃ
ଓଁ ହବିର୍ହରୟେ ନମଃ
ଓଁ ସର୍ବଲକ୍ଷଣଲକ୍ଷଣ୍ୟାୟ ନମଃ ।୩୬୦।
ଓଁ ଲକ୍ଷ୍ମୀବତେ ନମଃ
ଓଁ ସମିତିଞ୍ଜୟାୟ ନମଃ
ଓଁ ବିକ୍ଷରାୟ ନମଃ
ଓଁ ରୋହିତାୟ ନମଃ
ଓଁ ମାର୍ଗାୟ ନମଃ
ଓଁ ହେତବେ ନମଃ
ଓଁ ଦାମୋଦରାୟ ନମଃ
ଓଁ ସହାୟ ନମଃ
ଓଁ ମହୀଧରାୟ ନମଃ
ଓଁ ମହାଭାଗାୟ ନମଃ ।୩୭୦।
ଓଁ ବେଗବତେ ନମଃ
ଓଁ ଅମିତାଶନାୟ ନମଃ
ଓଁ ଉଦ୍ଭବାୟ ନମଃ
ଓଁ କ୍ଷୋଭଣାୟ ନମଃ
ଓଁ ଦେବାୟ ନମଃ
ଓଁ ଶ୍ରୀଗର୍ଭାୟ ନମଃ
ଓଁ ପରମେଶ୍ୱରାୟ ନମଃ
ଓଁ କରଣାୟ ନମଃ
ଓଁ କାରଣାୟ ନମଃ
ଓଁ କର୍ତ୍ତ୍ରେ ନମଃ ।୩୮୦।
ଓଁ ବିକର୍ତ୍ତ୍ରେ ନମଃ
ଓଁ ଗହନାୟ ନମଃ
ଓଁ ଗୁହାୟ ନମଃ
ଓଁ ବ୍ୟବସାୟାୟ ନମଃ
ଓଁ ବ୍ୟବସ୍ଥାନାୟ ନମଃ
ଓଁ ସଂସ୍ଥାନାୟ ନମଃ
ଓଁ ସ୍ଥାନଦାୟ ନମଃ
ଓଁ ଧ୍ରୁବାୟ ନମଃ
ଓଁ ପରର୍ଦ୍ଧୟେ ନମଃ
ଓଁ ପରମସ୍ପଷ୍ଟାୟ ନମଃ ।୩୯୦।
ଓଁ ତୁଷ୍ଟାୟ ନମଃ
ଓଁ ପୁଷ୍ଟାୟ ନମଃ
ଓଁ ଶୁଭେକ୍ଷଣାୟ ନମଃ
ଓଁ ରାମାୟ ନମଃ
ଓଁ ବିରାମାୟ ନମଃ
ଓଁ ବିରଜାୟ ନମଃ
ଓଁ ମାର୍ଗାୟ ନମଃ
ଓଁ ନେୟାୟ ନମଃ
ଓଁ ନୟାୟ ନମଃ
ଓଁ ଅନୟାୟ ନମଃ ।୪୦୦।
ଓଁ ବୀରାୟ ନମଃ
ଓଁ ଶକ୍ତିମତାଂ ଶ୍ରେଷ୍ଠାୟ ନମଃ
ଓଁ ଧର୍ମାୟ ନମଃ

ଓଁ ଧର୍ମବିଦୁତ୍ତମାୟ ନମଃ
ଓଁ ବୈକୁଣ୍ଠାୟ ନମଃ
ଓଁ ପୁରୁଷାୟ ନମଃ
ଓଁ ପ୍ରାଣାୟ ନମଃ
ଓଁ ପ୍ରାଣଦାୟ ନମଃ
ଓଁ ପ୍ରଣବାୟ ନମଃ
ଓଁ ପୃଥବେ ନମଃ ।୪୧୦।
ଓଁ ହିରଣ୍ୟଗର୍ଭାୟ ନମଃ
ଓଁ ଶତ୍ରୁଘ୍ନାୟ ନମଃ
ଓଁ ବ୍ୟାପ୍ତାୟ ନମଃ
ଓଁ ବାୟବେ ନମଃ
ଓଁ ଅଧୋକ୍ଷଜାୟ ନମଃ
ଓଁ ଋତବେ ନମଃ
ଓଁ ସୁଦର୍ଶନାୟ ନମଃ
ଓଁ କାଳାୟ ନମଃ
ଓଁ ପରମେଷ୍ଠିନେ ନମଃ
ଓଁ ପରିଗ୍ରହାୟ ନମଃ ।୪୨୦।
ଓଁ ଉଗ୍ରାୟ ନମଃ
ଓଁ ସଂବତ୍ସରାୟ ନମଃ
ଓଁ ଦକ୍ଷାୟ ନମଃ
ଓଁ ବିଶ୍ରମାୟ ନମଃ
ଓଁ ବିଶ୍ୱଦକ୍ଷିଣାୟ ନମଃ
ଓଁ ବିସ୍ତାରାୟ ନମଃ
ଓଁ ସ୍ଥାବରସ୍ଥାଣବେ ନମଃ
ଓଁ ପ୍ରମାଣାୟ ନମଃ
ଓଁ ବୀଜାୟ ଅବ୍ୟୟାୟ ନମଃ
ଓଁ ଅର୍ଥାୟ ନମଃ ।୪୩୦।
ଓଁ ଅନର୍ଥାୟ ନମଃ
ଓଁ ମହାକୋଷାୟ ନମଃ
ଓଁ ମହାଭୋଗାୟ ନମଃ
ଓଁ ମହାଧନାୟ ନମଃ
ଓଁ ଅନିର୍ବିର୍ଣ୍ଣାୟ ନମଃ
ଓଁ ସ୍ଥବିଷ୍ଠାୟ ନମଃ
ଓଁ ଅଭୁବେ ନମଃ
ଓଁ ଧର୍ମଯୂପାୟ ନମଃ
ଓଁ ମହାମଖାୟ ନମଃ
ଓଁ ନକ୍ଷତ୍ରନେମୟେ ନମଃ ।୪୪୦।
ଓଁ ନକ୍ଷତ୍ରିଣେ ନମଃ
ଓଁ କ୍ଷମାୟ ନମଃ
ଓଁ କ୍ଷାମାୟ ନମଃ
ଓଁ ସମୀହନାୟ ନମଃ
ଓଁ ଯଜ୍ଞାୟ ନମଃ
ଓଁ ଇଜ୍ୟାୟ ନମଃ
ଓଁ ମହେଜ୍ୟାୟ ନମଃ
ଓଁ କ୍ରତବେ ନମଃ
ଓଁ ସତ୍ରାୟ ନମଃ
ଓଁ ସତାଂଗତୟେ ନମଃ ।୪୫୦।
ଓଁ ସର୍ବଦର୍ଶିନେ ନମଃ
ଓଁ ବିମୁକ୍ତାତ୍ମନେ ନମଃ
ଓଁ ସର୍ବଜ୍ଞାୟ ନମଃ
ଓଁ ଜ୍ଞାନମୁତ୍ତମାୟ ନମଃ
ଓଁ ସୁବ୍ରତାୟ ନମଃ
ଓଁ ସୁମୁଖାୟ ନମଃ
ଓଁ ସୂକ୍ଷ୍ମାୟ ନମଃ
ଓଁ ସୁଘୋଷାୟ ନମଃ
ଓଁ ସୁଖଦାୟ ନମଃ
ଓଁ ସୁହୃଦେ ନମଃ ।୪୬୦।
ଓଁ ମନୋହରାୟ ନମଃ
ଓଁ ଜିତକ୍ରୋଧାୟ ନମଃ
ଓଁ ବୀରବାହବେ ନମଃ

ଓଁ ବିଦାରଣାୟ ନମଃ
ଓଁ ସ୍ୱାପନାୟ ନମଃ
ଓଁ ସ୍ୱବଶାୟ ନମଃ
ଓଁ ବ୍ୟାପିନେ ନମଃ
ଓଁ ନୈକାତ୍ମନେ ନମଃ
ଓଁ ନୈକକର୍ମକୃତେ ନମଃ
ଓଁ ବତ୍ସରାୟ ନମଃ ।୪୭୦।
ଓଁ ବତ୍ସଳାୟ ନମଃ
ଓଁ ବତ୍ସିନେ ନମଃ
ଓଁ ରତ୍ନଗର୍ଭାୟ ନମଃ
ଓଁ ଧନେଶ୍ୱରାୟ ନମଃ
ଓଁ ଧର୍ମଗୁପେ ନମଃ
ଓଁ ଧର୍ମକୃତେ ନମଃ
ଓଁ ଧର୍ମିଣେ ନମଃ
ଓଁ ସତେ ନମଃ
ଓଁ ଅସତେ ନମଃ
ଓଁ କ୍ଷରାୟ ନମଃ ।୪୮୦।
ଓଁ ଅକ୍ଷରାୟ ନମଃ
ଓଁ ଅବିଜ୍ଞାତ୍ରେ ନମଃ
ଓଁ ସହସ୍ରାଂଶବେ ନମଃ
ଓଁ ବିଧାତ୍ରେ ନମଃ
ଓଁ କୃତଲକ୍ଷଣାୟ ନମଃ
ଓଁ ଗଭସ୍ତିନେମୟେ ନମଃ
ଓଁ ସତ୍ୱସ୍ଥାୟ ନମଃ
ଓଁ ସିଂହାୟ ନମଃ
ଓଁ ଭୂତମହେଶ୍ୱରାୟ ନମଃ
ଓଁ ଆଦିଦେବାୟ ନମଃ ।୪୯୦।
ଓଁ ମହାଦେବାୟ ନମଃ
ଓଁ ଦେବେଶାୟ ନମଃ
ଓଁ ଦେବଭୃଦ୍‌ଗୁରବେ ନମଃ

ଓଁ ଉତ୍ତରାୟ ନମଃ
ଓଁ ଗୋପତୟେ ନମଃ
ଓଁ ଗୋପ୍ତ୍ରେ ନମଃ
ଓଁ ଜ୍ଞାନଗମ୍ୟାୟ ନମଃ
ଓଁ ପୁରାତନାୟ ନମଃ
ଓଁ ଶରୀରଭୂତଭୃତେ ନମଃ
ଓଁ ଭୋକ୍ତ୍ରେ ନମଃ ।୫୦୦।
ଓଁ କପୀନ୍ଦ୍ରାୟ ନମଃ
ଓଁ ଭୂରିଦକ୍ଷିଣାୟ ନମଃ
ଓଁ ସୋମପାୟ ନମଃ
ଓଁ ଅମୃତପାୟ ନମଃ
ଓଁ ସୋମାୟ ନମଃ
ଓଁ ପୁରୁଜିତେ ନମଃ
ଓଁ ପୁରୁସତ୍ତମାୟ ନମଃ
ଓଁ ବିନୟାୟ ନମଃ
ଓଁ ଜୟାୟ ନମଃ
ଓଁ ସତ୍ୟସନ୍ଧାୟ ନମଃ ।୫୧୦।
ଓଁ ଦାଶାର୍ହାୟ ନମଃ
ଓଁ ସାତ୍ୱତାଂପତୟେ ନମଃ
ଓଁ ଜୀବାୟ ନମଃ
ଓଁ ବିନୟିତାସାକ୍ଷିଣେ ନମଃ
ଓଁ ମୁକୁନ୍ଦାୟ ନମଃ
ଓଁ ଅମିତବିକ୍ରମାୟ ନମଃ
ଓଁ ଅମ୍ଭୋନିଧୟେ ନମଃ
ଓଁ ଅନନ୍ତାତ୍ମନେ ନମଃ
ଓଁମହୋଦଧିଶୟାୟ ନମଃ
ଓଁ ଅନ୍ତକାୟ ନମଃ ।୫୨୦।
ଓଁ ଅଜାୟ ନମଃ
ଓଁ ମହାର୍ହାୟ ନମଃ
ଓଁ ସ୍ୱାଭାବ୍ୟାୟ ନମଃ

ଓଁ ଜିତାମିତ୍ରାୟ ନମଃ
ଓଁ ପ୍ରମୋଦନାୟ ନମଃ
ଓଁ ଆନନ୍ଦାୟ ନମଃ
ଓଁ ନନ୍ଦନାୟ ନମଃ
ଓଁ ନନ୍ଦାୟ ନମଃ
ଓଁ ସତ୍ୟଧର୍ମଣେ ନମଃ
ଓଁ ତ୍ରିବିକ୍ରମାୟ ନମଃ ।୫୩୦।
ଓଁ ମହର୍ଷୟେ କପିଳାଚାର୍ଯ୍ୟାୟ ନମଃ
ଓଁ କୃତଜ୍ଞାୟ ନମଃ
ଓଁ ମେଦିନୀପତୟେ ନମଃ
ଓଁ ତ୍ରିପଦାୟ ନମଃ
ଓଁ ତ୍ରିଦଶାଧକ୍ଷାୟ ନମଃ
ଓଁ ମହାଶୃଙ୍ଗାୟ ନମଃ
ଓଁ କୃତାନ୍ତକୃତେ ନମଃ
ଓଁ ମହାବରାହାୟ ନମଃ
ଓଁ ଗୋବିନ୍ଦାୟ ନମଃ
ଓଁ ସୁଷେଣାୟ ନମଃ ।୫୪୦।
ଓଁ କନକାଙ୍ଗଦିନେ ନମଃ
ଓଁ ଗୁହ୍ୟାୟ ନମଃ
ଓଁ ଗଭୀରାୟ ନମଃ
ଓଁ ଗହନାୟ ନମଃ
ଓଁ ଗୁପ୍ତାୟ ନମଃ
ଓଁ ଚକ୍ରଗଦାଧରାୟ ନମଃ
ଓଁ ବେଧସେ ନମଃ
ଓଁ ସ୍ୱାଙ୍ଗାୟ ନମଃ
ଓଁ ଅଜିତାୟ ନମଃ
ଓଁ କୃଷ୍ଣାୟ ନମଃ ।୫୫୦।
ଓଁ ଦୃଢ଼ାୟ ନମଃ
ଓଁ ସଂକର୍ଷଣାୟାଚ୍ୟୁତାୟ ନମଃ
ଓଁ ବରୁଣାୟ ନମଃ
ଓଁ ବାରୁଣାୟ ନମଃ
ଓଁ ବୃକ୍ଷାୟ ନମଃ
ଓଁ ପୁଷ୍କରାକ୍ଷାୟ ନମଃ
ଓଁ ମହାମନସେ ନମଃ
ଓଁ ଭଗବତେ ନମଃ
ଓଁ ଭଗଘ୍ନେ ନମଃ
ଓଁ ଆନନ୍ଦିନେ ନମଃ ।୫୬୦।
ଓଁ ବନମାଳିନେ ନମଃ
ଓଁ ହଳାୟୁଧାୟ ନମଃ
ଓଁ ଆଦିତ୍ୟାୟ ନମଃ
ଓଁ ଜ୍ୟୋତିରାଦିତ୍ୟାୟ ନମଃ
ଓଁ ସହିଷ୍ଣବେ ନମଃ
ଓଁ ଗତିସତ୍ତମାୟ ନମଃ
ଓଁ ସୁଧନ୍ୱିନେ ନମଃ
ଓଁ ଖଣ୍ଡପରଶବେ ନମଃ
ଓଁ ଦାରୁଣାୟ ନମଃ
ଓଁ ଦ୍ରବିଣପ୍ରଦାୟ ନମଃ ।୫୭୦।
ଓଁ ଦିବଃସ୍ପୃଶେ ନମଃ
ଓଁ ସର୍ବଦୃଗ୍‌ବ୍ୟାସାୟ ନମଃ
ଓଁ ବାଚସ୍ପତୟେ ଅଯୋନିଜାୟ ନମଃ
ଓଁ ତ୍ରିସାମ୍ନେ ନମଃ
ଓଁ ସାମଗାୟ ନମଃ
ଓଁ ସାମ୍ନେ ନମଃ
ଓଁ ନିର୍ବାଣାୟ ନମଃ
ଓଁ ଭେଷଜାୟ ନମଃ
ଓଁ ଭିଷଜେ ନମଃ
ଓଁ ସଂନ୍ୟାସକୃତେ ନମଃ ।୫୮୦।
ଓଁ ଶମାୟ ନମଃ
ଓଁ ଶାନ୍ତାୟ ନମଃ
ଓଁ ନିଷ୍ଠାୟୈ ନମଃ

ଓଁ ଶାନ୍ତୟେ ନମଃ
ଓଁ ପରାୟଣାୟ ନମଃ
ଓଁ ଶୁଭାଙ୍ଗାୟ ନମଃ
ଓଁ ଶାନ୍ତିଦାୟ ନମଃ
ଓଁ ସ୍ରଷ୍ଟ୍ରେ ନମଃ
ଓଁ କୁମୁଦାୟ ନମଃ
ଓଁ କୁବଳେଶୟାୟ ନମଃ ।୫୯୦।
ଓଁ ଗୋହିତାୟ ନମଃ
ଓଁ ଗୋପତୟେ ନମଃ
ଓଁ ଗୋପ୍ତ୍ରେ ନମଃ
ଓଁ ବୃଷଭାକ୍ଷାୟ ନମଃ
ଓଁ ବୃଷପ୍ରିୟାୟ ନମଃ
ଓଁ ଅନିବର୍ତ୍ତିନେ ନମଃ
ଓଁ ନିବୃତ୍ତାତ୍ମନେ ନମଃ
ଓଁ ସଂକ୍ଷେପ୍ତ୍ରେ ନମଃ
ଓଁ କ୍ଷେମକୃତେ ନମଃ
ଓଁ ଶିବାୟ ନମଃ ।୬୦୦।
ଓଁ ଶ୍ରୀବସ୍ତବକ୍ଷସେ ନମଃ
ଓଁ ଶ୍ରୀବାସାୟ ନମଃ
ଓଁ ଶ୍ରୀପତୟେ ନମଃ
ଓଁ ଶ୍ରୀମତାଂବରାୟ ନମଃ
ଓଁ ଶ୍ରୀଦାୟ ନମଃ
ଓଁ ଶ୍ରୀଶାୟ ନମଃ
ଓଁ ଶ୍ରୀନିବାସାୟ ନମଃ
ଓଁ ଶ୍ରୀନିଧୟେ ନମଃ
ଓଁ ଶ୍ରୀ ବିଭାବନାୟ ନମଃ
ଓଁ ଶ୍ରୀଧରାୟ ନମଃ ।୬୧୦।
ଓଁ ଶ୍ରୀକରାୟ ନମଃ
ଓଁ ଶ୍ରେୟସେ ନମଃ
ଓଁ ଶ୍ରୀମତେ ନମଃ
ଓଁ ଲୋକତ୍ରୟାଶ୍ରୟାୟ ନମଃ
ଓଁ ସ୍ୱକ୍ଷାୟ ନମଃ
ଓଁ ସ୍ୱଙ୍ଗାୟ ନମଃ
ଓଁ ଶତାନନ୍ଦାୟ ନମଃ
ଓଁ ନନ୍ଦୟେ ନମଃ
ଓଁ ଜ୍ୟୋତିର୍ଗଣେଶ୍ୱରାୟ ନମଃ
ଓଁ ବିଜିତାତ୍ମନେ ନମଃ ।୬୨୦।
ଓଁ ବିଧେୟାତ୍ମନେ ନମଃ
ଓଁ ସଦ୍‌କୀର୍ତ୍ତୟେ ନମଃ
ଓଁ ଛିନ୍ନସଂଶୟାୟ ନମଃ
ଓଁ ଉଦୀର୍ଣ୍ଣାୟ ନମଃ
ଓଁ ସର୍ବତଶ୍ଚକ୍ଷୁଷେ ନମଃ
ଓଁ ଅନୀଶାୟ ନମଃ
ଓଁ ଶାଶ୍ୱତସ୍ଥିରାୟ ନମଃ
ଓଁ ଭୂଶୟାୟ ନମଃ
ଓଁ ଭୂଷଣାୟ ନମଃ
ଓଁ ଭୂତୟେ ନମଃ ।୬୩୦।
ଓଁ ବିଶୋକାୟ ନମଃ
ଓଁ ଶୋକାନାଶନାୟ ନମଃ
ଓଁ ଅର୍ଚ୍ଚିଷ୍ମତେ ନମଃ
ଓଁ ଅର୍ଚ୍ଚିତାୟ ନମଃ
ଓଁ କୁମ୍ଭାୟ ନମଃ
ଓଁ ବିଶୁଦ୍ଧାତ୍ମନେ ନମଃ
ଓଁ ବିଶୋଧନାୟ ନମଃ
ଓଁ ଅନିରୁଦ୍ଧାୟ ନମଃ
ଓଁ ଅପ୍ରତିରଥାୟ ନମଃ
ଓଁ ପ୍ରଦ୍ୟୁମ୍ନାୟ ନମଃ ।୬୪୦।
ଓଁ ଅମିତବିକ୍ରମାୟ ନମଃ
ଓଁ କାଳନେମିନିଘ୍ନେ ନମଃ
ଓଁ ବୀରାୟ ନମଃ

ଓଁ ଶୌରୟେ ନମଃ
ଓଁ ଶୂରଜନେଶ୍ୱରାୟ ନମଃ
ଓଁ ତ୍ରିଲୋକାତ୍ମନେ ନମଃ
ଓଁ ତ୍ରିଲୋକେଶାୟ ନମଃ
ଓଁ କେଶବାୟ ନମଃ
ଓଁ କେଶିଘ୍ନେ ନମଃ
ଓଁ ହରୟେ ନମଃ ।୬୫୦।
ଓଁ କାମଦେବାୟ ନମଃ
ଓଁ କାମପାଳାୟ ନମଃ
ଓଁ କାମିନେ ନମଃ
ଓଁ କାନ୍ତାୟ ନମଃ
ଓଁ କୃତାଗମାୟ ନମଃ
ଓଁ ଅନିର୍ଦ୍ଦେଶ୍ୟବପୁଷେ ନମଃ
ଓଁ ବିଷ୍ଣବେ ନମଃ
ଓଁ ବୀରାୟ ନମଃ
ଓଁ ଅନନ୍ତାୟ ନମଃ
ଓଁ ଧନଞ୍ଜୟାୟ ନମଃ ।୬୬୦।
ଓଁ ବ୍ରହ୍ମଣ୍ୟାୟ ନମଃ
ଓଁ ବ୍ରହ୍ମକୃତେ ନମଃ
ଓଁ ବ୍ରହ୍ମଣେ ନମଃ
ଓଁ ବ୍ରହ୍ମଣେ ନମଃ
ଓଁ ବ୍ରହ୍ମବିବର୍ଦ୍ଧନାୟ ନମଃ
ଓଁ ବ୍ରହ୍ମବିଦେ ନମଃ
ଓଁବ୍ରହ୍ମଣାୟ ନମଃ
ଓଁ ବ୍ରାହ୍ମିଣେ ନମଃ
ଓଁ ବ୍ରହ୍ମଜ୍ଞାୟ ନମଃ
ଓଁ ବ୍ରାହ୍ମଣପ୍ରିୟାୟ ନମଃ ।୬୭୦।
ଓଁ ମହାକ୍ରମାୟ ନମଃ
ଓଁ ମହାକର୍ମଣେ ନମଃ
ଓଁ ମହାତେଜସେ ନମଃ
ଓଁ ମହୋରଗାୟ ନମଃ
ଓଁ ମହାକ୍ରତବେ ନମଃ
ଓଁ ମହାଯଜ୍ୱନେ ନମଃ
ଓଁ ମହାଯଜ୍ଞାୟ ନମଃ
ଓଁ ମହାହବିଷେ ନମଃ
ଓଁ ସ୍ତବ୍ୟାୟ ନମଃ
ଓଁ ସ୍ତବପ୍ରିୟାୟ ନମଃ ।୬୮୦।
ଓଁ ସ୍ତୋତ୍ରାୟ ନମଃ
ଓଁ ସ୍ତୁତୟେ ନମଃ
ଓଁ ସ୍ତୋତ୍ରେ ନମଃ
ଓଁ ରଣପ୍ରିୟାୟ ନମଃ
ଓଁ ପୂର୍ଣ୍ଣାୟ ନମଃ
ଓଁ ପୂରୟିତ୍ରେ ନମଃ
ଓଁ ପୁଣ୍ୟାୟ ନମଃ
ଓଁ ପୁଣ୍ୟକୀର୍ତ୍ତୟେ ନମଃ
ଓଁ ଅନାମୟାୟ ନମଃ
ଓଁ ମନୋଜବାୟ ନମଃ ।୬୯୦।
ଓଁ ତୀର୍ଥକରାୟ ନମଃ
ଓଁ ବସୁରେତସେ ନମଃ
ଓଁ ବସୁପ୍ରଦାୟ ନମଃ
ଓଁ ବସୁପ୍ରଦାୟ ନମଃ
ଓଁ ବାସୁଦେବାୟ ନମଃ
ଓଁ ବସବେ ନମଃ
ଓଁ ବସୁମନସେ ନମଃ
ଓଁ ହବିଷେ ନମଃ
ଓଁ ସଦ୍‌ଗତୟେ ନମଃ
ଓଁ ସତ୍‌କୃତୟେ ନମଃ ।୭୦୦।
ଓଁ ସତ୍ତାୟୈ ନମଃ
ଓଁ ସଦ୍‌ଭୂତୟେ ନମଃ
ଓଁ ସଦ୍‌ପରାୟଣାୟ ନମଃ

ଓଁ ଶୂରସେନାୟ ନମଃ
ଓଁ ଯଦୁଶ୍ରେଷ୍ଠାୟ ନମଃ
ଓଁ ସନ୍ନିବାସାୟ ନମଃ
ଓଁ ସୁଯାମୁନାୟ ନମଃ
ଓଁ ଭୂତାବାସାୟ ନମଃ
ଓଁ ବାସୁଦେବାୟ ନମଃ
ଓଁ ସର୍ବାସୁନିଲୟାୟ ନମଃ ।୭୧୦।
ଓଁ ଅନଳାୟ ନମଃ
ଓଁ ଦର୍ପଘ୍ନେ ନମଃ
ଓଁ ଦର୍ପଦାୟ ନମଃ
ଓଁ ଦୃପ୍ତାୟ ନମଃ
ଓଁ ଦୁର୍ଦ୍ଧରାୟ ନମଃ
ଓଁ ଅପରାଜିତାୟ ନମଃ
ଓଁ ବିଶ୍ୱମୂର୍ତ୍ତୟେ ନମଃ
ଓଁ ମହାମୂର୍ତ୍ତୟେ ନମଃ
ଓଁ ଦୀପ୍ତମୂର୍ତ୍ତୟେ ନମଃ
ଓଁ ଅମୂର୍ତ୍ତିମତେ ନମଃ ।୭୨୦।
ଓଁ ଅନେକମୂର୍ତ୍ତୟେ ନମଃ
ଓଁ ଅବ୍ୟକ୍ତାୟ ନମଃ
ଓଁ ଶତମୂର୍ତ୍ତୟେ ନମଃ
ଓଁ ଶତାନନାୟ ନମଃ
ଓଁ ଏକାୟ ନମଃ
ଓଁ ନୈକାୟ ନମଃ
ଓଁ ସବାୟ ନମଃ
ଓଁ କାୟ ନମଃ
ଓଁ କସ୍ମୈ ନମଃ
ଓଁ ଯସ୍ମୈ ନମଃ ।୭୩୦।
ଓଁ ତସ୍ମୈ ନମଃ
ଓଁ ପଦମନୁତ୍ତମାୟ ନମଃ
ଓଁ ଲୋକବନ୍ଧବେ ନମଃ
ଓଁ ଲୋକନାଥାୟ ନମଃ
ଓଁ ମାଧବାୟ ନମଃ
ଓଁ ଭକ୍ତବତ୍ସଳାୟ ନମଃ
ଓଁ ସୁବର୍ଣ୍ଣବର୍ଣ୍ଣାୟ ନମଃ
ଓଁ ହେମାଙ୍ଗାୟ ନମଃ
ଓଁ ବରାଙ୍ଗାୟ ନମଃ
ଓଁ ଚନ୍ଦନାଙ୍ଗଦିନେ ନମଃ ।୭୪୦।
ଓଁ ବୀରଘ୍ନେ ନମଃ
ଓଁ ବିଷମାୟ ନମଃ
ଓଁ ଶୂନ୍ୟାୟ ନମଃ
ଓଁ ଘୃତାଶିଷେ ନମଃ
ଓଁ ଅଚଳାୟ ନମଃ
ଓଁ ଚଳାୟ ନମଃ
ଓଁ ଅମାନିନେ ନମଃ
ଓଁ ମାନଦାୟ ନମଃ
ଓଁ ମାନ୍ୟାୟ ନମଃ
ଓଁ ଲୋକସ୍ୱାମିନେ ନମଃ ।୭୫୦।
ଓଁ ତ୍ରିଲୋକଧୃଗେ ନମଃ
ଓଁ ସୁମେଧସେ ନମଃ
ଓଁ ମେଧଜାୟ ନମଃ
ଓଁ ଧନ୍ୟାୟ ନମଃ
ଓଁ ସତ୍ୟମେଧସେ ନମଃ
ଓଁ ଧରାଧରାୟ ନମଃ
ଓଁ ତେଜୋବୃଷାୟ ନମଃ
ଓଁ ଦ୍ୟୁତିଧରାୟ ନମଃ
ଓଁ ସର୍ବଶସ୍ତ୍ରଭୃତାଂବରାୟ ନମଃ
ଓଁ ପ୍ରଗ୍ରହାୟ ନମଃ ।୭୬୦।
ଓଁ ନିଗ୍ରହାୟ ନମଃ
ଓଁ ବ୍ୟଗ୍ରାୟ ନମଃ
ଓଁ ନୈକଶୃଙ୍ଗାୟ ନମଃ

ଓଁ ଗଦାଗ୍ରଜାୟ ନମଃ
ଓଁ ଚତୁର୍ମୂର୍ତ୍ତୟେ ନମଃ
ଓଁ ଚତୁର୍ବାହବେ ନମ
ଓଁ ଚତୁର୍ବ୍ୟୂହାୟ ନମ:
ଓଁ ଚତୁର୍ଗତୟେ ନମଃ
ଓଁ ଚତୁରାତ୍ମନେ ନମଃ
ଓଁ ଚତୁର୍ଭାବାୟ ନମଃ ।୭୭୦।
ଓଁ ଚତୁର୍ବେଦବିଦେ ନମଃ
ଓଁ ଏକପଦେ ନମଃ
ଓଁ ସମାବର୍ତ୍ତାୟ ନମଃ
ଓଁ ନିବୃତ୍ତାତ୍ମନେ ନମଃ
ଓଁ ଦୁର୍ଜ୍ଜୟାୟ ନମଃ
ଓଁ ଦୁରତିକ୍ରମାୟ ନମଃ
ଓଁ ଦୁର୍ଲ୍ଲଭାୟ ନମଃ
ଓଁ ଦୁର୍ଗମାୟ ନମଃ
ଓଁ ଦୁର୍ଗାୟ ନମଃ
ଓଁ ଦୁରାବାସାୟ ନମଃ ।୭୮୦।
ଓଁ ଦୁରାରିଘ୍ନେ ନମଃ
ଓଁ ଶୁଭାଙ୍ଗାୟ ନମଃ
ଓଁ ଲୋକସାରଙ୍ଗାୟ ନମଃ
ଓଁ ସୁତନ୍ତବେ ନମଃ
ଓଁ ତନ୍ତୁବର୍ଦ୍ଧନାୟ ନମଃ
ଓଁ ଇନ୍ଦ୍ରକର୍ମଣେ ନମଃ
ଓଁ ମହାକର୍ମଣେ ନମଃ
ଓଁ କୃତକର୍ମଣେ ନମଃ
ଓଁ କୃତାଗମାୟ ନମଃ
ଓଁ ଉଦ୍‌ଭବାୟ ନମଃ ।୭୯୦।
ଓଁ ସୁନ୍ଦରାୟ ନମଃ
ଓଁ ସୁନ୍ଦାୟ ନମଃ
ଓଁ ରତ୍ନନାଭାୟ ନମଃ

ଓଁ ସୁଲୋଚନାୟ ନମଃ
ଓଁ ଅର୍କାୟ ନମଃ
ଓଁ ବାଜସନାୟ ନମଃ
ଓଁ ଶୃଙ୍ଗିଣେ ନମଃ
ଓଁ ଜୟନ୍ତାୟ ନମଃ
ଓଁ ସର୍ବବିଜ୍ଜୟିନେ ନମଃ
ଓଁ ସୁବର୍ଣ୍ଣବିନ୍ଦବେ ନମଃ ।୮୦୦।
ଓଁ ଅକ୍ଷୋଭ୍ୟାୟ ନମଃ
ଓଁ ସର୍ବବାଗୀଶ୍ୱରେଶ୍ୱରାୟ ନମଃ
ଓଁ ମହାହ୍ରଦାୟ ନମଃ
ଓଁ ମହାଗର୍ତ୍ତାୟ ନମଃ
ଓଁ ମହାଭୂତାୟ ନମଃ
ଓଁ ମହାନିଧୟେ ନମଃ
ଓଁ କୁମୁଦାୟ ନମଃ
ଓଁ କୁନ୍ଦରାୟ ନମଃ
ଓଁ କୁନ୍ଦାୟ ନମଃ
ଓଁ ପର୍ଜନ୍ୟାୟ ନମଃ ।୮୧୦।
ଓଁ ପାବନାୟ ନମଃ
ଓଁ ଅନିଳାୟ ନମଃ
ଓଁ ଅମୃତାଶାୟ ନମଃ
ଓଁ ଅମୃତବପୁଷେ ନମଃ
ଓଁ ସର୍ବଜ୍ଞାୟ ନମଃ
ଓଁ ସର୍ବତୋମୁଖାୟ ନମଃ
ଓଁ ସୁଲଭାୟ ନମଃ
ଓଁ ସୁବ୍ରତାୟ ନମଃ
ଓଁ ସିଦ୍ଧାୟ ନମଃ
ଓଁ ଶତ୍ରୁଜିତେ ନମଃ ।୮୨୦।
ଓଁ ଶତ୍ରୁତାପନାୟ ନମଃ
ଓଁ ନ୍ୟଗ୍ରୋଧାୟ ନମଃ
ଓଁ ଉଦୁମ୍ବରାୟ ନମଃ

ଓଁ ଅଶ୍ୱତ୍ଥାୟ ନମଃ
ଓଁ ଚାଣୁରାନ୍ଧ୍ରନିଷୂଦନାୟ ନମଃ
ଓଁ ସହସ୍ରାର୍ଚ୍ଚିଷେ ନମଃ
ଓଁ ସପ୍ତଜିହ୍ୱାୟ ନମଃ
ଓଁ ସପ୍ତୈଧସେ ନମଃ
ଓଁ ସପ୍ତବାହନାୟ ନମଃ
ଓଁ ଅମୂର୍ତ୍ତୟେ ନମଃ ।୮୩୦।
ଓଁ ଅନଘାୟ ନମଃ
ଓଁ ଅଚିନ୍ତ୍ୟାୟ ନମଃ
ଓଁ ଭୟକୃତେ ନମଃ
ଓଁ ଭୟନାଶନାୟ ନମଃ
ଓଁ ଅଣବେ ନମଃ
ଓଁ ବୃହତେ ନମଃ
ଓଁ କୃଶାୟ ନମଃ
ଓଁ ସ୍ଥୂଳାୟ ନମଃ
ଓଁ ଗୁଣଭୃତେ ନମଃ
ଓଁ ନିର୍ଗୁଣାୟ ନମଃ ।୮୪୦।
ଓଁ ମହତେ ନମଃ
ଓଁ ଅଧୃତାୟ ନମଃ
ଓଁ ସ୍ୱଧୃତାୟ ନମଃ
ଓଁ ସ୍ୱାସ୍ୟାୟ ନମଃ
ଓଁ ପ୍ରାଗ୍‌ବଂଶାୟ ନମଃ
ଓଁ ବଂଶବର୍ଦ୍ଧନାୟ ନମଃ
ଓଁ ଭାରଭୃତେ ନମଃ
ଓଁ କଥିତାୟ ନମଃ
ଓଁ ଯୋଗିନେ ନମଃ
ଓଁ ଯୋଗୀଶାୟ ନମଃ ।୮୫୦।
ଓଁ ସର୍ବକାମଦାୟ ନମଃ
ଓଁ ଆଶ୍ରମାୟ ନମଃ
ଓଁ ଶ୍ରମଣାୟ ନମଃ
ଓଁ କ୍ଷାମାୟ ନମଃ
ଓଁ ସୁପର୍ଣ୍ଣାୟ ନମଃ
ଓଁ ବାୟୁବାହନାୟ ନମଃ
ଓଁ ଧନୁର୍ଦ୍ଧରାୟ ନମଃ
ଓଁ ଧନୁର୍ବେଦାୟ ନମଃ
ଓଁ ଦଣ୍ଡାୟ ନମଃ
ଓଁ ଦମୟିତ୍ରେ ନମଃ ।୮୬୦।
ଓଁ ଦମାୟ ନମଃ
ଓଁ ଅପରାଜିତାୟ ନମଃ
ଓଁ ସର୍ବସହାୟ ନମଃ
ଓଁ ନିୟନ୍ତ୍ରେ ନମଃ
ଓଁ ଅନିୟମାୟ ନମଃ
ଓଁ ଅଯମାୟ ନମଃ
ଓଁ ସତ୍ତ୍ୱବତେ ନମଃ
ଓଁ ସାତ୍ତ୍ୱିକୟେ ନମଃ
ଓଁ ସତ୍ୟାୟ ନମଃ
ଓଁ ସତ୍ୟଧର୍ମପରାୟଣାୟ ନମଃ ।୮୭୦।
ଓଁ ଅଭିପ୍ରାୟାୟ ନମଃ
ଓଁ ପ୍ରିୟାର୍ହାୟ ନମଃ
ଓଁ ଅର୍ହାୟ ନମଃ
ଓଁ ପ୍ରିୟକୃତେ ନମଃ
ଓଁ ପ୍ରୀତିବର୍ଦ୍ଧନାୟ ନମଃ
ଓଁ ବିହାୟସଗତୟେ ନମଃ
ଓଁ ଜ୍ୟୋତିଷେ ନମଃ
ଓଁ ସୁରୁଚୟେ ନମଃ
ଓଁ ହୁତଭୁଜେ ନମଃ
ଓଁ ବିଭବେ ନମଃ ।୮୮୦।
ଓଁ ରବୟେ ନମଃ
ଓଁ ବିରୋଚନାୟ ନମଃ
ଓଁ ସୂର୍ଯ୍ୟାୟ ନମଃ

ଓଁ ସର୍ବନ୍ତ୍ରେ ନମଃ
ଓଁ ରବିଲୋଚନାୟ ନମଃ
ଓଁ ଅନନ୍ତାୟ ନମଃ
ଓଁ ହୁତଭୁଜେ ନମଃ
ଓଁ ଭୋକ୍ତ୍ରେ ନମଃ
ଓଁ ସୁଖଦାୟ ନମଃ
ଓଁ ନୈକଜାୟ ନମଃ ।୮୯୦।
ଓଁ ଅଗ୍ରଜାୟ ନମଃ
ଓଁ ଅନିର୍ବିର୍ଣ୍ଣାୟ ନମଃ
ଓଁ ସଦାମର୍ଷିଣେ ନମଃ
ଓଁ ଲୋକାଧିଷ୍ଠାନାୟ ନମଃ
ଓଁ ଅଦ୍‌ଭୁତାୟ ନମଃ
ଓଁ ସନାନ୍ନମଃ
ଓଁ ସନାତନତମାୟ ନମଃ
ଓଁ କପିଳାୟ ନମଃ
ଓଁ କପୟେ ନମଃ
ଓଁ ଅପ୍ୟୟାୟ ନମଃ ।୯୦୦।
ଓଁ ସ୍ୱସ୍ତିଦାୟ ନମଃ
ଓଁ ସ୍ୱସ୍ତିକୃତେ ନମଃ
ଓଁ ସ୍ୱସ୍ତିନେ ନମଃ
ଓଁ ସ୍ୱସ୍ତିଭୁଜେ ନମଃ
ଓଁ ସ୍ୱସ୍ତିଦକ୍ଷିଣାୟ ନମଃ
ଓଁ ଅରୌଦ୍ରାୟ ନମଃ
ଓଁ କୁଣ୍ଡଳିନେ ନମଃ
ଓଁ ଚକ୍ରିଣେ ନମଃ
ଓଁ ବିକ୍ରମିଣେ ନମଃ
ଓଁ ଊର୍ଜ୍ଜିତଶାସନାୟ ନମଃ ।୯୧୦।
ଓଁ ଶବ୍ଦାତିଗାୟ ନମଃ
ଓଁ ଶବ୍ଦସହାୟ ନମଃ
ଓଁ ଶିଶିରାୟ ନମଃ
ଓଁ ଶର୍ବରୀକରାୟ ନମଃ
ଓଁ ଅକ୍ରୂରାୟ ନମଃ
ଓଁ ପେଶଳାୟ ନମଃ
ଓଁ ଦକ୍ଷାୟ ନମଃ
ଓଁ ଦକ୍ଷିଣାୟ ନମଃ
ଓଁ କ୍ଷମିଣାଂବରାୟ ନମଃ
ଓଁ ବିଦ୍ୱତ୍ତମାୟ ନମଃ ।୯୨୦।
ଓଁ ବୀତଭୟାୟ ନମଃ
ଓଁ ପୁଣ୍ୟଶ୍ରବଣକୀର୍ତ୍ତନାୟ ନମଃ
ଓଁ ଉତ୍ତରଣାୟ ନମଃ
ଓଁ ଦୁଷ୍କୃତିଘ୍ନେ ନମଃ
ଓଁ ପୁଣ୍ୟାୟ ନମଃ
ଓଁ ଦୁଃସ୍ୱପ୍ନନାଶନାୟ ନମଃ
ଓଁ ବୀରଘ୍ନେ ନମଃ
ଓଁ ରକ୍ଷଣାୟ ନମଃ
ଓଁ ସନ୍ତାୟ ନମଃ
ଓଁ ଜୀବନାୟ ନମଃ ।୯୩୦।
ଓଁ ପର୍ଯ୍ୟବସ୍ଥିତାୟ ନମଃ
ଓଁ ଅନନ୍ତରୂପାୟ ନମଃ
ଓଁ ଅନନ୍ତଶ୍ରିୟେ ନମଃ
ଓଁ ଜିତମନ୍ୟବେ ନମଃ
ଓଁ ଭୟାପହାୟ ନମଃ
ଓଁ ଚତୁରସ୍ରାୟ ନମଃ
ଓଁ ଗଭୀରାତ୍ମନେ ନମଃ
ଓଁ ବିଦିଶାୟ ନମଃ
ଓଁ ବ୍ୟାଦିଶାୟ ନମଃ
ଓଁ ଦିଶାୟ ନମଃ ।୯୪୦।
ଓଁ ଅନାଦୟେ ନମଃ
ଓଁ ଭୂର୍ଭୁବାୟ ନମଃ
ଓଁ ଲକ୍ଷ୍ମ୍ୟୈ ନମଃ

ଓଁ ସୁବୀରାୟ ନମଃ
ଓଁ ରୁଚିରାଙ୍ଗଦାୟ ନମଃ
ଓଁ ଜନନାୟ ନମଃ
ଓଁ ଜନ୍ମଜନ୍ମାଦୟେ ନମଃ
ଓଁ ଭୀମାୟ ନମଃ
ଓଁ ଭୀମପରାକ୍ରମାୟ ନମଃ
ଓଁ ଆଧାରନିଳୟାୟ ନମଃ ।୯୫୦।
ଓଁ ଅଧାତ୍ରେ ନମଃ
ଓଁ ପୁଷ୍ପହାସାୟ ନମଃ
ଓଁ ପ୍ରଜାଗରାୟ ନମଃ
ଓଁ ଉର୍ଦ୍ଧ୍ୱଗାୟ ନମଃ
ଓଁ ସତ୍‌ପଥାଚାରାୟ ନମଃ
ଓଁ ପ୍ରାଣଦାୟ ନମଃ
ଓଁ ପ୍ରଣବାୟ ନମଃ
ଓଁ ପଣାୟ ନମଃ
ଓଁ ପ୍ରମାଣାୟ ନମଃ
ଓଁ ପ୍ରାଣନିଳୟାୟ ନମଃ ।୯୬୦।
ଓଁ ପ୍ରାଣଭୃତେ ନମଃ
ଓଁ ପ୍ରାଣଜୀବନାୟ ନମଃ
ଓଁ ତତ୍ତ୍ୱାୟ ନମଃ
ଓଁ ତତ୍ତ୍ୱବିଦେ ନମଃ
ଓଁ ଏକାତ୍ମନେ ନମଃ
ଓଁ ଜନ୍ମମୃତ୍ୟୁଜରାତିଗାୟ ନମଃ
ଓଁ ଭୂର୍ଭୁବଃସ୍ୱସ୍ତରବେ ନମଃ
ଓଁ ତାରାୟ ନମଃ
ଓଁ ସବିତ୍ରେ ନମଃ
ଓଁ ପ୍ରପିତାମହାୟ ନମଃ ।୯୭୦।
ଓଁ ଯଜ୍ଞାୟ ନମଃ
ଓଁ ଯଜ୍ଞପତୟେ ନମଃ
ଓଁ ଯଜ୍ୱନେ ନମଃ
ଓଁ ଯଜ୍ଞାଙ୍ଗାୟ ନମଃ
ଓଁ ଯଜ୍ଞବାହନାୟ ନମଃ
ଓଁ ଯଜ୍ଞଭୃତେ ନମଃ
ଓଁ ଯଜ୍ଞକୃତେ ନମଃ
ଓଁ ଯଜ୍ଞିନେ ନମଃ
ଓଁ ଯଜ୍ଞଭୁଜେ ନମଃ
ଓଁ ଯଜ୍ଞସାଧନାୟ ନମଃ ।୯୮୦।
ଓଁ ଯଜ୍ଞାନ୍ତକୃତେ ନମଃ
ଓଁ ଯଜ୍ଞଗୁହ୍ୟାୟ ନମଃ
ଓଁ ଅନ୍ନାୟ ନମଃ
ଓଁ ଅନ୍ନଦାୟ ନମଃ
ଓଁ ଆତ୍ମଯୋନୟେ ନମଃ
ଓଁ ସ୍ୱୟଂଜାତାୟ ନମଃ
ଓଁ ବୈଖାନାୟ ନମଃ
ଓଁ ସାମଗାୟନାୟ ନମଃ
ଓଁ ଦେବକୀନନ୍ଦନାୟ ନମଃ
ଓଁ ସ୍ରଷ୍ଟ୍ରେ ନମଃ ।୯୯୦।
ଓଁ କ୍ଷିତୀଶାୟ ନମଃ
ଓଁ ପାପନାଶନାୟ ନମଃ
ଓଁ ଶଙ୍ଖଭୃତେ ନମଃ
ଓଁ ନନ୍ଦକିନେ ନମଃ
ଓଁ ଚକ୍ରିଣେ ନମଃ
ଓଁ ଶାର୍ଙ୍ଗଧନ୍ୱନେ ନମଃ
ଓଁ ଗଦାଧରାୟ ନମଃ
ଓଁ ରଥାଙ୍ଗପାଣୟେ ନମଃ
ଓଁ ଅକ୍ଷୋଭ୍ୟାୟ ନମଃ
ଓଁ ସର୍ବପ୍ରହରଣାୟୁଧାୟ ନମଃ ।୧୦୦୦।
(ସର୍ବପ୍ରହରଣାୟ ଓଁ ନମଃ)



ଲେଖକଙ୍କ ଅନ୍ୟାନ୍ୟ ପୁସ୍ତକ

୧ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ

୨ ଶ୍ରୀମଦ୍ ଭଗବଦ୍ ଗୀତା - ପଦ୍ୟାନୁବାଦ

୩ *The Jagannath temple at a glance.*

ନୀଲାଦ୍ରି କନ୍ଦରାନନ୍ଦ ମନ୍ଦରାଳୟ ବନ୍ଦିତମ୍ ।
ବନ୍ଦେ ବନ୍ଦାର ମନ୍ଦାର ମନ୍ଦିରା ମନ୍ଦିରଂ ମହଃ ।।

ତ୍ରାହି ବିଷ୍ଣୋ ଜଗନ୍ନାଥ ତ୍ରାହି ନଃ ପରମେଶ୍ୱର ।
ତ୍ୱାମୃତେ କମଳାକାନ୍ତ କଃ ଶକ୍ତିଃ ପରିରକ୍ଷଣେ ।।

ନମୋ ବ୍ରହ୍ମଣ୍ୟଦେବାୟ ଗୋବ୍ରାହ୍ମଣହିତାୟ ଚ ।
ପ୍ରଣତାର୍ତ୍ତିବିନାଶାୟ ଚତୁର୍ବର୍ଗୈକହେତବେ ।।

ନମସ୍ତେ ତ୍ରିଗୁଣାତୀତ ଗୁଣତ୍ରୟବିଭାଗକୃତ୍ ।
ତ୍ରୟୀମୟ ତ୍ରୟାତୀତ ତ୍ରିକାଳଜ୍ଞାନିନେ ନମଃ ।।